R.N.I. REGN. No. 65000/96 POSTAL REGN. No. OR/BN-32/12-14

16 October 2025, Thursday

ସମୟ SAMAYA

ତ୍ରିଂଶତ୍ତମ ବର୍ଷ
ସଂଖ୍ୟା : ୧୨
ତିଥି : ଦଶମୀ
୧୬ ଅକ୍ଟୋବର ୨୦୨୫, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

29th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur






## ନୂଆପଡା ଉପନିର୍ବାଚନ

# ବିଜେପିରୁ ଜୟ, ବିଜେଡିରୁ ସ୍ନେହାଙ୍ଗିନୀ ପ୍ରାର୍ଥୀ





ଭୁବନେଶ୍ୱର,୧୫।୧୦(ସବ୍ୟୁ): ନୂଆପଡ଼ା ବିଧାନସଭା ଉପନିର୍ବାଚନ ଲାଗି ଆଜି ବିଜେପି ଓ ବିଜେଡିର ପ୍ରାର୍ଥୀ ବିଧିବଦ୍ଧ ଭାବେ ଘୋଷଣା ହୋଇଛି। ଆଜି ବିଜେପିର କେନ୍ଦ୍ରୀୟ ନିର୍ବାଚନ ସମିତି ପକ୍ଷରୁ ଜୟ ଢ଼ୋଲକିଆଙ୍କ ନାମ ବିଜେପି ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି। ସେହିଭଳି ବିଜେଡିର ମହିଳା ସାମୁଖ୍ୟ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ବିଜେଡିର ପ୍ରାର୍ଥୀ ବୋଲି ଦଳର ରାଜ୍ୟସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ପୂର୍ବରୁ କଂଗ୍ରେସ ଘାସିରାମ ମାଝୀଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ଘୋଷଣା କରିଥିଲା। ଆସନ୍ତା ନଭେମ୍ବର ୧୧ରେ ନୂଆପଡ଼ା ଉପନିର୍ବାଚନ ଲାଗି ଭୋଟ୍ ଗ୍ରହଣ କରାଯିବ।

୩ ପ୍ରମୁଖ ଦଳର ପ୍ରାର୍ଥୀ ଘୋଷଣା ପରେ ଏବେ ନୂଆପଡ଼ାରେ ରାଜନୀତି ବେଶ ଚଳଚଞ୍ଚଳ ହୋଇଛି। ଆସନ୍ତାକାଲି ବିଜେପି ପ୍ରାର୍ଥୀ ଜୟ ଢ଼ୋଲକିଆ ନାମାଙ୍କନ ଦାଖଲ କରିବେ। ଏଥିଲାଗି ବିଜେପି ପକ୍ଷରେ ଜୋରଦାର ପ୍ରସ୍ତୁତ କରାଯାଇଛି। ଏହି ନାମାଙ୍କନ ଦାଖଲ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ସହପ୍ରଭାରୀ ଲତା ଉଷେଣ୍ଡିଙ୍କ ସମେତ ମନ୍ତ୍ରିମଣ୍ଡଳର ସଦସ୍ୟ, ସାଂସଦ, ବିଧାୟକ ଓ ଦଳୀୟ ଅଧିକାରୀମାନେ ଉପସ୍ଥିତ ରହିବେ। ନାମାଙ୍କନ ଦାଖଲ ସମୟରେ ଏକ ବିଶାଳ ଶୋଭାଯାତ୍ରା କରି ବିଜେପି ତାର ଶକ୍ତି ପ୍ରଦର୍ଶନ କରିବ ବୋଲି ସୂଚନା ମିଳିଛି।

ସେହିଭଳି ଆଜି ଦିନ ତମାମ୍ ନବୀନ ନିବାସରେ ଦଳର ବରିଷ୍ଠ ନେତା ଓ ନୂଆପଡାର ବିଜେଡି ନେତାମାନଙ୍କ ସହ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆଲୋଚନା କରିଥିଲେ। ଆଲୋଚନା ପରେ ଶ୍ରୀ ପଟ୍ଟନାୟକ ଗଣମାଧ୍ୟମକୁ ଶ୍ରୀମତୀ ଛୁରିଆ ନୂଆପଡ଼ାରୁ ପ୍ରାର୍ଥୀ ହେବେ ବୋଲି ବିଧିବଦ୍ଧ ଭାବେ ସୂଚନା ଦେଇଥିଲେ। ଶିକ୍ଷକତାରୁ ରାଜନୀତି ପେସାକୁ ଆସିଥିବା ଶ୍ରୀମତୀ ଛୁରିଆ ୨୦୧୪ରେ ନବୀନ ପଟ୍ଟନାୟକଙ୍କ ମନ୍ତ୍ରୀ ମଣ୍ଡଳରେ ସ୍ଥାନୀତ ହୋଇଥିଲେ। ଅତାବିରା ନିର୍ବାଚନ ମଣ୍ଡଳିରୁ ୨୦୧୪ ଓ ୨୦୧୯ରେ ବିଧାୟକ ଭାବେ ଜିତିଥିଲେ। ୨୦୨୪ରେ ସେ ନିର୍ବାଚନ ହାରିଥିଲେ। ପ୍ରାର୍ଥୀ ଘୋଷଣା ପରେ ଶ୍ରୀମତୀ ଛୁରିଆ କହିଛନ୍ତି ଯେ, ବିଜେଡି ତାଙ୍କୁ ପ୍ରାର୍ଥୀ କରିଥିବାରୁ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଜଣାଉଛନ୍ତି। ଦଳ ପାଇଁ (୯ ପୃଷ୍ଠାରେ)

# ୭୯ ବର୍ଷରେ ନବୀନ



ଭୁବନେଶ୍ୱର,୧୫।୧୦(ସବ୍ୟୁ): ବିରୋଧୀ ଦଳ ନେତା ତଥା ବିଜେଡ଼ିର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଆସନ୍ତାକାଲି ୭୯ ବର୍ଷରେ ପଦାର୍ପଣ କରୁଛନ୍ତି। ୧୯୪୬ ଅକ୍ଟୋବର ୧୬ରେ ସେ କଟକ ଠାରେ ଜନ୍ମ ଗ୍ରହଣ କରିଥିଲେ। ଲଗାତାର ଭାବେ ଦୀର୍ଘ ୨୪ ବର୍ଷ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରି ସେ ଏକ ନୂଆ ରେକର୍ଡ ସୃଷ୍ଟି କରିଥିଲେ।

ଆସନ୍ତାକାଲି ତାଙ୍କ ଜନ୍ମଦିନ ଅବସରରେ ସେ ଭୁବନେଶ୍ୱରରେ ବିଜୁ ଜନତା ଦଳ ପକ୍ଷରୁ ଆରମ୍ଭ ହୋଇଥିବା ପଦଯାତ୍ରାରେ ସାମିଲ ହେବେ। ଗଙ୍ଗନଗରପଲ୍ଲୀରେ ଜନସମ୍ପର୍କ ପଦଯାତ୍ରାରେ ସାମିଲ ହୋଇ ସାଧାରଣ ଜନତାଙ୍କ ସହ ମିଶି ଜନ୍ମଦିନ ପାଳିବେ। ଏହାପରେ ଏସଓଏସ୍ ଭିଲେଜକୁ ଯାଇ ଅନ୍ତେବାସୀଙ୍କ ସହ ଜନ୍ମଦିନ ପାଳନ କରିବେ। ୧୯୯୭ରେ ପ୍ରବାଦ ପୁରୁଷ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ଆବର୍ତ୍ତମାନ ପରେ ସେ ରାଜନୀତିରେ ପାଦ ଦେଇଥିଲେ। ପ୍ରଥମେ ଆସ୍କାର ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ଏହାପରେ ଜାତୀୟସ୍ତରରେ ତତ୍କାଳୀନ ଜନତା ଦଳ ଖଣ୍ଡବିଖଣ୍ଡିତ ହେବା ପରେ ବିଜୁ ଜନତା ଦଳ ଗଠନ କରି ଏହାର ପ୍ରତିଷ୍ଠାତା ସଭାପତି ହୋଇଥିଲେ। ଏଯାବତ୍ ବି ସେ ବିଜେଡିର ସଭାପତି ଅଛନ୍ତି। ପ୍ରଥମେ କେନ୍ଦ୍ରମନ୍ତ୍ରୀରୁ ନିଜର ରାଜନେତିକ ଜୀବନ ଆରମ୍ଭ କରିଥିବା ନବୀନ ୨୦୦୦ରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିଲେ। ୧୯୯୯ ମହାବାତ୍ୟାରେ ଉପକୂଳ ଓଡ଼ିଶା ସମ୍ପୂର୍ଣ୍ଣ ଧ୍ୱଂସବିଧ୍ୱସ୍ତ ହୋଇଯାଇଥିଲା। ରାଜ୍ୟର ଅର୍ଥନୀତି ଭୁଷୁଡ଼ି ପଡିଥିଲା। ଏହିଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ନବୀନ ଦାୟିତ୍ୱ ନେଇଥିଲେ। ନିଅଣ୍ଟିଆ ଅର୍ଥନୀତିରୁ ଓଡ଼ିଶାକୁ ଏକ ବଳକା ଅର୍ଥନୀତିରେ ପରିଣତ କରିଥିଲେ। ତାଙ୍କ ସମୟରେ ଖଣିଜ ପଦାର୍ଥର ମୂଲ୍ୟଯୁକ୍ତ ବିନିଯୋଗ ଲାଗି କାର୍ଯ୍ୟ ଆରମ୍ଭ ହୋଇଥିଲା। ରାଜ୍ୟକୁ ଶିଳ୍ପସମୃଦ୍ଧ କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ (୯ ପୃଷ୍ଠାରେ)









# ସୋୟାବିନ ଭୃସଙ୍ଗପତ୍ର ପୋସ୍ତ

**ସାମଗ୍ରୀ–** ସୋୟାବିନ ବଡି, ଭୃସଙ୍ଗ ପତ୍ର, କାଜୁ, ପୋସ୍ତ, ଜିରା, ଶୁଖିଲା ଲଙ୍କା, ତେଜପତ୍ର, ଅଦା, ଆଳୁ ଛୋଟ ଛୋଟ କଟା, ଟମାଟୋ, ଲୁଣ, ହଳଦୀ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଲଙ୍କା ଗୁଣ୍ଡ ।

**ପ୍ରଣାଳୀ–** ପ୍ରଥମେ ସୋୟାବିନ ବଡିକୁ ଗରମ ପାଣିରେ ପକାଇ ନିଅନ୍ତୁ । ଏହାପରେ ତାକୁ ଚିପୁଡି ଅଳ୍ପ ତେଲରେ ଭାଜି ନିଅନ୍ତୁ । ଆଳୁ କୁ ମଧ ତେଲରେ ଭାଜି ରଖନ୍ତୁ । ବର୍ତ୍ତମାନ ଟିକେ ଅଧିକ ପରିମାଣର ଭୃସଙ୍ଗ ପତ୍ର, ଟମାଟୋ, ଶୁଖିଲା ଲଙ୍କା, ଅଦା, ଜିରାକୁ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାପରେ କଡେଇରେ ଅଳ୍ପ ତେଲ ପକାଇ ଗୋଟା ଗରମ ମସଲା ପକାନ୍ତୁ । ଏହାପରେ ଏଥିରେ ଭୃସଙ୍ଗ ପତ୍ର ଓ ଅନ୍ୟ ବଟା ମସଲାକୁ ପକାନ୍ତୁ । ଏହାକୁ କିଛି ସମୟ ପାଇଁ କଷନ୍ତୁ । ଏହାପରେ ଏଥିରେ ସମସ୍ତ ଗୁଣ୍ଡ ମସଲା ପକାନ୍ତୁ । ସମସ୍ତ ମସଲା କସିବା ପରେ ଏଥିରେ କାଜୁ ଓ ପୋସ୍ତ ବଟା ପକାନ୍ତୁ । ଅଳ୍ପ ସମୟ ଭାଜିବା ପରେ ଏଥିରେ ଆଳୁ ଓ ସୋୟାବିନ ପକାଇ ଭାଜନ୍ତୁ । ଏହାପରେ ଏଥିରେ ପାଣି ଦିଅନ୍ତୁ । ଆଳୁ ସିଝିବା ପର୍ଯ୍ୟନ୍ତ ଏହାକୁ ଫୁଟାନ୍ତୁ । ଏହାପରେ ଏଥିରେ ଶେଷରେ ଧନିଆ ପତ୍ର ପକାଇ ଗ୍ୟାସ ଆଞ୍ଚ ବନ୍ଦ କରି ଦିଅନ୍ତୁ ।

## ଆଜି ଜନ୍ମଦିନ

# ହେମା ମାଳିନୀ



୧୬ ଅକ୍ଟୋବର ୧୯୪୮ରେ ତାମିଲନାଡୁର ଜିୟାପୁରମଠାରେ ଜନ୍ମଗ୍ରହଣ କରିଥିଲେ ନବେଦଶକର ସୁପରହିଟ ଅଭିନେତ୍ରୀ ତଥା ଡ୍ରିମଗର୍ଲ ଭାବେ ପରିଚିତ ନାୟିକା ହେମା ମାଳିନୀ । ସେ ଏକାଧାରାରେ ଜଣେ ଅଭିନେତ୍ରୀ, ପ୍ରଯୋଜକ, ନିର୍ଦ୍ଦେଶକ, ରାଜନେତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି । ସେ ତାମିଲ ଚଳଚ୍ଚିତ୍ର ଇଥୁ ସାଥିୟମରେ ଅଭିନୟ କରି ଚଳଚ୍ଚିତ୍ର ଜଗତରେ ପାଦ ଦେଇଥିଲେ । ୧୯୬୮ ମସିହାରେ ସପ୍ନୋ କା ସୌଦାଗର ଚଳଚ୍ଚିତ୍ରରେ ସେ ମୁଖ୍ୟ ଭୂମିକାରେ ପ୍ରଥମ କରି ଅଭିନୟ କରିଥିଲେ । ହେମାଙ୍କୁ ସେହି ସମୟରେ ଡ୍ରିମ୍ ଗାର୍ଲ ରୂପେ ସମ୍ବୋଧନା କରାଯିବା ଆରମ୍ଭ କରାଯାଇଥିଲା । ୧୯୭୭ରେ ସେ ଏହି ନାମର ଏକ ଚଳଚ୍ଚିତ ମଧ୍ୟ କରିଥିଲେ । ତାଙ୍କ ଅଧିକାଂଶ ଚଳଚ୍ଚିତ୍ରରେ ଧର୍ମେନ୍ଦ୍ର, ରାଜେଶ ଖାନା, ଦେବ ଆନନ୍ଦଙ୍କୁ ତାଙ୍କ ବିପକ୍ଷରେ ଦେଖିବାକୁ ମିଳିଥିଲା । କ୍ୟାରିୟରେ ସେ ପାଖାପାଖି ୧୫୦ରୁ ଅଧିକ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି । ତାଙ୍କ ଅଭିନୟ ପାଇଁ ତାଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଛି । ଏହାସହିତ ତାଙ୍କୁ ଆହୁରି ଅନେକ ସମ୍ମାନରେ ସମ୍ମାନୀତ କରାଯାଇଛି । ଏହାସହ ତାଙ୍କୁ ଲୋକମାନେ ରାଜନୀତିରେ ମଧ ଖୁବ ଭଲପାଇବା ଦେଇଛନ୍ତି । ତାଙ୍କୁ ଲୋକସଭା ସହିତ ରାଜ୍ୟସଭା ଉଭୟରେ ଦାୟିତ୍ୱ ମିଳିଛି ଏବଂ ସେ ଏହାକୁ ସୁଚାରୁରୂପେ ତୁଲାଇଛନ୍ତି ମଧ ।

## ସୋସିଆଲ କୋଟ୍ସ



"ମହିଳାମାନେ ସବୁବେଳେ ଅନ୍‌ଲାଇନ ଟାର୍ଗେଟ ସହଜରେ ହୋଇଥାଆନ୍ତି । ପୁରୁଷଙ୍କ କ୍ଷେତ୍ରରେ ଏହା ହୋଇନଥାଏ । ସେମାନଙ୍କୁ କମ ଟାର୍ଗେଟ କରାଯାଇଥାଏ ।

ଏଲି ଅଭରାମ, ଅଭିନେତ୍ରୀ



"ପ୍ରଥମରୁ ଅମିତାଭଙ୍କ ସହିତ କାମ କରିବା ଟିକେ କଷ୍ଟ ହୋଇଥିଲା । ହେଲେ ପରେ ଏକ ପାର୍ଟିରେ ମୁଁ ମୋର ପକ୍ଷ ତାଙ୍କୁ ବୁଝାଇଥିଲି, ଯାହାପରେ ତାଙ୍କ ସହିତ କାମ କରିବା ସୁବିଧା ହୋଇଥିଲା ।

ଦୀପକ ପରାଶର, ଅଭିନେତା



"ଅମାଲଙ୍କ ବ୍ୟବହାର ନିନ୍ଦନୀୟ । ଫୁଟେଜରେ ସ୍ପଷ୍ଟଭାବେ ଦେଖିବାକୁ ମିଳୁଛି ସେ ଅଭିଷେକଙ୍କୁ ଝଗଡା ପାଇଁ ଉସୁକାଉଛନ୍ତି ।

ଗୋହର ଖାନ, ଅଭିନେତ୍ରୀ

## ହାଃହାଃ..

ଶିକ୍ଷକ : ଗଙ୍ଗା ନଦୀ କେଉଁଠାରେ ବହୁଛି ?

ସଞ୍ଜୁ : ମାଟି ଉପରେ

ଶିକ୍ଷକ : ମ୍ୟାପ୍ ରେ କେଉଁଠି ବହୁଛି ?

ସଞ୍ଜୁ : ମ୍ୟାପ୍‌ରେ କିଭଳି ବୋହିବ ମ୍ୟାପ ଓଦା ହୋଇଯିବ ।





# ବିରଳ ଗଛ

ହିନ୍ଦ ମହାସାଗରଠାରୁ ୩୫୦ କିମି ଦୂରରେ ରହିଛି ଆଇଲାଣ୍ଡ ସୋକୋଟ୍ରା ଆଇଲାଣ୍ଡ ଗ୍ରୁପ । ଏହି ଆଇଲାଣ୍ଡକୁ ଏଲିଏନ ମାନଙ୍କର ଘର ବୋଲି ସମ୍ବୋଧନ କରାଯାଇଥାଏ । ତେବେ ଏହି ନାଁ ପଛରେ ରହିଛି ଏଠାରେ ଥିବା ଅଜବ ପ୍ରକାରର ପ୍ରାଣୀ ଓ ଉଦ୍ଭିଦ । ଏହି ଆଇଲାଣ୍ଡ ପ୍ରାଚୀନ ଗୋଣ୍ଡୱାନା ମହାଦ୍ୱୀପର ଏକ ଅଂଶ, ଯାହା ଲକ୍ଷଲକ୍ଷ ବର୍ଷ ପୂର୍ବରୁ ଅଲଗା ହୋଇଯାଇଛି । ୨୦୦୮ରେ ଏହାକୁ ୟୁନେସ୍କୋ ୱାର୍ଲ୍ଡ ହେରିଟେଜ ତାଲିକାରେ ସାମିଲ କରିଛି । ଏହି ଆଇଲାଣ୍ଡରେ ଡ୍ରାଗନ ବ୍ଲଡ ଟ୍ରି ନାମକ ଏକ ଗଛ ରହିଛି । ଯାହାର ଛାଲ କାଟିବାରୁ ଏଥିରୁ ଗାଢ ଲାଲରଙ୍ଗର ରସ ବାହାରୁଛି, ଯାହା ଅବିକଳ ରକ୍ତ ଭଳି । ଏହାର ବ୍ୟବହାର ପୂର୍ବ କାଳରେ ଔଷଧ ପାଇଁ କରାଯାଉଥିଲା ବୋଲି ସୂଚନା ରହିଛି । ସେହିଭଳି ଏହି ଆଇଲାଣ୍ଡରେ ଅନ୍ୟ ବିଭିନ୍ନ ପ୍ରକାରର ବିରଳ ପ୍ରଜାତିର ଉଦ୍ଭିଦ ଓ ଜୀବ ସାମିଲ ଅଛନ୍ତି । ୨୨୫ ପ୍ରଜାତିର ପକ୍ଷୀ ଏହି ଆଇଲାଣ୍ଡରେ ରହିଥାଆନ୍ତି, ଯେଉଁମାନେ ଏହାକୁ ବିରଳ କରିଥାଆନ୍ତି ।

# ଅଭିନୟରୁ ପଞ୍ଝା ଲଢେଇ



ଦିନଥିଲା ବଲିଉଡର ସବୁଠାରୁ ଏଲିଗେଣ୍ଟ ଅଭିନେତ୍ରୀ ଭାବେ ତାଙ୍କର ଥିଲା ପରିଚୟ । ହେଲେ ଏବେ ତାଙ୍କୁ ମିଳିଛି ନୂଆ ଏକ ପରିଚୟ । ଭାରତୀୟ ଆର୍ମ ରେସଲିଂର ବର୍ତ୍ତମାନ ସେ ସାଜିଛନ୍ତି ନୂଆ ଚେହେରା । ପିପୁଲ୍ସ ଆର୍ମ ରେସଲିଂ ଫେଡରେସନ ଅଫ ଇଣ୍ଡିଆର ପ୍ରେସିଡେଣ୍ଟ ଏବଂ ଏସିଆନ ଆର୍ମ ରେସଲିଂ ଫେଡରେସନର ପ୍ରଥମ ମହିଳା ଭାଇସ ପ୍ରେସିଡେଣ୍ଟ ଭାବେ ସେ ଇତିହାସ ରଚିଛନ୍ତି । ତାଙ୍କର ସବୁବେଳେ ଇଚ୍ଛା ଥିଲା ପଞ୍ଝା ଲଢେଇକୁ ଆଗକୁ ନେବାକୁ । ଏହି ଖେଳକୁ ଆନ୍ତର୍ଜାତୀୟ ସ୍ତରରେ ସଫଳତା ଦେବାପାଇଁ ପ୍ରିତି କାର୍ଯ୍ୟ କରୁଛନ୍ତି । ପ୍ରିତିଙ୍କର ଏହି ନୂଆ ଅବତାରକୁ ତାଙ୍କ ଫ୍ୟାନମାନେ ଖୁବ ଭଲପାଇବା ଦେବାରେ ଲାଗିଛନ୍ତି । ପ୍ରିତି ଭାରତରେ ଖେଳାଯାଉଥିବା ପାରମ୍ପରିକ ଖେଳକୁ ଖୁବ ଭଲପାଇବା ଦେଇଥାଆନ୍ତି । ସେହିଭଳି ଏକ ଖେଳ ହେଉଛି ପଞ୍ଝା ଖେଳ ଯାହା ବିଲୁପ୍ତ ହେଉଛି । ତେଣୁ ପ୍ରିତିଙ୍କର ବର୍ତ୍ତମାନ ଫୋକସ ରହିଛି କିଭଳି ଏହି ଖେଳକୁ ଲୋକଲୋଚନକୁ ଆଣିବା ସହିତ ଏହାକୁ ଏକ ନୂଆ ପରିଚୟ ପ୍ରଦାନ କରିବା ।

# ରକ୍ତରୁ ଗହଣା



ଫ୍ୟାଶନ ଦୁନିଆରେ ବିଭିନ୍ନ ଜୁଏଲାରୀ ସବୁବେଳେ ଟ୍ରେଣ୍ଡରେ ରହିଥାଏ । ସେହିଭଳି ଏକ ଟ୍ରେଣ୍ଡ ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି । ଏହାର ଏକ ନାଁ ମଧ ଯୁବଗୋଷ୍ଠୀ ଦେଇଛନ୍ତି, ବ୍ଲଡ ପ୍ରିଜର୍ଭ୍ଡ ଜୁଏଲାରୀ । ଏଥିରେ କୌଣସି ଜଣେ ବ୍ୟକ୍ତିଙ୍କର ଅସଲି ରକ୍ତକୁ ବ୍ୟବହାର କରି ଏହି ଜୁଲାରୀ ପ୍ରସ୍ତୁତ କରାଯାଉଛି । ଏହାକୁ ଏହି ଜୁଏଲାରୀ ବକ୍ସରେ ସିଲ କରାଯାଇଥାଏ । ଏହି ରକ୍ତକୁ କିଛି ନିର୍ଦ୍ଦିଷ୍ଟ କେମିକାଲ ଓ ଉପାୟରେ ସଂରକ୍ଷିତ କରାଯାଇଥାଏ, ଯେପରି ଏହା ଖରାପ ହେବନାହିଁ । ଏହାପରେ ଏହି ରକ୍ତକୁ କୌଣସି ଏକ ଟ୍ରାନ୍ସପରେଣ୍ଟ ସାମଗ୍ରୀରେ ଏହି ରକ୍ତକୁ ରଖାଯାଇ ପ୍ରସ୍ତୁତ କରାଯାଉଛି । ଏଥିରୁ ବିଶେଷଭାବେ ରିଂ, ପେଡେଣ୍ଟ କିମ୍ବା ବ୍ରେସଲେଟ ପ୍ରସ୍ତୁତ କରାଯାଉଛି । ତେବେ ଏହାକୁ ସଠିକ୍ ଉପାୟରେ ପ୍ରସ୍ତୁତ କରାଯିବା ପରେ ହିଁ ବ୍ୟବହାର ପାଇଁ ଡାକ୍ତର ପରାମର୍ଶ ଦେଉଛନ୍ତି । ତେବେ କିଛି ଲୋକ କିନ୍ତୁ ଏହାକୁ ନାପସନ୍ଦ କରୁଛନ୍ତି । ଏଭଳି ଟ୍ରେଣ୍ଡକୁ ଆଗକୁ ନବଢାଇବାକୁ ସେମାନେ ସୋସିଆଲ ମିଡିଆରେ ମତ ଦେଉଥିବାର ଦେଖିବାକୁ ମିଳୁଛି ।

# କବରରେ ଚଢାଯାଉଛି ଅଜବ ସାମଗ୍ରୀ

ବିଭିନ୍ନ ସମୟରେ ଜେନ୍ ଜେଡଙ୍କୁ ନେଇ ଭିନ୍ନଭିନ୍ନ ଘଟଣା ସୋସିଆଲ ମିଡିଆରେ ଭାଇରାଲ ହୋଇଥାଏ । ନିକଟରେ ଏକ ଭିନ୍ନ ଟ୍ରେଣ୍ଡ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି । ଏହି ଟ୍ରେଣ୍ଡରେ ଶବଙ୍କୁ ଚକୋଲେଟ୍ ଓ ପେନ୍‌କିଲର ଖୁଆଇବାର ପ୍ରଥା ଭାଇରାଲ ହେବାରେ ଲାଗିଛି । ଚୀନରେ ଥିବା ଐତିହାସିକ ବ୍ୟକ୍ତିବିଶେଷଙ୍କ କବର ଉପରେ ଚକୋଲେଟ୍ ଓ ମଦ ଚଢାଇବାର ନୂଆ ଟ୍ରେଣ୍ଡ ଦେଖିବାକୁ ମିଳୁଛି । ଏହି ଟ୍ରେଣ୍ଡକୁ ସେଠିକାର ଯୁବଗୋଷ୍ଠୀ ଅନୁକରଣ କରୁଥିବା ଦେଖିବାକୁ ମିଳୁଛି । ଏହି କବରରେ ବରିଷ୍ଠ କବି, ସେନାପତି, ରାଜାମହାରାଜମାନଙ୍କର କବର ସାମିଲ ରହିଛି । ସୋସିଆଲ ମିଡିଆରେ ଏହି ଟ୍ରେଣ୍ଡକୁ ବିଭିନ୍ନ ଯୁବସଙ୍ଗଠନ ଅନୁକରଣ କରୁଥିବା ଦେଖିବାକୁ ମିଳୁଛି । ଯେଉଁମାନଙ୍କ କବରରେ ମଦ ଦିଆଯାଉଛି, ସେମାନେ ଜୀବନ୍ତ ଥିବାବେଳେ ବିଭିନ୍ନ କାରଣରୁ ମଦ ପିଉଥିବାର ସୂଚନା ରହିଛି । ତେବେ ଏହି ତାଲିକାରେ ଚକୋଲେଟ୍, ମଦ, ପେନକିଲର ସାମିଲ ଥିବାରୁ ଏହା ପ୍ରଦୂଷଣର କାରଣ ସାଜୁଛି ବୋଲି ସୋସିଆଲ ମିଡିଆରେ ଆଲୋଚନା ହେଉଛି ।



୧୯୦୫–ଭାଇସରୟ ଲର୍ଡ କର୍ଜନଙ୍କ ଆଦେଶରେ ବଙ୍ଗ ବିଭାଜନ ।

୧୯୩୯– ସାନ୍ତାଳି ଭାଷାର ବିଦ୍ୱାନ ଶିକ୍ଷାବିତ୍ ପଦ୍ମଶ୍ରୀ ଦିଗମ୍ବର ହାଂସଦାଙ୍କ ଜନ୍ମ ।

୧୯୪୮– ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ଜନ୍ମ ।

୧୯୪୮– ସୁପ୍ରସିଦ୍ଧ ଅଭିନେତ୍ରୀ ହେମା ମାଳିନୀଙ୍କ ଜନ୍ମ ।

୧୯୫୧– ଏକ ଜନସଭାରେ ଯୋଗ ଦେଇଥିବା ବେଳେ ପାକିସ୍ତାନର ପ୍ରଥମ ପ୍ରଧାନମନ୍ତ୍ରୀ ଲିୟାକତ ଅଲୀଙ୍କୁ ହତ୍ୟା ।

୧୯୬୮– ହରଗୋବିନ୍ଦ ଖୁରାନାଙ୍କୁ ଚିକିତ୍ସା କ୍ଷେତ୍ରରେ ନୋବେଲ ।

୧୯୭୮– ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ କପିଲ ଦେବଙ୍କ କ୍ରିକେଟ ପଦାର୍ପଣ ।

୧୯୮୩– ଭାରତର ମହାନ ଭୌତିକ ବିଜ୍ଞାନୀ ଓ ଗଣିତଜ୍ଞ ହରିଶ ଚନ୍ଦ୍ରଙ୍କ ନିଧନ ।

୧୯୫୯– ରାଷ୍ଟ୍ରୀୟ ମହିଳା ଶିକ୍ଷା ପରିଷଦର ସ୍ଥାପନା ।

୧୯୯୫– ଭାରତୀୟ ମହିଳା କ୍ରିକେଟର ଦେବା କୃଷ୍ଣମୂର୍ତ୍ତିଙ୍କ ଜନ୍ମ ।

# ନାମାଙ୍କନ ପତ୍ର ଦାଖଲ କରିବେ ଜୟ ଢୋଲକିଆ

## "ଗୋତମା'ଏୟାରଷ୍ଟ୍ରିକରେ ଅନୁଷ୍ଠିତ ହେବ ମିଶ୍ରଣ ପର୍ବ

ଭୁବନେଶ୍ୱର, (ସବ୍ୟୁ) : ଭାରତୀୟ ଜନତା ପାର୍ଟୀ ସଂସଦୀୟ ବୋର୍ଡ ତରଫରୁ ନୂଆପଡା ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀ ଭାବେ ଜୟ ଢୋଲକିଆଙ୍କ ନାମ ଘୋଷଣା କରାଯାଇଛି। ଦଳୀୟ ପ୍ରାର୍ଥୀ ଜୟ ଢୋଲକିଆ ଗୁରୁବାର ନାମାଙ୍କନ ପତ୍ର ଦାଖଲ କରିବେ। ଗୁରୁବାର ସକାଳ ୧୦.୩୦ ଘଟିକାରେ ନୂଆପଡାସ୍ଥିତ "ଗୋତମା' ଏୟାରଷ୍ଟ୍ରିପଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହେବ ଏବଂ ଏଥିରେ ବିଜେଡି ଓ କଂଗ୍ରେସ ଦଳର ଶତାଧିକ ସରପଂଚ, ସମିତି ସଭ୍ୟ, ୱାର୍ଡମେମ୍ବରଙ୍କ ସମେତ ପୂର୍ବତନ ଜନପ୍ରତିନିଧି ଓ ସମର୍ଥକମାନେ ସାମିଲ ହେବେ। ଏହା ପରେ ଏକ ବିଶାଳ ଶୋଭାଯାତ୍ରାରେ ଶ୍ରୀ ଢୋଲକିଆ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ନାମାଙ୍କନ ପତ୍ର ଦାଖଲ କରିବେ। ଏହି ଅବସରରେ ହଜାର ହଜାର କାର୍ଯ୍ୟକର୍ତା ଓ ସାଧାରଣ ଜନତାଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ସହପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡି, ଉପମୁଖ୍ୟମନ୍ତ୍ରୀ କେ.ଭି.ସିଂହଦେଓ, ମନ୍ତ୍ରୀମଣ୍ଡଳର ସଦସ୍ୟବୃନ୍ଦ, ସାଂସଦ ଓ ବିଧାୟକ ଏବଂ ଦଳୀୟ ପଦାଧିକାରୀ ଓ ନେତୃବୃନ୍ଦ ଉପସ୍ଥିତ ରହିବେ ବୋଲି ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ ସୁଚନା ଦେଇଛନ୍ତି।

# ଜଳିଗଲା ବାଣ ବୋଝେଇ ସ୍କୁଟର, ୨ ଗୁରୁତର

ଭୁବନେଶ୍ୱର, (ସବ୍ୟୁ) : ଆଚାର୍ଯ୍ୟବିହାର-ଜୟଦେବବିହାର ଓଭରବ୍ରିଜ୍ ଉପରେ ଏକ ବାଣ ବୋଝେଇ ସ୍କୁଟର ବିସ୍ଫୋରଣରେ ଜଳିଯାଇଥିବା ବେଳେ ଦୁଇଜଣ ଗୁରୁତର ହୋଇଛନ୍ତି। ଦୁହିଁଙ୍କ ମଧ୍ୟରୁ ଜଣେ ନାବାଳକ ଥିବା କୁହାଯାଉଛି। ଏହି ଘଟଣା ପାଇଁ ଜାତୀୟ ରାଜପଥରେ କିଛି ସମୟ ଗାଡି ଚଳାଚଳ ବ୍ୟାହତ ହୋଇଥିଲା। ଗାଡି ଡିକିରେ ବାଣ ରଖିବା ସହ ଆଉ କିଛି ବାଣ ଓହଳାଇ ନେଉଥିଲେ । ଗାଡି ଚାଲିବା ପରେ ଗରମ ହୋଇଯିବାରୁ ଓଭରବ୍ରିଜ୍ ଉପରେ ବିସ୍ଫୋରଣ ହୋଇଥିଲା । ଗାଡି ସମ୍ପୂର୍ଣ୍ଣ ଜଳିଯାଇଥିବା ବେଳେ ଦୁଇ ଆହତଙ୍କୁ ପୋଲିସ ଉଦ୍ଧାର କରି ହସ୍ପିଟାଲ ପଠାଇଛି । ବିସ୍ଫୋରଣ ସମ୍ପର୍କରେ ଖବର ପାଇ ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା । ବାଣ ବୋଝେଇ ଗାଡି ହୁ ହୁ ହୋଇ ଜଳୁଥିବାରୁ ପଥଚାରୀମାନେ ଭୟଭୀତ ହୋଇଯାଇଥିଲେ । ପରିସ୍ଥିତିକୁ ଅଗ୍ନିଶମ ବାହିନୀ ଓ ପୋଲିସ ନିୟନ୍ତ୍ରଣ କରିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଛି ।

# ମୁଖ୍ୟମନ୍ତ୍ରୀଙ୍କୁ ଦୀପାବଳି ଶୁଭେଚ୍ଛା ଜଣାଇଲେ ରାଜ୍ୟପାଳ



ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟପାଳ ଡ. ହରିବାବୁ କମ୍ଭମ ପାଟି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦୀପାବଳି ଶୁଭେଚ୍ଛା ଜଣାଇଛନ୍ତି । ବୁଧବାର ସନ୍ଧ୍ୟାରେ ରାଜ୍ୟପାଳ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନକୁ ଆସି ମୁଖ୍ୟମନ୍ତ୍ରୀଙ୍କୁ ଉପହାର ପ୍ରଦାନ କରି ଦୀପାବଳି ଉପଲକ୍ଷେ ଶୁଭେଚ୍ଛା ଜଣାଇଛନ୍ତି । ବାସଭବନରେ ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ଧର୍ମପତ୍ନୀ ରାଜ୍ୟପାଳଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ । ଏହି ଅବସରରେ ଉଭୟ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳ ରାଜ୍ୟର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ।

## ୟୁନିଟ୍-୧ ପରିବା ହାଟ କାହା ଦଖଲରେ?

# ଲକ୍ଷ ଲକ୍ଷ ଟଙ୍କାରେ ବିକ୍ରି ହେଉଛି ଘର, ପିଣ୍ଡି

**ବିଏମ୍‌ସି ସବୁ ଜାଣି ଚୁପ୍, ବ୍ୟବସାୟୀ ହଟହଟା**

ଭୁବନେଶ୍ୱର(ସବ୍ୟୁ): ବିଏମସିଅଧୀନରେୟୁନିଟ-୧ହାଟ ଥିବା ବେଳେ କିଛି ଅସାମାଜିକ ବ୍ୟକ୍ତି ଘର ତିଆରି କରି ବିକୁଥିବା ଅଭିଯୋଗ ହେଉଛି । ଗୋଟିଏ କିମ୍ବା ଦୁଇଟି ନୁହେଁ ୨୫ରୁ ଊର୍ଦ୍ଧ୍ୱର୍ ଘର ତିଆରି ଚାଲିଛି । ପ୍ରତି ଘର ପିଛା ୫ରୁ ୭ ଲକ୍ଷ ଦର ଧାର୍ଯ୍ୟ କରାଯାଇଛି । ଏସବୁ ଘଟଣା ବିଏମସି ଅଧିକାରୀଙ୍କ ନଜରରେ ଆସିବା । ପରେ ବି କାର୍ଯ୍ୟାନୁଷ୍ଠାନ ହେଉନି । ବିଏମସି ଅଧିକାରୀ ତୁରନ୍ତ ଏହି ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକେଲ ବିଏମସି କାର୍ଯ୍ୟାଳୟ ଘେରିବାକୁ ସଜବାଜ ହେଉଛନ୍ତି ହାଟ ବ୍ୟବସାୟୀ ।

ରାଜଧାନୀ ହାଟ କଞ୍ଚା ପରିବା ମହାଜନ ସଂଘ ସମ୍ପାଦକ ହୃଷିକେଶ ଓଝା ଅଭିଯୋଗ କରି କହିଛନ୍ତି, ହାଟ ପରିସୀମା ବଢୁଛି, ହେଲେ ଜବରଦଖଲକାରୀଙ୍କ କଂାରେ ପୂରା ହାଟ ରହିଯାଇଛି । ଏପରିକି ଜବରଦଖଲକାରୀ ହାଟ ପ୍ରବେଶ ସ୍ଥାନରେ ଥିବା ବିଏମସି ସିକ୍ୟୁରିଟି କାର୍ଯ୍ୟାଳୟକୁ ମଧ୍ୟ ବିକ୍ରି କରିଦେଇଛନ୍ତି । ଓଝା ନୁହନ୍ତି, ଏହି ଘଟଣା ସମ୍ପର୍କରେ ବିଏମସି କର୍ତ୍ତୃପକ୍ଷଙ୍କୁ ଏକାଧିକ ବ୍ୟବସାୟୀ ଅଭିଯୋଗ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ । ଏହି ବେଆଇନ କାରବାର ପଛରେ କିଛି ବିଏମସି କର୍ମଚାରୀଙ୍କ ସମ୍ପୃକ୍ତି ଥିବା ସନ୍ଦେହ ସୃଷ୍ଟି କରିଛି ।

ରାଜଧାନୀର ପ୍ରମୁଖ ବଜାର କହିଲେୟୁନିଟ୍-୧ ମାର୍କେଟକୁ ବୁଝାଏ । ଏହି ବଜାରକୁ କେବଳ ରାଜଧାନୀବାସୀ ନୁହନ୍ତି, ସହର ଉପକ= ଲୋକ ମଧ୍ୟ ନିର୍ଭର କରିଥାନ୍ତି ।ୟୁନିଟ୍-୧ ହାଟରେ



ହୋଲସେଲ ବ୍ୟବସାୟୀ ରହିଛନ୍ତି । ଏଠାରୁ ସୌଦା ନେଇ ବିଭିନ୍ନ ଅଞ୍ଚଳ ବ୍ୟବସାୟୀ ପସରା ମେଲିଥାନ୍ତି । କେବଳ ତେଜରାତି ନୁହେଁ, ପୂରା ସହରର ବ୍ୟବସାୟୀ ଏଠାରୁ ପରିବା ନେଇଥାନ୍ତି । ମାର୍କେଟ ଭିତରେ ପ୍ରାୟ ୧୫୦୦ ପରିବାର ଦୋକାନ ରହିଥିବା ବେଳେ ବାହାରେ ୩୦୦୦ ପରିବାର ବ୍ୟବସାୟୀ ବ୍ୟବସାୟ କରୁଛନ୍ତି । ସେମାନଙ୍କ ଠାରୁ ସଂଘ ଦୈନିକ ୨୦ ଟଙ୍କା ନେଉଥିବା ବେଳେ ବିଏମସି ୧୦ ଟଙ୍କା ନେଉଛି । ଗୋଟିଏ ସଂଘ ଏହି ଟଙ୍କା ଆଦାୟ କରୁଥିବା ବେଳେ ଆହୁରି ଏକାଧିକ ସଂଘ ଏହି ହାଟରେ ରହିଛି । କେଉଁ ସଂଘର କୌଣସି କାଗଜପତ୍ର ନାହିଁ ତ' ଆଉ କାହାର ୨୦ ବର୍ଷ ହେବ ଅଡ଼ିଟ ହେଉନି । ଅସ୍ଥାୟୀ ବ୍ୟବସାୟୀ ରାସ୍ତା, ପାର୍କିଂ ସ୍ଥାନ ଆଦିକୁ ଜବରଦଖଲ କରି ବ୍ୟବସାୟ କରୁଛନ୍ତି । ଫଳରେ ସ୍ଥାୟୀ ବ୍ୟବସାୟୀ ଓ ଗ୍ରାହକ ହଇରାଣ ହେଉଛନ୍ତି ।

ଏପରିକି କୌଣସି ପରିସ୍ଥିତିରେ ଅଘଟଣ ଘଟିଲେ ମାର୍କେଟ ଭିତରକୁ ଦମକଳ ଗାଡ଼ି ପଶିବାକୁ ରାସ୍ତା ନାହିଁ । ଗାଡ଼ି ରଖିବାକୁ ପାର୍କିଂ ସ୍ଥାନ ନଥିବାରୁ ଗ୍ରାହକ ରାସ୍ତା ଉପରେ ଗାଡ଼ି ରଖିବାକୁ ବାଧ୍ୟ ହେଉଛନ୍ତି । ପୋଲିସ ସେମାନଙ୍କ ଗାଡ଼ିକୁ ଉଠାଇ ନେଉଛି । ଜୋରିମାନା ଦେଇ ସେମାନେ ଗାଡ଼ି ଆଣିବା ପରେ ହାଟକୁ ଆସିବା ଲାଗି ଆଉ ମନ ବଳାଉ ନାହାନ୍ତି । ବ୍ୟବସାୟୀ କିମ୍ବା ଗ୍ରାହକଙ୍କ ପାଇଁ ପରିସ୍ରାଗାର ବି ନାହିଁ । ମାସକୁ ଲକ୍ଷ ଲକ୍ଷ ଟଙ୍କା ଆଦାୟ ହେଉଛି । ବିଏମସି ବ୍ୟବସାୟୀଙ୍କ ପାଇଁ କୌଣସି ସୁବିଧା କରୁନଥିବା ଅଭିଯୋଗ ହୋଇଛି । ବିଏମସିର ଦିନକୁ ୩୦୦୦ରୁ ଅଧିକ ଟଙ୍କା ଆୟ ହେଉଛି । କୌଣସି ରକ୍ଷଣାବେକ୍ଷଣ କରୁନି ବିଏମସି । ନୂଆ ଦୋକାନ ଘର ଓ ପିଣ୍ଡି ନିର୍ମାଣ କରୁଛି କିଏ ? ତାକୁ ବିକ୍ରି କରି ଟଙ୍କା ନେଉଛି କିଏ ? ଏହାର ଉତ୍ତର ବିଏମସି ପାଖରେ ନାହିଁ ।

## ୨୦ ରେ ପଡୁଛି ପୟା ଶ୍ରାଦ୍ଧ

# ଦୀପାବଳି ଅମାବାସ୍ୟା ଓ କାଳୀପୂଜା ହେବ : ଶ୍ରୀମନ୍ଦିର ମୁକ୍ତିମଣ୍ଡପ ପଣ୍ଡିତ ସଭା

ପୁରୀ, (ସବ୍ୟୁ) : ଅକ୍ଟୋବର ୨୦ ରେ ପୟା ଶ୍ରାଦ୍ଧ, ଦୀପାବଳୀ ଅମାବାସ୍ୟା ଓ କାଳୀପୂଜା ହେବ ବୋଲି ଶ୍ରୀମନ୍ଦିର ମୁକ୍ତିମଣ୍ଡପ ପଣ୍ଡିତ ସଭା ସ୍ପଷ୍ଟ କରିଛି ।ସେପଟେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତୁଳା ମାସର ଶ୍ରୀମନ୍ଦିର ନୀତିରେ ଅକ୍ଟୋବର ୨୦ରେ ଚତୁର୍ଦ୍ଦଶୀ ସହ ପୟା ଶ୍ରାଦ୍ଧ ଉଲ୍ଲେଖ ରହିଥିବା ବେଳେ ଅକ୍ଟୋବର ୨୧ ରେ ଶ୍ରୀମନ୍ଦିରରେ ଅମାବାସ୍ୟା ଓ ସାଗର ବିଜେ ନୀତି ବୋଲି ସ୍ପଷ୍ଟ କରାଯାଇଛି । ତେବେ ଏହାକୁ ନେଇ ଆଉ ଦୀପାବଳୀ ଓ ପୟା ଶ୍ରାଦ୍ଧକୁ ନେଇ ଦ୍ୱନ୍ଦ ରହିବା ଉଚିତ ନୁହେଁ ବୋଲି କହିଛନ୍ତି ମୁକ୍ତିମଣ୍ଡପ ପଣ୍ଡିତ ସଭାର ସଭାପତି ଓ ସମ୍ପାଦକ । ସେପଟେ ଶ୍ରୀମନ୍ଦିରରେ ଉଦୟ ପର୍ବକୁ ଅମାବାସ୍ୟା ରହୁଥିବାରୁ ତାହା ଅକ୍ଟୋବର ୨୧ ରେ କେବଳ ଅମାବାସ୍ୟାର ନୀତି ଅମାବାସ୍ଯା ନାରାୟଣଙ୍କ ସାଗରବିଜେ ନୀତି ହେବ ବୋଲି କହିଛନ୍ତି ଶ୍ରୀମନ୍ଦିର ନୀତି ପ୍ରଶାସକ । ତେବେ ପୂର୍ବରୁ ଅକ୍ଟୋବର ୨୦କୁ ବିରୋଧ କରୁଥିବା ଜ୍ୟୋତିର୍ବିଦ୍ ହରିଶଙ୍କର ମିଶ୍ର କହିଛନ୍ତି ମୁକ୍ତିମଣ୍ଡପ ବିଭ୍ରାନ୍ତ କରୁଛନ୍ତି ସେମାନଙ୍କ ଗଣନା ଭୁଲ ରହିଛି ତେଣୁ ଅକ୍ଟୋବର ୨୧ରେ ସୂର୍ଯ୍ୟାସ୍ତ ପରେ ୩୯ ମିନିଟ ଅମାବାସ୍ୟା ରହୁଥିବାରୁ ସେହିଦିନ ପାଳନ କରାଯିବ ବୋଲି କହିଛନ୍ତି । ସେପଟେ ଏଭଳି ବିବାଦର ସମାଧାନ କାହିଁକି ଆଗୁଆ ସମାଧାନ ନ କରି ଶେଷ ସମୟରେ କରିବା ଦ୍ୱାରା ଜନସାଧାରଣ ବିଭ୍ରାନ୍ତ ହେବା ସହ ଆମ ଧର୍ମ ପରମ୍ପରା ଉପରେ ବି ପ୍ରଭାବ ପଡୁଛି ବୋଲି କହିଛନ୍ତି ସେବାୟତ । ଦୀପାବଳୀ ଅମାବାସ୍ୟା ଓ ପୟା ଶ୍ରାଦ୍ଧଙ୍କୁ ନେଇ ରହିଥିବା ଦ୍ୱନ୍ଦ ଦୁରୀକରଣ ପାଇଁ ଆଗକୁ ଆସିଲା ମୁକ୍ତିମଣ୍ଡପ ପଣ୍ଡିତ ସଭା । ଅକ୍ଟୋବର ୨୦ ରେ ପାଳନ କରିବାକୁ କହିଥିବା ବେଳେ ଅକ୍ଟୋବର ୨୧ ରେ ପାଳନ ହେବା ଭୁଲ ବୋଲି କହିଛି ।ଆଉ ଚଳିତ ବର୍ଷ ଦୀପାବଳୀ ଉତ୍ସବ ପାଳନ କରିବା ପାଇଁ ମୁକ୍ତିମଣ୍ଡପ ପଣ୍ଡିତସଭା ଦ୍ୱାରା ସଂଶୋଧିତ ହୋଇଥିବା ପାଞ୍ଜି ଗୁଡିକରେ ଅକ୍ଟୋବର ୨୦ ତାରିଖ ସୋମବାର ବୋଲି ପ୍ରାଞ୍ଜଳ ଭାବରେ ଉଲ୍ଲେଖଅଛି । କିନ୍ତୁ ମୁକ୍ତିମଣ୍ଡପ ପଣ୍ଡିତ ସଭାର ସଦସ୍ୟ ନିଜକୁ ଆତ୍ମଘୋଷିତ ଜ୍ୟୋତିର୍ବିଦ୍ ବୋଲାଇ କେତେକ ଗଣମାଧ୍ୟମରେ ଦୀପାବଳୀ ତଥା ଦୀପଦାନ ଶ୍ରାଦ୍ଧକୁ ଅକ୍ଟୋବର ୨୧ ତାରିଖ ମଙ୍ଗବାର ଦିନ କରିବା ପାଇଁ ପ୍ରଚାର କରୁଅଛନ୍ତି । ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି ଯେ, ଅସନ୍ତା ଅକ୍ଟୋବର ୨୦ ତାରିଖ ସୋମବାର ଦୀପଦାନ ଶ୍ରାଦ୍ଧ କରାଯିବା ଶାସ୍ତ୍ରସମ୍ମତ । କାରଣ ତା.୨୧.୧୦.୨୦୨୫ ରିଖ ମଙ୍ଗଳବାର ପ୍ରଦୋଷକୁ ଏକ ଦଶ ଦଣ୍ଡ (୨୪ ମିନିଟ୍) ଅମାବାସ୍ୟା ତିଥି ନାହିଁ । ତେଣୁ ତା.୨୧.୧୦.୨୦୨୫ ମଙ୍ଗଳବାର ଦିନ ଦୀପଦାନ ଶ୍ରାଦ୍ଧ କରା ଯାଇପାରିବ ନାହିଁ ବୋଲି ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକାରୀ ସଭାପତି ଆଦିତ୍ୟ ହୃଦୟ ମିଶ୍ର, ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ର, ଉପସଭାପତି ଉମାବଲଭ ମହାପାତ୍ର, ଯୁଗ୍ମ ସମ୍ପାଦକ ଲୋକନାଥ ମିଶ୍ର, ସଦସ୍ୟ ପଣ୍ଡିତ ଦୁର୍ଗା ପ୍ରସାଦ ମିଶ୍ର, ରବି ପ୍ରସାଦ ରଥ, ଜଗନ୍ନାଥ ରଥ, ଜ୍ୟୋତିର୍ବିଦ ନୀଳମାଧବ ଦାସ, ଜ୍ୟୋତିର୍ବିଦ ଜ୍ୟୋତି ପ୍ରସାଦ ଦାସ କହିଛନ୍ତି । ତେଣୁ ପୂଜାପଣ୍ଡା ନିଯୋଗ ଓ ମୁକ୍ତିମଣ୍ଡପ ପଣ୍ଡିତ ସଭା ପକ୍ଷରୁ ଅନୁମୋଦିତ ପଂଜିକା ଅନୁସାରେ ପାଳନ କରିବା ସହ ଅନ୍ୟ ପଂଜିକା ଓ ଜ୍ୟୋତିର୍ବିଦ୍ ଏହାକୁ ବିଭ୍ରାନ୍ତ କରୁଛନ୍ତି ବୋଲି କହିଛନ୍ତି । ତେଣୁ ୨୦ତାରିଖରେ ଏହା ଧର୍ମଶାସ୍ତ୍ର ବିଧିସମତ ବୋଲି କହିବା ସହ ସରକାର ୨୧ତାରିଖର ଛୁଟିକୁ ପରିବର୍ତ୍ତନ କରି ୨୦ତାରିଖ କରନ୍ତୁ ଏବଂ ଯେଉଁ ମାନେ ସ୍ୱୀକୃତି ପ୍ରାପ୍ତ ପଞ୍ଜିକାକୁ ବିରୋଧ କରୁଛନ୍ତି ତାଙ୍କ ବିରୋଧରେ କାର୍ଯ୍ୟନୁଷ୍ଠାନ ଦାବି କରିଛନ୍ତି ମୁକ୍ତିମଣ୍ଡପ ପଣ୍ଡିତ ସଭାର କାର୍ଯ୍ୟକାରୀ ସଭାପତି ଓ ଧର୍ମଶାସ୍ତ୍ରଜ୍ଞ ।

## ୨୩ରୁ ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ

# ସ୍ଥାୟୀ ସହରାଞ୍ଚଳ ବିକାଶ, ଶାସନ ଉପରେ ଗୁରୁତ୍ୱ

ଭୁବନେଶ୍ୱର(ସବ୍ୟୁ): ଆସନ୍ତା ୨୩ ତାରିଖରୁ ଦୁଇଦିନିଆ ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ-୨୦୨୫ ଆୟୋଜନ ହେବ । ଏହି ସମ୍ମିଳନୀରେ ନିରନ୍ତର ସହରାଞ୍ଚଳ ବିକାଶ, ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ବିଷୟବସ୍ତୁ ଉପରେ ଆଲୋଚନା ହେବ । ଏହି କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲବି) ଗୁଡ଼ିକୁ ଏକତ୍ର କରି ସହରାଞ୍ଚଳ ଶାସନ, ସେବା ପ୍ରଦାନ ଓ ନିରନ୍ତର ଅଭିବୃଦ୍ଧିର ପ୍ରମୁଖ ଦିଗ ଉପରେ ବିଚାରବିମର୍ଶ ହେବ ।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ଆସନ୍ତା ୨୩ ଓ ୨୪ ତାରିଖରେ ଭୁବନେଶ୍ୱରର ଲୋକସେବା ଭବନ ପରିସରରେ ଥିବା କନଭେନସନ ସେଣ୍ଟର ଅଡିଟୋରିୟମରେ ଏହି ସମ୍ମିଳନୀ ଆୟାଜନ ହେବ । ଏହି ସମ୍ମିଳନୀକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ କହିଛନ୍ତି, ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ-୨୦୨୫ ଏକ ସହଯୋଗୀ ପ୍ଲାଟଫର୍ମ ଭାବରେ ପରିକଳ୍ପନା କରାଯାଇଛି । ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ନାଗରିକ କୈନ୍ଦ୍ରିକ ପ୍ରଶାସନକୁ ସୁଦୃଢ଼ କରିବା, ସହରାଞ୍ଚଳ ଭିତ୍ତିଭୂମି, ସଡ଼କ ଏବଂ ଜଳ ନିଷ୍କାସନ ବ୍ୟବସ୍ଥାରେ ଉନ୍ନତି ଆଣିବା, ଜଳ ଯୋଗାଣ ଏବଂ ପରିମଳ ସେବାକୁ ବୃଦ୍ଧି କରିବା ଏବଂ ସୁଜୋଗ, ଓ.ଆର. ଟିପିଏସ୍‌ଏ, ଓଏସ୍‌ଡବ୍ଲ୍ୟୁଏସ୍‌ଏସ୍ ଏବଂ ସମନ୍ୱିତ କଲ୍ ସେଣ୍ଟର (୧୯୨୯) ଭଳି ଡିଜିଟାଲ ପ୍ରଶାସନିକ ପଦକ୍ଷେପକୁ ପ୍ରୋତ୍ସାହନ ଦେବା ଉପରେ ଗୁରୁତ୍ୱ ଦିଆଯିବ । ଆର୍ଥିକ ଓ ପ୍ରଶାସନିକ ଦୃଷ୍ଟିରୁ ସଶକ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା(ୟୁଏଲବି) ନିର୍ମାଣ ଉପରେ ମଧ୍ୟ ଏହା ବିଚାର-ବିମର୍ଶ କରିବ, ଯାହା ସମାବେଶୀ ଏବଂ ଉତ୍ତରଦାୟୀ ସହରାଞ୍ଚଳ ବିକାଶକୁ ଆଗେଇ ନେବାରେ ସକ୍ଷମ ହେବ ।

# କଂଗ୍ରେସ ଭବନ ଆଗରେ ନାଣ୍ଟୁ ବାବୁ ହଟହଟା

ଭୁବନେଶ୍ୱର,(ସବ୍ୟୁ): ବୁଧବାର ପୂର୍ବାହ୍ନରେ ଭୁବନେଶ୍ୱର କଂଗ୍ରେସ ଅଫିସ ସମ୍ମୁଖରେ ନାଣ୍ଟୁବାବୁ ଓ ତାଙ୍କ ସମର୍ଥକ ପାଟିତୁଣ୍ଡ କରିବା ସହ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ବିରୋଧରେ ବର୍ଷୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା । ସ୍ଥିତି ବିଗିଡିବା ଆଗରୁ କଂଗ୍ରେସ ଭବନ ଆଗରେ ଥିବା ପୋଲିସ ସେମାନଙ୍କୁ ଘଉଡାଇ ଦେଇଥିଲେ । ବାଜା ଗଜା ଧରି ପହଞ୍ଚିଥିଲେ । ହେଲେ ଗେଟ୍ ଆଗରେ ପଡିଥିଲା ବଡ଼ ତାଲା । ଶେଷରେ ହଟହଟା ହେଲେ ନାଣ୍ଟୁ ବାବୁ ଓ ତାଙ୍କ ସମର୍ଥକ । ଅପରାହ୍ନ ପ୍ରାୟ ସାଢେ ୧୨ଟା ରେ କଂଗ୍ରେସ ଭବନ ପାଖରେ ଜମିଥିଲା ଭିଡ଼ । ଲାଇନ ହୋଇ ରହିଥିଲା ପୋଷ୍ଟର ଓ କଂଗ୍ରେସ ପତାକା ଲାଗିଥିବା ଗାଡି । ଗାଡି ଗୁଡିକରେ ତୁଳସୀ ଗଣନାଟ୍ୟ ମାଲିକ ନାଣ୍ଟୁବାବୁ ଓରଫ ଅନନ୍ତ ନାରାୟଣ ଧଳଙ୍କ ପୋଷ୍ଟର ଦେଖିବାକୁ ମିଳିଥିଲା । ପରେ ବାଜା ରୋଷଣୀ କରି ବିରାଟ ପଟୁଆରରେ ମାଷ୍ଟର କ୍ୟାଣ୍ଟିନ ଛକରୁ କଂଗ୍ରେସ ଭବନକୁ ଆସିଥିଲେ ନାଣ୍ଟୁବାବୁ । ସାଥିରେ ଥିଲେ ଶତାଧକ ସମର୍ଥକ ଓ ବାଉନ୍ସର । ଆଉ ଏହାପରେ ଆରମ୍ଭ



ହୋଇଥିଲା ହାଇଡ୍ରାମା । ନାଣ୍ଟୁବାବୁ ଓ ତାଙ୍କ ସମର୍ଥକ ପାଟିତୁଣ୍ଡ କରିବା ସହ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ବିରୋଧରେ ବର୍ଷିଥିଲେ । ସ୍ଥିତି ବିଗିଡିବା ଆଗରୁ କଂଗ୍ରେସ ଭବନ ଆଗରେ ଥିବା ପୋଲିସ ସେମାନଙ୍କୁ ଘଉଡାଇ ଦେଇଥିଲେ । ତେବେ ଫେରିବା ବେଳେ ନାଣ୍ଟୁବାବୁ କିନ୍ତୁ ପିସିସି ସଭାପତିଙ୍କୁ ଖୋଲା ଚାଲେଞ୍ଜ କରି ତାଙ୍କ ବିରୁଦ୍ଧରେ କଟୁମନ୍ତବ୍ୟ ଦେଇଥିଲେ । ପରେ ସାମ୍ବାଦିକ ସମ୍ମିଳନୀ କରି କଂଗ୍ରେସର ରାଜ୍ୟ ନେତୃତ୍ୱଙ୍କ ଉପରେ ବର୍ଷିଥିଲେ । କଂଗ୍ରେସ ଭବନ ଆଗରେ ହାଇଡ୍ରାମା ଚାଲିଥିବା ବେଳେ ଦଳର କୌଣସି ବଡ ନେତାଙ୍କୁ ଦେଖିବାକୁ ମିଳି ନ ଥିଲା । ନାଣ୍ଟୁ ବାବୁଙ୍କ ମେଣ୍ଟର କିଏ ତାଙ୍କୁ ଭକ୍ତଙ୍କ ବିରୁଦ୍ଧରେ ବିଷେଦଗାର୍ କରିବାକୁ ସାହସ ଦେଲା ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛ । ସେପଟେ ଦାୟିତ୍ୱରେ ଥିବା ମିଡ଼ିଆ ସଂଯୋଜକ କହିଛନ୍ତି ମିଶ୍ରଣ ନେଇ ପିସିସି ସଭାପତିଙ୍କ ପକ୍ଷରୁ ମନା କରାଯାଇଛି । ତେଣୁ ଆମେ ଗେଟରେ ତାଲା ପକାଇ ଦେଇଛୁ । ଅନ୍ୟପଟେ ନୂଆପଡ଼ା ଉପନିର୍ବାଚନ ପାଇଁ ବ୍ୟସ୍ତ ଥିବା ଭକ୍ତ ଦାସ କହିଛନ୍ତି ।

ରାଜ୍ୟ କଂଗ୍ରେସ ମୁଖ୍ୟାଳୟ ଆଗରେ ଏଭଳି ନାଟକ ପରେ ଦଳରେ ପୁଣି ଥରେ ଗୋଷ୍ଠୀ ବିବାଦ ଆରମ୍ଭ ହୋଇଥିବା ଅନୁମାନ କରିଛନ୍ତି ରାଜନୈତିକ ସମୀକ୍ଷକ । ସେମାନଙ୍କ ମତରେ, କଂଗ୍ରେସ ଧୀରେ ଧୀରେ ଆଗକୁ ବଢୁଥିବା ବେଳେ ପୁଣି ଥରେ ଏହାର ପୁରୁଣା ରୋଗ କବଳିତ ହେଲା ପରି ଲାଗୁଛି ।

# ୧୮ ଲକ୍ଷର ବ୍ରାଉନସୁଗର ଜବତ, ମହିଳା ଗିରଫ

ଭୁବନେଶ୍ୱର, (ସବ୍ୟୁ) : ବ୍ରାଉନସୁଗର କାରବାର କରୁଥିବା ଜଣେ ମହିଳାଙ୍କୁ ଅବକାରୀ ଟିମ୍ କାବୁ କରିବା ସହ ତା'ନିକଟରୁ ୧୮ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ କରିଛି । ମହିଳାଙ୍କ ନାଁ ଅନ୍ନପୂର୍ଣ୍ଣା ବେହେରା । ସେ ଖୋର୍ଦ୍ଧାର ଜଣେ ମହିଳାଙ୍କ ନିକଟରୁ ବ୍ରାଉନସୁଗର ଆଣି ବିକ୍ରି କରେ ବୋଲି କହିଛି । ବଡଗଡ ଥାନା ଅନ୍ତର୍ଗତ ମିଇଁଷିଆଖାଲ ବସ୍ତିରେ ଅନ୍ନପୂର୍ଣ୍ଣା ରୁହେ । ସେ ବ୍ରାଉନସୁଗର କାରବାରରେ ଜେଲ୍ ଯାଇଥିବା ବେଳେ ଜାମିନରେ ଆସି ପୁଣି ବ୍ରାଉନସୁଗର କାରବାର କରୁଥିବା ଅବକାରୀ ସୂଚନା ପାଇଥିଲା । ସତର୍କତାର ସହ ଏକ ଟିମ୍ ଚଢାଉ କରି ତା'ନିକଟରୁ ୧୮୦ଗ୍ରାମ୍ ବ୍ରାଉନସୁଗର ଜବତ କଲା । ଯାହାର ମୂଲ୍ୟ ୧୮ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି । ବ୍ରାଉନସୁଗର କାରବାର ସମ୍ପର୍କରେ ସମ୍ପୃକ୍ତା ମହିଳାକୁ ପଚାରିବାରୁ ଋଣ ସୁଝିବା ପାଇଁ ସେ ଏହି କାରବାର କରୁଥିବା କହିଛି । ୯ ଲକ୍ଷ ଟଙ୍କା ମହିଳା ଗ୍ରୁପରୁ ଋଣ ଆଣି ଅନ୍ୟ ଜଣେ ମହିଳାଙ୍କୁ ଦେଇଥିଲା । ସେ ମହିଳା ପଳାଇଯିବା ପରେ ତାଙ୍କ ସନ୍ଧାନ ଅନ୍ନପୂର୍ଣ୍ଣା ନପାଇ ସେହି ଋଣ ସୁଝିବା ପାଇଁ ଏହି କାମ କରୁଥିବା କହିଛି । ସେ ବସ୍‌ରେ ଖୋର୍ଦ୍ଧା ଯାଇ ବ୍ରାଉନସୁଗର ଆଣେ । ବେଳେବେଳେ ଜଣେ ବାବୁଆଣି ତାକୁ ବ୍ରାଉନସୁଗର ଦିଅନ୍ତି ବୋଲି ସେ ଗଣମାଧ୍ୟମକୁ ସୂଚନା ଦେଇଛି । ଅନ୍ନପୂର୍ଣ୍ଣାକୁ ବୁଧବାର କୋର୍ଟଚାଲାଣ କରାଯାଇଛି ।



# ନୂଆପଡ଼ା ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ ସଂକଳ୍ପବଦ୍ଧ ବିଜେପି ସରକାର: ମନମୋହନ

ଭୁବନେଶ୍ୱର, (ସବ୍ୟୁ) : ବିଜେପି ହେଉଛି ବିଶ୍ୱର ସବୁଠାରୁ ବଡ଼ ରାଜନୈତ ଦଳ । ଏହା ଏକ ବିଚାରଧାରର ପାର୍ଟି । ସଂସଦରେ ପ୍ରାୟ ୪୦ ଜଣ ଆଦିବାସୀ ଓ ବନବାସୀ ସମ୍ପ୍ରଦାୟର ଭାଇ ଏବେ ସାଂସଦ ଅଛନ୍ତି । ଦଳ ପାଖରେ ସର୍ବାଧିକ ଆଦିବାସୀ ବିଧାୟକ ଅଛନ୍ତି । ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ୮୦୦ ଟଙ୍କା ଇନ୍‌ପୁଟ ସବ୍‌ସିଡି ଦେବା ପରେ ଧାନ କ୍ୱିଣ୍ଟାଲ ପିଛା ସହାୟକ ମୂଲ୍ୟ ୩୧୦୦ ଟଙ୍କାକୁ ବୃଦ୍ଧି ପାଇଛି । ପିଏମ୍ କିଶାନ ଓ ସିଏମ୍ କିଶାନ ଯୋଜନାରେ ଚାଷୀଙ୍କ ଆକାଉଂଟକୁ ସିଧାସଳଖ ଟଙ୍କା ପଠାଯାଉଛି । ରାଜ୍ୟର ମା' ଓ ଭଉଣୀମାନଙ୍କ ପାଇଁ ସୁଭଦ୍ରା ଯୋଜନାରେ ୫୦ହଜାର ଟଙ୍କା ଦେବାକୁ ବ୍ୟବସ୍ଥା କରାଯାଇଛି । ଫଳରେ ମା' ଭଉଣୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ିଛି । ଲକ୍ଷପତି ଦିଦି ଯୋଜନାରେ ଓଡ଼ିଶାର ମା' ଭଉଣୀମାନେ ଏବେ ୧ ନମ୍ବର ହେଲେଣି । ୮୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧାବୃଦ୍ଧ ଓ ଭିନ୍ନକ୍ଷମଙ୍କ ପାଇଁ ସ୍ୱାସ୍ଥ୍ୟବୀମା ସହ ୩୫୦୦ଟଙ୍କା ଭତା ପ୍ରଦାନ କରିବାର ପ୍ରତିଶ୍ରୁତି ପୂରଣ କରିଛି । ୧୫ ଲକ୍ଷ ହେକ୍ଟର ଜମିରେ ଜଳସେଚନ କରିବା ପାଇଁ ବ୍ୟବସ୍ଥା କରାଯାଇଛି । ବିଜେପି ଯାହା ପ୍ରତିଶ୍ରୁତି ଦେଇଛି ତାହା ପୂରଣ



କରିଛି । ପୂର୍ବ ସରକାର ସମୟରେ ଯେଉଁ ସବୁ ସମସ୍ୟାର ସମାଧାନ ହୋଇ ନଥିଲା ସେସବୁର ସମାଧାନ ପାଇଁ ବିଜେପି ସରକାର ସଂକଳ୍ପବଦ୍ଧ ବୋଲି ନୂଆପଡ଼ାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ।ଶ୍ରୀ ସାମଲ କହିଛନ୍ତି ଯେ, ଆଗାମୀ ଦିନରେ ନୂଆପଡ଼ାକୁ ରାଜ୍ୟ ୧ ନଂ ଜିଲ୍ଲାରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ନିଜେ ଦାୟିତ୍ୱ ନେଇଛନ୍ତି । ୧୧୦୦ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିଛନ୍ତି । ନୂଆପଡ଼ାରେ ନିର୍ବାଚନ ପରେ ମେଡିକାଲ କଲେଜ ଖୋଲାଯିବ । ନୂଆପଡ଼ାରେ ଶିକ୍ଷାଠାରୁ ଆରମ୍ଭ କରି ଜଳସେଚନ, ଗମନାଗମନ ପର୍ଯ୍ୟନ୍ତ ସମସ୍ତ ସମସ୍ୟାର ସମାଧାନ କରାଯାଇ ସାମଗ୍ରିକ ବିକାଶ କରାଯିବ । ଏଠାକାର ଲୋକଙ୍କୁ ଯେପରି ଦାଦନ ଖଟିବାକୁ ଯିବେ ନାହିଁ, ସେଥିପାଇଁ ଶିଳ୍ପର ବିକାଶ କରାଯିବ । ଏହି ନିର୍ବାଚନରେ ଐତିହାସିକ ବିଜୟ ଲାଭ କରାଇ ପାଇଁ ଶ୍ରୀ ସାମଲ ନୂଆପଡ଼ାବାସୀଙ୍କୁ ଆହ୍ୱାନ ଦେଇଛନ୍ତି । କେନ୍ଦ୍ରୀୟ ସଂସଦୀୟ ବୋର୍ଡ ତରଫରୁ ନୂଆପଡା ବିଧାସଭା ଆସନ ପାଇଁ ଜୟ ଢୋଲକିଆଙ୍କ ନାମ ଘୋଷଣା କରାଯାଇଛି। ଏହି ଅବସରରେ ବିଜେପି ପ୍ରାର୍ଥୀ ଶ୍ରୀ ଜୟ ଢୋଲକିଆ କହିଛନ୍ତି ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଲୋକକଲ୍ୟାଣକାରୀ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକାଭିମୁଖୀ କାର୍ଯ୍ୟ ଦେଶ ଓ ଓଡ଼ିଶାର କୋଣ ଅନୁକୋଣରେ ପହଂଚି ପାରିଛି । ବାପା ସ୍ୱର୍ଗତ ରାଜନ୍ଦ୍ରେ ଢୋଲକିଆଙ୍କ ନୂଆପଡ଼ାରେ ଅନେକ ସାମାଜିକ କାର୍ଯ୍ୟ କରିଛନ୍ତି । ତାଙ୍କ ପଥାଙ୍କ ଅନୁସରଣ କରି ମୁଁ ନୂଆପଡ଼ାରେ ବିଗତ ୫ ବର୍ଷ ହେବ ବିଭିନ୍ନ ସମାଜ ସେବା କରି ଆସୁଛି । ଏହି ଅଂଚଳର ବିକାଶ ପାଇଁ ବାପା ଅନେକ ସ୍ୱପ୍ନ ଦେଖିଥିଲେ ତାଙ୍କ ଅଧୁରା ସ୍ୱପ୍ନ ପୂରଣ କରିବା ପାଇଁ ଆଜି ମୁଁ ବିଜେପିରୁ ପ୍ରାର୍ଥୀ ହୋଇଛି । ମୋର ଅନ୍ତିମ ନିଶ୍ୱାସ ପର୍ଯ୍ୟନ୍ତ ନୂଆପଡ଼ାବାସୀଙ୍କ ସେବା କରିବି ବୋଲି ଶ୍ରୀ ଢୋଲିକିଆ କହିଛନ୍ତି । ଏହି ଅବସରରେ ଆୟୋଜିତ ମିଶ୍ରଣ ପର୍ବରେ କୋମନା ବ୍ଲକ ଏବଂ ଖରିଆର ରୋଡ ଏନଏସିର ଉପାଧ୍ୟକ୍ଷଙ୍କ ସମେତ ଅନେକ ସରପଂଚ, ସମିତି ସଭ୍ୟ, ୱାର୍ଡ ମେମ୍ବର, ନିର୍ବାଚିତ ଜନପ୍ରତିନିଧିଙ୍କ ସମେତ ଉଭୟ ବିଜେଡି ଓ କଂଗ୍ରେସ ଦଳର ଶତାଧିକ କର୍ମୀ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ତଥା ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡା, ପ୍ରସନ୍ନ ପାଢୀ, ମନ୍ତ୍ରୀ ଗଣେଷ ରାମ ସିଂହ ଖୁଂଟିଆ, ସାଂସଦ ମାଳବିକା ଦେବୀ, ବିଧାୟକ ବାବୁ ସିଂ, ଇରାଶିଶ ଆଚାର୍ଯ୍ୟ, ଏନଏସି ଅଧ୍ୟକ୍ଷା ଡା.ସୋନିଆ ଜୈନ, ଜିଲ୍ଲା ଉପସଭାପତି ଗୋଲିଁ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ସମାଜର ୧୦୬ ତମ ସ୍ୱନକ୍ଷତ୍ର ଦିବସ

## ସମ୍ବାଦ ପରିବେଷଣରେ ଗଣମାଧ୍ୟମ ଅନୁଷ୍ଠାନ , ସାମ୍ବାଦିକମାନେ ସତର୍କତା ଅବଲମ୍ବନ କରିବା ଉଚିତ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଖବର କାଗଜ ଏବଂ ଗଣମାଧ୍ୟମ ହେଉଛି ସମାଜର ଦର୍ପଣ। ସମାଜରେ ଦେଖାଯାଉଥିବା ସମସ୍ୟା, ପ୍ରସଙ୍ଗ ସବୁକୁ ନିର୍ଭିକତାର ସହିତ ପରିବେଷଣ କରିବା ତାଙ୍କର ଦାୟିତ୍ୱ । ବର୍ତ୍ତମାନ ପରିପ୍ରେକ୍ଷୀରେ ଏହା ଅଧିକ ପ୍ରାସଙ୍ଗିକ । କାରଣ ବିଭିନ୍ନ ବିଚାରାଳୟରେ ଗଣମାଧ୍ୟମରେ ପରିବେଷଣ କରାଯାଉଥିବା ଖବରକୁ ପ୍ରମାଣ ଭାବେ ପେଶ କରାଯାଉଛି । ତେଣୁ ଗଣମାଧ୍ୟମ ଅନୁଷ୍ଠାନ ଓ ଖବର ଦାତାମାନେ ବ୍ୟକ୍ତିଗତ ସ୍ତରରେ ଅଧିକ ସତର୍କତା ଅବଲମ୍ବନ କରିବାକୁ ପଡିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ।

ଦୈନିକ ସମାଜର ୧୦୬ ତମ ସ୍ୱନକ୍ଷତ୍ର ପକ୍ଷ ପାଳନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ଗଣମାଧ୍ୟମର ପ୍ରଥମ ଭୂମିକା ହେଉଛି ଲୋକଙ୍କ ପ୍ରସଙ୍ଗ ସରକାରଙ୍କ ନଜରକୁ ଆଣିବା । କାରଣ ସାଧାରଣ ଜନତାଙ୍କ ସ୍ୱର ଓ ମତାମତ ବ୍ୟକ୍ତିଗତ ଭାବେ ହୁଏତ ସରକାରଙ୍କ ପାଖରେ ପହଞ୍ଚିପାରିନଥାଏ । କିନ୍ତୁ ଖବର କାଗଜ ଓ ଟେଲିଭିଜନ ନ୍ୟୁଜ୍ ମାଧ୍ୟମରେ ପହଞ୍ଚିଥାଏ। ପଶ୍ଚିମବଙ୍ଗରେ ଘଟିଥିବା ସଦ୍ୟତମ ଘଟଣା ବିଷୟରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଲେ , ଯେତେବେଳେ ମୁଁ ଏହା ଗଣମାଧ୍ୟମରୁ ଜାଣିବାକୁ ପାଇଲି କାଳ ବିଳମ୍ବ ନକରି ତୁରନ୍ତ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରେଇବା ସହିତ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଏବଂ ରାଜ୍ୟର ବରିଷ୍ଠ ଅଧିକାରୀଙ୍କୁ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଗତ ଦିନରେ ଥିବା ସରକାରଙ୍କ ଗଣମାଧ୍ୟମ ବିଷୟରେ କଣ ଆଭିମୁଖ୍ୟ ଥିବା ତାହା ମୁଁ କହିବାକୁ ଚାହେଁ ନାହିଁ। ଆଜିକାଲି ସମାଲୋଚନା ନାଁରେ ଏକ ନୂଆ ଟ୍ରେଣ୍ଡ ଆରମ୍ଭ ହୋଇଛି । ସରକାରଙ୍କ ବିରୋଧରେ ବ୍ୟକ୍ତିଗତ ତଥ୍ୟ । କୁତ୍ସାରଟନା ବା ବିଦେଶ ମୂଳକ ଅପପ୍ରଚାର, ସମାଲୋଚନା ଓ କୁତ୍ସାରଟନା ମଧ୍ୟରେ ଏକ ସୁକ୍ଷ୍ମ ଗାର ଅଛି ଯାହାକୁ କେହି ଅତିକ୍ରମ କରିବା ଉଚିତ ନୁହେଁ। ଗଣମାଧ୍ୟମକୁ ନିର୍ଭିକ ମତାମତ ଓ ବିନା ପକ୍ଷପାତରେ ଖବର ପରିବେଷଣ କରିବା ପାଇଁ ସାମ୍ବିଧାନିକ ଅଧିକାର ଦିଆଯାଇଛି। ଏହାକୁ ସମସ୍ତେ ମନେ ରଖି କାର୍ଯ୍ୟରେ ପରିଣତ କରିବା ଉଚିତ। ଗଣମାଧ୍ୟମ ଏବଂ ସରକାର ଉଭୟଙ୍କ ଲକ୍ଷ୍ୟ ହେଉଛି ଗୋଟିଏ, ଜନକଲ୍ୟାଣ ଓ ସମାଜ କଲ୍ୟାଣ । ଉଭୟ ଅନୁଷ୍ଠାନ ଦେଶ ଓ ରାଜ୍ୟର ପ୍ରଗତି ପାଇଁ କାର୍ଯ୍ୟ କରନ୍ତି । କାର୍ଯ୍ୟ ପ୍ରଣାଳୀରେ ପାର୍ଥକ୍ୟ ହୋଇପାରେ କିନ୍ତୁ ଲକ୍ଷ୍ୟ ଏକ । ରାଜ୍ୟ ସରକାର ଗତ ୧୬ ମାସରେ ଅନେକ କିଛି କାର୍ଯ୍ୟ କରିଛନ୍ତି । ଅନ୍ନଦାତା, ମହିଳା, ଯୁବ ଓ ଗରିବ ସମସ୍ତଙ୍କ ସର୍ବାଙ୍ଗିନ ଉନ୍ନତି ପାଇଁ ସରକାର ପ୍ରତିବୃଦ୍ଧି ବୋଲି କହିଥିଲେ ।

# ଆଇସିଏଆର-ସିଆଇଡବ୍ଲୁଏ ଦ୍ୱାରା ରାଷ୍ଟ୍ରୀୟ ମହିଳା କିଷାନ ଦିବସ ପାଳିତ

## ସମୃଦ୍ଧ ରାଷ୍ଟ୍ର ପାଇଁ ମହିଳା କୃଷକଙ୍କୁ ସଶକ୍ତ କରିବା ଉପରେ ଗୁରୁତ୍ୱ

ଭୁବନେଶ୍ୱର,(ସବ୍ୟୁ): ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅନ୍ତର୍ଗତ କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନ ଭୁବନେଶ୍ୱର ପକ୍ଷରୁ ବୁଧବାର ସମୃଦ୍ଧ ରାଷ୍ଟ୍ର ପାଇଁ ମହିଳା କୃଷକଙ୍କୁ ସଶକ୍ତ କରିବା ବିଷୟବସ୍ତୁ ସହିତ ରାଷ୍ଟ୍ରୀୟ ମହିଳା କିଷାନ ଦିବସ ପାଳିତ ହୋଇଛି । ଏହି ଅବସରରେ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ଆଭାସୀ ମାଧ୍ୟମରେ ସମାବେଶକୁ ସମ୍ବୋଧିତ କରି, ଭାରତର ଖାଦ୍ୟ ଓ ପୁଷ୍ଟିକର ସୁରକ୍ଷା ସୁନିଶ୍ଚିତ କରିବାରେ ମହିଳା କୃଷକଙ୍କ ଭୂମିକାକୁ ଉଚ୍ଚ ସ୍ଥାନରେ ରଖିଥିଲେ । ସେ କହିଥିଲେ, ମହିଳାମାନେ କେବଳ କୃଷକ ନୁହଁନ୍ତି, ସେମାନେ ଆମ ଦେଶର ଆତ୍ମନିର୍ଭର କୃଷିର ଆଦର୍ଶ ପ୍ରତିଷ୍ଠାନର ନିର୍ଦ୍ଦେଶିକା ଡକ୍ଟର ମୃଦୁଳା ଦେବୀ ସମାରୋହରେ ସମ୍ମାନିତ ଅତିଥି ଏବଂ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରି, ଆଇସିଏଆର-ସିଆଇଡବ୍ଲୁଏର ଲିଙ୍ଗ ସମାବେଶୀ ପ୍ରଯୁକ୍ତି ବିଦ୍ୟା, ଜୀବିକା ମଡେଲ ବିକାଶ ଏବଂ ମହିଳା କୃଷକମାନଙ୍କ କ୍ଷମତା ନିର୍ମାଣରେ ଅବଦାନ ଉପରେ ଆଲୋକପାତ କରିଥିଲେ । ଡକ୍ଟର ରାଜବୀର ସିଂହ, ଉପ-ମହାନିର୍ଦ୍ଦେଶକ (କୃଷି ସମ୍ପ୍ରସାରଣ), ଆଇସିଏଆର, ତାଙ୍କ ଭାଷଣରେ ମହିଳାମାନଙ୍କ ଆର୍ଥିକ ଓ ସାମାଜିକ ସଶକ୍ତିକରଣ ପାଇଁ ବିଜ୍ଞାନ ଆଧାରିତ ପଦକ୍ଷେପର ଆବଶ୍ୟକତା ଉପରେ ଜୋର ଦେଇଥିଲେ । ସେ କହିଥିଲେ ଯେ, କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ମହିଳାମାନଙ୍କ ସହଭାଗିତା ଦେଶର ଆର୍ଥିକ ସୁସ୍ଥିତିରେ ମୂଳଭୂମିକା ନିଭାଉଛି ।

କାର୍ଯ୍ୟକ୍ରମରେ ଆଇସିଏଆରର ପୂର୍ବତନ ଅତିରିକ୍ତ ମହାନିର୍ଦ୍ଦେଶକ ଡ଼. ବିମଳେଶ ମାନ ଏବଂ ଭାରତର "ମିଲେଟ୍ ରାଣୀ' ରାଇମତୀ ଘିଉରିଆ ମଧ୍ୟ ଉପସ୍ଥିତ ରହି ମହିଳା ଚାଷୀଙ୍କ ନବସୃଜନ ଓ ସଫଳତାର ଅନୁଭବ ବାଣ୍ଟିଥିଲେ । କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରଗୁଡ଼ିକରେ ଉଲ୍ଲେଖନୀୟ ଅବଦାନ ପାଇଁ ଅନେକ ମହିଳା କୃଷକ କୃତିତ୍ୱ ହାସଲକାରୀଙ୍କୁ ସମ୍ମାନିତ କରାଯାଇଥିଲା । ବୈଜ୍ଞାନିକ ଭିତ୍ତିରେ ଫସଲ ଉତ୍ପାଦନ ଏବଂ ପଶୁପାଳନ ଅଭ୍ୟାସ, ପ୍ରାକୃତିକ କୃଷିର ନୀତି ଏବଂ ଅଭ୍ୟାସ, କୃଷକମାନଙ୍କୁ ଜିଏସଟି ହ୍ରାସ ଲାଭ ଏବଂ କୃଷକଙ୍କ କଲ୍ୟାଣ ପାଇଁ ଯୋଜନା ଭଳି ପ୍ରମୁଖ ବିଷୟ ଗୁଡ଼ିକ ଉପରେ ଏକ ବୈଜ୍ଞାନିକ-କୃଷକ ପାରସ୍ପରିକ ଆଲୋଚନା ହୋଇଥିଲା ।

ସମାରୋହର ଆକର୍ଷଣ ଥିଲା, କୃଷିରେ ମହିଳା ଶକ୍ତି ବିଷୟରେ ଆୟୋଜିତ ଏକ ବିଶେଷ ପ୍ରଦର୍ଶନୀ । ଯେଉଁଠି ମହିଳା ନେତୃତ୍ୱାଧୀନ କୃଷି ଉଦ୍ୟୋଗ, ନବସୃଜନଶୀଳ ମହିଳା ଅନୁକୂଳ ଉପକରଣ ଏବଂ ଆଇସିଏଆର-ସିଆଇଡବ୍ଲୁଏ ଦ୍ୱାରା ବିକଶିତ ଲିଙ୍ଗ-ଅନୁକୂଳ ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶିତ ହୋଇଥିଲା । ଏହି ଉତ୍ସବରେ ପ୍ରାୟ ୨୫୦ରୁ ଅଧିକ ମହିଳା କୃଷକ, ଉଦ୍ୟୋଗୀ, ଏଫପିଓ ଓ ଏସଏଚଜି ସଦସ୍ୟ, ସହିତ ଛାତ୍ର, ଜନପ୍ରତିନିଧି ଓ ପ୍ରତିଷ୍ଠାନର ବୈଜ୍ଞାନିକ ଓ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ମହିଳା କୃଷକଙ୍କ ଅବଦାନକୁ ସ୍ୱୀକୃତି ଦେବା ସହିତ ତାଙ୍କ ସଶକ୍ତିକରଣ ପାଇଁ ଏକ ନୂତନ ପ୍ରେରଣା ସୃଷ୍ଟି କରିଥିଲା ।



# କୋଣାର୍କରେ ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା ବାର୍ତ୍ତାଳାପ

## ଗଣମାଧ୍ୟମ ବିକାଶ ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର : ପିଆଇବି ଏଡିଜି

କୋଣାର୍କ, (ସବ୍ୟୁ) : ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ତୃଣମୂଳସ୍ତରରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସରକାର ଏବଂ ଗଣମାଧ୍ୟମ ମଧ୍ୟରେ ସମ୍ପର୍କ ସ୍ଥାପନ ଲାଗି କୋଣାର୍କ ଠାରେ ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା 'ବାର୍ତ୍ତାଳାପ' ଅନୁଷ୍ଠିତ ହୋଇଯାଇଛି । ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେ କେନ୍ଦ୍ର ସରକାରଙ୍କ ବରିଷ୍ଠ ଅଧିକାରୀ ଓ ସାମ୍ବାଦିକ ଯୋଗଦେଇ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନତା ସୃଷ୍ଟି ସହ ସେଗୁଡ଼ିକର ପ୍ରଭାବୀ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଛନ୍ତି ।ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ଓଡ଼ିଶା ଏବଂ ଝାଡ଼ଖଣ୍ଡ ପ୍ରାନ୍ତ ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ତଥା ଅତିରିକ୍ତ ପ୍ରେସ୍ ରେଜିଷ୍ଟ୍ରାର ଜେନେରାଲ ଅଜୟ କୁମାର ମିଶ୍ର କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଗଣମାଧ୍ୟମକୁ ବିକାଶ ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ରୂପେ ଅଭିହିତ କରିଛନ୍ତି । ସେ କହିଛନ୍ତି, ଲୋକସମ୍ପର୍କ ସ୍ଥାପନ କରିବା ଏବଂ କଲ୍ୟାଣକାରୀ ଯୋଜନାଗୁଡ଼ିକୁ ତୃଣମୂଳସ୍ତରରେ ପ୍ରଭାବୀ ଢଙ୍ଗରେ କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କୁ ସବୁବେଳେ ଭଲ ଯୋଗାଯୋଗକାରୀଙ୍କର ଆବଶ୍ୟକତା ରହିଛି । ସାମାଜିକ ସମସ୍ୟାର ସମାଧାନ କରିବା ଏବଂ ବିକାଶକୁ ତ୍ୱରାନ୍ୱିତ କରିବା ଲାଗି ଦ୍ୱିପାକ୍ଷିକ ଯୋଗାଯୋଗ ଏବଂ ପାରସ୍ପରିକ ମତବିନିମୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଏଡିଜି ଶ୍ରୀ ମିଶ୍ର କହିଛନ୍ତି । ଏଭଳି ସ୍ଥିତିରେ ବାର୍ତ୍ତାଳାପ ଭଳି କାର୍ଯ୍ୟକ୍ରମର ଆୟୋଜନ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ବୋଲି ସେ ମତବ୍ୟକ୍ତ କରିଛନ୍ତି ।ଭୁବନେଶ୍ୱର ସିଜିଏସଟି ଯୁଗ୍ମ ଆୟୁକ୍ତ ଡି କଲ୍ୟାଣ ଚକ୍ରବର୍ତ୍ତୀ କାର୍ଯ୍ୟକ୍ରମରେ "ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାର ଏବଂ ଏହାର ଲାଭ" ସମ୍ପର୍କରେ ମତ ରଖିଥିଲେ । ସେ କହିଥିଲେ, ଆତ୍ମନିର୍ଭର ଭାରତର ଲକ୍ଷ୍ୟକୁ ସାକାର କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ନିକଟରେ ବସ୍ତୁ । ସେବା କର (ଜିଏସଟି) ଦରକୁ ଯୁକ୍ତିସଂଗତ କରିଛନ୍ତି । ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାର ଗତ ସେପ୍ଟେମ୍ବର ୨୨ ତାରିଖ ଠାରୁ ଲାଗୁ ହୋଇଛି। ନୂଆ ଜିଏସଟି ଦର ଦେଶର ଗରିବ ଏବଂ ମଧ୍ୟବିତ୍ତ ବର୍ଗ ସମେତ ସବୁ ବର୍ଗର ଲୋକଙ୍କୁ ଲାଭ ଦେବା ଏହା ଦେଶର ଅର୍ଥବ୍ୟବସ୍ଥାକୁ ମଧ୍ୟ ପ୍ରୋତ୍ସାହିତ କରିବ ଜିଏସଟି କମିବା ଫଳରେ ବିଭିନ୍ନ ସାମଗ୍ରୀର ଦର ହ୍ରାସ ପାଇଛି। ଏହା ବ୍ୟବହାର ଏବଂ ଉତ୍ପାଦନ ବଢ଼ାଇବା ସହିତ ଦେଶର ଜିଡିପି ବିକାଶରେ ଯୋଗଦାନ ଦେବ ବୋଲି ଶ୍ରୀ ଚକ୍ରବର୍ତ୍ତୀ କହିଥିଲେ। ଏହି ଅବସରରେ ସେ ଜିଏସଟି ଟିକସ ହାରରେ ହୋଇଥିବା ପରବର୍ତ୍ତନ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ ।ବରିଷ୍ଠ ସାମ୍ବାଦିକ ତଥା ଦୈନିକ ସମୟର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ତାଙ୍କ ବକ୍ତବ୍ୟରେ ମାତୃଭାଷାର ଗୁରୁତ୍ୱ ଏବଂ ଆଞ୍ଚଳିକ ଭାଷାରେ ସମ୍ବାଦପତ୍ରର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ସେ ଜିଏସଟି ସଂସ୍କାର ସମେତ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ମଧ୍ୟ ମତ ରଖିଥିଲେ । ବିଶେଷ କରି କୃଷି ଏବଂ ମତ୍ସ୍ୟପାଳନ କ୍ଷେତ୍ରରେ ପ୍ରଣୟନ ହୋଇଥିବା ଯୋଜନା ଓଡ଼ିଶାର ଚାଷୀ ଏବଂ ମତ୍ସ୍ୟଜୀବୀଙ୍କୁ ଲାଭ ଦେଉଥିବା ସେ କହିଥିଲେ। ଏସବୁ କଲ୍ୟାଣକାରୀ ଯୋଜନା ଏବଂ କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା କ୍ଷେତ୍ରରେ ଗଣମାଧ୍ୟମ ପ୍ରତିନିଧିମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ଶ୍ରୀ ମହାପାତ୍ର କହିବା ସହିତ ବିକାଶମୂଳକ ସାମ୍ବାଦିକତା ଉପରେ ଗୁରୁତ୍ୱ ଦେବାକୁ ସାମ୍ବାଦିକମାନଙ୍କୁ ପରାମର୍ଶ ଦେଇଥିଲେ ।କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି), ଭୁବନେଶ୍ୱରର ସହାୟକ ନିର୍ଦ୍ଦେଶକ ତଥା ବାର୍ତ୍ତାଳାପର ନୋଡାଲ ଅଧିକାରୀ ପ୍ରଦୀପ କୁମାର ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ବର୍ତ୍ତାଳାପର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଭୁବନେଶ୍ୱରର ଉପନିର୍ଦ୍ଦେଶକ ମନୋଜ କୁମାର ଜାଲି ଧନ୍ୟବାଦ ଅର୍ପଣ କରିଥିଲେ । ଗଣମାଧ୍ୟମ ଓ ଯୋଗାଯୋଗ ଅଧିକାରୀ ସ୍ୱାଧୀନ ଶକ୍ତିପ୍ରସାଦ କର୍ମଶାଳାର ଉଦଘାଟନୀ ପର୍ଯ୍ୟାୟକୁ ପରିଚାଳନା କରିଥିଲେ । ସିବିସି ଭୁବନେଶ୍ୱରର କ୍ଷେତ୍ର ପ୍ରଚାର ଅଧିକାରୀ ସସ୍ମିତା ପାଇକରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲାର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନେ ଅଂଶଗ୍ରହଣ କରି ଅଧିକାରୀଙ୍କ ସହିତ ବିଭିନ୍ନ ଯୋଜନା ଓ ଗଣମାଧ୍ୟମ ସହ ଜଡ଼ିତ ପ୍ରସଙ୍ଗରେ ମତ ବିନିମୟ କରିଥିଲେ ।




# ନାବାଳିକାକୁ ବଳାତ୍କାର, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଅଭିଯୁକ୍ତ ଭ୍ରମରବର ଓରଫ ସରୋଜ ପଣ୍ଡା (୫୬)କୁ ମୈତ୍ରୀବିହାର ଥାନା ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି । ଅଭିଯୋଗକାରିଣୀ ସ୍ୱାମୀ ଓ ତିନି ଅବିବାହିତା ଝିଅଙ୍କ ସହିତ ଭୁବନେଶ୍ୱର ସାଲିଆସାହି ଅଞ୍ଚଳରେ ରୁହନ୍ତି । ଗତ ୧୩ ତାରିଖ ଦିନ ସନ୍ଧ୍ୟାବେଳେ ବଡଝିଅଙ୍କ ସହିତ କାଳିପୂଜା ପାଇଁ ପୂଜା ସାମଗ୍ରୀ କିଣିବାକୁ ଯାଇଥିଲେ । ରାତି ପ୍ରାୟ ସାଢେ ୧୦ଟା ବେଳେ ଘରକୁ ଫେରିଲେ । ଫେରିବା ବେଳେ ଦେଖିଲେ ଯେ, ସାନଝିଅ ଭୟଭୀତ ହୋଇ କାନ୍ଦୁଥିଲେ । ପଚରାଉଚରା କରିବା ପରେ ନାବାଳିକା ଜଣକ କହିଥିଲେ ଯେ, ସେ ଏବଂ ତାଙ୍କ ସାଙ୍ଗ ଅର୍ପିତା ଘରେ ଥିବାବେଳେ ରାତି ପ୍ରାୟ ୯ଟା ବେଳେ ସରୋଜ ଓରଫ ଭ୍ରମରବର ପଣ୍ଡା ତାଙ୍କ ଘରକୁ ଆସି କବାଟ ବାଡେଇଥିଲା । ସେ କବାଟ ଖୋଲିବା ପରେ ସରୋଜ ଘରେ ପ୍ରବେଶ କରି ସାଙ୍ଗ ଅର୍ପିତାକୁ ତାଙ୍କ ବାପା ଡାକୁଥିବା କହିଥିଲା । ଅର୍ପିତା ଚାଲିଯିବା ପରେ ସେ ଘର ଭିତରପଟୁ କବାଟ ଦେଇଦେଇଥିଲା । ପୀଡିତା ନାବାଳିକାଙ୍କୁ ନାନାଦି ପ୍ରକାର ପ୍ରଲୋଭନ ଦେଖାଇ ତାଙ୍କୁ ବଳାତ୍କାର କରିଥିଲା । ଏକଥା କାହାରିକୁ କହିବୁ ନାହିଁ ବୋଲି ଧମକାଇବା ସହ କାହାରିକୁ କହିଲେ ବାପାଙ୍କୁ ମାରିଦେବି ବୋଲି କହିଥିଲା । ଏକଥା ଝିଅଠାରୁ ମା'ଶୁଣିବା ପରେ ମୈତ୍ରୀବିହାର ଥାନାକୁ ଯାଇ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ସରୋଜକୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ଅଭିଯୁକ୍ତ ଘର ଯାଜପୁର ଜିଲ୍ଲା ବିଂାରପୁରରେ ହୋଇଥିବା ବେଳେ ସେ ସାଲିଆସାହି ନୀଳଚକ୍ରନଗରରେ ରୁହେ ବୋଲି ପୋଲିସ କହିଛି ।


# ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ

## ପ୍ରକଳ୍ପ ସାଂସ୍କୃତିକ ଏବଂ ବୈଷୟିକ ସବ୍ କମିଟିର ଯୁଗ୍ମ ବୈଠକ

ପୁରୀ, (ସବ୍ୟୁ) : ବଡ଼ଦାଣ୍ଡ ସ୍ଥିତ ନିଳାଦ୍ରୀ ଭକ୍ତ ନିବାସ ଠାରେ ଶ୍ରୀ ମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ପ୍ରକଳ୍ପ ସାଂସ୍କୃତିକ ଏବଂ ବୈଷୟିକ ସବ କମିଟିର ଯୁଗ୍ମ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ, ଡ. ଗିରିଶ ଚନ୍ଦ୍ର ମୁର୍ମୁ, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଉପସ୍ଥିତ ଥିଲେ। ପ୍ରକଳ୍ପ ସହିତ ଜଡିତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ ପ୍ରଶାସନିକ ଅଧିକାରୀ ମାନେ ବୈଠକରେ ଉପସ୍ଥିତ ରହିଥିବା ବେଳେ ୧୫ ଜଣ ସଦସ୍ୟ ଏହି କମିଟିରେ ରହିଥିଲେ। ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନେଇ ଆଲୋଚନା ହୋଇଥିଲା। ତେବେ ଶ୍ରୀଜଗନ୍ନାଥ ଧାମକୁ ଏକ ଶ୍ରେଷ୍ଠ ଧାର୍ମିକ ଏବଂ ସାଂସ୍କୃତିକ ସ୍ଥଳରେ ପରିଣତ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ବିଭିନ୍ନ ପ୍ରକଳ୍ପକୁ ନେଇ ସାଂସ୍କୃତିକ ଏବଂ ବୈଷୟିକ ଦିଗ ପ୍ରତି ଆଲୋଚନା ହୋଇଥିଲା। ଶ୍ରୀଜଗନ୍ନାଥ ବଲ୍ଲଭ ପ୍ରମୋଦ ଉଦ୍ୟାନର ଉନ୍ନତି କରଣ, ଶ୍ରୀମାର୍ଗର ଉନ୍ନତିକରଣ ଓବିସିସି ଦ୍ୱାରା କରାଯିବ। ଶ୍ରୀଜଗନ୍ନାଥ ବଲ୍ଲଭ ପିଲିଗ୍ରିମ୍ ସେଣ୍ଟରର ରକ୍ଷଣାବେକ୍ଷଣ, ଗୁଣ୍ଡିଚା ମନ୍ଦିର ଉନ୍ନତିକରଣ, ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳ ନିର୍ମାଣ, ଶ୍ରୀମନ୍ଦିର ଅଭ୍ୟର୍ଥନା କେନ୍ଦ୍ର ନିର୍ମାଣ, ଶ୍ରୀମନ୍ଦିର ସାଂସ୍କୃତିକ କେନ୍ଦ୍ର ଓ ରଘୁନନ୍ଦନ ପାଠାଗାର ନିର୍ମାଣ, ଶ୍ରୀମନ୍ଦିର ନୂତନ କାର୍ଯ୍ୟାଳୟ ନିର୍ମାଣ, ଶ୍ରୀମନ୍ଦିର ସେବକ ବାସଗୃହ ପ୍ରକଳ୍ପ, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମ୍ପୂର୍ଣ୍ଣ ଓ ଏହାର ରକ୍ଷଣାବେକ୍ଷଣ, ବଡ଼ଦାଣ୍ଡ ଉନ୍ନତିକରଣ, ଶ୍ରୀମନ୍ଦିର ୭୫ ମିଟର ଜୋନ୍ ବାହାରେ ଅନ୍ନ କ୍ଷେତ୍ର ନିର୍ମାଣ, ଶ୍ରୀମନ୍ଦିର ହୋମଯଜ୍ଞ ପ୍ରକଳ୍ପ, ଶ୍ରୀମନ୍ଦିର ନାମଯଜ୍ଞ ପ୍ରକଳ୍ପ ସହିତ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଆସନ୍ତା ଡ଼ିସେମ୍ବର ଶେଷ ସୁଦ୍ଧା ସରିବ ଶ୍ରୀଜଗନ୍ନାଥ ବଲ୍ଲଭ ପିଲିଗ୍ରିମ୍ ସେଣ୍ଟର କାର୍ଯ୍ୟ। ୨୦୨୬ ରଥଯାତ୍ରା ପୂର୍ବରୁ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଶେଷ ହେବ। ରଥଯାତ୍ରା ପରେ ପ୍ରକଳ୍ପର ଅନ୍ୟ ସମସ୍ତ କାର୍ଯ୍ୟ କରାଯିବ। ଶ୍ରୀଗୁଣ୍ଡିଚା ମନ୍ଦିରର ସମ୍ମୁଖ ଭାଗ ଉନ୍ନତିକରଣ ହୋଇଥିବାବେଳେ ଏହାର ଚତୁଃପାର୍ଶ୍ୱର ଉନ୍ନତିକରଣ ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ନିଷ୍ପତ୍ତି ହୋଇଛି । ଆଗାମୀ ଦିନରେ ଗୁଣ୍ଡିଚା ମନ୍ଦିରକୁ ପ୍ରବେଶ ନେଇ ଟିକେଟ ବ୍ୟବସ୍ଥା କରାଯିବା ନେଇ ନିଷ୍ପତ୍ତି ନିଆଯିବ। ସେବକମାନଙ୍କ ପିଲାଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ ନିମନ୍ତେ ମାଟି ତୋଟାରେ ଆଦର୍ଶ ଗୁରୁକୁଳ ନିର୍ମାଣ ହେବ। ଏନେଇ ଥିବା ଜମିଜମା ବିବାଦର ସମାଧାନ ଜିଲ୍ଲାପାଳ କରିବେ। ଶ୍ରୀମନ୍ଦିରକୁ ଐତିହ୍ୟ ଆଲୋକୀକରଣ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଏଏସଆଇ ସହିତ ଆଲୋଚନା କରାଯାଇ ମୁଖ୍ୟ ମନ୍ଦିରକୁ ଛାଡ଼ି ମେଘନାଦ ପାଚେରୀ ଏବଂ ଅନ୍ୟାନ୍ୟ ପାର୍ଶ୍ୱ ଦେବାଦେବୀଙ୍କ ମନ୍ଦିରକୁ ଆଲୋକୀକରଣ କରାଯିବ। ଶ୍ରୀମନ୍ଦିର ନାଟମଣ୍ଡପକୁ ଶୀତତାପ ନିୟନ୍ତ୍ରିତ କରାଯିବାକୁ ଥିବାବେଳେ ଏନେଇ ଟେଣ୍ଡର ପ୍ରକ୍ରିୟା ସରିଛି। ଶ୍ରୀମନ୍ଦିର ଭିତରେ ଥିବା ସମସ୍ତ ଲୁହା ବ୍ୟାରିକେଡ଼ ଗୁଡ଼ିକ ଅପସାରଣ କରାଯାଇ ପିତ୍ତଳ ବ୍ୟାରିକେଡ଼ ସ୍ଥାପନା କାର୍ଯ୍ୟ ଜାରି ରହିଛି। ନିଳାଦ୍ରୀ ଭକ୍ତନିବାସ ପଛରେ ଥିବା ସ୍ଥାନରେ ଏକ ନୂଆ ଭକ୍ତନିବାସ ସ୍ଥାପନା ହେବ। ଶ୍ରୀମନ୍ଦିରରେ ଭିତରେ ପଲିଥିନ ବ୍ୟବହାର ବନ୍ଦ କରିବା ପାଇଁ ପଦକ୍ଷେପ ନିଆଯାଉଛି। ଏହା ବଦଳରେ ପରିବେଶ ଅନୁକୂଳ ବ୍ୟାଗ ବ୍ୟବହାର କରାଯିବ। ଶ୍ରୀମନ୍ଦିର ଭିତରେ ପୋଲିସ ଏବଂ ଶ୍ରୀମନ୍ଦିର କର୍ମଚାରୀ ଓ ସେବାୟତ ଙ୍କ ପାଇଁ ସମ୍ପୂର୍ଣ୍ଣ ମୋବାଇଲ ବ୍ୟବହାର ନେଇ ଲାଗୁ ହେବ କଟକଣା। ନୀତି ସହିତ ସମ୍ପୃକ୍ତ ଥିବା ସେବାୟତ ମାନେ କେବଳ ଶ୍ରୀମନ୍ଦିର ଭିତରେ ଥିବା ଗାରଦ ଏବଂ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ବ୍ୟବହାର କରିପାରିବେ। ସାର୍ବଜନୀନ ସ୍ଥାନରେ ମୋବାଇଲ ଫୋନ୍ ବ୍ୟବହାର କରିପାରିବେ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ।

# ପୂର୍ବତନ ସରପଞ୍ଚ ବୈକୁଣ୍ଠ ମାର୍ଥାଙ୍କ ପରଲୋକ

ଖୋର୍ଦ୍ଧା, (ଲଳିତ ମୋହନ ମହାପାତ୍ର): ଖୋର୍ଦ୍ଧା ଅଂଚଳର ଜଣେ ଜଣାଶୁଣା ସମାଜସେବୀ ରାଜ୍ୟ ସଚିବାଳୟର ଅବସରପ୍ରାପ୍ତ କର୍ମଚାରୀ, ଭୈରବି କ୍ଲବର ପ୍ରତିଷ୍ଠାତା ତଥା ନରଣଗଡ ପଂଚାୟତର ପୂର୍ବତନ ସରପଞ୍ଚ ଓ ସମିତିସଭ୍ୟ ବୈକୁଣ୍ଠ ମାର୍ଥାଙ୍କ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ବୁଧବାର ସକାଳ ୫ଟାରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୩ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ମାର୍ଥାଙ୍କ ମର ଶରୀରକୁ ପ୍ରଥମେ ଖୋର୍ଦ୍ଧା ସହରସ୍ଥିତ ସମନ୍ତରାପୁରରେ ଥିବା ତାଙ୍କର ଏକ ସ୍ୱେଚ୍ଛାସେବୀ ସଂସ୍ଥାକୁ ଅଣାଯାଇଥିଲା ସେଠାରେ ଅନ୍ତେବାସୀ ମାନେ ଶେଷ ଦର୍ଶନ ସହିତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ। ପରେ ତାଙ୍କ ମର ଶରୀରକୁ ତାଙ୍କ ନିଜଗ୍ରାମ ନରଣଗଡ ପଞ୍ଚାୟତ କୁରୁମପଡାକୁ ନିଆଯାଇଥିଲା। ମରଶରୀର ପହଁଚିବା ମାତ୍ରେ ସେଠାରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ହଜାର ହଜାର ମହିଳା, ସହକର୍ମୀ ଏବଂ ତାଙ୍କର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମଚାରୀ, ଅନ୍ତେବାସୀ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଖବର ପାଇ ତାଙ୍କ



ବାସଭବନରେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ , ଜିଲ୍ଲା ପରିଷଦ ସଭାପତି ରୂପଶ୍ରୀରାଣୀ ଗୁମାନସିଂହ, ଟାଙ୍ଗି ବ୍ଲକ ଅଧକ୍ଷା ରୀସ୍ମା ମାନଧାତା, ବିଜେଡି ବ୍ଲକ ସଭାପତି ଅନିଲ ଗୁମାନସିଂହ, ଅଟଳ ସାମନ୍ତ, ସାମ୍ବାଦିକ ଲଳିତ ମୋହନ ମାହାପତ୍ର, ଅରବିନ୍ଦ ସାମନ୍ତ, ସାଂସଦ ପ୍ରତିନିଧି ଦିପୁ ହୋତା, ନିକୁଞ୍ଜ ପଟ୍ଟନାୟକ, ସରପଞ୍ଚ ରିତାରଣୀ ବେହେରା, ଭୈରବି କ୍ଲବ ସଭାପତି ଲଡୁକିଶୋର ରଣସିଙ୍ଗ, କାର୍ତିକ ପ୍ରଧାନ, ନିତ୍ୟାନନ୍ଦ ବଡ଼ଜେନା, ବିଡ଼ିଓ, ଟାଙ୍ଗୀ, ବରିଷ୍ଠ ସରକାରୀ ଓକିଲ ରଜନୀକାନ୍ତ ପଟ୍ଟନାୟକ, ବିଶ୍ୱଜୀବନ ସେବା ସଂଘର ସମ୍ପାଦକ ବୈଦ୍ୟନାଥ ବରାଳ, ପୂର୍ବତନ ଜିଲାପରିସଦ ସଦସ୍ୟ ଚନ୍ଦ୍ରଭାନୁ ନରେନ୍ଦ୍ରସିଂ, ଅବକାଶ ମହାନ୍ତି, ଯୁଧିଷ୍ଠିର ହରିଚନ୍ଦନ, କେଶବ ବିଶ୍ୱାଳଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି, ଲୋକପ୍ରତିନିଧି, ପରିବାର ସଦସ୍ୟ ଓ ବନ୍ଧୁବାନ୍ଧବ ପ୍ରମୁଖ ଶେଷ ଦର୍ଶନ ସମେତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ରାଜେନ୍ଦ୍ର ସାହୁଙ୍କ ନେତୃତ୍ୱରେ ସ୍ୱର୍ଗତ ମାର୍ଥାଙ୍କ ମର ଶରୀରକୁ ଏକ ସୁସଜିତ ଗାଡ଼ିରେ ପଂଚାୟତ ପରିକ୍ରମା କରାଯାଇ ସ୍ଥାନୀୟ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ଜିତେନ୍ଦ୍ର ମହାରଥୀ ମୂଖାଗ୍ନି ଦେଇଥିଲେ।

# ଚର୍ଚ୍ଚାରେ ଏନ୍ଏସି ନିର୍ମିତ ପେବର୍ ରାସ୍ତା ଅବରୋଧ ଘଟଣା

ବୁଗୁଡା, (ସବ୍ୟୁ): ସ୍ଥାନୀୟ ହରିଶରଣପୁର ଗ୍ରାମସ୍ଥ ଠାକୁର ଚନ୍ଦ୍ରଶେଖର ସ୍ୱାମୀଙ୍କ ଜମିରେ ବୁଗୁଡା ଏନ୍ଏସି ପକ୍ଷରୁ ବ୍ଲକ୍ କଲୋନୀ ନିକଟରେ ପେବର୍ ରାସ୍ତା ନିର୍ମାଣ କରାଯାଇଥିବା ବେଳେ ଏବେ ତାହାକୁ ମାଟି ପକାଇ ଚାରି ଦିନ ହେଲା ଅବରୋଧ କରାଯାଇଥିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଥିବା ଜଣାଯାଇଛି । ଠାକୁରଙ୍କ ଜମି ଏନ୍ଏସିକୁ ହସ୍ତାନ୍ତର ହୋଇନଥିବା ବେଳେ ସେଠାରେ କିପରି ଏବଂ କାହା ସ୍ୱାର୍ଥରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ପେବର୍ ରାସ୍ତା ନିର୍ମାଣ କରାଗଲା ତାହା ମଧ୍ୟ ଲୋକଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଲୋକଙ୍କ କଲ୍ୟାଣ ପାଇଁ ରାସ୍ତାର ଉନ୍ନତିକରଣ ଦିଗରେ ଚନ୍ଦ୍ରଶେଖର ସ୍ୱାମୀ ମନ୍ଦିର କର୍ତ୍ତୃପକ୍ଷଙ୍କ ସକାରାତ୍ମକ ଚିନ୍ତାଧାରା ରହିଥିଲେ ହେଁ ରାସ୍ତା ପାର୍ଶ୍ୱସ୍ଥ କେତେକାଂଶ ଜମି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ଅନଧିକାର ଦଖଲ ଅଭିଯୋଗରେ ଏହି ରାସ୍ତା ଅବରୋଧର ସୂତ୍ରପାତ ହୋଇଛି । ଫଳରେ ସେହି ରାସ୍ତାରେ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବ୍ୟାହତ ହୋଇଥିବା ବେଳେ ଲୋକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ତେବେ ଏନ୍ଏସି କର୍ତ୍ତୃପକ୍ଷ ତୁରନ୍ତ ଏହି ରାସ୍ତା ଅବରୋଧର ପ୍ରତିକାର ବ୍ୟବସ୍ଥା କରିବା ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# ବାଲି ବୋଝେଇ ହାଇୱା ଜବତ, ଡ୍ରାଇଭର ଗିରଫ



ବୁଗୁଡା, (ସବ୍ୟୁ): ସ୍ୱଷ୍ଟ ଦିବାଲୋକରେ ବିନା ଚାଲାଣରେ ଯାଉଥିବା ଏକ ବାଲି ବୋଝେଇ ହାଇୱାକୁ ବୁଗୁଡା ପୋଲିସ ଜବତ କରିବା ସହ ଡ୍ରାଇଭରକୁ ଗିରଫ ଗିରଫ କରିଥିବା ଜଣାଯାଇଛି । ଗିରଫ ଡ୍ରାଇଭର ଜଣକ ହେଲେ ନୟାଗଡ ଜିଲ୍ଲା ଓଡଗାଁ ଥାନା ଅନ୍ତର୍ଗତ ପାଣିବନ୍ଧ ଗ୍ରାମର କେଦାର ନାୟକ (୪୩) । ଏନେଇ କେସ୍ ନଂ ୬୪୬/୨୫ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି ।

ପ୍ରକାଶ ଯେ, ବୁଧବାର ଦିନ ପୋଲିସ ପକ୍ଷରୁ ଏଏସଆଇ ବାପୁଜୀ ଖଣ୍ଡଗିରିଙ୍କ ନେତୃତ୍ୱରେ ପେଟ୍ରୋଲିଂ ତଥା ମୋଟରଯାନ ଯାଞ୍ଚ ଚାଲିଥିବା ବେଳେ ବୁଗୁଡା ବଡଶଙ୍ଖଠାରେ ଏକ ବାଲି ବୋଝେଇ ହାଇୱା (ନଂ-ଓଡି ୦୨ ଡିବି ୦୭୦୫)କୁ ଅଟକାଇ ଯାଞ୍ଚ କରାଯାଇଥିଲା । ତେବେ ବିନା ଚାଲାଣରେ ବାଲି ଉଠାଣ ହୋଇଥିବା ଜଣା ପଡିବା ପରେ ତାହାକୁ ଜବତ କରି ଡ୍ରାଇଭରକୁ ଗିରଫ କରାଯାଇଥିଲା ।

# ୧୮ ରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବ ବିଶ୍ୱପ୍ରସିଦ୍ଧ ଶିମିଳିପାଳ ଅଭୟାରଣ୍ୟ



ବାରିପଦା, (ସବ୍ୟୁ) : ବିଶ୍ୱପ୍ରସିଦ୍ଧ ଶିମିଳିପାଳ ଅଭୟାରଣ୍ୟ ଅକ୍ଟୋବର ୧୮ତାରିଖ ଠାରୁ ପର୍ଯ୍ୟଟକଙ୍କ ନିମନ୍ତେ ଖୋଲା ରହିବ। ଦୈନିକ ସର୍ବାଧିକ ୬୦ଗୋଟି ଚାରିଚକିଆ ଯାନ ସହିତ ବୈଧ ଦସ୍ତାବିଜ୍ ଏବଂ ୧୮୦ମିଲିମିଟର କିମ୍ବା ଅଧିକ ଗ୍ରାଉଣ୍ଡ କ୍ଲିୟରେନ୍ସ ଥିବା ଚାରିଚକିଆ ଯାନ ଯଶିପୁର (୩୫ ଗୋଟି ଗାଡି) ଓ ପିଠାବଟା ତନଖି ଫାଟକ ବାରିପଦା (୨୫ଗୋଟି ଗାଡି) ମଧ୍ୟରେ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଭିତରକୁ ପ୍ରବେଶ ପାଇଁ ଅନୁମତି ଦିଆଯିବ। ଏହି ଫାଠକରେ ଭାରି ଯାନ ପ୍ରବେଶ ନିଷେଧ। ପର୍ଯ୍ୟଟକ ମାନେ ସକାଳ ୮ ଘଟିକା ଠାରୁ ସକାଳ ୯ ଘଟିକା ପର୍ଯ୍ୟନ୍ତ ପିଠାବଟା ତନଖି ଫାଟକ ଏବଂ ସକାଳ ୫ ଘଟିକା ଠାରୁ ସକାଳ ୯ଘଟିକା ପର୍ଯ୍ୟନ୍ତ ଯଶିପୁର ଦେଇ ନିଜସ୍ୱ ଯାନରେ ପ୍ରବେଶ କରିପାରିବେ। ପର୍ଯ୍ୟଟକ ମାନଙ୍କୁ ସେହିଦିନ ସନ୍ଧ୍ୟା ୬ ଘଟିକା ପୂର୍ବରୁ ପ୍ରସ୍ଥାନ ଫାଟକ ଛାଡିବାକୁ ପଡିବ। ଶିମିଳିପାଳ ବନ୍ୟପ୍ରାଣୀ ଉଦ୍ୟାନ ମଧ୍ୟକୁ ପ୍ରବେଶ ନିମନ୍ତେ ପ୍ରବେଶ ଅନୁମତି ପତ୍ର କେବଳ ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ. ଶିମିଳିପାଲ.ଓଆରଜି ୱେବ୍ସାଇଟ୍ ମାଧ୍ୟମରେ ପାଇପାରିବ । ପ୍ରବେଶ ସମୟରେ ସରକାରୀ ପରିଚୟପତ୍ର ଦେଖାଇ ଶିମିଳିପାଳ ବନ୍ୟପ୍ରାଣୀ ଉଦ୍ୟାନକୁ ପ୍ରବେଶ କରିପାରିବ । ବ୍ୟାଘ୍ର ପ୍ରକଳ୍ପ ପ୍ରବେଶ କରିବା ପୂର୍ବରୁ ପର୍ଯ୍ୟଟକମାନେ ପ୍ରଚଳିତ ନିୟମାବଳୀମାନ ପାଳନ ନିମନ୍ତେ ଲିଖିତନାମା ଦେବେ। ନିୟମାବଳୀ ଉଲଘଂନ କଲେ ଆଇନ୍ ଅନୁଯାୟୀ ଦଣ୍ଡିତ ହେବେ। ପର୍ଯ୍ୟଟକଙ୍କ ଯାନ, ପର୍ଯ୍ୟଟକ ଏବଂ ତାଙ୍କ ଜିନିଷପତ୍ରକୁ ସମସ୍ତ ପ୍ରବେଶ ଓ ପ୍ରସ୍ଥାନ ତନଖି ଫାଟକରେ ଯାଞ୍ଚ କରାଯିବ। ଅପରାହ୍ନ ୪ଘଟିକା ପୂର୍ବରୁ ସମସ୍ତ ପର୍ଯ୍ୟଟକମାନେ ଯୋରନ୍ଦା ଓ ବରେହିପାଣି ଜଳପ୍ରପାତ ସ୍ଥାନରୁ ଛାଡିବାକୁ ପଡିବ। ପର୍ଯ୍ୟଟକ ତାଙ୍କ ଫେରନ୍ତା ଯାତ୍ରା ଏପରି ଭାବରେ ପ୍ରସ୍ତୁତ କରିବେ ଯେପରିକି ସେମାନେ ସେହି ଦିନ ସନ୍ଧ୍ୟା ୬ଘଟିକା ସୁଦ୍ଧା ତନଖି ଫାଟକ କାଳିକାପ୍ରସାଦ/ପିଠାବଟା ଅତିକ୍ରମ କରିବ ।

ବନ୍ୟଜନ୍ତୁ ସୁରକ୍ଷା ଅଧିନିୟମ ୧୯୭୨ର ଉଲ୍ଲଂଘନ, ପାର୍କରେ ଆବର୍ଜନା ପକାଇବା, ଯାନବାହନ ଦ୍ୱାରା ନିୟମ ଉଲ୍ଲଂଘନ କଲେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଭ୍ରମଣ ପାଇଁ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଖୋଲିବାର ନିଷ୍ପତ୍ତି ମଝିରେ ମଝିରେ ଶିମିଳିପାଳ କର୍ତ୍ତୃପକ୍ଷ ଦ୍ୱାରା ତଦାରଖ କରାଯିବ ଏବଂ ପାଣିପାଗ ଅନୁଧ୍ୟାନ କରି ଉଦ୍ୟାନ ବନ୍ଦ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯିବ। ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଭିତରକୁ ପ୍ରବେଶ ସମୟରେ ପ୍ରତ୍ୟେକ ଯାନ ସହିତ ଜଣେ ଗାଇଡ୍ ନେବା ବାଧ୍ୟତାମୂଳକ। ଏଥିସହିତ ଖୋଲା ଜୀପ୍ ୱାଇଲ୍ଡ ଲାଇଫ୍ ସଫାରି ସ୍ଥାନୀୟ ଇଡିସି ଦ୍ୱାରା ପରିଚାଳିତ ହେଉଅଛି।

ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର ୱାଇଲ୍ଡଲାଇଫ ସଫାରୀ ନିମନ୍ତେ ପର୍ଯ୍ୟଟକମାନଙ୍କୁ ୱେବସାଇଟ୍ ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ. ଇକୋଟୁର୍ଓଡିଶା.କମ୍ ମାଧ୍ୟମରେ ଆରକ୍ଷଣ କରିବାକୁ ହେବ। ପର୍ଯ୍ୟଟକମାନେ ଗୁଡୁଗୁଡିଆ, ପିଠାବଟା ତନଖି ଫାଟକ (ବାରିପଦା), ଜାମୁଆଣି ତନଖି ଫାଟକ, ତାଳବନ୍ଧ ତନଖି ଫାଟକ ଏବଂ ବରେହିପାଣି ଠାରୁ ସଫାରି ଆରମ୍ଭ କରିପାରିବ । ସକାଳ ସମୟ ୱାଇଲ୍ଡଲାଇଫ୍ ସଫାରୀ ସକାଳ ୫ଟା ୩୦ମିନିଟ୍ ଠାରୁ ଆରମ୍ଭ ହୋଇ ପାଞ୍ଚ ଘଣ୍ଟା ମଧ୍ୟରେ ଶେଷ ହେବ ଏବଂ ସନ୍ଧ୍ୟା ସମୟ ୱାଇଲ୍ଡଲାଇଫ୍ ସଫାରୀ ଦିନ ୨ଘଟିକା ଠାରୁ ଆରମ୍ଭ ହୋଇ ଚାରି ଘଣ୍ଟା ମଧ୍ୟରେ ଶେଷ ନହେବ। ସଫାରୀ ପରିଚାଳକମାନେ ସଫାରୀରେ କୌଣସି ବ୍ୟକ୍ତିଗତ ସାମଗ୍ରୀର କ୍ଷତି, ଚୋରି କିମ୍ବା କ୍ଷୟକ୍ଷତି ପାଇଁ ଦାୟୀ ହେବେ ନାହିଁ। ଭ୍ରମଣ ପାଇଁ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଖୋଲିବାର ନିଷ୍ପତ୍ତି ମଝିରେ ମଝିରେ ଶିମିଳିପାଳ କର୍ତ୍ତୃପକ୍ଷଙ୍କ ଦ୍ୱାରା ତଦାରଖ କରାଯିବ ଏବଂ ପାରିପାର୍ଶ୍ୱିକ ଅବସ୍ଥାକୁ ଅନୁଧ୍ୟାନ କରି ସୁଚିନ୍ତିତ ସିଦ୍ଧାନ୍ତମାନ ଗ୍ରହଣ କରାଯିବ। ଏଥିସହିତ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର କୁମାରୀ, ଗୁଡଗୁଡିଆ, ତାଳବନ୍ଧ, ବରେହିପାରୀ ଓ ଜାମୁଆଣିରେ ଥିବା ଯାତ୍ରୀ ନିବାସ ଗୁଡିକରେ ରାତ୍ରୀଯାପନ ନିମନ୍ତେ ପର୍ଯ୍ୟଟକମାନଙ୍କୁ ୱେବ୍ସାଇଟ୍ ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ. ଇକୋଟୁରଓଡିଶା. କମ୍‌ରେ ଅଗ୍ରୀମ ଆରକ୍ଷଣ କରିବାକୁ ହେବ ଏବଂ ପର୍ଯ୍ୟଟକ ତାଙ୍କ ଫେରନ୍ତା ଯାତ୍ରା ଏପରି ଭାବରେ ପ୍ରସ୍ତୁତ କରିବେ ଯେପରିକି ସେମାନେ ସେହି ଦିନ ସନ୍ଧ୍ୟା ୬ଘଟିକା ସୁଦ୍ଧା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣରୁ ପ୍ରସ୍ଥାନ କରିବେ ଏବଂ ରାତ୍ରିକାଳୀନ ଯାତାୟତ ପାଇଁ ଅନୁମତି ଦିଆଯିବ ନାହିଁ ବୋଲି ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ୍ୟ ସଂରକ୍ଷକ ସୂଚନା ଦେଇଛନ୍ତି ।

# ଟାଙ୍ଗଣା ପଲ୍ଲୀ ହାଇସ୍କୁଲରେ ବ୍ଲକସ୍ତରୀୟ ଗଣିତ ଓ ବିଜ୍ଞାନ ଶିକ୍ଷକ ତାଲିମ କାର୍ଯ୍ୟକ୍ରମ



ଛତ୍ରପୁର, (ସବ୍ୟୁ): ଛାତ୍ରପୁର ବ୍ଲକ ଅନ୍ତର୍ଗତ ଟାଙ୍ଗଣା ପଲ୍ଲୀ ଶ୍ରୀନୀଳକେ=ଶ୍ୱର ନୋଡାଲ ବିଦ୍ୟାପୀଠରେ ଛତ୍ରପୁର ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟ ସମୂହର ଗଣିତ ଓ ବିଜ୍ଞାନ ଶିକ୍ଷକମାନଙ୍କ ପାଇଁ ଏକ ପର୍ଯ୍ୟାୟ କ୍ରମିକ ଦିନିକିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଛତ୍ରପୁର ଗୋଷ୍ଠୀ ଶିକ୍ଷାଧିକାରୀ ସୁଜିତ କୁମାର ପାଢ଼ୀ ପ୍ରଥମ ଅଧିବେଶନକୁ ପ୍ରଦୀପ ପ୍ରଜ୍ୱଳନ କରି ଶିବିର ଉଦଘାଟନ କରିଥିଲେ । ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଷ୍ଣୁ ପ୍ରସାଦ ତ୍ରିପାଠୀଙ୍କ ସଭାପତିତ୍ୱରେ ପରିଚାଳିତ ଏହି ଶିବିରରେ ସାଧନ ଶିକ୍ଷକ ରୂପେ ମୋନାଲିସା ପଣ୍ଡା, ଲୋପିତା ପଣ୍ଡା, ରାଜଶ୍ରୀ ବେହେରା ଓ ରଶ୍ମିରଂଜନ ସାହୁ ଯୋଗଦେଇ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଦ୍ୱିତୀୟ ଅଧିବେଶନରେ ବିଦ୍ୟାଳୟର ପ୍ରାକ୍ତନ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ କାମରାଜୁ ମହାରଣା ମୁଖ୍ୟଅତିଥି ରୂପେ ଯୋଗଦେଇ ବିଜ୍ଞାନ ଶିକ୍ଷକମାନେ ନୂତନ ବୈଜ୍ଞାନିକ ଚିନ୍ତାଧାରା ନେଇ ବିଦ୍ୟାର୍ଥୀମାନଙ୍କୁ ବିଜ୍ଞାନ ଭିତ୍ତିକ ଜ୍ଞାନ ପ୍ରଦାନ କରି ଭବିଷ୍ୟତରେ ବୈଜ୍ଞାନିକ ହେବାକୁ ପ୍ରସ୍ତୁତ କରିବା ପାଇଁ ପରାମର୍ଶ ଦେଇ ଶିବିରାର୍ଥୀ ମାନଙ୍କୁ ପ୍ରମାଣପତ୍ର ବିତରଣ କରିଥିଲେ । ବିଦ୍ୟାଳୟର ଦୁଇ ବିଜ୍ଞାନ ଶିକ୍ଷୟିତ୍ରୀ ବିଷ୍ଣୁ ପ୍ରିୟା ପାଢ଼ୀ ଓ ଏ. ବିଜୟଶ୍ରୀ ପାତ୍ର ବିଜ୍ଞାନ ତାଲିମ୍ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ଶିକ୍ଷକ ଅଭିରାମ ସାହୁ, ଜୟଶ୍ରୀ ଦୋରା, ଯୁଧିଷ୍ଠିର ବେହେରା, ନନ୍ଦିନୀ ସେଠି, ଉଷାରାଣୀ ମିଶ୍ର, ଭାଗିରଥି ମିଶ୍ର, ଯମୁନା ରେଡ଼ି, କୈଳାଶ ବେହେରା, ବିଜୟକୁମାର ସାହୁ, ପର୍ଶୁରାମ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ । ଏନ.ସି.ସି. ଫାଷ୍ଟ ଅଫିସର ସୁଧାକର ବଳି ଅତିଥି ପରିଚୟ ଓ ଧନ୍ୟବାଦ ପ୍ରଦାନ କରିଥିଲେ ।

# ବାଲିପଦର ଓ ଡେଙ୍ଗାପଦର ଗାଁରୁ ବାଣ ଜବତ

ବୁଗୁଡା, (ସବ୍ୟୁ): ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଡେଙ୍ଗାପଦର ଗାଁ ଛକ ଏବଂ ବାଲିପଦର ଗ୍ରାମରେ ପୋଲିସ ଚଢାଉ କରି ବାଣ ଜବତ କରିଥିବା ନେଇ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ବୁଧବାର ସକାଳେ ବାଲିପଦର ଗ୍ରାମରେ ବିନା ଲାଇସେନ୍ସରେ ବାଣ ବିକ୍ରି ହେଉଥିବା ବେଳେ ପୋଲିସ ଚଢାଉ କରି ବାଣ ଜବତ କରିବା ସହ କେସ୍ ନଂ ୬୪୪/୨୫ରେ ଏକ ମାମଲା ରୁଜୁ କରିଛି । ସେହିପରି ଡେଙ୍ଗାପଦର ଗାଁ ଛକରେ ବେଆଇନ ବାଣ ବିକ୍ରି ଉପରେ ଚଢାଉ କରି ବାଣ ଜବତ ସହ କେସ୍ ନଂ ୬୪୫/୨୫ରେ ଏକ ମାମଲା ମଧ୍ୟ ରୁଜୁ ହୋଇଛି । ତେବେ ଉଭୟ ସ୍ଥାନରୁ ଜବତ ବାଣର ପରିମାଣ ୫୦ ହଜାର ଟଙ୍କା ହୋଇଥିବା ବେଳେ ଏହି ଚଢାଉ କାର୍ଯ୍ୟରେ ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡିଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀମାନେ ସାମିଲ ଥିଲେ ।

# ବ୍ରହ୍ମାକୁମାରୀ ଭଗିନୀ ଉଷା ଦିଦିଙ୍କ ସହ ସାମ୍ବାଦିକ ସମ୍ମିଳନୀ

ବ୍ରହ୍ମପୁର, (ସବ୍ୟୁ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବ୍ରହ୍ମପୁର ଶାନ୍ତିକୁଣ୍ଡ ତରଫରୁ ଅନ୍ତଃରାଷ୍ଟ୍ରୀୟ ମୁଖ୍ୟାଳୟ ମାଉଣ୍ଟ ଆବୁସ୍ଥ ରାଜଯୋଗିନୀ ବ୍ରହ୍ମାକୁମାରୀ ଡା. ଉଷାଦିଦିଜୀ, ବରିଷ୍ଠ ରାଜଯୋଗ ଶିକ୍ଷିକା, ପ୍ରବନ୍ଧନ ପ୍ରଶିକ୍ଷିକା, ଆଧାତ୍ମିକ ପ୍ରୟୋଗଶାଳାର ଗବେଷିକା, ରାମାୟଣ ଶ୍ରୀମଦ୍ ଭଗବଦ୍ ଗୀତାର ସ୍ୱଷ୍ଟ ପ୍ରବଚିକା ତଥା ସୁପ୍ରସିଦ୍ଧ ଅନ୍ତଃରାଷ୍ଟ୍ରୀୟ ପ୍ରେରକ ବକ୍ତାଙ୍କ ବ୍ରହ୍ମପୁର ଆଗମନ ଉପଲକ୍ଷେ ଏକ ସାମ୍ବାଦିକ ସମ୍ମିଳନୀର ଅନୁଷ୍ଠିତ ହୋଇଛି । ବୁଧବାର ସନ୍ଧ୍ୟା ୬ ଘଟିକା ସମୟରେ ରାମଚନ୍ଦ୍ରପୁରସ୍ଥ ପ୍ରଭୁ ଉପହାର ରିଟ୍ରିଟ ସେଣ୍ଟର ଠାରେ ଉଦଘାଟିତ ହେବାକୁ ଥିବା ଶ୍ରୀମଦ୍ ଭଗବତ ଗୀତା ପ୍ରବଚନ ସମ୍ପର୍କରେ ସାମ୍ବାଦିକମାନଙ୍କୁ ଉଦବୋଧନ ଦେଇ ଭଗିନୀ ଉଷା କହିଥିଲେ ଯେ ବର୍ତ୍ତମାନର ଚରମ ଧର୍ମଗ୍ଳାନି ସମୟରେ ଜୀବନର ପ୍ରଥ ପ୍ରଦର୍ଶକ ରୂପେ ଶ୍ରୀମଦ୍ ଭଗବତ ଗୀତା ଉପଦେଶ ସମସ୍ତ ମାନବ ସମାଜ ପାଇଁ ନିତ୍ୟାନ୍ତ ଆବଶ୍ୟକ । ଗୀତା ଜ୍ଞାନ ବର୍ଣ୍ଣିତ ଅର୍ଜୁନ ହେଉଛନ୍ତି ପ୍ରତ୍ୟେକ ମାନବ ଯେଉଁମାନେ କି ପ୍ରତି ମୁହୂର୍ତ୍ତରେ ବିଷାଦ ଗ୍ରସ୍ତ, ବିଘ୍ନ ଓ ସମସ୍ୟାଯୁକ୍ତ ତଥା ଅନ୍ୟମାନଙ୍କର ନକାରାତ୍ମକ ଓ ଘୃଣାତ୍ମକ ବ୍ୟବହାରରେ ଅତିଷ୍ଠ ହୋଇପଡୁଛନ୍ତି ।

ଏହି ପରିପ୍ରେକ୍ଷୀରେ ଭଗବାନଙ୍କ ଦ୍ୱାରା ଗୀତାଜ୍ଞାନର ସ୍ପଷ୍ଟୀକରଣ ଦ୍ୱାରା ଅର୍ଜୁନଙ୍କ ମନରେ ଆତ୍ମଜ୍ଞାନର ଜାଗରଣ, ବୋଧନ ଏବଂ ବୈରାଗ୍ୟ ଭାବ ଉତ୍ପନ୍ନ ସମ୍ଭବ ହୋଇଥିଲା । ଯଦ୍ୱାରା ସେ କାମ, କ୍ରୋଧ, ଲୋଭ, ମୋହ, ଅହଙ୍କାର ରୂପୀ ଶତ୍ରୁର ମାନଙ୍କୁ ଦମନ କରି ଭବିଷ୍ୟ ଶ୍ରେଷ୍ଠ ପଦର ଅଧିକାରୀ ହୋଇପାରିଥିଲେ । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମପୁର ସବଜୋନ ସଞ୍ଚାଳିକା ବ୍ରହ୍ମାକୁମାରୀ ଭଗିନୀ ମାଳା ଉପସ୍ଥିତ ରହି ତ୍ରିଦିବସୀୟ ଭଗବଦ୍ ଗୀତା ପ୍ରବଚନ ମାଳା ସମ୍ପର୍କରେ ସମ୍ୟକ୍ ଜ୍ଞାନ ପ୍ରଦାନ କରିଥିଲେ । ଉକ୍ତ ସମ୍ମିଳନୀରେ ଅନ୍ତଃରାଷ୍ଟ୍ରୀୟ ମୁଖ୍ୟାଳୟ ମାଉଣ୍ଟ ଆବୁସ୍ଥ ଇଲେକଟ୍ରିକ ବିଭାଗର ବିଭାଗୀୟ ମୁଖ୍ୟ ବ୍ରହ୍ମାକୁମାର ସୁଧୀର ଭାଇ ଏବଂ ଜାମସେଦପୁର ସେବାକେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ଅଞ୍ଜୁ ଦିଦି ମଞ୍ଚାସୀନ ଥିଲେ ।

# ଗର୍ଭବତୀ ମହିଳାଙ୍କୁ ରକ୍ତଦାନ କଲେ ସମାଜସେବିକା ଭାସ୍ୱତୀ ପଣ୍ଡା

ବାରିପଦା, (ସବ୍ୟୁ) : ପଣ୍ଡିତ ରଘୁନାଥ ମୁର୍ମୁ ମେଡ଼ିକାଲରେ ବଡ଼ସାହିର ସରସ୍ୱତୀ ସିଂ ପ୍ରସୂତି ବିଭାଗରେ ଚିକିତ୍ସିତ ହେଉଥିବା ସମୟରେ ଜରୁରୀ କାଳୀନ ରକ୍ତର ଆବଶ୍ୟକ ହେବାରୁ ରୋଗୀଙ୍କ ଘର ଲୋକେ ବାରିପଦାର ନାରାୟଣ ସେବା ଟ୍ରଷ୍ଟ କୁ ଯୋଗାଯୋଗ କରିଥିଲେ ।

ଖବର ପାଇ ନାରାୟଣ ସେବା ଟ୍ରଷ୍ଟର ସକ୍ରିୟ ସଦସ୍ୟା ଭାସ୍ୱତି ପଣ୍ଡା ତୁରନ୍ତ ବାରିପଦା ରକ୍ତକେନ୍ଦ୍ରକୁ ଯାଇ ନିଜର ବହୁମୂଲ୍ୟ ରକ୍ତ ଗର୍ଭବତୀ ମହିଳାଙ୍କ ଉଦ୍ଦେଶ୍ୟରେ ଦାନ କରିଥିଲେ। ଏହି ରକ୍ତଦାନ ସମୟରେ ନାରାୟଣ ସେବା ଟ୍ରଷ୍ଟର ପ୍ରତିଷ୍ଠାତା ଡଃ ନିରୋଜ କୁମାର ପୋଥାଳ, ସମାଜସେବୀ ହିମାଂଶୁ ପ୍ରହରାଜ, ଅଶୋକ କୁମାର କଲିଆ, ସର୍ଦ୍ଦାର ହରିଚରଣ ସିଂହ, ଇନ୍ଦ୍ରଜିତ ମହାନ୍ତ, ସନ୍ତୋଷ କୁମାର ମହାନ୍ତ, ରାଜଲକ୍ଷ୍ମୀ ମିଶ୍ର ଓ ସ୍ନେହା ଅର୍ଚ୍ଚିତା ମିଶ୍ର ପ୍ରମୁଖ ଯୋଗ ଦେଇ ରକ୍ତଦାତ୍ରୀ ଭାସ୍ୱତି ପଣ୍ଡାଙ୍କୁ ଅନୁଷ୍ଠାନ ପକ୍ଷରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ସହିତ ଭାଗବତ ଗୀତା ପ୍ରଦାନ କରି ଏହି ମହାନ୍ ସେବା କାର୍ଯ୍ୟ ପାଇଁ ସମ୍ମାନିତ କରିଥିଲେ ।

# ଦିବ୍ୟାଙ୍ଗ ଗୋପାଳଙ୍କ ଶବ ସତ୍କାର ସହ ଶୁଦ୍ଧିକ୍ରିୟା କାର୍ଯ୍ୟ କରି ଚର୍ଚ୍ଚାରେ ଗୋପୀନାଥ



ଗୋପାଳପୁର, (ସବ୍ୟୁ): ସ୍ଥାନୀୟ କନିସି ହାଟ ସ୍ଥିତ ୬ ନମ୍ବର ଓ୍ୱାର୍ଡର ଦିବ୍ୟାଙ୍ଗ ଗୋପାଳ ସାହୁ (୬୦) ଙ୍କ ମୃତ୍ୟୁ ଘଟିଥିଲା । ମୃତ ଗୋପାଳଙ୍କ ରୋଜଗାରର ପନ୍ଥା ଥିଲା ବରା, ପକୁଡି ବିକ୍ରୟ କରିବା, ସେଥିରୁ ସେ ପରିବାର ପ୍ରତିପୋଷଣ କରୁଥିଲେ । ଗୋପାଳ ସାହୁଙ୍କ ହଠାତ ମୃତ୍ୟୁରେ ତାଙ୍କ ପରିବାରଙ୍କ ଉପରେ ଯେମିତି ଅକାଳ ଚଡକ ପଡି ଯାଇଥିଲା । ଦାହ କେମିତି କରିବେ, ଶୁଦ୍ଧ କ୍ରିୟା କେମିତି କରିବେ ଏନେଇ ଚିନ୍ତିତ ଥିଲେ । ଏହି ଦୁଃଖଦ ସମୟରେ ଅସହାୟର ବନ୍ଧୁ ସଙ୍ଗଠନର ମୁଖ୍ୟ ତଥା ରକ୍ତବୀର ଯୁବ ବିଜେପି ନେତା ଗୋପୀନାଥ ମହାରଣା ଉକ୍ତ ପରିବାର ନିକଟରେ ପହଞ୍ଚି ଶବ ଦାହଠୁ ଆରମ୍ଭ କରି ଶୁଦ୍ଧିକ୍ରିୟା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ । ଫଳରେ ଉକ୍ତ ପରିବାର ସହ ନିଜ ଓ୍ୱାର୍ଡ ବାସିନ୍ଦା ଏବଂ କନିସି ଅଞ୍ଚଳରେ ପ୍ରଶଂସାର ପାତ୍ର ହୋଇପାରିଛନ୍ତି । ସୂଚନା ଯୋଗ୍ୟ ଯେ, ଶ୍ରୀ ଗୋପୀନାଥ ମହାରଣା ରକ୍ତଦାନ କରି ବହୁ ନିରୀହ ଜୀବନ ବଞ୍ଚାଇବା ସହ ଅଞ୍ଚଳର ପ୍ରତି ସୁଖ, ଦୁଃଖରେ ଜନ ସେବା ଜାରି ରଖିଛନ୍ତି ।

# ରାଷ୍ଟ୍ରୀୟ ପୋଷଣ ମାସ -୨୦୨୫ ଉପଲକ୍ଷେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ



ବାରିପଦା, (ସବ୍ୟୁ) : ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ସେପେଟମ୍ବର ୧୭ରୁ ଅକ୍ଟୋବର ୧୬ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରୀୟ ପୋଷଣ ମାସ ପାଳନ ଅବସରରେ ଗତକାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭା ଗୃହରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାଏକ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ବିଜୟ କୁମାର ଦାଶ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜ୍ଞାନ ବଲ୍ଲଭ ଦାସ ଓ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସଙ୍ଘମିତ୍ରା ପଟ୍ଟନାୟକ ଯୋଗ ଦେଇଥିଲେ ।

ପ୍ରାରମ୍ଭରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସ୍ୱାଗତ ଭାଷଣ ପ୍ରଦାନ କରି କହିଲେ ପୋଷଣ ମାସ ଆମ ସମାଜରେ ପ୍ରତ୍ୟେକ ମା ଓ ଶିଶୁଙ୍କ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧିର ଏକ ମହତ୍ତ୍ୱପୂର୍ଣ୍ଣ ଅବସର । ଶିଶୁ ଓ ଗର୍ଭବତୀ ମହିଳାଙ୍କ ପୋଷଣ ଉନ୍ନତି ପାଇଁ ସରକାର ଓ ମିଶନ୍ ଶକ୍ତି ବିଭାଗ ବିଭିନ୍ନ ଯୋଜନା ଗ୍ରହଣ କରିଛନ୍ତି ଓ ସେଗୁଡିକୁ ତୃଣମୂଳ ସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ଆମ ସମସ୍ତଙ୍କ ଦାୟିତ୍ୱ । ଶିଶୁର ଅଭିବୃଦ୍ଧି ନିରୀକ୍ଷଣ କରିବା ସହିତ ଆଦ୍ୟ ଶୈଶବ ଏବଂ ପ୍ରାକ୍ ବିଦ୍ୟାଳୟ ଶିକ୍ଷା, ରକ୍ତହୀନତା ବିଷୟରେ ସଚେତନ ହେବା, ଏହାର ପରୀକ୍ଷା, ଚିକିତ୍ସା ବିଷୟରେ ଆଲୋଚନା କରିବା, ଦୈନନ୍ଦିନ ଖାଦ୍ୟରେ ବିବିଧତା ଆଣିବା ପାଇଁ ଯତ୍ନବାନ୍ ହେବା ଇତ୍ୟାଦି ବିଷୟରେ ଆଲୋକପାତ କରିଥିଲେ। ଆଶା ଓ ଅଙ୍ଗନବାଡି କର୍ମୀ ମାନେ ନିଜର ଦାୟିତ୍ୱ ପ୍ରତି ଯଥେଷ୍ଟ ଯନିବାନ ହେବାପାଇଁ ଓ ଶିଶୁର ସୁସ୍ଥ ଜୀବନ ପାଇଁ ସୁଷମ ଖାଦ୍ୟ ଖୁଆଇବା ସହିତ ପରିଷ୍କାର ପରିଚ୍ଛନ୍ନତା ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରିଥିଲେ । ଅଙ୍ଗନବାଡ଼ି ଓ ଆଶା କର୍ମୀମାନେ ତୃଣମୂଳ ସ୍ତରରେ ଗାଁ ଗାଁକୁ ଯାଇ ଗର୍ଭବତୀ ମାଙ୍କୁ ସୁପୋଷଣ ଖାଦ୍ୟ ଓ ସ୍ୱାସ୍ଥ୍ୟ ସେବା ସଚେତନତା ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ ।

ମୁଖ୍ୟଅତିଥି କହିଥିଲେ ପୋଷଣ ହେଉଛି ଜୀବନର ଭିତ୍ତି । ଶିଶୁଟିଏ ଯେତେବେଳେ ଜନ୍ମ ନେଇଥାଏ, ସେବେଠାରୁ ନିଜ ଶରୀର ଓ ମାନସିକ ବିକାଶ ପାଇଁ ସଠିକ ପୋଷଣ ଆବଶ୍ୟକ । ଯଦି ଶିଶୁ ଶକ୍ତ ଓ ସୁପୋଷିତ ହୁଏ, ସେ ଆଗାମୀ ଦିନର ସୁସ୍ଥ ନାଗରିକ ଭାବେ ଦେଶ ଓ ସମାଜର ଶକ୍ତି ହେବ । ତେଣୁ ସମସ୍ତ ଗର୍ଭବତୀ ମହିଳା, ଶିଶୁ ଓ କିଶୋରୀମାନେ ଯେପରି ସୁପୋଷିତ ହୁଅନ୍ତି, ଏହାକୁ ଆମେ ସମସ୍ତେ ମିଶି ନିଶ୍ଚିତ କରିବାକୁ ହେବ । ସୁସ୍ଥ ମା ହେଉଛି ସୁସ୍ଥ ଶିଶୁର ଭିତ୍ତି, ଏବଂ ସୁସ୍ଥ ଶିଶୁ ହେଉଛି ଦେଶର ଆଗାମୀ ଶକ୍ତି । ଅତିରିକ୍ତ ଜିଲ୍ଲାପାଳ କହିଲେ ଆଜି ଆମେ ଏଠାରେ ଯୋଗ ଦେଇଛୁ ଜିଲ୍ଲା ସ୍ତରୀୟ ପୋଷଣ ମାସ ଉତ୍ସବ ପାଳନ କରିବା ପାଇଁ । ଏହା କେବଳ ଏକ ଉତ୍ସବ ନୁହେଁ, ଏହା ଆମ ସମସ୍ତଙ୍କ ପାଇଁ ଜୀବନ ସଚେତନତାର ଏକ ଆନ୍ଦୋଳନ । ପୋଷଣ ହେଉଛି ସ୍ୱାସ୍ଥ୍ୟର ମୂଳ ଭିତ୍ତି ।

ଯଦି ଶିଶୁ ଏବଂ ଗର୍ଭବତୀ ମହିଳା ସୁପୋଷିତ ହୁଅନ୍ତି, ତାହେଲେ ସେମାନଙ୍କ ଶାରୀରିକ ଓ ମାନସିକ ବିକାଶ ଭଲ ହୁଏ, ଏବଂ ଏକ ସୁସ୍ଥ ଓ ସମୃଦ୍ଧ ସମାଜ ଗଠିତ ହୁଏ । ପୋଷଣ ଅଭିଯାନକୁ ସଫଳ କରିବା ପାଇଁ ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ର, ଅଙ୍ଗନବାଡ଼ି କେନ୍ଦ୍ର, ଓ ମିଶନ୍ ଶକ୍ତି ଗୋଷ୍ଠୀମାନଙ୍କ ମିଳିତ ଉଦ୍ୟମ ଆବଶ୍ୟକ । ଏଥି ସହିତ ବଜାରରେ ବିକ୍ରି ହେଉଥିବା ପାଟି ସୁଆଦିଆ ଫାଷ୍ଟ ଫୁଡ ଓ ବିଭିନ୍ନ ପ୍ରକାର ଜଙ୍କ ଫୁଡ ପ୍ରତି ଆକୃଷ୍ଟ ନହୋଇ ଘୋରଇ ପ୍ରସ୍ତୁତ ପାରମ୍ପରିକ ଖାଦ୍ୟ ଖାଇବା ପାଇଁ ପରାମର୍ଶ ଦେଇଥିଲେ । ଡାଃ ଦାଶ ସୁସ୍ଥ ଜୀବନ ଧାରଣ ପାଇଁ ସନ୍ତୁଳିତ ଆହାର ଗ୍ରହଣ ପାଇଁ ପରାମର୍ଶ ଦେଇଥିଲେ । ମୁଖ୍ୟ କୃଷି ଅଧିକାରୀ, କହିଲେ ସୁସ୍ଥ ସବଳ ରହିବା ପାଇଁ ମିଲେଟ ଭଳି ପ୍ରଚୁର ପୋଷକ ତତ୍ୱ ଥିବା ସ୍ୱଦେଶୀ ଖାଦ୍ୟ ଦ୍ରବ୍ୟ ଉପରେ ନିର୍ଭର କରିବା ଉଚିତ । ବୈଜ୍ଞାନିକ ଶ୍ରୀମତୀ ପଟ୍ଟନାୟକ କୃଷି ଉତ୍ପାଦନ ପାଇଁ ରାସାୟନିକ ସାର ପ୍ରୟୋଗ ନକରି ଜୈବିକ ସାର ପ୍ରୟୋଗ ଉପରେ ଗୁରୁତ୍ୱାରୋପ କରିଥିଲେ ।

ଏହି ଅବସରରେ ଅତିଥିବୃନ୍ଦ ଶ୍ରେଷ୍ଠତା ପ୍ରଦର୍ଶନ କରିଥିବା ମୋରଡା ସିଡିପିଓ, ବାଙ୍ଗରିପୋଷୀ ଲେଡି ସୁପରଭାଇଜର, ୩ଜଣ ବ୍ଲକ ସଂଯୋଜକ, ଉତ୍ତମ ପୋଷଣଯୁକ୍ତ ପାକ ପଦ୍ଧତି ପାଇଁ କିଛି ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଓ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରିଥିଲେ । ଏଥି ସହିତ ୫ଜଣ ଶିଶୁଙ୍କୁ ଏବଂ ୩ଜଣ ଗର୍ଭବତୀ ମହିଳାଙ୍କୁ ପୋଷଣ ଝୁଡି ପ୍ରଦାନ କରିଥିଲେ । ଖୁଣ୍ଟା ବ୍ଲକ ସଂଯୋଜିକା ବିଧିଲିକା ରାୟ କାର୍ଯ୍ୟକ୍ରମ କୁ ସଂଚାଳନ କରି ଶିଶୁ, କିଶୋରୀ ଓ ଗର୍ଭବତୀ ମାଙ୍କ ପୋଷଣ ନିରାପତ୍ତା ଓ ସ୍ୱାସ୍ଥ୍ୟ ସୁଧାର ପାଇଁ ଆହ୍ୱାନ ଜଣାଇବା ସହ ଶିଶୁକୁ କେମିତି ଉପଯୁକ୍ତ ଭାବେ ପରିପୋଷଣ କରି ଦେଶ ପାଇଁ ଗୋଟେ ସୁସ୍ଥ ସବଳ ନାଗରିକ ଟିଏ କରିବା ସେ ବିଷୟରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ବିଭିନ୍ନ ବ୍ଲକର ସିଡିପିଓ, କାର୍ଯ୍ୟକ୍ରମ ଅଧିକାରିଣୀ, ସୁପରଭାଇଜର, ବ୍ଲକ ସଂଯୋଜକ, ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟା ଏବଂ ଅଙ୍ଗନୱାଡ଼ି କର୍ମୀମାନେ ଯୋଗ ଦେଇଥିଲେ ।

# ବଡକୋଦଣ୍ଡା କ୍ଲଷ୍ଟରସ୍ତରୀୟ ସୁରଭି

ଭଞ୍ଜନଗର, (ସବ୍ୟୁ): ସ୍ଥାନୀୟ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ବଡକୋଦଣ୍ଡା କ୍ଲଷ୍ଟରର ବଡକୋଦଣ୍ଡା ସ୍ଥିତ ଜବାହର ନୋଡାଲ ଉଚ୍ଚ ବିଦ୍ୟାଳୟ ଠାରେ ଆଜି ଶିଶୁ ମହୋତ୍ସବ ସୁରଭି - ୨୦୨୫ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗଙ୍କ ନିର୍ଦ୍ଦେଶ ପ୍ରକାରେ ରାଜ୍ୟର ସମସ୍ତ ବିଦ୍ୟାଳୟ, କ୍ଲଷ୍ଟର, ବ୍ଲକ୍, ଜିଲ୍ଲା ଓ ରାଜ୍ୟ ସ୍ତରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । କୋମଳମତି ଶିଶୁ ମାନଙ୍କ ଲୁକ୍କାୟିତ ଅନ୍ତର୍ନିହିତ ଗୁଣାବଳୀର ବିକାଶ ତଥା ପ୍ରତିଭା ଅନ୍ୱେଷଣ ଓ ଉନ୍ମୋଚନ ପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ସେହି କ୍ରମରେ ଆଜି ବଡକୋଦଣ୍ଡା କ୍ଲଷ୍ଟର ସିଆରସିସି ଶ୍ରୀ ଦ୍ୱିତୀକୃଷ୍ଣ ଲେଙ୍କାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ବଡକୋଦଣ୍ଡା ଜବାହର ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ପଣ୍ଡା ପୌରୋହିତ୍ୟ କରିଥିଲେ । ମୁଖ୍ୟ ଅତିଥି ରୂପେ ଯୋଗଦେଇ ଭଞ୍ଜନଗର ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀମତି ଲୋପାମୁଦ୍ରା ରଥ ଆନୁଷ୍ଠାନିକ ଭାବେ ଏହି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ।

ସମ୍ମାନୀତ ଅତିଥି ରୂପେ ଯୋଗ ଦେଇଥିଲେ ଭଞ୍ଜନଗର ଦୀନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ସ୍ୱରାଜ କହଁର, ଭଞ୍ଜନଗର ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଦନ ମୋହନ ରଥ, ବଡକୋଦଣ୍ଡା ଗ୍ରାମପଞ୍ଚାୟତ ସରପଞ୍ଚ ରେଶମା କୁମାରୀ ନାୟକ, ବଡକୋଦଣ୍ଡା ଗ୍ରାମପଞ୍ଚାୟତ ସମିତି ସଭ୍ୟ ମନୋଜ କୁମାର ପୃଷ୍ଟି, ବଡକୋଦଣ୍ଡା ଗ୍ରାମପଞ୍ଚାୟତ ସରପଞ୍ଚ ପ୍ରତିନିଧି ହୃଷିକେଶ ପ୍ରଧାନ, କ୍ଷତ୍ରିୟ ବରପୁର ଆଞ୍ଚଳିକ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ତ୍ରିନାଥ ବେହେରା ପ୍ରମୁଖ ଏହି ମହୋତ୍ସବର ଲକ୍ଷ ଓ ଉଦ୍ଦେଶ୍ୟ ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶ୍ରୁତ ଲିଖନ, ପ୍ରବନ୍ଧ, କୁଇଜ୍, ବିତର୍କ, ସୃଜନଶୀଳ ଲିଖନ, ଚିତ୍ରାଙ୍କନ, ସଂଗୀତ, ବକ୍ତୃତା, ପିଏମ୍ ପୋଷଣ- ଚିତ୍ର କଳା ଓ ଶିଳ୍ପକଳା, ସାଂସ୍କୃତିକ କାର୍ଯ୍ୟକ୍ରମ, ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ (ଏଫ୍ ଏଲ ଏନ୍) ଆଦି ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା ।

ପ୍ରତିଯୋଗିତାଗୁଡ଼ିକରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ଛାତ୍ରଛାତ୍ରୀ ମାନଙ୍କୁ ପାରଦର୍ଶିତା ପ୍ରମାଣପତ୍ର, କପ୍ ଓ ପୁରସ୍କାର ଦେଇ ସମ୍ମାନିତ କରାଯାଇଥିଲା ।



ପ୍ରକାଶ ଥାଉ କି ପ୍ରତିଯୋଗିତା ଗୁଡ଼ିକରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତି ଛାତ୍ରଛାତ୍ରୀ ମାନେ ବ୍ଲକ୍ ସ୍ତରୀୟ ସୁରଭି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ । ସଭାମଞ୍ଚକୁ ପୂର୍ବତନ ସିଆରସିସି ମୋହନ ସାହୁ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ଜବାହର ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ବଡକୋଦଣ୍ଡା କ୍ଲଷ୍ଟରର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସବୁ ପ୍ରକାରର ସାହାଯ୍ୟ ଓ ସହଯୋଗ କରିଥିଲେ ।

# ଅସୁରକ୍ଷିତ ସରକାରୀ କ୍ୱାର୍ଟର୍ସ ଓ ଅଫିସ ଭଙ୍ଗା ଯିବ କେବେ



ମାହାଙ୍ଗା ,(ସବ୍ୟୁ) : କେବଳ ମାହାଙ୍ଗା ନୁହେଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଅସୁରକ୍ଷିତ ଭାବେ ସରକାରୀ କ୍ୱାର୍ଟର୍ସ ଅଫିସ ରହିଥିଲେ ମଧ୍ୟ ତାହା ନ ଭାଙ୍ଗାଯିବା କାହା ସ୍ୱାର୍ଥରେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ସ୍ୱାସ୍ଥ୍ୟ ବିଭାଗର ଅଧିନରେ ବିଭିନ୍ନ ସରକାରୀ ଡାକ୍ତରଖାନା ପରିସରରେ କ୍ୱାର୍ଟର୍ସ ଗୁଡିକ ଅସୁରକ୍ଷିତ ଭାବେ ରହିଛି। କେତେବେଳ ଯେ ଅଘଟଣ ଘଟିବ ତାହା କହିହେଉନାହିଁ। ଯାହାର ଉଦାହରଣ ପାଲଟିଛି ମାହାଙ୍ଗା ବ୍ଲକର ଭଦ୍ରେଶ୍ୱର ଠାରେ ଥିବା ପ୍ରାଥମିକକେନ୍ଦ୍ର ପରିସର। ଏଠାରେ ଦୁଇଟି ସରକାରୀ କ୍ୱାର୍ଟର୍ସ ଅସୁରକ୍ଷିତ ଭାବେ ପଡିରହିଛି। ଏପରିକି ଦୁଇ ମହଲା ବିଶିଷ୍ଟ ଘର ବି ଅସୁରକ୍ଷିତ ଭାବରେ ରହିଛି। ତେବେ ସରକାର ଅବ୍ୟବହୃତ ହୋଇ ପଡିରହିଥିବା ସରକାରୀ କାର୍ଯ୍ୟାଳୟ ଓ କର୍ମଚାରୀମାନଙ୍କ କ୍ୱାଟରକୁ ତୁରନ୍ତ ଭାଙ୍ଗିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସର୍ବସାଧାରଣରେ ଦାବି ହେଉଛି।

# ବନ୍ଦର ମଧ୍ୟରେ ଦୁର୍ଘଟଣା , ଦୁଇ ଶ୍ରମିକଙ୍କ ଗୋଡ କଟିଲା

ପାରାଦୀପ,( ଜି .ପ୍ର )ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରେ ଥିବା ଏଡିପି ରେଲୱେ ସାଇଡ଼ରେ ଆଜି ଏକ ଭୟଙ୍କର ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣା ଏତେ ଭୟଙ୍କର ଥିଲାଯେ ସେଥିରେ ଦୁଇ ଜଣ ଶ୍ରମିକଙ୍କ ଗୋଡ କଟି ଯାଇଥିବା କୁହାଯାଉଛି । ଉକ୍ତ ଦୁଇଜଣ ଶ୍ରମିକ ହେଲେ ସୁବାଷ ବେହେରା , ପଦ୍ମପୁର , ଥାନା ନିରାକାରପୁର , ଜିଲ୍ଲା ଖୋର୍ଦ୍ଧା ଓ ଅନ୍ୟଜଣେ ହେଉଛନ୍ତି ରମେଶ ମଲ୍ଲ , କାକଟପୁର କେନ୍ଦ୍ରପଟି , ପୁରୀ ଜିଲ୍ଲା । ରେଳ ଧାରଣାର ଗୋଟିଏ ସ୍ଲାବ ଭାଙ୍ଗିଯାଇଥିବା ବେଳେ ଏମାନେ ତାହାର ମରାମତି କରୁଥଲେ । ଠିକ ଏହି ସମୟରେ ଉକ୍ତ ଧାରଣାର ଲୁହା ଲାଇନ ଖୋଲିଯିବାରୁ ଦୁଇ ଶ୍ରମିକ ସେଥିରେ ଦୁର୍ଘଟଣାର ଶିକାର ହୋଇଥିଲେ । ଦୁଇ ଜଣଙ୍କ ଗୋଡ଼ରେ ଶକ୍ତ ଆଘାତ ଲାଗିଥିବା ବେଳେ ସେମାନଙ୍କୁ ମେଡିକାଲ ନିଆଯାଇଥିଲା । ସେଠାରେ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି । ତେବେ ଦୁର୍ଘଟଣାର ଶିକାର ହୋଇଥିବା ଦୁଇ ଶ୍ରମିକଙ୍କୁ ଆବଶ୍ୟକୀୟ ଗନବୁଟ ଓ ଅନ୍ୟାନ ନିରାପତା ସାମଗ୍ରୀ ଯୋଗାଯାଇଥିଲା କି ନାହିଁ ଓ ଆବଶ୍ୟକୀୟ ପରିମାଣର ଶ୍ରମିକଙ୍କୁ ନେଇ ଏହି କାର୍ଯ୍ୟ କରାଯାଉଥିଲା , ନା କମ ଶ୍ରମିକଙ୍କୁ ନେଇ ଏହି କାର୍ଯ୍ୟ କରାଯାଉଥିଲା , ଯାହା ଏବେ ତଦନ୍ତ ସାପେକ୍ଷ । ଭୁଲ କାହାର ରହିଲା ଓ ଦୁର୍ଘଟଣା କିଭଳି ପରିସ୍ଥିତିରେ ହେଲା ତାକୁ ନେଇ ସମୀକ୍ଷା କରିବା ଜରୁରୀ ହୋଇ ପଡିଛି । ଅନ୍ୟପଟେ ଏହି ଦୁଇ ଶ୍ରମିକ ପାରାଦୀପ ପୋର୍ଟ ଆଣ୍ଡ ଡକ ମଜଦୂର ଇଉନିୟନର ସଭ୍ୟ ହୋଇଥିଲାବେଳେ ଏମାନଙ୍କୁ ଉନ୍ନତ ଚିକିତ୍ସା ସୁବିଧା ଓ ଆବଶ୍ୟକୀୟ କ୍ଷତିପୂରଣ ଯୋଗାଇ ଦେବାକୁ ସଂଘ ସାଧାରଣ ସମ୍ପାଦକ ସନାତନ ବେହେରା ଦାବି କରିଛନ୍ତି ।

## ପିକଅପ ଭ୍ୟାନ ସହ ଚମଡା ଜବତ

ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ବ୍ଲକ ଅରେଇକଣା ଠାରେ ଆଜି ଚମଡା ବୋଝେଇ ହୋଇଯାଉଥିବା ଏକ ପିକଅପ ଭ୍ୟାନକୁ ସ୍ଥାନୀୟ ଲୋକେ ଧରି ପୁଲିସ ଜିମ୍ମା ଦେଇଥିବା ଜଣାପଡିଛି । ସୂଚନା ମୁତାବକ ବାଲିଚନ୍ଦ୍ରପୁର ଥାନା ଅଂଚଳରୁ ଓଡି-୦୫- ଆର- ୫୭୪୨ ନଂ ପିକଅପ ଭ୍ୟାନରେ ଚମଡା ବୋଝେଇ ହୋଇ ଅରେଇକଣା ଦେଇ କଲିକତା ଯାଉଥିବା ବେଳେ ସ୍ଥାନୀୟ ଲୋକେ ସନ୍ଦେହ କରି ଉକ୍ତ ପିକଅପ ଭ୍ୟାନକୁ ଅଟକାଇ ପଚାରିବା ପରେ ସେଥିରେ ଚମଡା ବୋଝେଇ ହୋଇଥିବା ଡ୍ରାଇବର ମାନିବା ପରେ ସେଠାରେ ଉତେଜନା ପ୍ରକାଶ ପାଇଥିଲା ଖବର ପାଇ ବାଲିଚନ୍ଦ୍ରପୁର ପୁଲିସ ସେଠାରେ ପହଁଚି ଚମଡା ସହ ଗାଡିଟିକୁ ଜବତ କରିଥିଲା । ତେବେ ଏହି ସମୟରେ ଗାଡି ଡ୍ରାଇଭର ଘଟଣାସ୍ଥଳରୁ ଚମ୍ପଟ ମାରିବା ଫଳରେ ପୁଲିସ ତାକୁ ଗିରଫ କରିପାରିନାହିଁ। ଏନେଇ ବାଲିଚନ୍ଦ୍ରପୁର ଥାନା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।

# ବିଜୁ ଜନତା ଦଳ ପକ୍ଷରୁ ପଦଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



ଜଗତସିଂହପୁର,(ସବ୍ୟୁ):ବିଜୁ ଜନତା ଦଳ ପକ୍ଷରୁ ପଦଯାତ୍ରା ପାଇଁ ଆଜି ଆଦିକବି ଶାରଳା ଦାସ ସଂସ୍କୃତି ଭବନ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ଆସନ୍ତା ଅକ୍ଟୋବର ୨୪ ତାରିଖ ଶୁକ୍ରବାର ଦିନ ଗାନ୍ଧୀ ଛକ ଠାରୁ ଏହି ପଦଯାତ୍ରା ଅନୁଷ୍ଠିତ ହେବ ।ଏହି ପ୍ରସ୍ତୁତି ବୈଠକରେ ପୂର୍ବତନ ବିଧାୟକ ତଥା ବିଜୁ ଜନତା ଦଳର ଉପସଭାପତି ଚିରଞ୍ଜୀବ ବିଶ୍ୱାଳ ଯୋଗଦେଇ ଏହି ପଦଯାତ୍ରାକୁ କିପରି ସଫଳ କରାଯିବ ନେତୃବୃନ୍ଦ ଓ କର୍ମୀମାନଙ୍କ ସହଯୋଗ କାମନା କରିଥିଲେ । ବିଜୁ ଜନତା ଦଳ ଲୋକଙ୍କ ଦଳ ଓ ବଳ । ତୃଣମୂଳ ସ୍ତରରେ ବିଜେଡି ପ୍ରତି ଲୋକମାନଙ୍କ ଭଲପାଇବା ଅତୁଟ ରହିଛି । ତେଣୁ ଆଗକୁ ବିଜୁ ଜନତା ଦଳ କିପରି ଜିଲ୍ଲାରେ ଆହୁରି ସଂଗଠିତ ହେବ ଓ ପଦଯାତ୍ରାକୁ ସଫଳ କରାଯିବ ସେ ବାବଦରେ ଆଲୋକପାତ କରିଥିଲେ । ଏହି ବୈଠକରେ ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଯୋଗ ଦେଇ କହିଥିଲେ ଯେ ସାରା ରାଜ୍ୟରେ ଏବେ ଲୋକେ ବିଜୁ ଜନତା ଦଳ ସରକାରକୁ ଝୁରୁଛନ୍ତି । ସାଧାରଣ ଲୋକମାନଙ୍କର ସମସ୍ୟା ସହିତ ଜଡିତ ଥିବା ବିଜୁ ଜନତା ଦଳ ଓ ନବୀନ ପଟ୍ଟନାୟକଙ୍କୁ ଆଜି ବି ଲୋକେ ନିଜର ଆଇଡଲ ଭଳି ଗ୍ରହଣ କରୁଛନ୍ତି । ଜଗତସିଂହପୁର ଜିଲ୍ଲାରେ ବିଜୁ ଜନତା ଦଳ ପୂର୍ବଭଳି ସଂଗଠିତ ହୋଇ ରହିଥିବା ବେଳେ ଆଗାମୀ ଦିନରେ ଦଳକୁ ତୃଣମୂଳ ସ୍ତରରେ ଆହୁରି ମଜଭୁତ କରିବା ଆମର ସମସ୍ତଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହେବା ଜରୁରୀ ବୋଲି କହିଥିଲେ । ଏହି ପ୍ରସ୍ତୁତି ବୈଠକରେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ଜିଲ୍ଲା ବିଜୁ ଜନତା ଦଳ ଉପସଭାପତି ଦିପ୍ତି ଦାସ, ଜଗତସିଂହପୁର ପଞ୍ଚାୟତ ସମିତି ଅଧକ୍ଷା କନକପ୍ରଭା ଲେଙ୍କା, ଉପାଧକ୍ଷ ରତି ରଞ୍ଜନ ବେହେରା, ବ୍ଲକ ମହିଳା ବିଜେଡି ସଭାପତି ପ୍ରଭାତି ମହାନ୍ତି, ଜିଲ୍ଲା ଛାତ୍ର ବିଜେଡି ସଭାପତି ସମିତ କୁମାର ଲେଙ୍କା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଜଗନ୍ନାଥ ମୁଦୁଲି, ନଗର ବିଜେଡି ସଭାପତି ପ୍ରିୟବ୍ରତ ମହାପାତ୍ର, ବରିଷ୍ଠ ବିଜେଡି ନେତା କାଳନ୍ଦୀ ପତି, ବ୍ଲକ ଯୁବ ବିଜେଡି ସଭାପତି ସମ୍ବିତ ମହାନ୍ତି, ଯୁବ ନେତା ପ୍ରଶାନ୍ତ ମଲ୍ଲିକ, ଅଦ୍ୱୈତ ଜେନା, ମନୋଜ ମହାନ୍ତିଙ୍କ ସମେତ ସମସ୍ତ କାଉନସିଲର, ସରପଞ୍ଚ, ସମିତି ସଭ୍ୟ, ଅନ୍ୟାନ୍ୟ ନେତୃମଣ୍ଡଳୀ ଓ କର୍ମୀମାନେ ଉପସ୍ଥିତ ରହିଥିଲେ ।

# ଘୋଡେଶ୍ୱର ମନ୍ଦିର ମୁଖ୍ୟ ପୂଜକଙ୍କ ଦେହାନ୍ତ



ନାଉଗା,( ସବ୍ୟୁ ): ନାଉଗାଁ ବ୍ଲକ ଅନ୍ତର୍ଗତ ସର୍ବ ପୁରାତନ ପ୍ରସିଦ୍ଧ ଶୈବପୀଠ ଘୋଡେଶ୍ୱର ମନ୍ଦିରର ମୁଖ୍ୟ ପୂଜକ ରମାରଞ୍ଜନ ଦିଖିତିଙ୍କର ୭୨ବର୍ଷ ବୟସରେ ଦେହାନ୍ତ ହୋଇଛି । ଶ୍ରୀ ଦିଖିତିଙ୍କ ଘର ଉକ୍ତ ବ୍ଲକର ଜାମୁଦଣ୍ଡା ଗ୍ରାମରେ ହୋଇଥିବା ବେଳେ ସେ ଜଣେ ମିଷ୍ଟାଭାଷୀ, ସେହିଁ, ପରୋପକାରୀ ବ୍ୟକ୍ତି ଥିଲେ । ସେ ନିଜକୁ ବିଭିନ୍ନ ଧାର୍ମିକ କାର୍ଯ୍ୟରେ ନିୟୋଜିତ କରି ଅଞ୍ଚଳବାସୀଙ୍କ ଠାରୁ ବେଶ ସ୍ନେହ ଆଦର ସାଉଁଟି ଥିଲେ । ଆଜି ଅଚାନକ ତାଙ୍କ ଛାତିରେ ଯନ୍ତ୍ରଣା ଅନୁଭବ ହେବା ସହ ତାଙ୍କର ମୃତ୍ୟୁ ହେଇଥିଲା । ତାଙ୍କର ଏହି ମୃତ୍ୟୁ ଖବର ପ୍ରଚାରିତ ହେବାପରେ ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ,ତିହୁଡା ଗୁରୁକୃପା କୁଟିରର ବ୍ରହ୍ମଚାରୀ ବାବା ସତ୍ୟାନନ୍ଦ ଦାସ, ଅବସରପ୍ରାପ୍ତ ଶିକ୍ଷକ ଚୈତନ୍ୟ ଚରଣ ନାୟକ, ସମେତ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି ।

# ଶ୍ରୀ ଗୋପୀନାଥ ଜୀୟୁ ଉଚ୍ଚବିଦ୍ୟାଳୟରେ ସୁରଭି

କୁଆଖିଆ,(ସବ୍ୟୁ): ରସୁଲପୁର ବ୍ଲକ ଉଚଅପୋଇ କ୍ଲଷ୍ଟର ସ୍ତରୀୟ ବିଦ୍ୟାଳୟ ସମୂହ ସୁରଭୀ ସର୍ଜନାତ୍ମକ କାର୍ଯ୍ୟକ୍ରମ କ୍ଲଷ୍ଟର ସଂଯୋଜକ ଜିତେନ୍ଦ୍ର ସାହୁ ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାଧାନ ରେ ଶ୍ରୀ ଗୋପୀନାଥ ଜିୟୁ ଉଚ୍ଚ ବିଦ୍ୟାଳୟ ଅତଲାପୁର ବାଲିପାଟଣା ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଚାରିଗୋଟି ଉଚ୍ଚବିଦ୍ୟାଳୟ ,ଏଗାର ଗୋଟି ପ୍ରାଥମିକ ଉଚ୍ଚ ପ୍ରାଥମିକ ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନେ ବିଭିନ୍ନ ପ୍ରତିଯୋଗୀତା ରେ ଭାଗନେଇଥିଲେ । ସକାଳ ବେଳା ସୁରଭୀ ପତାକା ରସୁଲପୁର ବ୍ଲକ୍ ଅତିରିକ୍ତ ଶିକ୍ଷା ଅଧିକାରୀ ଡ଼ ପ୍ରଭଞ୍ଜନ ପତି ଉତ୍ତୋଳନ କରିଥିଲେ । ଛାତ୍ରଛାତ୍ରୀ ମାନେ ଜାତୀୟ ସଙ୍ଗୀତ ଗାନ କରିଥିଲେ । ଅନ୍ୟତମ ଅତିରିକ୍ତ ଶିକ୍ଷା ଅଧିକାରୀଅରୁଣ କୁମାର ସେଠି ପରବର୍ତ୍ତୀ ସମୟରେ ସୁରଭୀ ର ମନୋରମ କାର୍ଯ୍ୟକ୍ରମ କୁ ଉଦ୍ଘାଟନ କରି ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିବା ସହିତ ଶିକ୍ଷକ ଶିକ୍ଷୟତ୍ରୀ ଓ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ । ଅପରାହ୍ନରେ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଧାନ ଶିକ୍ଷକ ବିଶ୍ୱନାଥ ସାହୁ ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଯାଜପୁର ଜିଲ୍ଲା ଲେଖକ ସମ୍ମେଳନ ସଭାପତି ଡ଼ ରୁଦ୍ରନାରାୟଣ ପୃଷ୍ଟି ଓ ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଭଗବାନ ଦାଶ ସମ୍ମାନିତ ଅତିଥି ସରପଞ୍ଚ ଅନେଶା କସର ଯୋଗ ଦେଇ ସୁରଭୀ କାର୍ଯ୍ୟକ୍ରମ ମାଧ୍ୟମ ରେ ଶିଶୁ ଛାତ୍ର ଛାତ୍ରୀ ମାନଙ୍କ ପ୍ରତିଭାର ବିକାଶ ଓ ସର୍ଜନାତ୍ମକ ଦିଗ ପ୍ରାଣବନ୍ତ ହୋଇ ପାରୁଛି ବୋଲି ପ୍ରକାଶ କରିଥିଲେ । ସଂଯୋଜକ ଜିତେନ୍ଦ୍ର ସାହୁ ସୂଚନା ପ୍ରଦାନ କରିଥିବା ବେଳେ ଶିକ୍ଷକ ନିର୍ମଳ ଚନ୍ଦ୍ର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଅନ୍ୟତମ ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁ ,ଶାରିରୀକ ଶିକ୍ଷା ଶିକ୍ଷକ କୁଶଦେ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ । ଅତିଥି ମାନଙ୍କ ଦ୍ୱାରା କୃତି ପ୍ରତିଯୋଗୀ ମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ଦିଆଯାଇ ପୁରସ୍କୃତ କରାଯାଇଥିଲା । ଏହି ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମର ସଞ୍ଚାଳନ କରିଥିଲେ ଗୋପୀନାଥ ଜିୟୁ ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆଲୋକ ଦାସ ।

# କ୍ୟାମ୍ପସ ସଂଯୋଗୀକରଣ ରାସ୍ତା ନାହିଁ, ହନ୍ତସନ୍ତ ଶିକ୍ଷାର୍ଥୀ ଓ ଶିକ୍ଷକ

ମହାକାଳପଡ଼ା ,(ସବ୍ୟୁ) :ମହାକାଳପଡ଼ା ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ ଜଗମୋହନ ନୋଡାଲ. ଉଚ୍ଚ ବିଦ୍ୟାଳୟ , ବାରଡାଙ୍ଗ,ପରିସର ରେ ସଂଯୋଗୀକରଣ ରାସ୍ତା ଅଭାବରୁ ଦୀର୍ଘ ଦିନ ହେବ ଛାତ୍ର /ଛାତ୍ରୀ ଓ ଶିକ୍ଷକ /ଶିକ୍ଷୟତ୍ରୀ ହୀନସ୍ତା ହେଉଛନ୍ତି । କ୍ୟାମ୍ପସରେ ଅବସ୍ଥିତ ଶାନ୍ତିମୟୀ ପ୍ରାଥମିକ ବିଦ୍ୟାଳୟ ପରେ ଶାନ୍ତିମୟୀ ମଧ୍ୟ ଇଂରାଜୀ ବିଦ୍ୟାଳୟ ଏବଂ ପରେ ପରେ ଜଗମୋହନ ଉଚ୍ଚ ବିଦ୍ୟାଳୟ କାର୍ଯ୍ୟ କରିଆସୁଛି । ପ୍ରାଇମେରୀ ସ୍କୁଲ ପରବର୍ତ୍ତୀ ସମୟରେ ଏମଇ ସ୍କୁଲ ପାଖାପାଖି ଅବସ୍ଥିତ ଥିବାରୁ କଚ୍ଚା ରାସ୍ତାଦେଇ ସ୍କୁଲ ଯିବା ଆସିବା କରୁଥିଲେ ବି ଯାହା ଯେମିତି ଚଳି ଯାଉଥିଲେ । ମାତ୍ର ସରକାରଙ୍କ ନିର୍ଦ୍ଦେଶ କ୍ରମେ ପ୍ରାଇମେରୀ ଓ ଏମଇ ସ୍କୁଲ ମିଶିବା ପରେ ଶାନ୍ତିମୟୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଯାତାୟାତରେ ସାଧାରଣ ସମସ୍ୟା ସୃଷ୍ଟି ହେଉଥିଲା । ବିଭାଗୀୟ ନିର୍ଦ୍ଦେଶ ମତେ ୨୦୧୮ମସିହାରେ ଗୋଟିଏ କ୍ୟାମ୍ପସରେ ଅବସ୍ଥିତ ଜଗମୋହନ ହାଇସ୍କୁଲ ଓ ଶାନ୍ତିମୟୀ ୟୁପି ସ୍କୁଲ ମିଶିବା ପରେ ଉଭୟ ୪୫୮ଶିକ୍ଷାର୍ଥୀ ଓ ୧୬ଶିକ୍ଷକ / ଶିକ୍ଷୟତ୍ରୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏପରିକି ହାଇସ୍କୁଲ ଠାରୁ ୧୦୦ମିଟରରୁ ଅଧିକ ଦୂରରେ ଅବସ୍ଥିତ ୟୁପି ସ୍କୁଲ କୁ ସଂଯୋଗୀକରଣ ରାସ୍ତା ନଥିବାରୁ ସମସ୍ୟା ସୃଷ୍ଟି ହେଉଛି । ଏବିଦ୍ୟାଳୟ ରୁ ସେ ବିଦ୍ୟାଳୟ ଯିବା ବାଟରେ ଘାସ ଓ ଘାଗୁଡିଆ ଭର୍ତ୍ତି ହୋଇଥିବାରୁ ବିପଦ ର ଆଶଙ୍କା ରହିଛି । ସେପଟେ ବର୍ଷା ଦିନେ ଖାଲ ଖମାରେ ପାଣି ଭରି ଯାଉଥିବାରୁ କାଦୁଅ ପଚ ପଚ ରାସ୍ତାରେ ଯିବା ଆସିବା କରିବା ଉଭୟ ଶିକ୍ଷାର୍ଥୀ ଓ ଶିକ୍ଷକ /ଶିକ୍ଷୟତ୍ରୀ ପାଇଁ ସମସ୍ୟା ସୃଷ୍ଟି ହେଉଛି । ପକ୍କା ସଂଯୋଗୀକରଣ ରାସ୍ତା ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଅଭିଯୋଗ କରିଆସୁଥିଲେବି ଏଯାବତ ବ୍ଲକ ପ୍ରଶାସନ କି ପଂଚାୟତ କର୍ତ୍ତୃପକ୍ଷ କେହି ବି କର୍ଣ୍ଣ ପାତ କରୁନାହାନ୍ତି । ବିଦ୍ୟାଳୟରେ ପକ୍କା ସଂଯୋଗୀକରଣ ରାସ୍ତା କାର୍ଯ୍ୟ ସମ୍ପାଦିତ ନହେଲେ ଛାତ୍ର /ଛାତ୍ରୀ ଓ ଅଭିଭାବକ ମାନେ ରାଜରାସ୍ତା କୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତ

# ଧାର ଟଙ୍କା ମଗାକୁ କେନ୍ଦ୍ରକରି ମାରପିଟ, ୨ ଗୁରୁତର

ଧର୍ମଶାଳା,(ସବ୍ୟୁ) :ଧର୍ମଶାଳା ଥାନା ଜାଲସୁଖା ଗ୍ରାମରେ ଧାର ଟଙ୍କା ମଗାକୁ କେନ୍ଦ୍ରକରି ଦୁଇ ଜଣଙ୍କ ମଧ୍ୟରେ ମାରପିଟ ଘଟି ଉଭୟ ଗୁରୁତର ହୋଇଥିବା ଜଣାପଡିଛି । ସୂଚନା ମୁତାବକ ଜାଲସୁଖା ଗ୍ରାମରେ ରହୁଥିବା କୁଳମଣି ଦେଉରୀଙ୍କ ପୁଅ ଚିତରଞ୍ଜନ ଦେଉରୀ ସେହି ଗ୍ରାମର ନରୀ ଦାସଙ୍କ ପୁଅ ସୁକାନ୍ତ ଦାସକୁ ଧାର ଟଙ୍କା ମାଗିବାରୁ ସୁକାନ୍ତ ତାକୁ ମରଣାନ୍ତକ ଆକ୍ରମଣ କରିଥିଲା । ଫଳରେ ଉଭୟଙ୍କ ମଧ୍ୟରେ ମାରପିଟ ଲାଗିବା ଯୋଗୁଁ ଉଭୟ ଗୁରୁତର ଆହତ ହୋଇଥିଲେ । ଏନେଇ ସ୍ଥାନୀୟ ଅଂଚଳର ଜଣେ ବ୍ୟକ୍ତି ୧୧୨କୁ ଫୋନ କରିବା ପରେ ପୁଲିସ ସେଠାରେ ପହଁଚି ଉଭୟଙ୍କୁ ଆଣି ଧର୍ମଶାଳା ଡାକ୍ତରଖାନାରେ ଭର୍ତୀ କରିଥିଲେ । ତେବେ ଡାକ୍ତଖାନାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଏସମ୍ପର୍କରେ ଚିତରଞ୍ଜନଙ୍କ ସମ୍ପର୍କିୟ ଥାନାରେ ଅଭିଯୋଗ କରିବା ପରେ ପୁଲିସ ନଂ ୬୪୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମାଝି ସୂଚନା ଦେଇଛନ୍ତି ।

# ଭଲିବଲ ପ୍ରତିଯୋଗିତା: କେନ୍ଦ୍ରାପଡା ଚାମ୍ପିଅନ

କେନ୍ଦ୍ରାପଡା,(ସବ୍ୟୁ) : ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ ୬୯ ତମ ରାଜ୍ୟ ସ୍ତରୀୟ ଭଲିବଲ ପ୍ରତିଯୋଗିତା ଭଦ୍ରକ ଜିଲ୍ଲାର ଚରମ୍ପା ଠାରେ ହନୁମାନଜୀୟୁ ମନ୍ଦିର ରେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତା ରେ ୪ ଗୋଟି ପ୍ରତିଯୋଗିତା ହୋଇଥିଲା । ଏଥିରେ ୩ ଗୋଟି ପ୍ରତିଯୋଗିତା ରେ କେନ୍ଦ୍ରାପଡା ଚମ୍ପିୟାନ ହୋଇଛି । ୧୪ ବର୍ଷରୁ କମ୍ ବାଳକ ବିଭାଗରେ, ୧୭ ବର୍ଷରୁ କମ ବାଳକ/ ବାଳିକା ବିଭାଗରେ କେନ୍ଦ୍ରାପଡା ଚମ୍ପିୟାନ ହୋଇଛି । ଉଦ୍‌ଯାପନୀ ଉତ୍ସବରେ ଉଚ୍ଚଶିକ୍ଷା, କ୍ରୀଡା, ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଠାରୁ ଛାତ୍ରଛାତ୍ରୀ ମନେ ଟ୍ରଫି ଗ୍ରହଣ କରିଥିଲେ । ଟୁର୍ଣ୍ଣାମେଣ୍ଟ ରେ ଚମ୍ପିୟାନ ହୋଇଥିବା ଖେଳାଳୀ ମାନଙ୍କ ମଧ୍ୟରୁ ୪୮ ଜଣ ପ୍ରତିଯୋଗୀ ଜାତୀୟ ସ୍ତରରେ ଖେଳିବାକୁ ମନୋନିତ ହୋଇଛନ୍ତି । ଏଥିପାଇଁ ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୁରଜ ଏମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଛନ୍ତି । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସ୍ମିତା ପ୍ରତିଭା ସାହୁ ଖେଳକୁ ପରିଚାଳନା କରିଥିଲେ । ଏଥିରେ ମନୋଜ କୁମାର ସାହୁ, ମ୍ୟାନେଜର ଶଶାଙ୍କ ଶେଖର ସାହୁ, ତୃପ୍ତିମୟୀ ତରାଇ, କୋଚ ଉତ୍କଳ ମହାପାତ୍ର, ଶୁଶ୍ରୀ ସଙ୍ଗିତା ଜେନା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । କେନ୍ଦ୍ରାପଡା ଦଳ ଚମ୍ପିୟାନ ହୋଇ ଥିବାରୁ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ ପ୍ରତିଯୋଗୀ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ଋଣ ସଂପର୍କରେ ସମୀକ୍ଷା

କେନ୍ଦ୍ରାପଡା,(ସବ୍ୟୁ): କେନ୍ଦ୍ରାପଡା ଜିଲ୍ଲା ଆପିକଲ ବିଭାଗ ଦ୍ୱାରା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ଜିଲ୍ଲା ସ୍ତରୀୟ ବ୍ୟାଙ୍କ ଓ କୃଷି ଉଦ୍ୟୋଗଙ୍କ ଋଣ ସଂପର୍କରେ ସମୀକ୍ଷା ବୈଠକ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ରେ ମୁଖ୍ୟ ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଅଧିକାରୀ ଅଜାମ୍ବର ମହାଁ, ଡିଡିଏମ ନାବାର୍ଡ ସ୍ମିତା ବଡଜେନା, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡଃ ମାନସ ରଂଜନ ସାହୁ, ପଶୁ ସମ୍ପଦ ବିକାଶ ଅଧିକାରୀ ଡ଼ଃ ମନୋଜ ପଟ୍ଟନାୟକ, ନିର୍ବାହୀ ଅଧିକାରୀ ସଂଜୟ କୁମାର ତ୍ରିପାଠୀ, ଏଲ୍‌ଡିଏମ୍ ରମାକାଂ ମାଝି, ଜିଲ୍ଲା ମୁଖ୍ୟ ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ, ଉଦ୍ୟାନ କୃଷି ବିଭାଗର ଦେବଦାସ ଦତ, ବ୍ୟାଙ୍କ ପରାମର୍ଶ ଦାତା ଚିନ୍ମୟୀ ପୃଷ୍ଟି, ଯୋଜନା ଅଧିକାରୀ ପବନ ମି ପ୍ରମୁଖ ଯୋଗ ଦେଇ କୃଷି ଓ ଆନୁସଙ୍ଗିକ କୃଷି ର ବିଭିନ୍ନ ଋଣ ଯୋଜନା ସଂପର୍କରେ ଆଲେଚନା କରିଥିଲେ । ଏଗୁଡିକୁ ସମାଧାନ କରିବା ପାଇଁ ଉଦ୍ୟମ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସରକାରଙ୍କ ଦ୍ୱାରା କୃଷକ ମାନଙ୍କ ପଇଁ କୃଷି ଋଣ ଗୁଡିକୁ ଯଥାଶିଘ୍ର ପ୍ରଦାନ କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ଏଥି ସଜିତ ଯୋଜନା ଗୁଡିକ କୃଷକଙ୍କ ନିକଟରେ ପହଁଚି ବ୍ୟାଙ୍କ ଋଣ ନେଇ ସେମାନେ କିଭଳି ଉପକୃତ ହୋଇପାରିବେ ସେ ସଂପର୍କରେ ସମୀକ୍ଷା କରାଯାଇ ଥିଲା । ଆପିକଲ ର ସଂଯୋଜକ ପ୍ରତାପ କୁମାର ରାଉତ ସହଯୋଗ କରିଥିବା ବେଳେ ଅତିରିକ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀ କୋକିଳା ମରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ସମାଜସେବୀ ପ୍ରଦୀପ କୁମାରଙ୍କ ବିୟୋଗରେ ଶୋକ



ଚଣ୍ଡିଖୋଲ,(ସବ୍ୟୁ) : ରାଜ୍ୟର ଜଣେ ବିଶିଷ୍ଟ ସମାଜସେବୀ ଭାବେ ଜଣାସୁଣା ବଡ଼ଚଣା ବ୍ଲକ ରାଧାଦେଇପୁର ଗ୍ରାମର ପ୍ରଦୀପକୁମାର ସାହୁଙ୍କର ଦିଲ୍ଲୀରେ ଆକସ୍ମିକ ବିୟୋଗ ଘଟିଛି । ଶ୍ରୀ ସାହୁ ଜଙ୍ଗଲ ଅଧିକାର ଆଇନର କାର୍ଯ୍ୟକାରୀତା ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବାକୁ ଦିଲ୍ଲୀ ଯାଇଥିଲା ବେଳେ ସେଠାରେ ତାଙ୍କର ଗତକାଲି ଦେହାନ୍ତ ହୋଇଯାଇଥିଲା । ଯାଜପୁର ଜିଲ୍ଲାର ବଡ଼ଚଣା ବ୍ଲକ ଅନ୍ତର୍ଗତ ରାଧାଦେଇପୁର ଗ୍ରାମରେ ଜନ୍ମିତ ସ୍ୱର୍ଗତ ସାହୁ ଜଙ୍ଗଲ ଅଧିକାର ଆନ୍ଦୋଳନ ଏବଂ ଜଳ, ଜମି, ଜଙ୍ଗଲ ଅଧିକାର ଆନ୍ଦୋଳନର ଦେଶରେ ଅନ୍ୟତମ ଲଢୁଆ କର୍ମୀ ଥିଲେ । ଏଥିସହ ମର୍ଯ୍ୟାଦାର ସହ ବଞ୍ଚିବା ଅଭିଯାନ(ସି.ଏସ୍.ଡି)ର ଜଣେ ପ୍ରମୁଖ ନେତା ଥିଲେ । ସେ କିଛି ଦିନ ଧରି ଅସୁସ୍ଥ ଥିଲେ ମଧ୍ୟ ନିଜ ଶରୀର ପ୍ରତି ଧ୍ୟାନ ନ ଦେଇ ସମାଜସେବାରେ ନିମଗ୍ନ ରହି ନିୟମିତ ବିଭିନ୍ନ ସଭା ସମିତି ଓ କାର୍ଯ୍ୟକ୍ରମରେ ଯୋଗ ଦେଇ ଆସୁଥିଲେ । ଜଙ୍ଗଲ ଅଧିକାର ଆଇନର କାର୍ଯ୍ୟକାରିତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଥିବାରୁ ସେଥିରେ ଯୋଗ ଦେବାକୁ ସେ ଗତ ସପ୍ତାହରେ ଦିଲ୍ଲୀ ଯାଇଥିଲେ । ତେବେ ସେ ଆୟୋଜିତ ସଭାରେ ଉପସ୍ଥିତ ଥିବା ସମୟରେ ହଠାତ ସେଠାରେ ଟଳିପଡିଥିଲେ! ତାଙ୍କର ପରଲୋକ ଘଟିଥିବାର ଖବର ପହଞ୍ଚିବା ପରେ ବଡଚଣା ବ୍ଲକ ସମେତ ସମଗ୍ର ଯାଜପୁର ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ମର ଶରୀର ଦିଲ୍ଲୀରୁ ଆସି ଭୁବନେଶ୍ୱର ଲୋହିଆ ଏକାଡେମୀରେ ପହଞ୍ଚିବା ପରେ ବହୁ ସୁଭେଚ୍ଛୁ,ବିଶିଷ୍ଟ ବ୍ୟକ୍ତି ଓ ସହକର୍ମୀ ଶେଷ ଦର୍ଶନ କରିଥିଲେ । ପରେ ତାଙ୍କ ବାସଭବନକୁ ପାର୍ଥିବ ଶରୀର ନିଆଯିବା ସହ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା ।ତାଙ୍କ ବିୟୋଗରେ ବଡଚଣାର ପୂର୍ବତନ ବିଧାୟକ ଅମରପ୍ରସାଦ ଶତପଥୀ, ସୀତାକାନ୍ତ ମହାପାତ୍ର, ଆଇନଜୀବୀ ଉଦୟନାଥ ସାହୁ,ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ବରିଷ୍ଠ ସାମ୍ବାଦିକ ,ନିମଳ ଚନ୍ଦ୍ର ସାମଲ, ପ୍ରଶାନ୍ତକୁମାର ଜେନା,ପ୍ରସନ୍ନ ବିଶ୍ୱାଳ,ସମାଜସେବୀ ଏନ ଆର ଦାସପଟ୍ଟନାୟକ,ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକବ୍ୟକ୍ତ କରିଛନ୍ତ ।

# ନୂତନ କାର୍ଡ, ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ବଣ୍ଟନ



ନିଶ୍ଚିନ୍ତକୋଇଲି ,(ସବ୍ୟୁ) :ରାଜ୍ୟରେ ଡବଲ ଇଂଜିନ୍ ସରକାର ହେବା ପରେ ଇ.କେ.ୱାଇ.ସି. ଜରୀଆରେ ୬ ଲକ୍ଷ୩୮ ହଜାର ଭୂତ କାର୍ଡକୁ ରଦ୍ଦ୍ କରାଯାଇଛି । ଅଦ୍ୟାବଧି ରାଜ୍ୟରେ ୫ ଲକ୍ଷ ୫୦ ହଜାର ହିତାଧିକାରୀଙ୍କୁ ନୂତନ କାର୍ଡ ପ୍ରଦାନ କରାଯାଇଥିଲା ବେଳେ ୧୪ ଲକ୍ଷ ହିତାଧିକାରୀ କାର୍ଡ ପାଇଁ ଆବେଦନ କରିଥିବା ଜଣାଯାଇଛି । ସରକାରଙ୍କ ହାତରେ ବର୍ତ୍ତମାନ ୧୫ ଲକ୍ଷରୁ ଉର୍ଦ୍ଧ୍ୱ କାର୍ଡ ଅନୁମୋଦନ ହୋଇ ରହିଥିବା ବେଳେ ଖୁବ୍ ଶୀଘ୍ର ଆବେଦନ କରିଥିବା ନୂତନ ହିତାଧିକାରୀମାନଙ୍କୁ କାର୍ଡ ଯୋଗାଇ ଦିଆଯିବ । ବର୍ତ୍ତମାନ ସୁଦ୍ଧା ୧୭ ଲକ୍ଷ ହିତାଧିକାରୀଙ୍କ କର୍ଡକୁ ଇ.କେ.ୱାଇ.ସି. କରାଯାଇ ପାରି ନାହିଁ । ଯେଉଁ ହିତାଧିକାରୀମାନେ ସେମାନଙ୍କ କାର୍ଡକୁ ଇ.କେ.ୱାଇ.ସି. କରିନାହାଁନ୍ତି ଖୁବ୍ ଶୀଘ୍ର ସେମାନଙ୍କର ଚାଉଳ ବନ୍ଦ କରାଯିବ ବୋଲି ରାଜ୍ୟ ଖାଉଟି କଲ୍ୟାଣ ଓ ବିଜ୍ଞାନ, ବୈଷୟିକ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରକାଶ କରିଛନ୍ତି । ବିଡିଓ ଦ୍ୱିବେନ୍ଦୁ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ରେସନକାର୍ଡ ଓ ଅନ୍ତୋଦ୍ୟ ଗୃହଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ୪୯୨ ଜଣ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିବା ସହିତ ୭୧ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି । ବିଜେପି ସରକାର ଗରିବ ଓ ଚାଷୀମାନଙ୍କର ହିତ ପାଇଁ କାର୍ଯ୍ୟକରି ଗତ ଖରିଫ ଋତୁରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀରୁ ୪ ଲକ୍ଷ ୨୦ ହଜାର କୁଇଣ୍ଟାଲ ଧାନ ସଂଗ୍ରହ କରି କୁଇଣ୍ଟାଲ ପିଛା ଅଧିକ ୮୦୦ ଟଙ୍କା ଲେଖାଏଁ ଅର୍ଥ ଯୋଗାଇ ଦେଇଥିବା ପ୍ରକାଶ କରିଥିଲେ । ବିଜେପି ସରକାର ଦେଇଥିବା ପ୍ରତିଶୃତି ଅନୁଯାୟୀ ତାର କାର୍ଯ୍ୟ କରି ଚାଲିଥିଲା ବେଳେ ଗରିବ ଶ୍ରେଣୀର ଲୋକଙ୍କ ପାଇଁ ବହୁ ବିକାଶ ମୂଳକ ଯୋଜନା ହାତକୁ ନେଇଥିବା ପ୍ରକାଶ କରିଛନ୍ତି । ଏଥିରେ ସମ୍ମାନୀତ ଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇ ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ବହୁ ଗରିବ ଲୋକଙ୍କୁ ନୂତନ କାର୍ଡ ପ୍ରଦାନ କରାଯାଇଥିଲା ବେଳେ ଖୁବ୍ ଶୀଘ୍ର ଏହି ବ୍ଲକ ଅଂଚଳର ସମସ୍ତ କଚ୍ଚା ଘରକୁ ପକ୍କାଘର କରାଯିବା ଏବଂ ବାଦ୍ ପଡିଥିବା ହିତାଧିକାରୀଙ୍କୁ ରେସନକାର୍ଡ ପ୍ରଦାନ କରାଯିବା ପାଇଁ ପଦକ୍ଷେପ ନିଆଯାଉଥିବା ପ୍ରକାଶ କରିଛନ୍ତି । କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ଏ ସରକାର ଭୂତ କାର୍ଡକୁ ହଟାଇ ବହୁ ଗରିବ ଲୋକମାନଙ୍କୁ ନୂତନ ଭାବେ କାର୍ଡ ଦେଇପାରିଥିବାରୁ ମନ୍ତ୍ରୀଙ୍କୁ ସାଧୁବାଦ ଜଣାଇଥିଲେ । ଏଥିରେ ସହକାରୀ ଜିଲ୍ଲା ଯୋଗାଣ ଅଧିକାରୀ ଚନ୍ଦ୍ରଶେଖର ପାତ୍ର, ବ୍ଲକ ଉପାଧକ୍ଷ ନୃସିଂହ ମିଶ୍ର ,ବ୍ଲକ ଯୋଗାଣ ଅଧିକାରୀ ଦେବୀ ପ୍ରସାଦ ଦାଶ ପ୍ରମୁଖ ଯୋଗଦେଇଥିଲେ । ଶେଷରେ ଅତିରିକ୍ତ ବିଡିଓ ଅଶୋକ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ୫୩ ନମ୍ବର ଜାତୀୟ ରାଜପଥରେ ପୁଣି ଦୁର୍ଘଟଣା: ଦୁଇ କଲେଜ ଛାତ୍ରୀ ଗୁରୁତର

ଚଣ୍ଡିଖୋଲ/ଚଡେଇଧରା ,(ସବ୍ୟୁ) : ଚଣ୍ଡିଖୋଲ-ଦୁବୁରୀ ୫୩ ନମ୍ବର ଜାତୀୟ ରାଜପଥରେ ଗତ ମାସକ ମଧ୍ୟରେ ୧୮ଟି ଦୁର୍ଘଟଣା ଘଟି ୬ଜଣଙ୍କ ମୃତ୍ୟୁ ହୋଇଥିଲା ବେଳେ ବୁଧବାର ଦିନ ଚଡେଇଧରା ଉପରଛକ ହାଟ ସମ୍ମୁଖରେ ଆଉଏକ ଦୁର୍ଘଟଣା ଘଟିଥିଲା । ଏହି ଦୁର୍ଘଟଣାରେ ଚଣ୍ଡିଖୋଲ କଲେଜରେ ଦ୍ୱିତୀୟ ବର୍ଷ କଳାରେ ପଢୁଥିବା ଦୁଇଜଣ ଛାତ୍ରୀ ଗୁରୁତର ଆହତ ହୋଇଛନ୍ତି । ସଂଜ୍ଞାହୀନ ଅବସ୍ଥାରେ ଜଣେ ଛାତ୍ରୀଙ୍କୁ କଟକ ବଡଡାକ୍ତର ଖାନାରେ ଭର୍ତ୍ତି କରାଯାଇଥିଲା ବେଳେ ଅନ୍ୟଜଣେ ସ୍ଥାନୀୟ ଧର୍ମଶାଳା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । କଟକରେ ଚିକିତ୍ସିତ ହେଉଥିବା ଛାତ୍ରୀଙ୍କ ନାମ ବୈଶାଖୀ ଦଳେଇ ଓ ତାଙ୍କ ଘର ଚଡେଇଧରା ନିକଟ ରାମଚନ୍ଦ୍ରପୁର ଗ୍ରାମରେ ବୋଲି ଜଣାପଡିଛି । ଛାତ୍ରୀ ଦୁଇ ଜଣ ଏକ ମୋଟର ସାଇକେଲରେ କଲେଜ ସାରି ଚଣ୍ଡିଖୋଲରୁ ଘରକୁ ଫେରୁଥିଲା ବେଳେ ଏକ ତେଲ ଟ୍ୟାଙ୍କର ତାଙ୍କୁ ଧକା ଦେଇଥିଲା । ଜେନାପୁର ଥାନା ପୋଲିସ ଉକ୍ତ ଟ୍ୟାଙ୍କରକୁ ଜବତ କରି ଘଟଣାର ତଦନ୍ତ ଚଳାଇଛ । ପ୍ରକାଶ ଥାଉକି ରାସ୍ତାର ଶୋଚନୀୟ ଅବସ୍ଥା ପାଇଁ ଗତ ୧୦ ତାରିଖରେ ଚଡେଇଧରା କଲେଜ ସମ୍ମୁଖରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଜଣେ ମହିଳାଙ୍କର ମୃତ୍ୟୁ ଘଟିଥିଲା । ରାସ୍ତାର ଦୁରବସ୍ଥା ପାଇଁ ଦୀର୍ଘ ଦିନ ହେବ ଏହି ଜାତୀୟ ରାଜପଥ ମରଣଯନ୍ତା ସାଜିଛି ।

# ଜନାର୍ଦ୍ଦନପୁରରେ ଲକ୍ଷ୍ମୀପୂଜା

ସାଲେପୁର,(ସବ୍ୟୁ) :ଜନାର୍ଦ୍ଦନ ପୁର ଚିତ୍ରୋତ୍ପଳା ନଦୀତଟ ଲକ୍ଷ୍ମୀ ପୂଜା ମଣ୍ଡପରେ ମା ଲକ୍ଷ୍ମୀଙ୍କର ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଲକ୍ଷ୍ମୀ ପୂଜା ଅବସରରେ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଲକ୍ଷ୍ମୀପୂଜା କମିଟିର ମୁଖ୍ୟ ଅନନ୍ତ ଚରଣ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ସହ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି ଅବସରରେ ତିନି ଜଣ ଶିକ୍ଷାବିତ ରବୀନ୍ଦ୍ର ନାଥ ପ୍ରଧାନ, ବଂଶୀଧର ବେହେରା, ଦେବେନ୍ଦ୍ର ନାଥ ମାଝୀ, ସରପଞ୍ଚ ବିଶ୍ୱ ଭୂଷଣ ନାୟକ, ଆଇନ ଜୀବି ପ୍ରଦୀପ୍ତ କିଶୋର ଷଡ଼ଙ୍ଗୀ, ବରିଷ୍ଠ ଖବରଦାତା ଅଭୟ ଜେନା, ଅକ୍ଷୟ ଦାଶ, ଅବସରପ୍ରାପ୍ତ ସେନା କର୍ମଚାରୀ ବୈରାଗୀ ଚରଣ ଦଳେଇ, ପ୍ରମୋଦ ନାୟକ,ସଂଗଠକ ଅନନ୍ତ ଚରଣ ସାମଲ,ଦ୍ୱିଜେନ୍ଦ୍ର ସାମଲ,ଯଦୁମଣି ମଲ୍ଲିକ ପ୍ରମୁଖଙ୍କୁ ସମ୍ମାନିତ କାରାଯାଇଥିଲା । ଏହି ଉପଲକ୍ଷେ ଭଜନ ସମାରୋହ ଅନୁଷ୍ଠିତହୋଇଥିବା ବେଳେ ଚିତ୍ରୋତ୍ପଳା ନଦୀରେ ମା ଲକ୍ଷ୍ମୀଙ୍କର ମୂର୍ତ୍ତିକୁ ବିସର୍ଜନ କାରାଯାଇଥିଲା

# ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟାଦେଶ ବଣ୍ଟନ



କଣାସ, (ସବ୍ୟୁ): ପୁରୀ ଜିଲ୍ଲା କଣାସ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକରେହିତାଧିକାରୀଙ୍କୁ ଅନ୍ତଦ୍ୱୟ ଗୃହ, ନୂତନ ରାସନ କାର୍ଡ, ନୂତନ ଭତା ବଣ୍ଟନ କରାଯାଇଛି । ମୁଖ୍ୟ ଅତିଥି ପୁରୀ ଲୋକସଭା ସାଂସଦ ଡଃ ସମ୍ବିତ ପାତ୍ର ଓ ସମ୍ମାନୀତ ଅତିଥି ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ଯୋଗଦେଇଥିଲେ ଅନ୍ତଦ୍ୱୟ ଗୃହ ଯୋଜନାରେ ୨୪୮ ଜଣ ନୂତନ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ ।

ସେହିଭଳି ୩୧୧ ଗୋଟି ନୂତନ ରାସନ କାର୍ଡ , ୩୬୧ ଜଣଙ୍କୁ ନୂତନ ବାର୍ଦ୍ଧକ୍ୟ, ବିକଳାଙ୍ଗ ଓ ବିଧବା ଭତ୍ତା ପ୍ରଦାନ କରାଯାଇଥିଲା କାର୍ଯ୍ୟକ୍ରମରେ ସାଂସଦ ଡଃ ସମ୍ବିତ ପାତ୍ର ଯୋଗ ଦେଇ କାର୍ଯ୍ୟାଦେଶ ବଣ୍ଟନ କରିଥିବା ବେଳେ ସେ କହିଥିଲେ ପ୍ରତ୍ୟେକ ପରିବାରର ସ୍ୱପ୍ନ ସାକାର ହେବା ପାଇଁ ନରେନ୍ଦ୍ର ମୋଦୀଙ୍କ ଏହି ଯୋଜନା ଅନେକ ଯୋଗ୍ୟ ହିତାଧିକାରୀଙ୍କ ପକ୍କା ଘର ସ୍ୱପ୍ନ ସାକାର ହେବାକୁ ଯାଉଛି ।

କାର୍ଯ୍ୟାଦେଶ ଉତ୍ସବରେ ବ୍ଲକ ଅଧକ୍ଷା ପ୍ରଭାତୀ ରାଉତ, ଉପାଧକ୍ଷ ଅଭିମନ୍ୟୁ ଜୟସିଂହ, ବିଡ଼ିଓ ସୌମ୍ୟ ରଞ୍ଜନ ସ୍ୱାଇଁ, ଏବିଡ଼ିଓ ମଙ୍ଗଳ ସିଂହ ହେମ୍ବ୍ରମ, ଜିଲ୍ଲା ପରିଷଦ ସଭ୍ୟା ଲତାମଣି ଜଗଦେବ, ଥାନା ଅଧିକାରୀ ପ୍ରସନ୍ନ କୁମାର ନାୟକ, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, ୱାର୍ଡ ସଭ୍ୟ ସଭ୍ୟା ବିଜେପି ଛାମୁଆ ନେତା ଓ କର୍ମୀ ସମୁହ ବିପୁଳ ସଂଖ୍ୟାରେ ଯୋଗ ଦେଇଥିଲେ ।

# ଭିଜିଲାନ୍ସ ହାତରେ ବେଗୁନିଆ ତହସିଲ ଡାଟା ଏଣ୍ଟ୍ରି ଅପେରେଟର

ବୋଲଗଡ଼, (ସବ୍ୟୁ): ଲାଞ୍ଚନେଉଥିବା ବେଳେ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ତହସିଲ କାର୍ଯ୍ୟାଳୟର ଡାଟା ଏଣ୍ଟ୍ରି ଅପେରେଟର୍ ସ୍ମୃତି ଜୟସିଂହଙ୍କୁ ବୁଧବାର ଦିନ ଭିଜିଲାନ୍ସ ମାଡ଼ି ବସିଛି । ଭିଜିଲାନ୍ସ ଦଳି ଲାଞ୍ଚ ନେବା ବେଳେ ରଙ୍ଗେହାତେ ଧରିଛନ୍ତି । ଭିଜିଲାନ୍ସରେ ଧରାପଡ଼ିଥିବା ଡାଟା ଏଣ୍ଟ୍ରିର ଅପରେଟର ଗଡମାଣିତ୍ରୀ ଗ୍ରାମର ଶିଶିର ମଙ୍ଗରାଜଙ୍କ ପାଖରୁ ଅନଲାଇନ ଜମି ପରିବର୍ତ୍ତନ ଫାଇଲ ପ୍ରୋସେସ କରିବା ପାଇଁ ୮ହଜାର ଟଙ୍କା ଲାଞ୍ଚ ଚାହୁଁଥିଲେ ।

ସରକାରୀ ନିୟମ ଅନୁଯାୟୀ, ଅଭିଯୋଗକାରୀ ୧ ସେପେଟମ୍ବର ୨୦୨୫ ରେ ନିଜ ଜମିକୁ କୃଷି ଉଦ୍ଦେଶ୍ୟରୁ ଅକୃଷି ଉଦ୍ଦେଶ୍ୟ ଅର୍ଥାତ ଘରବାରିରେ ପରିବର୍ତ୍ତନ ପାଇଁ ଅନଲାଇନ ଆବେଦନ କରିଥିଲେ ।କିନ୍ତୁ ଅଭିଯୁକ୍ତ ସ୍ମୃତି ଜୟସିଂହ ଫାଇଲକୁ ଅଗ୍ରଗତି କରୁନଥିଲେ ଓ ଲାଞ୍ଚ ଚାହୁଁଥିଲେ । ଏହା ପରେ ଅଭିଯୋଗକାରୀ ଭିଜିଲାନ୍ସକୁ ସୂଚନା ଦେଇଥିଲେ ।ତଦନ୍ତ ଦଳ ଚକ୍ରାନ୍ତ ଅଭିଯାନ କରି ସ୍ମୃତି ଜୟସିଂହଙ୍କୁ ଲାଞ୍ଚ ନେବା ସମୟରେ ଧରି ପକାଇଛନ୍ତି । ତାଙ୍କ ପାଖରୁ ମିଳିଥିବା ୮ହଜାର ଟଙ୍କା ଲାଞ୍ଚ ଟଙ୍କା ଜବତ ହୋଇଛି ।ଏହି ଘଟଣା ପରେ, ଭିଜିଲାନ୍ସ ଦଳ ତାଙ୍କ ଦୁଇଟି ସ୍ଥାନ ଯଥା ନିଜର ବେଗୁନିଆ ସ୍ଥିତ ବାସଗୃହ ଓ ବରପଦାସ୍ଥିତ ଶଶୁର ଘରେ ଏକାସଙ୍ଗେ ତଲାସି ଚଳାଇଛନ୍ତି ଓ ଆୟ ବର୍ହିଭୁତ ସମ୍ପତ୍ତି ଠାବ କରିବା ପାଇଁ ସବୁ ଦିଗରୁ ତଦନ୍ତ ଆରମ୍ଭ ହୋଇଛି ।



ଶେଷରେ ପ୍ରାରମ୍ଭିକ ଚଢ଼ାଉରୁ ଟଙ୍କା ଘରୁ ୨୪୦ ଗ୍ରାମର ସୁନା ଅଳଙ୍କାର ସହ ନଗଦ ୧ ଲକ୍ଷ ୭୨ ହଜାର ଟଙ୍କା ଜବତ କଲା ଭିଜିଲାନ୍ସ ।ଏହା ସମ୍ବନ୍ଧରେ ଭୁବନେଶ୍ୱର ଭିଜିଲାନ୍ସ ପୋଲିସ ଷ୍ଟେସନରେ ମାମଲା ନଂ-୨୩ ତା. ୧୪.୧୦.୨୦୨୫, ଧାରା-୭, ଦୁର୍ନୀତି ନିରୋଧ (ସଂଶୋଧନ) ଅଧିନିୟମ, ୨୦୧୮ ଅନୁଯାୟୀରେ ଦାଖଲ ହୋଇଛି ।ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ସ୍ମୃତି ଜୟଶ୍ରୀ ପୂର୍ବରୁ ମଧ୍ୟ ଜାତି, ଆୟ ଓ ବାସସ୍ଥାନ ପ୍ରମାଣପତ୍ର ପାଇଁ ଛାତ୍ର ଛାତ୍ରୀ ଓ ସାଧାରଣ ଲୋକମାନଙ୍କ ଠାରୁ ଲାଞ୍ଚ ଚାହୁଁଥିଲେ । ନ ଦେଲେ ତାହାକୁ ଦୀର୍ଘଦିନ ଧରି କାର୍ଯ୍ୟାଳୟରେ ପକାଇ ରଖୁଥିଲେ । ପଛା ମାମଲାରେ ମଧ୍ୟ ଏପରି ଅଭିଯୋଗ ଥିଲା ।ଲୋକମାନଙ୍କ ମତାନୁସାରେ, ସେହି କାର୍ଯ୍ୟାଳୟରେ ଦୀର୍ଘ ଦିନ ଧରି ଅନେକ ଅସାଧୁ କାରବାର ଚାଲିଆସୁଛି ।

# ବଳିବାମନ ପୀଠ ଉନ୍ନତିକରଣ ଶିଳାନ୍ୟାସ

ଫୁଲନଖରା, (ସବ୍ୟୁ): ବୟାଳିଶ ମୌଜାର ଶେଷଭାଗରେ ଥିବା ପୁରାଣ ପ୍ରସିଦ୍ଧ ବଳିବାମନପିଠର ଉନ୍ନତିକରଣ କାର୍ଯ୍ୟର ଶିଳାନ୍ୟାସ ଫଳକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠିଙ୍କ କର କମଳରେ ଉଦ୍‌ଘାଟିତ ହୋଇଯାଇଛି । ପୀଠକୁ ସବୁଦିନିଆ ରାସ୍ତା, ଲାଇଟ, ପାନୀୟ ଜଳ, ଏବଂ ପୀଠରେ ଥିବ ମନ୍ଦିରର ଉନ୍ନତି ମୁଖ୍ୟ ସମସ୍ୟା ଥିବା ବେଳେ ଏହାର ସମାଧାନ ପାଇଁ କଟକସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠି ପ୍ରୟାସ ଆରମ୍ଭ କରିଛନ୍ତି । ପୀଠରେ ଥିବା ମନ୍ଦିରଟି ମୁଖ ଶାଳା ସହିତ ଯଜ୍ଞମଣ୍ଡପ ଏବଂ ଆଶ୍ରୟସ୍ଥଳୀ ର ପୁନରୁଦ୍ଧାର କରାଯିବା ପାଇଁ ୫୦ଲକ୍ଷ ଟଙ୍କାର ଏକ ପ୍ରକଳ୍ପର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହା ସହିତ ପୀଠକୁ ସବୁଦିନିଆ ରାସ୍ତା ସହିତ ନଦୀ ଉପରେ ଏକ ପୋଲ ନିର୍ମାଣ ପାଇଁ ବ୍ୟୟବରାଦ ହୋଇସାରିଥିବ ବେଳେ ପର୍ଯ୍ୟଟନ ସ୍ଥଳୀ ପାଇଁ ଆବଶ୍ୟକ ଭିତ୍ତିଭୂମିର ବିକାଶ କରାଯିବ ବୋଲି ମଧ୍ୟ ଘୋଷଣା କରିଛନ୍ତି । ଦୀର୍ଘଦିନ ଧରି ଅବହେଳିତ ହୋଇ ରହିଥିବା ଏହି ବଳିବାମନ ପୀଠର ଉନ୍ନତି ପାଇଁ ଅନେକ ସମୟରେ ଦାବି ଇପସ୍ଥାପନ କରାଯାଇଥିବାରୁ ବିଧାୟକ ଏତାଦୃଶ ପଦକ୍ଷେପକୁ ଅଞ୍ଚଳବାସୀଙ୍କ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଛି । ସେହିଭଳି ଗୋବିନ୍ଦପୁର ପରମହଂସ ସେତୁରେ ବିଧାୟକଙ୍କ ନିଜସ ଉନ୍ନୟନ ପାଣ୍ଠିରୁ ସୌର ଚାଳିତ ଆଲୋକକିରଣ ବ୍ୟବସ୍ଥା ମଧ୍ୟ ଶୁଭ ଉଦ୍‌ଘାଟନ ବିଧାୟକ କର କମଳରେ ସମ୍ପାଦିତ ହୋଇଥିଲା ।

ଏହି କାଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧରେ ୪୨ମୌଜା ମଣ୍ଡଳ ସଭାପତି ସୁଧାଂଶୁ ନାରାୟଣ ଦାସ, ଅମିତାଭ ନିହାର ରଞ୍ଜନ ପଣ୍ଡା, ବିଶ୍ୱାଳ, ସତ୍ୟଦୀପ ସାହୁ, ସମୀର ପଣ୍ଡା, ପ୍ରବେଶ ରାଉତ, ପ୍ରିୟବ୍ରତ ଖଟୁଆ ,ସୌମ୍ୟ ରଂଜନ ଦାଶ,ସନ୍ତୋଷ ସାହାଣୀ, ବିଜୟ ରାଉତରାୟ,ପପୁ ସାସମଲ, ସୁଶାନ୍ତ ରାଉଳ, ବନମାଳୀ ବିହାରୀ, ଲକ୍ଷ୍ମୀଧର ସାସାମଲ, ବନିତା ଶତପଥି, ପ୍ରସନ୍ନ ନାୟକ, ଶୁଭଶ୍ରୀ ସାସାମଲ,ସୁନିତା ଦେବତା, ପ୍ରମୁଖ ସହଜୋଗ କରିଥିଲେ ।

# ଚଉଁରପଦା ଛକ: ବିନା ଲାଇସେନ୍ସରେ ଚାଲିଛି ଔଷଧ ଦୋକାନ

ନି ମା ପ ଡ଼ା , ( ସ ବୁ ୍ୟ ) : ପୁରୀଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ ଚଉଁରପଦା ଛକ ଠାରେ କେତେକ ଔଷଧ ଦୋକାନ ବିନା ଲାଇସେନ୍ସରେ ଚାଲିଛି । ଖାଲି ମେଡିସିନ ବିକ୍ରି ନୁହେଁ ସଂପୃକ୍ତ ଦୋକାନୀ ରୋଗୀ ଦେଖିବା ସହିତ ରକ୍ତ, ମଳ, ମୂତ୍ର , କଫ ଆଦି ପରୀକ୍ଷା କରି ରୋଗୀଙ୍କୁ ରିପୋର୍ଟ ଦେଉଥିବା ଜଣାପଡିଛି ।

ମେଡିସିନ ବିକ୍ରି କରିବା ପାଇଁ ଲାଇସେନ୍ସ ନଥିବା ବେଳେ ଦୋକାନକୁ ଆସୁଥିବା ରୋଗୀଙ୍କୁ ନିଜେ ଦେଖି ରୋଗ ଚିହ୍ନଟ କରି ନିମ୍ନମାନର ଔଷଧ ରୋଗୀଙ୍କୁ ବିକ୍ରି କରି ଲାଭବାନ ହେଉଥିବା ବେଳେ ଭଲ ହେବା ପରିବର୍ତେ ରୋଗୀ ଆହୁରି ଜଟିଳ ଆଡ଼କୁ ଗତି କରୁଥିବା ନେଇ ଅଭିଯୋଗ ହେଉଛି । ଖୋଦ ନିମାପଡ଼ା ବଜାର ଠାରୁ ମାତ୍ର ୨କିମି ଦୂରରେ ଥିବା ଉକ୍ତ ଛକରେ ବିନା ଲାଇସେନ୍ସରେ କେତେକ ଔଷଧ ଦୋକାନ ଓ ପଥୋଲୋଜି ଚାଲିଥିଲେ ମଧ୍ୟ କେମିତି ଡ୍ରଗସ ଇନ୍ସପେକଟରଙ୍କ ଦୃଷ୍ଟି ପଡୁନି ତାହାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । ବିଭାଗୀୟ ଉଚ୍ଚ ଅଧିକାରୀ ବେଆଇନ ଭାବେ ଔଷଧ ଦୋକାନ ଖୋଲି ରୋଗୀଙ୍କ ଜୀବନ ସହ ଖେଳୁଥିବା ବ୍ୟକ୍ତି ଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ ହେଉଛି ।

# ଟ୍ରେନ୍‌ରେ କଟି ଯୁବକ ମୃତ : ପୋଲିସର ତନାଘନା

ନିରାକାରପୁର,(ସବ୍ୟୁ): ଗତ ୮ ତାରିଖରେ ନିରାକାରପୁର ରେଳବାଇ ଫାଣ୍ଡି ପୋଲିସ ଏକ ଅଚିହ୍ନା( ପୁରୁଷ) ବ୍ୟକ୍ତିର ଖଣ୍ଡ ବିଖଣ୍ଡିତ ଶବକୁ ନିରାକାରପୁର ଷ୍ଟେସନ ଓ ୨୧୯ ନମ୍ବର ରେଳ ଫାଟକ ମଧ୍ୟବର୍ତ୍ତୀ ଇଲାକା ଥିବା ଡାଉନ ଲାଇନ ରେଳ ଧାରଣା ଉପରୁ ଜବତ କରି ଥିଲା । ଉକ୍ତ ଯୁବକ ଜଣକ ପୁରୀ ଜିଲ୍ଲା ଗଡିଶିଗଦା ଥାନା ଅନ୍ତର୍ଗତ କରମଳା ହରିପୁର ଗ୍ରାମର ମାନସ ସ୍ୱାଇଁ (୩୦) ବୋଲି ଜଣାପଡିଛି । ମାନସ ଜିଓ ମାର୍ଟ ରେ କାର୍ଯ୍ୟ କରିଥିବାବେଳେ ଉକ୍ତ ଦିନ ଖୋର୍ଦ୍ଧାରୁ ଘରକୁ ଫେରୁ ଥିବାବେଳେ ନିଶାଦ୍ରବ୍ୟ ସେବନ ପାଇଁ ଜଂକିଆ ରମାବିଲୀ ଛକ ଏକ ମଦ ଦୋକାନକୁ ଯାଇ ସେଠାରେ କିଛି ଟେଷ୍ଟ ହାଉସରେ କାର୍ଯ୍ୟରତ ପିଲାଙ୍କ ସହିତ ସମ୍ପର୍କରେ ଆସିଥିଲା । ଅତ୍ୟଧିକ ନିଶା ସେବନ କରିଥିବାରୁ ଉକ୍ତ ତିନିଜଣ ପିଲା ତାକୁ ଆଣି ନିରାକାରପୁର ତାରିଣୀ ମନ୍ଦିର ନିକଟରେ ଛାଡ଼ି ପୋଲିସକୁ କହିବା ମୁତାବକ ସେ ଅଧିକ ମଦ୍ୟପାନ କରିଥିବାରୁ ତାର ଗାଡି ଓ ମୋବାଇଲ ଫୋନ ନେଇ ସେମାନେ ନେଇ ଯାଇଥିଲେ । ଦୁଇ ଦିନ ପରେ ସେମାନେ ମାନସଙ୍କ ଘରକୁ ଫୋନ କରି ତାର ଗାଡି ଓ ମୋବାଇଲ ନେଇ ଯିବାକୁ ଜଣାଇଥିଲେ । ରେଳବାଇ ପୋଲିସ ସେଠାରୁ ଗାଡି ,ମୋବାଇଲ ଆଣିଥିବା ବେଳେ ପଚରାଉଚରା କରିବାକୁ ମୃତ ମାନସକୁ ସେ ଦିନ ଛାଡ଼ିବାକୁ ଆସିଥିବା ଉକ୍ତ ୩ ଜଣଙ୍କୁ ଫାଣ୍ଡିକୁ ଆଣିଥିଲେ ବୋଲି ଜଣାପଡିଛି । ମାନସ ନିରାକାରପୁର କଲେଜ ପଛ ପାଖରେ ଏକ ଭଡା ଘରେ ନିଜର ପନ୍ନୀ ଓ ଗୋଟିଏ ଶିଶୁ ପୁତ୍ର ସହ ରହୁଥିଲେ । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ରହସ୍ୟ ଜଣାପଡ଼ିବ ବୋଲି ରେଳବାଇ ପୋଲିସ ଦିଲୀପ କୁମାର ସାହୁ କହିଛନ୍ତି ।

# ବାଉଁଶିଆରୁ ଚୋରି : ଦୁଇ ଗିରଫ

ଶରଣକୁଳ,(ସବ୍ୟୁ): ବାଉଁଶିଆ ଗ୍ରାମରୁ ଚୋରି ଘଟଣାରେ ଶରଣକୁଳ ପୁଲିସ ଆଉ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚୋରି ସାମଗ୍ରୀ ଉଦ୍ଧାର କରିଛି ।

ସୂଚନାଥାଉକି ଗତ ୬ ରେ ବାଉଁଶିଆ ଗ୍ରାମର ସତ୍ୟନାରାୟଣ ତ୍ରିପାଠୀଙ୍କ ପୁଅ ଶିବପ୍ରସାଦ ତ୍ରିପାଠୀଙ୍କ ଘରୁ କେହି ଦୁର୍ବୃତ୍ତ କବାଟ ଭାଙ୍ଗି ବିଭିନ୍ନ ସାମଗ୍ରୀ ଓ ଗହଣା ଚୋରି କରି ନେଇଥିବା ନେଇ ୧୩ତାରିଖ ଦିନ ଶରଣକୁଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୁଲିସ ତଦନ୍ତ କରିବା ସହ ଏହି ଘଟଣାରେ ସେହି ଗ୍ରାମର କୈଳାସ ନାହାକଙ୍କ ପୁଅ କୁନା ଓରଫ ଭାଗିରଥି ନାହାକ ଏବଂ ପୂର୍ଣ୍ଣ ନାହାକ ପୁଅ ଅଶୋକ ନାହାକକୁ ଗିରଫ କରିଥିବା ଜଣାଯାଇଛି । ଆଇଆଇସି ସୁଜିତ କୁମାର ଦାସଙ୍କ ନେତୃତ୍ୱରେ ଏଏସଆଇ ଡ ରବିନ ଏହି ଘଟଣାର ତଦନ୍ତ କରୁଥିଲେ । ପୁଲିସ ଅଭିଯୁକ୍ତ ଦୁଇଜଣଙ୍କୁ ସନ୍ଦେହରେ ଥାନାକୁ ଆଣି ପଚରାଉଚୁରା କରିଥିବାବେଳେ ସେମାନେ ଚୋରି ନେଇ ସ୍ୱୀକାର କରିବାରୁ ପୁଲିସ ସେମାନଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରିଥିବା ଜଣାପଡିଛି । ପୁଲିସ ଘଟଣାର ଅଧିକ ତଦନ୍ତ ଚଳାଇଛି । ଏଠାରେ ପ୍ରକାଶଥାଉକି ଗତ ୭ତାରିଖ ଦିନ ବାଉଁଶିଆ ଗ୍ରାମରୁ ଉଦୟନାଥ ରଥଙ୍କ ଘରୁ ଚୋର ଦଳ ବହୁ ସାମଗ୍ରୀ, ସୁନାଗହଣା ଲୁଟି ନେଇଥିବାବେଳେ ଉକ୍ତ ଘଟଣାରେ ମଧ୍ୟ ପୁଲିସ ଦୁଇଜଣଙ୍କୁ ଗିରଫ କରିବା ସହ ଚୋରି ସାମଗ୍ରୀ ଉଦ୍ଧାର କରି ଶ୍ରୀ ରଥଙ୍କ ପରିବାରକୁ ହସ୍ତାନ୍ତର କରିଛି । ବାଉଁଶିଆ ଗ୍ରାମରେ ଦୁଇ ଦୁଇଟି ଚୋରି ଘଟଣାରେ ଶରଣକୁଳ ପୁଲିସ ସଫଳତାର ସହ ଚୋର ଦଳଙ୍କୁ ଗିରଫ କରିପାରିଥିବାରୁ ଲୋକଙ୍କ ଆସ୍ଥାଭାଜନ ହୋଇପାରିଛି ।

# ପୁରୁଷୋତ୍ତମପୁର ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି

ଫୁଲନଖରା, (ସବ୍ୟୁ): ବାରଙ୍ଗ ବ୍ଲକ ସାଇଁସୋ ପଂଚାୟତ ଅନ୍ତର୍ଗତ ପୁରୁଷୋତ୍ତମପୁର ଉପ୍ରା ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୭ ଟି ବିଦ୍ୟାଳୟର ସମୁଦାୟ ୧୦୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନୃତ୍ୟ, ଗୀତ, ଚିତ୍ରାଙ୍କନ, ପ୍ରବନ୍ଧ, ଭାଷଣ, ସାଧାରଣ ଜ୍ଞାନ, ସୃଜନଶୀଳ ଲିଖନ ହସ୍ତାକ୍ଷର ଓ ବିଭିନ୍ନ କୌଶଳ ପ୍ରଦର୍ଶନ କରି ୨୦ ଜଣ ମଣ୍ଡଳସ୍ତରୀୟ କାର୍ଯ୍ୟକ୍ରମକୁ ମନୋନୀତ ହୋଇଥିଲେ ।



ଏହି ଅବସରରେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଗୋଲେଖ ବିହାରୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଇଁସୋ ଗ୍ରାମ ସରପଞ୍ଚ ସରୋଜ ମହାପାତ୍ର, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀମତୀ ଅନୀତା କୁମାରୀ ପ୍ରଧାନ, ଅତିଥି ଶିକ୍ଷକ ସନାତନ ମୁଣ୍ଡା, ଅଙ୍ଗୁରବାଳା ମଲ୍ଲିକ, ସୟଦିଜିୟା ଉଲ ହକ, ସୟଦରଫତ ଆଲମ, ଇନାମମୁଦ୍ଦୁନି ଖାନ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମମତା ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅତିଥିମାନଙ୍କ ଦ୍ୱାରା କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବାରଙ୍ଗ ,(ସବ୍ୟୁ): ଚନ୍ଦକାଥାନା ଅନ୍ତର୍ଗତ ଦାରୁଠେଙ୍ଗ ନଦୁର୍ଗା ମନ୍ଦିର ନିକଟ ଏକ ଫାର୍ମ ହାଉସରେ ଥିବା ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହକୁ ବୁଧବାର ସକାଳୁ ଉଦ୍ଧାର କରିଛି ପୋଲିସ । ମୃତକ ଜଣକ ହେଉଛନ୍ତି ଢେଙ୍କାନାଳ ଗନ୍ଦିଆ ଅଞ୍ଚଳର ଭରତ ଦେହୁରୀ । ଘଟଣା ସ୍ଥଳରୁ ପୋଲିସ ମଦ ବୋତଲ, ପାଣି ବୋତଲ,ମୋବାଇଲ ଫୋନ କୁ ଜବତ କରିଥିଲା । ମୋବାଇଲଫୋନରୁ ଯୁବକର ପରିଚୟ ପାଇବା ପରେ ମୃତକ ଙ୍କ ପରିବାରକୁ ପୋଲିସ ସୂଚନା ଦେଇଥିଲା । ଭରତ ଦୀର୍ଘଦିନ ହେବ ଦାରୁଠେଙ୍ଗ ଗାଁ ପାଖରେ ଥିବା ରେଡିମିକ୍ସ କମ୍ପାନୀରେ କାମ କରିଥିଲେ । ସେ ଜଣେ ଯୁବତୀକୁ ପ୍ରେମ କରୁଥିଲେ । ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିବାରୁ ଯୁବତୀ ଜଣଙ୍କ ଆଉ ଭରତଙ୍କ ସହ କଥା ହୋଇନଥିଲା । ଗତ ତିନିଦିନ ଧରି ଭାରତ ଯୁବତୀଙ୍କ ସହ କଥା ହେବାକୁ ଚେଷ୍ଟା କରି ବିଫଳ ହେବାରୁ ଇନଷ୍ଟାଗ୍ରାମରେ କଥା ନହେଲେ ମରିଯିବେ ବୋଲି ଲେଖିଥିଲେ ବୋଲି ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା । ୪୦/୨୫କେସ ନମ୍ୱରରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

# ବିଶ୍ୱ ବରିଷ୍ଠ ନାଗରିକ ଦିବସ

ବାଲିପାଟଣା ,(ସବ୍ୟୁ): ବାଲିପାଟଣା ବ୍ଲକ ପ୍ରଶାସନ ତରଫରୁ ବୁଧବାର ପୂର୍ବାହ୍ନରେ ପଞ୍ଚାୟତ ସମିତି ସଭାଗୃହରେ ବ୍ଲକ ସ୍ତରୀୟ ବିଶ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି ।ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦିବ୍ୟଜ୍ୟୋତି ଭୂତିଆଙ୍କ ସଂଯୋଜନାରେ ଏହି କାର୍ଯକ୍ରମ ରେ ଗୋଷ୍ଠୀ ସହ ଶିକ୍ଷା ଅଧିକାରୀ ଯଶୋଦା ସାହୁ,ସି ସି ପ୍ରଭାତ କୁମାର୍ ଜେନା,ବରିଷ୍ଠ ନାଗରିକ ସଂଘ ର ସଭାପତି ସୁରେନ୍ଦ୍ର ନାଥ ସେଠୀ,ଉପସଭାପତି ରମେଶ ଚନ୍ଦ୍ର ସାହୁ,ସମ୍ପାଦକ ଟହଲି ଭୋଇ,ପ୍ରମୁଖ ଅତିଥିଭାବେ ଯୋଗଦେଇ ଏହି ଦିବସ ପାଳନର ତାତ୍ପର୍ଯ୍ୟ ରହିଛି ବୋଲି ବକ୍ତାମାନେ ମତ ଦେଇଥିଲେ । ଉପସ୍ଥିତ ସମସ୍ତ ବରିଷ୍ଠ ନାଗରିକ ମାନଙ୍କୁ ପ୍ରଶାସନ ତରଫରୁ ଉତ୍ତରୀୟ ଓ ଗୋଲାପ ଫୁଲ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ହୋଇଥିବା ପ୍ରବନ୍ଧ ପ୍ରତିଯୋଗିତାରେ ସଫଳତା ଲାଭ କରିଥିବା ପ୍ରତିଯୋଗୀ ମାନଙ୍କୁ ପ୍ରମାଣପତ୍ର ଓ ଫଳକ ପ୍ରଦାନ କରାଯାଇଥିଲା ।ସଂଗ୍ରାମ କେଶରୀ ଦାସ ଓ ଅନ୍ୟ ଅଧିକାରୀ ମାନେ କାର୍ଯ୍ୟକ୍ରମ ସଫଳତାରେ ସହଯୋଗ କରିଥିଲେ ।ବହୁ ସଂଖ୍ୟାରେ ବରିଷ୍ଠ ନାଗରିକ ସଭାରେ ଉପସ୍ଥିତ ଥିଲେ ।

# କୋଟିଲା ଗୋସ୍ୱାମୀଙ୍କ ପୀଠରେ ହେବ ବିକାଶ

କଣ୍ଟାପଡ଼ା, (ସବ୍ୟୁ) : କାଣ୍ଟାପଡ଼ା ବ୍ଲକ ଅଡ଼ଶପୁର ପଞ୍ଚାୟତ ଅନ୍ତର୍ଗତ ବରାହୀପୁର ଓ ଗୁପ୍ତମାଣିକା ଅଞ୍ଚଳର ପୁରାତନ ତଥା ପୁରାଣ ପ୍ରସିଦ୍ଧ କୋଟିଲା ଗୋସ୍ୱାମୀଙ୍କ ପୀଠର ଉନ୍ନତିକରଣ ପାଇଁ ଉଦମ ଆରମ୍ଭ ହୋଇଛି ।

ଏ ନେଇ ନିଆଳି ବିଧାୟକ ଇଂ.ଛବି ମଲ୍ଲିକ ପ୍ରତିଶ୍ରୁତି ଦେବା ସହିତ ଏହି ପୀଠର ସର୍ବାଙ୍ଗୀନ ବିକାଶ ପାଇଁ ଗୁରୁତ୍ୱାରୋପ କରିଛନ୍ତି । ବୁଧବାର ଦିନ ବିଧାୟକ ଇଂ.ମଲ୍ଲିକ ଉକ୍ତ ପୀଠକୁ ଆସି ଉଭୟ ଗ୍ରାମବାସୀଙ୍କ ଉପସ୍ଥିତିରେ ବିଭିନ୍ନ କାର୍ଯ ଆରମ୍ଭ କରିବା ନେଇ ଆଲୋଚନା କରିଥିଲେ । ପୀଠ ପରିସରରେ ୧୦ଲକ୍ଷ ଟଙ୍କା ବୟରେ ଏକ ଭୋଗ ମଣ୍ଡପ ନିର୍ମାଣ ଓ ସମାନ ପରିମାଣ ୧୦ଲକ୍ଷ ଟଙ୍କା ବୟ ଅଟକଳରେ ଆନନ୍ଦ ବଜାର ସ୍ଥାପନ କରିବାକୁ ବିଧାୟକ ଘୋଷଣା କରିଥିଲେ । ଏତଦ ବତୀତ ବରାହୀଶ୍ୱର ମନ୍ଦିରର ଉନ୍ନତିକରଣ ପାଇଁ ୩ଲକ୍ଷ ଟଙ୍କାର ବବୟ ବରାଦ କରିଥିଲେ ।

ଅପରପକ୍ଷରେ ବରାହିପୁର ସ୍କୁଲ ଗୃହ ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କା ମୁର ହୋଇଥିଲାବେଳେ ଖେଳପଡ଼ିଆର ଉନ୍ନତିକରଣ ଏବଂ ଗାଲେରୀ ନିର୍ମାଣ ପାଇଁ ବୟ ଆକଳନ ଚିଠା ପ୍ରସ୍ତୁତ କରିବାକୁ ସହକାରୀ ଯନ୍ତ୍ରୀଙ୍କୁ କହିଥିଲେ । ଏ ସମସ୍ତ କାର୍ଯ ଆସନ୍ତା ଏପ୍ରିଲ ସୁଦ୍ଧା କରିବାକୁ ସେ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଏହି ଅବସରରେ ଚକ୍ରଧର ଗୋଚ୍ଛାୟତ, ଦେବେନ୍ଦ୍ରନାଥ ଗୋଚ୍ଛାୟତ, କୃଷ୍ଣଚନ୍ଦ୍ର ଦାସ, ସୁବ୍ରତ ରାୟ, ଚିରନ ପ୍ରଧାନ, କ୍ଷୀରୋଦ ସ୍ୱାଇଁ, ଟୁନା ଦିକ୍ଷିତ, ଆଲୋକ ଜେନା, ଅଗଣୀ ପ୍ରଧାନ, କାଳନ୍ଦୀ ପାଇଟାଳ, ଶରତ ଜେନା ଓ ଯୁବକ ସଂଘ ସଦସଙ୍କ ସମେତ ଉଭୟ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ଯୁବକଙ୍କ କାଠ ଫାଳିଆରେ ବଡ଼ବୋଉ ମୃତ , ସମ୍ପର୍କୀୟ ମହିଳା ଗୁରୁତର

ନିରାକାରପୁର, (ସବ୍ୟୁ): ନିଜ ପୁତୁରା ଆକ୍ରମଣରେ ବଡ଼ବୋଉଙ୍କ ମୃତ୍ୟୁ ଘଟଣା ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ନୂଆଗଡ ପଞ୍ଚାୟତ ଅନ୍ତର୍ଗତ ବୃନ୍ଦାବନପୁର ଗ୍ରାମରେ ଘଟିଥିବାବେଳେ ଜଣେ ସମ୍ପର୍କୀୟ ମହିଳା ମଧ୍ୟ ଗୁରୁତର ହୋଇଥିବା ଜଣାପଡିଛି । ସୂଚନାଯୋଗ୍ୟ କି ମଙ୍ଗଳବାର ମଧ୍ୟାହ୍ନ ସମୟରେ ବୃନ୍ଦାବନପୁର ଗ୍ରାମ ଜଗବନ୍ଧୁ ସଓ୍ୱାଇଁଙ୍କ ଘର ନିକଟରେ ତାଙ୍କ ପୁତୁରା ସର୍ବେଶର ସଓ୍ୱାଇଁଙ୍କ ପୁତ୍ର ଲିଙ୍ଗରାଜ ସଓ୍ୱାଇଁ ( ୨୯) ଗାଳିଗୁଲଜ କରୁଥିବାବେଳେ ଉକ୍ତ ସମୟ ରେ ଜଗବନ୍ଧୁଙ୍କ ପନ୍ନୀ ତଥା ଲିଙ୍ଗରାଜଙ୍କ ବଡ଼ବୋଉ ହେମଲତା ସ୍ୱାଇଁ (୬୨) ବର୍ଷ ତାଙ୍କ ଘର ସାମ୍ନାରେ ଗାଳିଗୁଲଜ କରୁଛୁ ଘରେ ବୋହୂ ମାନେ ଅଛନ୍ତି କହି ବାରଣ କରିଥିଲେ । ଏଥିରେ ଉତକ୍ଷୀପ୍ତ ହୋଇ ଲିଙ୍ଗରାଜ ଗାଳିଗୁଲଜ କରିବା ସହିତ ଏକ କାଠ ଫାଳିଆ ରେ ଆକ୍ରମଣ କରିବାରୁ ହେମଲତା ଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା । ଏହି ସମୟରେ ଲିଙ୍ଗରାଜଙ୍କ ସମେତ ତାଙ୍କ ପରିବାର ଲୋକେ ମଧ୍ୟ ଆକ୍ରମଣରେ ସହଯୋଗ କରିଥିଲେ ବୋଲି ଲିଖିତ ଅଭିଯୋଗରୁ ଜଣାପଡିଛି ।

ପରେ ତାଙ୍କୁ ଉଦ୍ଧାର କରିବାକୁ ପ୍ରୟାସ କରୁଥିବା ହେମଲତା ଦୁଇ ବୋହୂ ଓ ସମ୍ପର୍କୀୟ ମହିଳା ସୁଜାତା ସ୍ୱାଇଁ ଙ୍କୁ ମଧ୍ୟ ଆକ୍ରମଣର ଶିକାର ହେବାକୁ ପଡ଼ିଥିଲା । କାଠ ଫାଳିଆ ମାଡ଼ରେ ପଡୋଶୀ ବିକାଶ ସ୍ୱାଇଁଙ୍କ ପନ୍ନୀ ସୁଜାତା ସଓ୍ୱାଇଁଙ୍କ ମୁଣ୍ଡ ଫାଟି ଥିବାବେଳେ ସେ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଜଣାପଡିଛି । ଗୁରୁତର ଅବସ୍ଥାରେ ହେମଲତାଙ୍କୁ ପରିବାର ଲୋକେ ପ୍ରଥମେ ଚାନ୍ଦପୁର ହସ୍ପିଟାଲ ଚିକିତ୍ସା ପାଇଁ ଯାଇଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିଲା ।

ପୋଲିସ ଶବକୁ ଜବତ କରି ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପଠାଇ ତଦନ୍ତ କରୁଥିବା ଜଣାପଡିଛି ।ଆକ୍ରମଣକାରୀ ଲିଙ୍ଗରାଜ ସମେତ ତାଙ୍କ ପରିବାର ଲୋକ ଫେରାର ହୋଇଯାଇଛନ୍ତି । ପୋଲିସ ଅଭିଯୋଗକୁ ଭିତ୍ତିକରି ଆଜି ଘଟଣାସ୍ଥଳକୁ ଯାଇ ଅନୁସନ୍ଧାନ ଆରମ୍ଭ କରିଥିବା ଆଇଆଇସି ବିଶ୍ୱଜି ରାଉତରାୟ ଙ୍କ ଠାରୁ ଜଣାପଡିଛି ।

# ଆସୁଛି ଦୀପାବଳି : ଦୀପ ପ୍ରସ୍ତୁତିରେ ବ୍ୟସ୍ତ କୁମ୍ଭକାର

ନିରାକାରପୁର ,(ସବ୍ୟୁ): ଆଲୋକର ପର୍ବ ଦୀପାବଳି ଆସନ୍ତା ୨୦ ତାରିଖ ସୋମବାର ଦିନ ପାଳନ ହେବାକୁ ଯାଉଥିବା ବେଳେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଅଞ୍ଚଳର ବହୁ କୁମ୍ଭକାର ପରିବାର ମାଟି ଦୀପ ତିଆରିରେ ବ୍ୟସ୍ତ ଥିବା ଦେଖିବାକୁ ମିଳୁଛି । ପୂର୍ବ ପୁରୁଷରୁ ମାଟିରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତିକୁ କୌଳିକ ବୃତ୍ତି ଭାବେ ଆପଣାଇ ନେଇଥିବା କୁମ୍ଭକାରଙ୍କ ବେଉସା ଆଧୁନିକତାର ପ୍ରଭାବରେ ହଳିନଯାଇ ଅଦ୍ୟାବଧି ବଞ୍ଚିରହିଛି । ପୂର୍ବରୁ ମାଟି ପାତ୍ରର ଚାହିଦା ଯଥେଷ୍ଟ ଅଧିକ ଥିଲା ଏବଂ ରୋଷେଇ ପାଇଁ ଆବଶ୍ୟକ ମାଟି ପାତ୍ର ଠାରୁ ଆରମ୍ଭ କରି ହାଣ୍ଡି, ମାଠିଆ, ସୁରେଇ ଆଦି ଭଳି ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି କୁମ୍ଭକାର ପରିବାର ବେଶ ଦୁଇ ପଇସା ରୋଜଗାର କରି କୁଟୁମ୍ବର ଗୁଜରାଣ ମେଣ୍ଟାଇ ପାରୁଥିଲା ।



ସମୟାନୁକ୍ରମେ ଆଧୁନିକ ମଣିଷର ରୁଚିରେ ମଧ୍ୟ ପରିବର୍ତ୍ତନ ଯୋଗୁ ମାଟି ପାତ୍ରକୁ ଭୁଲି ବିଭିନ୍ନ ଧାତୁରେ ନିର୍ମିତ ବାସନ କୁସନ ବ୍ୟବହାର କରିବାକୁ ପସନ୍ଦ କଲେଣି । ଏଭଳି ପରିସ୍ଥିତରେ କୁମ୍ଭକାରଙ୍କ ବୃତ୍ତି ପ୍ରତି ସଙ୍କଟ ସୃଷ୍ଟି ହୋଇଛି । ତଥାପି କୌଳିକ ବୃତ୍ତିକୁ ବଞ୍ଚାଇ ରଖିବାପାଇଁ ଏବେ ସୁଦ୍ଧା ସଙ୍ଘର୍ଷ ଜାରି ରଖୁଛନ୍ତି କୁମ୍ଭକାର ପରିବାର । ବି ଶେଷକରି ପର୍ବ ପର୍ବାଣୀରେ କୁମ୍ଭକାରଙ୍କୁ ସାଧାରଣ ଲୋକେ ମନେ ପକାଇଥାନ୍ତି । ସେମାନଙ୍କ ଦାରା ପ୍ରସ୍ତୁତ ଏମିତି ସାମଗ୍ରୀ ରହିଛି ଯାହାକି ପୂଜା ବ୍ରତ ସକାଶେ ନିହାତି ଜରୁରୀ । ଓଡ଼ିଆଙ୍କ ଅଧିକାଂଶ ପର୍ବ ପର୍ବାଣୀରେ ମାଟି ହାଣ୍ଡିର ଆବଶ୍ୟକତା ରହିଥିବା ବେଳେ ଏବେବି କିଛି ଗ୍ରାମାଞ୍ଚଳର ଲୋକେ ରୋଷେଇ ସକାଶେ ମାଟି ହାଣ୍ଡି ବ୍ୟବହାର କରିଥାନ୍ତି ।

ବିଜ୍ଞାନ ଯୁଗରେ ଆଲୋକର ପର୍ବ ଦୀପାବଳି ପାଳନ ସକାଶେ ରଙ୍ଗ ବେରଙ୍ଗର ମହମବତୀ ମିଳୁଥିଲେ ମଧ୍ୟ ମାଟି ଦୀପର ଚାହିଦା ଏବେ ବି ରହିଛି । ବର୍ଷ ତମାମ ବେକାରରେ ରହୁଥିବା କୁମ୍ଭକାର ପରିବାରଙ୍କ ପାଇଁ ଦୀପାବଳି ପର୍ବ ରୋଜଗାର ସୃଷ୍ଟି କରିଥାଏ । ଦୀପାବଳିର ମାସକ ପୂର୍ବରୁ କୁମ୍ଭକାର ପରିବାରର ସମସ୍ତ ସଦସ୍ୟ ଲାଗି ପଡ଼ିଥାନ୍ତି ମାଟି ଦୀପ ପ୍ରସ୍ତୁତିରେ । ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଲେଣ୍ଡୁ ପଂଚାୟତ ସାରଙ୍ଗଧର ମୁଦୁଲି, ବିଜୟ କୁମାର ମୁଦୁଲି, ଦେବା ମୁଦୁଲି, ଏଲିନା ମୁଦୁଲି, ପ୍ରବୀଣ ମୁଦୁଲି ଓ ସୀତା ଦେଇ ଆଦି କୁମ୍ଭକାର ପରିବାର ଏବେ ମାଟି ଦୀପ ତିଆରିରେ ବ୍ୟସ୍ତ ଥିବା ଦେଖିବାକୁ ମିଳୁଛି । ତେବେ ମାଟିରେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି ବାକୁ ବୃତ୍ତି ଭାବେ ଆଦରି ନେଇଥିବା କୁମ୍ଭକାର ପରିବାରଙ୍କ ପାଇଁ ସରକାର କୌଣସି ପ୍ରକାର ଯୋଜନା କାର୍ଯ୍ୟକାରୀ କରି ନଥିବାରୁ ଏହି ବୃତ୍ତି ଆଗାମୀ ଦିନରେ ଲୋପ ପାଇବା ଆଶଙ୍କାକୁ ଏଡ଼ାଇ ଦେଇହେବ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । କୌଳିକ ବୃତ୍ତକୁ ବଞ୍ଚାଇବା ଲାଗି କୁମ୍ଭକାର ଚକ ଘୂରାଉଥିଲେ ମଧ୍ୟ ଉପାର୍ଜନ ଯଥେଷ୍ଟ ପରିମାଣରେ ହେଉନଥିବା ଯୋଗୁଁ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡୁଛି ବୋଲି ବହୁ କୁମ୍ଭକାର ପରିବାର ପ୍ରକାଶ କରିଛନ୍ତି ।

# ବଡ଼ମ୍ବା କଲେଜ ପୂର୍ବତନ ଅଧ୍ୟକ୍ଷଙ୍କ ପରଲୋକ

ବଡ଼ମ୍ବା, (ସବ୍ୟୁ): ସ୍ଥାନୀୟ ମୋହନ ସୁବୁଦ୍ଧି ମହାବିଦ୍ୟାଳୟ (ବଡ଼ମ୍ବା କଲେଜ)ର ପୂର୍ବତନ ଅଧ୍ୟକ୍ଷ କୁମାରେଶ ରଥ (୬୪) ଙ୍କର ସୋମବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି । ସେ ଅସୁସ୍ଥ ଥିବାରୁ ଗତ କିଛିଦିନ ଧରି ଭୁବନେଶ୍ୱର ସ୍ଥିତ ଏକ ଘରୋଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ଥିଲେ ।



ମଙ୍ଗଳବାର ଦିନ ତାଙ୍କ ମରଶରୀର ନିଜ ଗ୍ରାମ ସୁନାପାଳ ସ୍ଥିତ ବାସଭବନରେ ପହଞ୍ଚିବା ପରେ ବହୁ ରାଜନୈତିକ ଦଳର କର୍ମକର୍ତ୍ତା, ଓକିଲ, ସାମ୍ବାଦିକ, ସାମାଜିକ କର୍ମୀ, ମାନ୍ୟଗନ୍ୟ ବ୍ୟକ୍ତି, ବହୁ ଅନୁଷ୍ଠାନ କର୍ମକର୍ତ୍ତା ପହଞ୍ଚି ଶେଷ ଦର୍ଶନ କରିଥିଲେ । ଏପରିକି ବଡ଼ମ୍ବା ପୂର୍ବତନ ବିଧାୟକ ଦେବୀ ପ୍ରସାଦ ମିଶ୍ର, ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ବଡ଼ମ୍ବା ରାଜା ତ୍ରିବିକ୍ରମ ଚନ୍ଦ୍ର ବୀରବର ମଙ୍ଗରାଜ ମହାପାତ୍ର, ବଡ଼ମ୍ବା ଓକିଲ ସଙ୍ଘ ସଭାପତି ବରିଷ୍ଠ ଓକିଲ କୈଳାସ ଚନ୍ଦ୍ର ଜେନା ପ୍ରମୁଖ ଶୋକ ବ୍ୟକ୍ତ କରିବା ସହିତ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ପରେ ପରେ ତାଙ୍କ ମରଶରୀର ବାସ ଭବନ ଠାରୁ ବାହାରି ବଡ଼ମ୍ବା କଲେଜ ଅଭିମୁଖେ ଯାଇଥିଲା ।

ସେଠାରେ ଉପସ୍ଥିତ କଲେଜ ଅଧ୍ୟକ୍ଷେ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଙ୍କ ସମେତ ଛାତ୍ର ଛାତ୍ରୀ ମାନେ ଶ୍ରଦ୍ଧାଞ୍ଜଳୀ ଜଣାଇବା ସହିତ ଶେଷ ଦର୍ଶନ କରିଥିଲେ । ସ୍ୱର୍ଗତ ରଥଙ୍କ ଧର୍ମ ପନ୍ନୀ ଓ ଏକ ମାତ୍ର କନ୍ୟା ଅଛନ୍ତି । ପୁରୀ ସ୍ୱର୍ଗଦ୍ୱାର ଠାରେ ଶେଷ କୃତ୍ୟ ସମ୍ପର୍ଣ୍ଣ କରାଯାଇଥିବା ବେଳେ କନ୍ୟା ଦେବସ୍ମିନୀ ରଥ ମୁଖାଗ୍ନି ଦେଇଥିଲେ । ତାଙ୍କ ପରଲୋକରେ ବଡ଼ମ୍ବା ସମେତ ଆଖ ପାଖ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।

(ଶ୍ରୀମଦ୍ଭଗବଦ୍ ଗୀତା ୧୮/୬୪)
–ମୋକ୍ଷଯୋଗଃ–
(ଶ୍ରୀଭଗବାନୁବାଚ)

**ସର୍ବଗୁହ୍ୟତମଂ ଭୂୟଃ ଶୃଣୁ ମ ପରମଂ ବଚଃ ।**
**ଇଷ୍ଟୋଽସି ମେ ଦୃଢ଼ମିତି ତତୋ ବକ୍ଷ୍ୟାମି ତେ ହିତମ୍ ॥ ୬୪ ॥**

(ଅତିଗମ୍ଭୀରଂ ଗୀତାଶାସ୍ତ୍ରଂ ଅଶେଷତଃ ପର୍ଯ୍ୟାଲୋଚିତୁମ୍ ଅଶକ୍ତଂ, ଅତଃ କୃପୟା ସ୍ୱୟମେବ ତସ୍ୟ ସାରଂ ସଂଗୃହ୍ୟ କଥୟତି ତ୍ରିଭିଃ)– ସର୍ବଗୁହ୍ୟତମଂ (ଅତୀବଗୋପନୀୟଂ) ମେ (ମମ) ପରମଂ ବଚଃ ଭୂୟଃ (ପୁନରପି) ଶୃଣୁ: ତ୍ୱଂ ମେ ଦୃଢ଼ଂ (ଅତ୍ୟନ୍ତଂ) ଇଷ୍ଟଃ (ପ୍ରିୟଃ) ଅସି (ଭବସି), ତତଃ (ହେତୋଃ) ତେ (ତବ) ହିତଂ ବକ୍ଷ୍ୟାମି ॥ ୬୪ ॥

# ସ୍ୱଦେଶୀ ଦ୍ରବ୍ୟର ଚାହିଦା ବଢୁଛି

ଅତୀତରେ ଭାରତ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ପଛରେ ରହି ଜ୍ଞାନ ଆହରଣ ସକାଶେ ବିଦେଶୀ ରାଷ୍ଟ୍ର ବା କମ୍ପାନୀମାନଙ୍କ ଉପରେ ନିର୍ଭର କରି ଆସୁଥିଲା । କିନ୍ତୁ ଆତ୍ମନିର୍ଭର ଭାରତ ଅର୍ଥନୀତି କ୍ଷେତ୍ରରେ ଏବେ ଖୁବ୍ ଆଗରେ ରହିଛି । ଗତ ୨୦୨୦ ମସିହାରୁ ଭାରତ ଆତ୍ମନିର୍ଭର ଆଡକୁ ମୁହାଁଇଛି । କେନ୍ଦ୍ର ସରକାର ସେ ଦିଗରେ ଅନେକଗୁଡ଼ିଏ ପଦକ୍ଷେପ ନେଇଛନ୍ତି । ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ବେଳେ ଭାରତ ଅମୃତ ମହୋତ୍ସବ ପାଳନ କରିଥିଲା ଏବଂ ନୂତନ କାଳଖଣ୍ଡରେ ପ୍ରବେଶ କରି ବିକାଶଶୀଳ ଭାରତ ଯେତେବେଳେ ୨୦୪୭ରେ ତାହାର ଶତବାର୍ଷିକ ପାଳନ କରିବ, ଭାରତ ସେତେବେଳକୁ ବିକଶିତ ରାଷ୍ଟ୍ରରେ ପରିଣତ ହେବ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଯାହା କହିଥିଲେ, ତାହା ଠିକ୍ କଥା ବୋଲି ମନେ ହେଉଛି । କାରଣ ଭାରତ ଏବେ (ଜି.ଡି.ପି) ଅର୍ଥନୀତି କ୍ଷେତ୍ରରେ ବିଶ୍ୱର ଚତୁର୍ଥ ସ୍ଥାନରେ ରହିଛି ଏବଂ ୨୦୨୮ରେ ଭାରତ ଜର୍ମାନୀକୁ ପଛରେ ପକାଇ ତୃତୀୟ ସ୍ଥାନରେ ରହିବ ବୋଲି କୁହାଯାଉଛି ।

ଆମେରିକା ସହିତ ଚାଲିଥିବା ବାଣିଜ୍ୟିକ ଚୁକ୍ତିରେ ଭାରତ ପ୍ରତି ଟାରିଫ ବା ଶୁଳ୍କକୁ ବଢାଇ ଦେଇ ଭାରତକୁ ଯେପରି ହଇରାଣ କରିବାକୁ ଆମେରିକା ଆରମ୍ଭ କରିଛି, ତାହାର ଦୃଢ଼ ଜବାବ୍ ଭାରତ ନିଶ୍ଚୟ ଦେବ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଦୂରଦୃଷ୍ଟି ଯୋଗୁଁ ଭାରତ ଆତ୍ମନିର୍ଭରଶୀଳ ବା ସ୍ୱାବଲମ୍ବୀ ହେଉଛି–ଷ୍ଟାର୍ଟଅପ୍ ଓ ଅନ୍ୟାନ୍ୟ ନୀତିକୁ ଆପଣେଇ ପାରୁଛି । ପ୍ରଖ୍ୟାତ କବି ରବର୍ଟ ଫ୍ରଷ୍ଟଙ୍କ କବିତାର ଗୋଟିଏ ସୁନ୍ଦର ଓ ଶକ୍ତିଶାଳୀ ପଦଟିଏ ମନେ ପଡୁଛି, ତାହା ହେଲା–'Woods Are Lovely, Dark and Deep, But I have promises to keep and miles to go before I Sleep, miles to go before I Sleep.' (ଅର୍ଥାତ୍ ଖୁବ୍ ସୁନ୍ଦର କୃଷ୍ଣରଙ୍ଗର ଏହି ଘନ ବନାନୀ ମୋତେ ଆକୃଷ୍ଟ କରୁଛି, କିନ୍ତୁ ମୁଁ ଆଖି ବୁଜିବା ଆଗରୁ ମୋର ବହୁତ କିଛି କରିବାର ଅଛି, ବହୁତ କିଛି କରିବାର ଅଛି ।) ରବର୍ଟ ଫ୍ରଷ୍ଟଙ୍କର ଏହି ପଦ ଦୁଇଟି ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କର ଖୁବ୍ ପ୍ରିୟ ଥିଲା ଏବଂ ଏବଂ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ କାର୍ଯ୍ୟ ପ୍ରଣାଳୀ ସେଇ କବିତାର ଶେଷ ପଦ ବୋଲି ମନେ ହୋଇଥାଏ ।

ଏବେ ତ ଶିକ୍ଷା ବା ବ୍ୟବସାୟ ପ୍ରଭୃତି ଯାବତୀୟ କ୍ଷେତ୍ରରେ, ଏପରିକି ଦୈନନ୍ଦିନ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଆମେ କମ୍ପ୍ୟୁଟର ପଦ୍ଧତିରେ digitization (ଅଙ୍କୀକରଣର) ଉପରେ ନିର୍ଭରଶୀଳ । ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଆମର ଦୈନନ୍ଦିନ ଜୀବନ ଉପରେ ପ୍ରଭାବ ବିସ୍ତାର କରୁଛି । ପୁସ୍ତକ ଓ ପତ୍ରପତ୍ରିକାର ପଠନ ସ୍ପୃହା ଆଦି ହ୍ରାସ ପାଇଛି– ମୋବାଇଲ ଫୋନ୍, ଲାପ୍‌ଟପ୍ ବା କମ୍ପ୍ୟୁଟରର ବହୁଳ ପ୍ରଚଳନ ଯୋଗୁଁ । ପୁଣି ମୋବାଇଲ ଫୋନରେ ସହଜରେ କଥାବାର୍ତ୍ତା ହେବା ପରେ ଆସିଛି ଆନ୍‌ଡ୍ରଏଡ୍ ଫୋନ ବା ଆଇଫୋନ । ବାର୍ତ୍ତା ପ୍ରେରଣ, ଲେଖା ପ୍ରେରଣ ସହିତ ଫୋଟ ପ୍ରେରଣ ଓ ପ୍ରକାଶନ, ତେଣୁ ସହଜସାଧ ହୋଇ ପାରିଛି– 'ହ୍ୱାଟସ୍‌ଆପ୍' ଓ ଇ–ମେଲ୍ ମାଧ୍ୟମରେ । ଡାକ ଯୋଗେ ସ୍ଥଳ ପରିବହନ ବ୍ୟବସ୍ଥା (surface transporation) ମଧ୍ୟ ଆବଶ୍ୟକତାକୁ ଚାହିଁ କରାଯାଉଛି । ଏବେ ତ ସକଳ ସରକାରୀ କାର୍ଯ୍ୟ ମୋବାଇଲ ସଂକ୍ଷିପ୍ତ ବାର୍ତ୍ତା, ହ୍ୱାଟସ୍‌ଆପ୍ ବା ଇ–ମେଲ ପ୍ରଭୃତିରେ କରାଯାଇ ପାରିବ ବୋଲି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଘୋଷଣା କରି ସାରିଛନ୍ତି । କିନ୍ତୁ ହ୍ୱାଟସ୍‌ଆପ୍ (Whats App) ବା ଇ–ମେଲ ପ୍ରଭୃତି ବିଦେଶୀ କମ୍ପାନୀଗୁଡ଼ିକ ଉପରେ ଭାରତ ଆଉ ନିର୍ଭରଶୀଳ ନ ହୋଇ ସ୍ୱଦେଶୀ କମ୍ପାନୀଗୁଡ଼ିକ ଉପରେ ନିର୍ଭରଶୀଳ ହେବାକୁ ବସିଲାଣି । Arattai (ଅରତାଇ) ଆପ୍ ଜରିଆରେ ବାର୍ତ୍ତା ପ୍ରେରଣ ଓ କଥାବାର୍ତ୍ତା ସମ୍ଭବ ହେଲାଣି, ଯାହା ଆମର ସ୍ୱଦେଶୀ କମ୍ପାନୀ । ତାମିଲନାଡୁର ଏକ ସଫଟ୍‌ଓ୍ୱେର କମ୍ପାନୀ ଜୋହୋ (Zoho) ନିଗମ ଦ୍ୱାରା ଏହା ପରିଚାଳିତ । ଏବେ ଜୋହୋର ଇ–ମେଲ ପ୍ରଚଳିତ ହେଲାଣି । 'ଜି–ମେଲ' ବା 'ୟାହୁ–ମେଲ' ଯାହା ବିଦେଶୀ କମ୍ପାନୀ, ମାଇକ୍ରୋସଫ୍ଟ ପ୍ରଭୃତି ଦ୍ୱାରା ନିୟନ୍ତ୍ରିତ । ସେ ସବୁ ପ୍ରଭାବ ଭବିଷ୍ୟତରେ ନିଶ୍ଚୟ ହ୍ରାସ ପାଇବ । ଏହି ଭାରତ ଯେ ନୂତନ ଭାରତରେ ପରିଣତ ହେବ, ଏଥିରେ ସନ୍ଦେହ ନାହିଁ । କୃତ୍ରିମ ବୁଦ୍ଧିମତା (Artificial Intelligence)ର ପ୍ରଭାବକୁ ମଧ୍ୟ ଅସ୍ୱୀକାର କରାଯାଇ ପାରିବ ନାହିଁ ।

**ସ୍ୱଚ୍ଛ ହୃଦୟ**

**ତୁମ ହୃଦୟରେ ଯଦି ସବୁଜ ସୁନ୍ଦର ବୃକ୍ଷ ରୋପଣ କରିବ, ତେବେ ଈଶ୍ୱର ପକ୍ଷୀ ହୋଇ ଉଡ଼ି ଆସିବେ ସେଥିରେ ବସା ବାନ୍ଧିବା ପାଇଁ**

***ଲେଖକ–ଡ. ପ୍ରଦୀପ କୁମାର ଚୌଧୁରୀ***

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଭାରତବର୍ଷର ରୂପାନ୍ତରଣ ପାଇଁ ୫ଟି ଅଭିନବ ନବୋନ୍ମେଷ



**ଡକ୍ଟର ଚିତ୍ତରଂଜନ ମିଶ୍ର**

୧୭୧୪ ମସିହାରେ ବ୍ରିଟିଶ ସାମ୍ରାଜ୍ୟ ଏକ ଭୟାବହ ଆହ୍ୱାନର ସମ୍ମୁଖୀନ ହୋଇଥିଲା ଆଉ ତା' ଥିଲା ଜଳ ଜାହାଜମାନେ ସମୁଦ୍ରରେ ଯାତ୍ରା କରୁଥିବା ସମୟରେ ଠିକ୍ ଭାବେ ଦେଶାନ୍ତର ରେଖା (ଦ୍ରାଘିମା) ନିର୍ଣ୍ଣୟ କରି ପାରୁନଥିଲେ । ସେ ସମୟର ବ୍ରିଟିଶ ସରକାର ଏକ 'ଦ୍ରାଘିମା ପୁରସ୍କାର' (Longitude Prize)ର ଘୋଷଣା କରିଥିଲେ ଯାହାକି ଜନ୍ ହ୍ୟାରିସଙ୍କ ମାରାଇନ୍ କ୍ରୋନୋମିଟରର ଉଦ୍‌ଭାବନ କ୍ଷେତ୍ରରେ ସଫଳତାକୁ ପ୍ରେରିତ କରିବାରେ ଅତ୍ୟନ୍ତ ସହାୟକ ସାବ୍ୟସ୍ତ ହୋଇଥିଲା ଏବଂ ନୌଚାଳନା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବାରେ ଫଳପ୍ରଦ ହୋଇଥିଲା ।

୨୪ ମାର୍ଚ୍ଚ ୧୬୯୩ରେ ଜନ୍ମିତ ଜନ ହ୍ୟାରିସନ ଜଣେ ବ୍ରିଟିଶ କାଷ୍ଠକାର ଓ ଘଣ୍ଟା ନିର୍ମାତା ଥିଲେ ଏବଂ ୧୭୩୭ ଓ ୧୭୭୩ ମସିହାରେ ଦୁଇଥର ସେ 'ଦ୍ରାଘିମା ପୁରସ୍କାର'ରେ ଅଭିମଣ୍ଡିତ ହୋଇଥିଲେ । ଏହି ଉଦ୍‌ଭାବନ ନୌଚାଳନା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ସଫଳକାମୀ ହେବା ସହ ସୁଦୂର ଜଳଯାତ୍ରାରେ ନିରାପତ୍ତାକୁ ବଳବତ୍ତର କରିଥିଲା । ତାଙ୍କର ଏହି ନବୋନ୍ମେଷର ଫଳସ୍ୱରୂପ ପରବର୍ତ୍ତୀ ୨୦୦ବର୍ଷ ପର୍ଯ୍ୟନ୍ତ ବ୍ରିଟିଶ ସାମ୍ରାଜ୍ୟରେ ସୂର୍ଯ୍ୟ କେବେ ବି ଅସ୍ତ ହୋଇନଥିଲା । ତାହାହିଁ ଥିଲା ନବୋନ୍ମେଷର ବଳିଷ୍ଠ ପ୍ରଭାବ । ଶହ ଶହ ବର୍ଷ ପରେ ଆମେରିକା ଠିକ୍ ସେହିଭଳି ଏକ ଦୃଷ୍ଟିକୋଣ ପୋଷଣ କରିଥିଲା ଯେତେବେଳେ କି ଡିଫେନ୍ସ ଆଡଭାନ୍ସଡ ରିସର୍ଚ୍ଚ ପ୍ରୋଜେକ୍ଟସ ଏଜେନ୍ସି ଡାର୍ପା (DARPA) ମାଧ୍ୟମରେ ଇଣ୍ଟରନେଟ୍, ଜିପିଏସ ଏବଂ ସ୍ୱୟଂଚାଳିତ ଯାନର ଉଦଭାବକମାନଙ୍କୁ ପ୍ରଚଣ୍ଡଭାବେ ଉତ୍ପ୍ରେରିତ କରିବା ସହ ପ୍ରଥମ ବୃହତ୍ତମ କ୍ରେତା ଭାବେ ସମଗ୍ର ବିଶ୍ୱରେ ଉଦ୍‌ଭାସିତ ହୋଇଥିଲା । କାହାଣୀର ନୀତିବାଣୀ ଅତ୍ୟନ୍ତ ସ୍ପଷ୍ଟ ଅଟେ : ଯେତେବେଳେ ସରକାର ନିର୍ଭୟରେ ସମସ୍ୟାମାନ ଉପସ୍ଥାପନ କରିଥାନ୍ତି ଏବଂ ତାହାର ସମାଧାନର ରାସ୍ତା ମଧ୍ୟ ସ୍ଥିରୀକୃତ କରିଥାନ୍ତି, ସେତେବେଳେ ସରକାର ନବୋନ୍ମେଷର ଉନ୍ମୋଚନ କରିଥାନ୍ତି ଯାହାକି ରାଷ୍ଟ୍ରକୁ ନବରୂପ ପ୍ରଦାନ କରିଥାଏ ।

ଆଜି ଭାରତ ନିଜ ନବୋନ୍ମେଷର ଶୂନ୍ୟ ସ୍ଥାନ ସହ ସାମ୍ନା ସାମ୍ନି ହେଉଅଛି । ଏକ ସମୃଦ୍ଧ ଷ୍ଟାର୍ଟଅପ୍ ଇକୋ–ସିଷ୍ଟମ ଓ ସ୍ପୃହଣୀୟ ଜନସାଂଖ୍ୟିକୀୟ ଲାଭାଂଶ ଥିବା ସତ୍ତ୍ୱେ ଆମେ ପରିବର୍ତ୍ତନକାରୀ ପ୍ରଯୁକ୍ତିବିଦ୍ୟା (Transformative Technology)ସୃଷ୍ଟି କରିବାରେ ପଛରେ ପଡିରହିଛୁ । ଆମେ ପେଟେଣ୍ଟ ଫାଇଲ କରୁଛୁଁ, ହେଲେ ତାହାର ବ୍ୟବସାୟୀକରଣ କରି ପାରୁନାହୁଁ । ୨୦୨୩ ମସିହାରେ ଭାରତ ବୌଦ୍ଧିକ ସଂପତ୍ତି ଅଧିକାର (IPR)ର ଉତ୍ପ୍ରବାହ କ୍ଷେତ୍ରରେ ୧୪.୩ ବିଲିୟନ ଡଲାର ବ୍ୟୟ କରିଥିଲା ବେଳେ ମାତ୍ର ୧.୫ ବିଲିୟନ ଡଲାର ଆମଦାନୀ କରିପାରିଛି, ଯାହାର ପୁନପ୍ରାପ୍ତି ହାର କେବଳ ମାତ୍ର ୧୧ ପ୍ରତିଶତ ଯାହାକି ୨୦୧୪ ମସିହାରେ ଥିବା ୧୪ ପ୍ରତିଶତ ହାର ଠାରୁ କମ୍ ଅଟେ । ଗବେଷଣା ଓ ଉନ୍ନୟନ କ୍ଷେତ୍ରରେ ଭାରତ ଜି.ଡି.ପିର ମାତ୍ର ୦.୬୫ ପ୍ରତିଶତ ବ୍ୟୟ କରୁଥିଲାବେଳେ ଦକ୍ଷିଣ କୋରିଆ (୫.୨ ପ୍ରତିଶତ), ଇସ୍ରାଏଲ (୬.୩ ପ୍ରତିଶତ) ଓ ଆମେରିକା (୩.୫୯ ପ୍ରତିଶତ) ବ୍ୟୟ କରିଥାଏ । ଗବେଷଣା ପ୍ରତିଷ୍ଠାନ ଓ ଶିଳ୍ପୋଦ୍ୟୋଗୀମାନେ ସ୍ୱାଧୀନ ଭାବେ ନିଜ ନିଜ ଦୁନିଆର ବାସିନ୍ଦା ହୋଇଥିବା କାରଣରୁ ବିଜ୍ଞାନାଗାରରୁ ମାର୍କେଟ ପ୍ଲେସ୍ ପର୍ଯ୍ୟନ୍ତ ଜ୍ଞାନର ନିରନ୍ତର ପ୍ରବାହ ଅତ୍ୟନ୍ତ ସୀମିତ ହୋଇଯାଇଥାଏ ।

ସରକାର ଏହି ଶୂନ୍ୟସ୍ଥାନକୁ ଉପଲବ୍ଧ କରି ମହତ୍ତ୍ୱାକାଂକ୍ଷୀ ଉପକ୍ରମର ଶୁଭାରମ୍ଭ କରିଛନ୍ତି । ଏକ ଲକ୍ଷ କୋଟି ଟଙ୍କାର 'ଅନୁସନ୍ଧାନ ନ୍ୟାସନାଲ ରିସର୍ଚ୍ଚ ଫଣ୍ଡ'ର ସୃଷ୍ଟି କରାଯାଇ ମୌଳିକ ଗବେଷଣା ଓ ପ୍ରୋଟୋଟାଇପ୍‌ର ବିକାଶ କ୍ଷେତ୍ରରେ ବିନିଯୋଗ ହେଉଅଛି । 'ଇଣ୍ଡିଆ ଏ.ଆଇ.ମିଶନ'ର ସୃଷ୍ଟି ମାଧ୍ୟମରେ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ନେତୃତ୍ୱର ବିକାଶ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏକ ସଂପୂର୍ଣ୍ଣ ଉତ୍ସର୍ଗୀକୃତ 'ଡିପ୍ ଟେକ୍ନୋଲୋଜି ଫଣ୍ଡ ଅଫ୍ ଫଣ୍ଡସ' ବିପଦପୂର୍ଣ୍ଣ, ପରନ୍ତୁ ପରିବର୍ତ୍ତନକାରୀ ଷ୍ଟାର୍ଟଅପ୍ସମାନଙ୍କ ପାଇଁ ସୃଷ୍ଟି କରାଯାଇଛି । ଏ ସମସ୍ତ କାର୍ଯ୍ୟକ୍ରମ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରଥମ ପଦକ୍ଷେପ ସ୍ୱରୂପ ବିବେଚନା କରାଯାଇଥାଏ । ହେଲେ ପ୍ରକୃତରେ ଭାରତବର୍ଷର 'ଇନ୍ନୋଭେସନ ଲ୍ୟାଣ୍ଡସ୍କେପ' ବା ନବସୃଜନ ପରିଦୃଶ୍ୟକୁ ରୂପାନ୍ତରଣ କରିବାକୁ ହେଲେ ଆମକୁ ଆହୁରି ଅଧିକରୁ ଅଧିକ କାର୍ଯ୍ୟ ସଂପାଦନ କରିବାକୁ ପଡିବ ।

ଭାରତ ବିଶ୍ୱର ଶ୍ରେଷ୍ଠ ଭିତ୍ତିଭୂମି ଅଭିବର୍ଦ୍ଧନ କାରକ ରାଷ୍ଟ୍ର ଭାବେ ଭଭା ହେବାକୁ ଗୋଡ କାଢି ବସିଛି । ୨୦୪୭ ମସିହା ସୁଦ୍ଧା ଆମ୍ଭକୁ ୪ ଟ୍ରିଲିଅନ୍ ଡଲାର ଅର୍ଥ ବ୍ୟବସ୍ଥାରୁ ୩୦+ ଟ୍ରିଲିଅନ ଡଲାର ଅର୍ଥବ୍ୟବସ୍ଥାକୁ ପହଞ୍ଚିବାକୁ ପଡିବ ଏବଂ ଏହା ଅଭିବୃଦ୍ଧିବାଦ ଦ୍ୱାରା ହାସଲ କରାଯାଇପାରିବ ନାହିଁ । ବଦଳରେ ଆମକୁ ଜାତୀୟ ନବସୃଜନ ଓ ରାଷ୍ଟ୍ରୀୟ ସ୍ତରୀୟ ସମସ୍ୟା ଉପରେ ଲକ୍ଷ୍ୟ କେନ୍ଦ୍ରୀଭୂତ କରିବାକୁ ପଡିବ ଯାହାର ସମାଧାନ ବୈଶ୍ୱିକ ନେତୃତ୍ୱ କ୍ଷେତ୍ରରେ ଭାରତକୁ ଅଭିପ୍ରେରିତ କରିବ । ଏବେ ଆମ ହାତରେ ଅତ୍ୟନ୍ତ ଶକ୍ତିଶାଳୀ ନୂତନ ଯନ୍ତ୍ର 'କୃତ୍ରିମ ବୁଦ୍ଧିମତ୍ତା' ଓ 'ମେସିନ ଲର୍ଣ୍ଣିଂ' ରହିଅଛି, ଯାହାକି ବିଶାଳ ଭାରତୀୟ ଡାଟାସେଟ୍‌ସରୁ ଶକ୍ତି ଲାଭ କରୁଅଛି ଯାହାକି ଅତୀତରେ ଆଦୌ ଚିନ୍ତା କରାଯାଇ ପାରୁନଥିଲା । ଯାହା ଗତକାଲି ଆଦୌ ସମ୍ଭବପର ନଥିଲା ତାହା ଆଜି ସମ୍ଭବପର ହୋଇପାରୁଛି । ଏ ସମସ୍ତ ନବୋନ୍ମେଷ ନିଶ୍ଚିତରୂପେ ନିର୍ଭୀକ, ସମୟବଦ୍ଧ ଏବଂ ଏଭଳି ଭାବେ ଡିଜାଇନ ହୋଇଥିବା ଦରକାର ଯାହାକି ଭାରତବର୍ଷକୁ ପଛକୁ ନେବା ପରିବର୍ତ୍ତେ ଭାରତ ପ୍ରତିଦିନ ସମ୍ମୁଖୀନ ହେଉଥିବା ନାନାବିଧ ସମସ୍ୟାର ସମାଧାନର ସୂତ୍ର ଖୋଜି ବାହାର କରିପାରିବ ଏବଂ ପୂର୍ବ ଗଗନର ଛାତି ଚିରି ବିକାଶର ନବରବି ଉଦୟ ହେବ ଆର୍ଯ୍ୟାବର୍ତ୍ତ ଧରଣୀର ଲଲାଟ ପଟଳରେ ।

**ଏକ ଲକ୍ଷ କୋଟି ଟଙ୍କାର 'ଅନୁସନ୍ଧାନ ନ୍ୟାସନାଲ ରିସର୍ଚ୍ଚ ଫଣ୍ଡ'ର ସୃଷ୍ଟି କରାଯାଇ ମୌଳିକ ଗବେଷଣା ଓ ପ୍ରୋଟୋଟାଇପ୍‌ର ବିକାଶ କ୍ଷେତ୍ରରେ ବିନିଯୋଗ ହେଉଅଛି । 'ଇଣ୍ଡିଆ ଏ.ଆଇ.ମିଶନ'ର ସୃଷ୍ଟି ମାଧ୍ୟମରେ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ନେତୃତ୍ୱର ବିକାଶ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏକ ସଂପୂର୍ଣ୍ଣ ଉତ୍ସର୍ଗୀକୃତ 'ଡିପ୍ ଟେକ୍ନୋଲୋଜି ଫଣ୍ଡ ଅଫ୍ ଫଣ୍ଡସ' ବିପଦପୂର୍ଣ୍ଣ, ପରନ୍ତୁ ପରିବର୍ତ୍ତନକାରୀ ଷ୍ଟାର୍ଟଅପ୍ସମାନଙ୍କ ପାଇଁ ସୃଷ୍ଟି କରାଯାଇଛି । ଏ ସମସ୍ତ କାର୍ଯ୍ୟକ୍ରମ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରଥମ ପଦକ୍ଷେପ ସ୍ୱରୂପ ବିବେଚନା କରାଯାଇଥାଏ । ହେଲେ ପ୍ରକୃତରେ ଭାରତବର୍ଷର 'ଇନ୍ନୋଭେସନ ଲ୍ୟାଣ୍ଡସ୍କେପ' ବା ନବସୃଜନ ପରିଦୃଶ୍ୟକୁ ରୂପାନ୍ତରଣ କରିବାକୁ ହେଲେ ଆମକୁ ଆହୁରି ଅଧିକରୁ ଅଧିକ କାର୍ଯ୍ୟ ସଂପାଦନ କରିବାକୁ ପଡିବ ।**

**ନାଳବାହିତ ଆବର୍ଜନା ମୁକ୍ତ ଭାରତ (Sewage Free India)**:–ଅନୁପଚାରିତ ନାଳବାହିତ ଆବର୍ଜନା ବା ମଳଜଳ ହେଉଛି ଭାରତବର୍ଷର ଏକମାତ୍ର ମହତ୍ତ୍ୱପୂର୍ଣ୍ଣ ଜଳ ପ୍ରଦୂଷଣର ଉତ୍ସ ଯାହାକି ନଦୀ ଓ ଭୂତଳ ଜଳସ୍ତରକୁ ପ୍ରଦୂଷିତ କରିଥାଏ ଏବଂ ଜନସ୍ୱାସ୍ଥ୍ୟକୁ ବହୁଳ ଭାବେ ପ୍ରଭାବିତ କରିଥାଏ । ଆମକୁ ଏଭଳି ଏକ ଅଭିନବ ଉପକରଣର ଆବଶ୍ୟକତା ରହିଛି ଯାହାକି ବର୍ଜ୍ୟ ବସ୍ତୁକୁ ନିରାପଦ ସାର, ବାୟୋଗ୍ୟାସ ଏବଂ ସ୍ୱଚ୍ଛ ଜଳକୁ ପରିବର୍ତ୍ତନ କରିପାରିବ । ଆମ ଏହାଦ୍ୱାରା ନାଟକୀୟ ଢଙ୍ଗରେ ନାନାବିଧ ଜଳବାହିତ ରୋଗରୁ ଜନସାଧାରଣଙ୍କୁ ମୁକ୍ତି ଦେଇପାରିବା ଏବଂ ତତ୍‌ସହ ଏହି ଡିଭାଇସ୍ ବା ଉପକରଣର ଘରୋଇ ମୂଲ୍ୟକୁ ୨୫ହଜାର ଟଙ୍କାରେ ସୀମିତ ରଖିପାରିବା ।

**ନିୟୁତ ନିୟୁତ ଲୋକଙ୍କ ପାଇଁ ନିରାପଦ ଜଳର ଉପଲବ୍ଧତା (Safe Water for Millions)**:–'ଜଳ ଜୀବନ ମିଶନ' ମାଧ୍ୟମରେ ଆମେ ୨୦୨୫ ମସିହା ଜୁନ ମାସ ସୁଦ୍ଧା ଦେଶର ୮୧ ପ୍ରତିଶତ ଗ୍ରାମୀଣ ଜନସାଧାରଣଙ୍କ ପାଖରେ ନଳପାଣି ଯୋଗାଇ ଦେଇପାରିଛେ । ଆମକୁ ସ୍ୱଳ୍ପ ମୂଲ୍ୟ ବିଶିଷ୍ଟ ଏକ ସ୍ପେକ୍‌ଟ୍ରୋମିଟରର ବିକାଶ କରିବାର ଅଛି ଯାହାକି ଜଳରେ ଥିବା ମୋଟ ଦ୍ରବୀଭୂତ କଠିନ ପଦାର୍ଥ (Total Dissolved Solids), ଭାରୀ ଧାତୁ, ନାଇଟ୍ରେଟ୍ସ, ଫସପେଟ୍ସ ଏବଂ ଅଣୁଜୀବର ନିର୍ଣ୍ଣୟ କରିପାରୁଥିବ ଏବଂ ତା'ସହ ଏକ ନିର୍ଦ୍ଧାରିତ ଡାଟାବେସ୍ ଆଧାରରେ ଫଳାଫଳକୁ ଲିପିବଦ୍ଧ କରିପାରୁଥିବ ଏବଂ କୃତ୍ରିମ ବୁଦ୍ଧିମତ୍ତା ମାଧ୍ୟମରେ ଜଳର ଗୁଣବତ୍ତାକୁ ମନିଟର କରିବା ସହ ଭବିଷ୍ୟବାଣୀ ମଧ୍ୟ କରିପାରୁଥିବ । ଏ ଦିଗରେ ସମସ୍ତଙ୍କ ପାଇଁ ସ୍ୱଚ୍ଛ ଜଳର ଉପଲବ୍ଧତାକୁ ନିଶ୍ଚିତ କରିବା ଏକ ବଳିଷ୍ଠ ପଦକ୍ଷେପ ହେବ, ଯାହାକି ଗୋଟିଏ ପରିବାର ପିଛା ମାତ୍ର ୪ଟଙ୍କାରେ ୨୦ଲିଟରର ସ୍ୱଚ୍ଛ ଜଳ ଯୋଗାଇ ଦେଇପାରୁଥିବ ।

**ହାଲୁକା ସବୁଜ ବ୍ୟାଟେରୀ (Light Green Battery)**:–ଭାରତବର୍ଷର ସ୍ୱଚ୍ଛ ଶକ୍ତି ପରିବର୍ତ୍ତନ ପ୍ରକ୍ରିୟା ବିଦେଶରୁ ବ୍ୟାଟେରୀର ଆମଦାନୀ ଉପରେ ପୂର୍ଣ୍ଣ ନିର୍ଭରଶୀଳତା କାରଣରୁ ବହୁଳ ଭାବେ ବାଧାପ୍ରାପ୍ତ ହେଉଛି । ଆମକୁ ଉଭୟ ଗତିଶୀଳତା ଓ ଶକ୍ତି ସଞ୍ଚୟ ପାଇଁ ଏକ ଦୀର୍ଘସ୍ଥାୟୀ ବ୍ୟାଟେରୀର ନିର୍ମାଣ କରିବାକୁ ପଡିବ । ଭାରତବର୍ଷରେ ଉପଲବ୍ଧ ହେଉଥିବା ଖଣିଜ ପଦାର୍ଥ କିମ୍ବା ବିଶ୍ୱ ସ୍ତରରେ ବହୁଳ ପରିମାଣରେ ଯେଉଁ ଖଣିଜ ପଦାର୍ଥ ଉପଲବ୍ଧ ହେଉଥିବ ତାହାର ଆଧାରରେ ଏହାର ଡିଜାଇନ୍ କରାଯିବା ଉଚିତ ହେବ । ଏହା ବ୍ୟାଟେରୀର ଜୀବନକାଳକୁ ଦ୍ୱିଗୁଣିତ କରିବା ସହ ସ୍ୱଳ୍ପ ଶକ୍ତିକୁ ମଧ୍ୟ ଆପଣେଇ ନେବ ।

**ସ୍ମାର୍ଟ କୃଷି (Smart Agriculture)**:–ନିୟୁତ ନିୟୁତ ସଂଖ୍ୟକ ଭାରତୀୟ କୃଷକମାନେ ବର୍ଷାର ପରିବର୍ତ୍ତନଶୀଳତା, ମୃତ୍ତିକାର କ୍ଷରଣ ଓ ବଜାରର ଅନିଶ୍ଚିତତା ପ୍ରତି ଅତି ସମ୍ବେଦନଶୀଳତା ପୋଷଣ କରିଥାନ୍ତି । ପ୍ରତ୍ୟେକଟି ଭାରତୀୟ କୃଷକକୁ ସେମାନଙ୍କର ମୋବାଇଲ ଆପ୍ ସମ୍ବନ୍ଧରେ ଠିକ୍ ଉପଦେଶ ପ୍ରଦାନ କରାଯିବା ଉଚିତ ହେବ ଯଦ୍ୱାରା ସେମାନେ ମୃତ୍ତିକା, ଜଳ, ପାଣିପାଗ ଓ ମୂଲ୍ୟ ଡାଟା ସହ ପୂର୍ଣ୍ଣ ସମନ୍ୱିତ ହୋଇପାରିବେ ଯଦ୍ୱାରା ବାସ୍ତବିକ ସମୟର ବଜାର ସହ ଯୋଗସୂତ୍ର ସ୍ଥାପନା କରିପାରିବା ସହ ସର୍ବୋତ୍ତମ ଲାଭ ମଧ୍ୟ ଅଣ୍ଟାରେ ଖୋସି ପାରିବେ ।

**୧୨୦ଦିନର ଫ୍ଲାଇ ଓଭର / ଅଣ୍ଡର ପାଶ୍ (120- Day Flyovers / Underpasses)**:–ଭିତ୍ତିଭୂମି ସଂକ୍ରାନ୍ତୀୟ ବିଳମ୍ବ ଆମ ସହରମାନଙ୍କର ଶ୍ୱାସରୁଦ୍ଧ କରିଦେଉଛି, ମୂଲ୍ୟରେ ଅଭିବୃଦ୍ଧି ସହ ବିକାଶକୁ ଧୀର କରିଦେଉଛି । ଆମକୁ ଫ୍ଲାଇ ଓଭରକୁ ୧୨୦ଦିନ ମଧ୍ୟରେ ସଂପୂର୍ଣ୍ଣ କରିବାକୁ ପଡିବ, ୬୦ଦିନର ଡିଜାଇନ୍ ଓ ପ୍ଲାନିଙ୍ଗ୍, ୩୦ଦିନର ପ୍ରସ୍ତୁତି ଏବଂ ୩୦ଦିନର ଦ୍ରୁତ ନିର୍ମାଣ, ଯଦ୍ୱାରା ମୂଲ୍ୟରେ ୩୦ ପ୍ରତିଶତ ହ୍ରାସ ଘଟିବ ଏବଂ ସହରୀ ଗତିଶୀଳତାରେ ନିଶ୍ଚିତ ପରିବର୍ତ୍ତନ ପରିଦୃଶ୍ୟ ହେବ ।

ଏ ସବୁ କାଳ୍ପନିକ, ଆଦର୍ଶବାଦୀ, ଅବାସ୍ତବିକ, ଅଣବ୍ୟବହାରିକ ବିଚାର କିମ୍ବା ସାହିତ୍ୟିକ ସନ୍ଦର୍ଭ ନୁହେଁ । ଏହା ସଂପୂର୍ଣ୍ଣ ପ୍ରାକ୍ଟିକାଲ୍ ଏବଂ ଉଚ୍ଚ ପ୍ରଭାବ ସଂପନ୍ନ କ୍ଷେତ୍ର ଅଟେ । ଯେଉଁଠାରେ ଭାରତୀୟ ନବପ୍ରବର୍ତ୍ତକମାନେ ବିଶ୍ୱସ୍ତରରେ ପ୍ରତିଦ୍ୱନ୍ଦ୍ୱୀ ସମାଧାନର ରାସ୍ତା ଉଦ୍‌ଘାଟନ କରିପାରିବେ ଯଦି ସେମାନେ ଠିକ୍ ଭାବେ ପ୍ରଣୋଦିତ ଓ ପ୍ରଚୋଦିତ ହୋଇପାରିବେ । ଏଥିରୁ ତିନୋଟି ନିର୍ଯ୍ୟାସ ଉତ୍ପନ୍ନ ହେଉଛି...

**ପ୍ରଥମତଃ,ରାଜନୈତିକ ଓ ପ୍ରଶାସନିକ ଇଚ୍ଛାଶକ୍ତି**:–ଯେପରିକି ଡିଜିଟାଲ ପବ୍ଲିକ ଇନ୍‌ଫ୍ରାଷ୍ଟ୍ରକଚର୍, ବ୍ୟାଙ୍କ ଆକାଉଣ୍ଟ ଖୋଲିବା ଏବଂ ଡିଜିଟାଲ ଦେୟ ନିରନ୍ତର ଲକ୍ଷ୍ୟ ମାଧ୍ୟମରେ ହିଁ ହାସଲ କରାଯାଇ ପାରିଥିଲା, ଠିକ୍ ସେହିଭଳି ଏ ସମସ୍ତ ନବସୃଜନ ଶୀର୍ଷ ସ୍ତରୀୟ ମାଲିକାନା ଆବଶ୍ୟକ କରିଥାଏ । ଏକ ସଶକ୍ତ ଏଜେନ୍ସି ସମସ୍ତ ସମସ୍ୟାର ସମାଧାନ କରିବା ସହ ମେଣ୍ଟରସିପ୍, ଟ୍ରାକ୍ ଡେଲିଭରି ଏବଂ ପ୍ରଯୁକ୍ତି ବିଦ୍ୟାର କ୍ରୟରେ ସହାୟକ ହୋଇପାରିବ ।

**ଦ୍ୱିତୀୟତଃ, ସରକାରୀ କ୍ରୟ ପଦ୍ଧତିରେ ସଂସ୍କାର**:–ଇନ୍ନୋଭେଟର୍ସ ବା ନବପ୍ରବର୍ତ୍ତକମାନେ ସମୃଦ୍ଧ ହେବା ପାଇଁ ସ୍କେଲ ବା ସ୍ତରର ଆବଶ୍ୟକ କରିଥାନ୍ତି । ସରକାର ନିଜର ଚାହିଦାକୁ ସଂଗଠିତ କରିବା ଏକାନ୍ତ ଆବଶ୍ୟକ ଏବଂ ପ୍ରଯୁକ୍ତିବିଦ୍ୟାର ପ୍ରଥମ କ୍ରେତା ହେବା ଉଚିତ୍ । ସଫଳ ପ୍ରଯୁକ୍ତିବିଦ୍ୟା ପାଇଁ ପ୍ରଚୁର ପରିମାଣର ପୁଞ୍ଜି ନିବେଶର ପ୍ରତିବଦ୍ଧତା ସହ ନବୀକୃତ ସଂକେତ ଓ ଯୋଗାଣ ନିୟମକୁ ସୁନିଶ୍ଚିତ କରିବା ଦ୍ୱାରା ଏ ସମସ୍ତ ପ୍ରୋଡକ୍ଟ ପାଇଁ ମେକ–ଇନ୍–ଇଣ୍ଡିଆକୁ ପ୍ରକୃତ ରୂପରେ ଆଶ୍ୱସ୍ତ କରିପାରିବ । ସରକାର ପ୍ରଥମ କ୍ରେତା ହେବାଟା ହିଁ ପ୍ରକୃତ ରୂପେ ଅତ୍ୟନ୍ତ ଜଟିଳ ବ୍ୟାପାର ଅଟେ ।

**ତୃତୀୟତଃ, ନବପ୍ରବର୍ତ୍ତକଧର୍ମୀ ଇକୋସିଷ୍ଟମ** :–ସମାଧାନର ରାସ୍ତା ଉନ୍ମୋଚନ ପାଇଁ ଆମେ ଏ ସମସ୍ତ ସମସ୍ୟାକୁ ବିଶ୍ୱ ଆଗରେ ଉପସ୍ଥାପନା କରିବା ଉଚିତ ହେବ । ସହାୟତା ସଂଘ (Constrotum)ର ମୁଖ୍ୟ କାର୍ଯ୍ୟାଳୟ ଭାରତରେ ରହିବ ଯହିଁରେ ଅଧିକରୁ ଅଧିକ ଭାରତୀୟ ସଦସ୍ୟମାନଙ୍କର ମାଲିକାନା ଓ ମାନୁଫ୍ୟାକଚରିଂ ରହିବ । ଏହା ସୁନିଶ୍ଚିତ କରିଥାଏ ଯେ ଆମେ ଯେତେବେଳେ ଜାତୀୟ ସମସ୍ୟାର ସମାଧାନ କରିଥାଉ ସେତେବେଳେ ତହିଁରୁ ଉତ୍ପାଦିତ ଅର୍ଥ ଭାରତୀୟ କମ୍ପାନୀ ଓ କର୍ମଚାରୀମାନଙ୍କୁ ଉପଲବ୍ଧ ହୋଇଥାଏ, ବିଦେଶୀ ମଧ୍ୟସ୍ଥମାନଙ୍କୁ ନୁହେଁ । ସେତେବେଳେ ଯାଇଁ ରପ୍ତାନି ପ୍ରୋତ୍ସାହନ ଓ ବୈଶ୍ୱିକ ସ୍ଥିତି ନିର୍ଦ୍ଧାରଣ ବିଶ୍ୱରେ ଆମ ନବସୃଜନର ବିସ୍ତାର ସଂପର୍କରେ ସୁନିଶ୍ଚିତ କରିଥାଏ ।

ଯଦି ଭାରତ ଏହି ମଡେଲକୁ ଗ୍ରହଣ କରେ ତେବେ ମୂଲ୍ୟ ପରିଶୋଧ କରିବା ପରିବର୍ତ୍ତନକାରୀ ସାବ୍ୟସ୍ତ ହେବ । ଯେପରିକି 'ଦି ଲଙ୍ଗିଚୁଡ ପ୍ରାଇଜ' ବ୍ରିଟେନର ନାଭାଲ ସୁପ୍ରିମାସି ବା ନୌସେନାର ସର୍ବଶ୍ରେଷ୍ଠତାକୁ ଏକ ପ୍ରକୃଷ୍ଟ ରୂପରେଖ ପ୍ରଦାନ କରିଥିଲା ଏବଂ ଡାର୍ପା (DARPA) ଆମେରିକାକୁ ବିଶ୍ୱର ଏକ ଟେକ୍ନୋଲୋଜି ସୁପର ପାଓ୍ୱାର ଭାବେ ସାବ୍ୟସ୍ତ କରିଥିଲା, ଠିକ୍ ସେହିଭଳି ନ୍ୟାସନାଲ ଇନ୍ନୋଭେସନ୍ସ ବା ଜାତୀୟ ନବସୃଜନ ଭାରତବର୍ଷକୁ ନାନାବିଧ ସମସ୍ୟାର ସମାଧାନ କରିପାରୁଥିବା ନବସୃଜନର ଏକ କେନ୍ଦ୍ରସ୍ଥଳୀ ଭାବେ ରୂପାନ୍ତରିତ କରିପାରିବ ।

ହେଲେ ଏହାର ପ୍ରଭାବ ଆମ ରାଷ୍ଟ୍ରୀୟ ସୀମାରେ ବନ୍ଦ ହୋଇଯିବା ଠିକ୍ ହେବ ନାହିଁ । ଗ୍ଲୋବାଲ୍ ସାଉଥ୍ ଯାହାକି ପ୍ରାୟ ୫ ବିଲିୟନରୁ ଉର୍ଦ୍ଧ୍ୱ ଜନସାଧାରଣ ଜନତାଙ୍କ ଘର ପାଲଟି ଯାଇଛି, ଠିକ୍ ସେହିଭଳି ଏକା ରକମର ଚ୍ୟାଲେଞ୍ଜର ମଧ୍ୟ ସମ୍ମୁଖୀନ ହୋଇଥାଏ ଯଥା– ନାଳବାହିତ ଆବର୍ଜନା ବା ମଇଳା ପାଣି, ଜଳ, ଶକ୍ତି, କୃଷି ଉତ୍ପାଦକତା ଏବଂ ଦ୍ରୁତଗତିରେ ଭିତ୍ତିଭୂମିର ବିକାଶ । ପାଶ୍ଚାତ୍ୟ ରାଷ୍ଟ୍ରମାନେ ବ୍ୟାପକ ରୂପରେ ଭିତ୍ତିଭୂମି ନିର୍ମାଣ ପାଇଁ ଆବଶ୍ୟକ କ୍ଷମତା ମୁଖ୍ୟତଃ ହରାଇ ବସିଛନ୍ତି – ହେଲେ ଭାରତ ପାଖରେ ସେହି କ୍ଷମତା ଏବେ ବି ବଳବତ୍ତର ଅଛି । ଆମେ ଯଦି ଏ ସମସ୍ତ ସାଧାରଣ ସମସ୍ୟା ପାଇଁ ସ୍ୱଳ୍ପ ମୂଲ୍ୟଯୁକ୍ତ ଏବଂ ବିସ୍ତାରଯୋଗ୍ୟ ସମାଧାନର ପନ୍ଥା ନିରୂପଣ କରିବାରେ ଅଗ୍ରଦୂତ ହୋଇପାରିବା ତେବେ ଅନ୍ୟମାନେ ଆମକୁ ନିଶ୍ଚିତ ରୂପେ ଅନୁସରଣ କରିବେ । ତାହା କରିପାରିଲେ, ଭାରତ କେବଳ ଏକ ଅର୍ଥନୈତିକ ନେତୃସ୍ଥାନୀୟ ରାଷ୍ଟ୍ର ହୋଇପାରିବ ତାହା ନୁହେଁ ବରଂ ସମସ୍ତ ବିକାଶଶୀଳ ରାଷ୍ଟ୍ରମାନଙ୍କ ମଧ୍ୟରେ ସମାବେଶୀ ନବସୃଜନ କ୍ଷେତ୍ରରେ ଏକ ମଡେଲ ରାସ୍ତା ହୋଇ ସଗର୍ବେ ଦଣ୍ଡାୟମାନ ହେବ ।

ଏହା ଦାନ ନୁହେଁ, ଏହା ଏକ ଷ୍ଟ୍ରାଟେଜି । ଆମେ ଆମର ସମସ୍ୟା ସମାଧାନ କରୁ କରୁ ସେମାନଙ୍କର ସମସ୍ୟା ମଧ୍ୟ ସମାଧାନ କରିଥାଉଁ । ଗ୍ଲୋବାଲ୍ ସାଉଥକୁ ନବସୃଜନର ଏକ ନୂତନ ଯୁଗର ନେତୃତ୍ୱର କର୍ଣ୍ଣଧାର ହେବାକୁ ହେଲେ ଆମକୁ ସୁନିଶ୍ଚିତ କରିବାକୁ ପଡିବ ଯେ ଭାରତର ଅଭିବୃଦ୍ଧି ମଧ୍ୟ ସମୁତ୍‌ଥାନ ଶକ୍ତି ସଂପନ୍ନ ହେବା ସହ ପ୍ରତିଯୋଗିତାମୂଳକ ଏବଂ ବିଶ୍ୱସ୍ତରରେ ପ୍ରାସଙ୍ଗିକ ହେବା ଆବଶ୍ୟକ । ସଂପ୍ରତି ଆମେ ଆମର ନବପ୍ରବର୍ତ୍ତକମାନଙ୍କ ପାଇଁ ପରିବର୍ତ୍ତନର ଚ୍ୟାଲେଞ୍ଜକୁ ସଂପୂର୍ଣ୍ଣ ରୂପେ ଉନ୍ମୁକ୍ତ କରିଦେବାକୁ ପଡିବ, ସେମାନଙ୍କ ପାଇଁ ସାହସିକ ଲକ୍ଷ୍ୟ ନିର୍ଦ୍ଧାରିତ କରିବାକୁ ପଡିବ, ସଂସାଧନ ସହ ସେମାନଙ୍କୁ ପୂର୍ଣ୍ଣ ସମର୍ଥନ କରିବାକୁ ପଡିବ ଏବଂ ତତ୍‌ସହିତ ସେମାନଙ୍କୁ ଅଲଗା ଢଙ୍ଗରେ ଚିନ୍ତା କରିବା ପାଇଁ ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରିବାକୁ ପଡିବ ଏବଂ ଏପରିକି ଅକୃତକାର୍ଯ୍ୟ ହେବା ପାଇଁ ମଧ୍ୟ ସେମାନଙ୍କୁ ଉନ୍ମୁକ୍ତ ଛାଡିଦେବାକୁ ପଡିବ । ଏଭଳି ପ୍ରକ୍ରିୟା ମାଧ୍ୟମରେ ହିଁ ଆମେ ନବୋନ୍ମେଷୀ ଭାରତର ସର୍ଜନା କରିପାରିବା । ଏହା ହିଁ ହେଉଛି ରାସ୍ତା ଯେଉଁ ରାସ୍ତାରେ ଚାଲି ଭାରତ ଭବିଷ୍ୟତକୁ ମଣ୍ଡୁକର ଲମ୍ଫ ଡିଆଁ ମାରିପାରିବ । ଏହା ହିଁ ହେଉଛି ରାସ୍ତା ଯେଉଁ ରାସ୍ତାରେ ଚାଲି ଆମେ କେବଳ ଭାରତକୁ ନୁହେଁ, ସମଗ୍ର ବିଶ୍ୱକୁ ପରିବର୍ତ୍ତନର ସ୍ୱାଦ ଚଖାଇ ପାରିବା ।

**ଯୁଗ୍ମ ମ୍ୟାନେଜିଂ ଟ୍ରଷ୍ଟି**
**କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ, ଭୁବନେଶ୍ୱର**
**ବି–୩, ଏଚ.ଆଇ.ଜି କଲୋନୀ**
**ବରମୁଣ୍ଡା ହାଉସିଂ ବୋର୍ଡ**
**ଭୁବନେଶ୍ୱର–୭୫୧୦୦୩**
**ଫୋନ୍– ୯୩୩୮୨୦୪୯୯୩**
Email-crmishra49@yahoo.in

# ଏହାହିଁ ବାସ୍ତବରେ ନିଷ୍ଠୁର ସତ୍ୟ

**ଶ୍ରୀବତ୍ସ ନାୟକ**

ଆପଣ ଯେଉଁଦିନ ମରିଯିବେ, କିଛି ସମୟ କନ୍ଦାକଟା ଜୋର୍‌ରେ ଶୁଭିବ, ତା'ପରେ ଆପଣଙ୍କ ଅତି ନିଜର ଲୋକମାନେ ଆପଣଙ୍କୁ ଶବ ବା ମଢା ବୋଲି ସମ୍ବୋଧନ କରି ଶୀଘ୍ର ପୋଡ଼ି ଦେବାକୁ ପ୍ରସ୍ତୁତ ହେବେ । ଆପଣଙ୍କ ଆଉ କିଛି ସମ୍ପର୍କୀୟମାନେ ଶବଦାହକୁ ଆସିବେ, କିନ୍ତୁ ଛୁଆଁ ହୋଇଯିବେ ବୋଲି ଦୂରରେ ରହି କିଛି ସମୟ ପରେ ଚାଲିଯିବେ । ଦଶ ତୁଠରେ ବନ୍ଧୁ ବାନ୍ଧବମାନେ ଏମିତି ହସ ଖୁସିରେ ସମୟ କାଟୁଥିବେ ଯେ ସତେ ଯେମିତି କିଛି ହୋଇନି । ଆଉ କିଛି ସମ୍ପର୍କୀୟ ଆପଣଙ୍କ ବିୟୋଗରେ ଦୁଃଖ ପ୍ରକାଶ ବଦଳରେ ଦଶ ତୁଠ ଲୁଗାର ଖୁଣ କାଢୁଥିବେ । ଏକାଦଶାହ ଦିନ ଆମିଷ ବା ନିରାମିଷ ଭୋଜି ଖାଇ ଯିଏ ଯୁଆଡେ ଚାଲିଯିବେ । ଗୋଟିଏ ବା ଦୁଇଟି ସପ୍ତାହ ଆପଣଙ୍କୁ ନେଇ ସୋସିଆଲ ମିଡିଆରେ ବନ୍ଧୁ ପରିଜନ RIP କିମ୍ବା ଦୁଃଖପୂର୍ଣ୍ଣ ଇମୋଜି ସହ ଆପଣଙ୍କ ଆତ୍ମାର ସଦ୍‌ଗତି ନେଇ ମେସେଜ ପୋଷ୍ଟ କରିବେ ଓ ତାଙ୍କ କର୍ତ୍ତବ୍ୟ ସରିଗଲା ବୋଲି ଭାବି ନେବେ । ଆପଣଙ୍କ ଫୋନ ନମ୍ବରରେ ରିଙ୍ଗ୍ ଆସିବା ଧୀରେ ଧୀରେ ବନ୍ଦ ହେଇଯିବ । ତା'ପରେ ସମସ୍ତଙ୍କ ଜୀବନ ସ୍ୱାଭାବିକ ହୋଇଯିବ । ଆପଣଙ୍କ ସାଙ୍ଗସାଥୀ, ପରିବାର ଲୋକ ମଧ୍ୟ ଧୀରେ ଧୀରେ ଆପଣଙ୍କ ବିନା ଆଗକୁ ବଢ଼ିବେ । ଆପଣଙ୍କର ସଞ୍ଚୟ କାଗଜ ପତ୍ର ଖୋଜାଯିବ ଓ ସବୁକିଛି ପାଇଁ ନୋମିନି ଫର୍ମ ଭରା ଯିବ । ସନ୍ତାନ ମୃତ୍ୟୁ ପ୍ରମାଣପତ୍ର ପାଇବା ପାଇଁ ଧାଡ଼ିରେ ଠିଆ ହେବେ । ମାସ ଦୁଇଟା ପରେ ଲାଗିବ ସତେ ଯେମିତି କିଛି ହୋଇନାହିଁ ।

**ଏ ଜୀବନକୁ କି ଅବା ଭରସା, ଆଜି ଅଛି କାଲିକୁ ନାହିଁ । ପୁର୍ନଜନ୍ମ ଅଛି କି ନାହିଁ ତାର ପ୍ରମାଣ ଖୋଜନାହିଁ । ଥିଲେ ବି ଏ ଜନ୍ମର କଥା ଆର ଜନ୍ମକୁ ମନେ ରହିବ ନାହିଁ । ତେଣୁ ବର୍ତ୍ତମାନ ମୁହୂର୍ତ୍ତକୁ ହସ, ଖୁସି ଓ ଆନନ୍ଦରେ ବାଣ୍ଟିନିଅ । କାହା ସହ ଥିବା ପୂର୍ବ ବିବାଦକୁ ତୁରନ୍ତ ସମାଧାନ କର ଓ ନୂତନ ବିବାଦ ଆଉ ସୃଷ୍ଟି କରନାହିଁ ।**

ଆଉ କିଛି ମାସ ପରେ ଅପଣଙ୍କୁ ସମସ୍ତେ ଭୁଲିଯିବେ । ବର୍ଷକ ପରେ ଧୁମ୍ ଧାମ୍‌ରେ ପ୍ରଥମ ଶ୍ରାଦ୍ଧରେ ଆପଣଙ୍କୁ କମ୍ ମନେ ପକାଇବେ, ଭୋଜି ଭାତକୁ ଅଧିକ ଗୁରୁତ୍ୱ ଦେବେ । ବାସ୍, ଏହାହିଁ ଆପଣଙ୍କ ଜୀବନ । ଆପଣ ଯେଉଁମାନଙ୍କୁ ସବୁଠାରୁ ନିଜର ବୋଲି ଭାବୁଥିବେ, ସେମାନଙ୍କ ମଧ୍ୟରୁ କିଛି ଲୋକ ଆପଣଙ୍କ ଅନ୍ତିମ ସମୟରେ ମଧ୍ୟ ଆସିବେ ନାହିଁ । ଯେଉଁମାନଙ୍କୁ ଆପଣ ଅଧିକ ସମୟ ଦେଇଥିବେ, ସେହିମାନେ ସମୟ ନାହିଁ କହି ଦୂରେଇଯିବେ । ସତ୍ୟ ହେଉଛି ଆମେ ସମସ୍ତେ ଦିନେ ମରିବା । ଆମ ମରଣରେ ଦୁନିଆ ଅଟକି ଯିବନି ।

କିଛି ମୁହୂର୍ତ୍ତ ମନେ ପକାଇବେ, ତା ପରେ ସବୁ କିଛି ସ୍ୱାଭାବିକ । ଆପଣ କେବଳ ଫଟୋରେ ରହିଯିବେ ତା ପୁଣି ଅଳନ୍ଧୁ ସହ । ଏ ଜୀବନକୁ କି ଅବା ଭରସା, ଆଜି ଅଛି କାଲିକୁ ନାହିଁ । ପୁର୍ନଜନ୍ମ ଅଛି କି ନାହିଁ ତାର ପ୍ରମାଣ ଖୋଜନାହିଁ । ଥିଲେ ବି ଏ ଜନ୍ମର କଥା ଆର ଜନ୍ମକୁ ମନେ ରହିବ ନାହିଁ । ତେଣୁ ବର୍ତ୍ତମାନ ମୁହୂର୍ତ୍ତକୁ ହସ, ଖୁସି ଓ ଆନନ୍ଦରେ ବାଣ୍ଟିନିଅ । କାହା ସହ ଥିବା ପୂର୍ବ ବିବାଦକୁ ତୁରନ୍ତ ସମାଧାନ କର ଓ ନୂତନ ବିବାଦ ଆଉ ସୃଷ୍ଟି କରନାହିଁ । କାରଣ ନୂତନ ବିବାଦ ସୃଷ୍ଟି କରି ତାହାର ସମାଧାନ କରିବାକୁ ହୁଏତ ଆମକୁ ସମୟ ମିଳି ନପାରେ । ନିଜର ଭୁଲ ନ ଥିଲେ ବି ଭୁଲ ସ୍ୱୀକାର କରି ବନ୍ଧୁତା ସୃଷ୍ଟି କର ।

**ଅଧ୍ୟାପକ, ବାଣିଜ୍ୟ ବିଭାଗ, କଟକ**
**ମୋ–୯୪୩୮୦୭୦୮୪୯**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିଜେପିରୁ...

ନୂଆପଡ଼ା ଓ ରାଜ୍ୟବାସୀଙ୍କ ଲାଗି କାର୍ଯ୍ୟ କରିଛି । ନୂଆପଡ଼ାର ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟ କରିଛି । ଏହି ନିର୍ବାଚନ ପାଇଁ ନୂଆପଡ଼ାବାସୀଙ୍କ ଆଶୀର୍ବାଦ ମାଗୁଛି । ନୂଆପଡ଼ ଉପନିର୍ବାଚନରେ ଧର୍ମ ଓ ନ୍ୟାୟର ଯୁଦ୍ଧ ହେବ । ଅଧର୍ମର ପରାଜୟ ହେବ । ଧର୍ମର ଲଢ଼େଇରେ ନୂଆପଡ଼ାବାସୀ ଠିକଣା ଜବାବ ଦେବେ ବୋଲି ମୋର ଆଶା ରହିଛି । ନୂଆପଡ଼ା ଲାଗି ୩ ପ୍ରମୁଖ ଦଳର ପ୍ରାର୍ଥୀ ଘୋଷଣା ହେଲା ପରେ ଏବେ ରାଜନୀତିରେ ବେଶ ସରଗରମ ହୋଇଛି ।

## ୭୯...

କରିଥିଲେ । ସଡକ, ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି ଆଦି କ୍ଷେତ୍ରକୁ ଗୁରୁତ୍ୱ ଦେଇ ବିଭିନ୍ନ ଯୋଜନା ଆରମ୍ଭ କରିଥିଲେ । ସମାଜରେ ତୃଣମୂଳସ୍ତରରେ ରହୁଥିବା ଲୋକଙ୍କ କଲ୍ୟାଣ ହୋଇ ପାରିବ ସେ ନେଇ ବିଭିନ୍ନ ଯୋଜନା ପ୍ରସ୍ତୁତ କରିଥିଲେ । ରୂପାନ୍ତିକରଣକୁ ଗୁରୁତ୍ୱ ଦେଇ ଶିକ୍ଷାନୁଷ୍ଠାନ, ମେଡିକାଲ, ଧର୍ମପୀଠ, ମଠ ଓ ମନ୍ଦିରର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ କରିଥିଲେ । ତାଙ୍କ ନେତୃତ୍ୱରେ ପ୍ରତିଷ୍ଠା ହୋଇଥିବା ଆଞ୍ଚଳିକ ଦଳ ବିଜେଡି ଦିନକୁ ଦିନ ଶକ୍ତିଶାଳୀ ହୋଇଥିଲା । ଅତୀତରେ ଓଡ଼ିଶାରେ ଯେତେ ଆଞ୍ଚଳିକ ଦଳ ହୋଇଛି କେହି ଏତେ ବର୍ଷ ପର୍ଯ୍ୟନ୍ତ ତିଷ୍ଠି ନଥିଲେ । ହେଲେ ନବୀନଙ୍କ ନେତୃତ୍ୱରେ ଗଠିତ ବିଜେଡି ଏବେ ବି ରାଜ୍ୟରେ ଏକ ପ୍ରମୁଖ ରାଜନୈତିକ ଦଳ ଭାବେ କାର୍ଯ୍ୟ କରୁଛି ।

# ବିଶୁଦ୍ଧ ପାନୀୟ ଜଳର ସଂରକ୍ଷଣ ସମ୍ପର୍କିତ କର୍ମଶାଳା

ବେତନଟୀ, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ଅଧୀନ ବେତନଟୀ ବ୍ଲକ ପରିସରସ୍ଥ ସଭାଗୃହରେ ବିଶୁଦ୍ଧ ପାନୀୟଜଳର ସଂରକ୍ଷଣ, ସୁ ପରିଚାଳନା ଏବଂ ସୁବିନିଯୋଗ ସମ୍ପର୍କୀତ ଏକଦିବସୀୟ କର୍ମଶାଳା ବୁଧବାର ଆୟୋଜିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ବେତନଟୀ ବ୍ଲକ ପେସା ସଂଯୋଜକ ଜ୍ୟୋତିପ୍ରକାଶ ମହାନ୍ତଙ୍କ ସଂଯୋଜନା କରିଥିବା ବେଳେ ବେତନଟୀ ବ୍ଲକ ଏବିଡିଓ ଗଗନ ବିହାରୀ ବେହେରା, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ (ଆରଡବ୍ଲ୍ୟୁଏସଏସ) ର ଯନ୍ତ୍ରୀ ଇଂ. ଯଦୁନାଥ ହାଁସଦା ପ୍ରମୁଖ ଅଧିକାରୀଗଣ ଯୋଗ ଦେଇଥିଲେ । ଏହି ଅବସରରେ ଗୋଷ୍ଠୀ ଆଧାରିତ ପାନୀୟଜଳର ସଂରକ୍ଷଣ, ସୁପରିଚାଳନା ଏବଂ ସୁବିନିଯୋଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ପୂର୍ବକ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଏଥିରେ ବେତନଟୀ ବ୍ଲକ ଅଧୀନ ୨୪ ଗୋଟି ପଞ୍ଚାୟତରେ ପାନୀୟଜଳ ଯୋଗାଣକ୍ଷେତ୍ରରେ କାର୍ଯ୍ୟରତ ଏସଇଏମଙ୍କ ସମେତ ଜିପିଏଲଏଫ ଫେଡେରେସନର ସଭାପତି, ସମ୍ପାଦିକା, ଏମବିକେ, ସିଆରପି ପ୍ରମୁଖ ୫୦ଜଣ ଅଂଶଗ୍ରହଣ କରିଥିଲେ ।

# ଓଡ଼ିଶା ସଚିବାଳୟ ଲେଖକ ପରିଷଦର ମାସିକ ସାରସ୍ୱତ ଆସର



ଭୁବନେଶ୍ୱର (ସବ୍ୟୁ) : ଓଡ଼ିଶା ସଚିବାଳୟ ଲେଖକ ପରିଷଦର ମାସିକ ସ୍ୱାରସ୍ୱତ ଆସର ଲୋକସେବା ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଜଣାଶୁଣା ଗାଳ୍ପିକା ତଥା ଲେଖିକା ବିଜନବାଳା ପାଟଯୋଷିଙ୍କ ସ୍ୱାଗତ ଭାଷଣ ପରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏହାକୁ ସଂଯୋଜନା କରିଥିଲେ ନିବେଦିତା ବେହେରା । ପୁଷ୍ପାଞ୍ଜଳି ବିଶୋୟୀ, ସଞ୍ଜୟ ଆନନ୍ଦ କୁମାର ତ୍ରିପାଠୀ, ବିଜନବାଳା ପାଟଯୋଷି , ରଶ୍ମିତା ମହାନ୍ତ, ପ୍ରଭାତ କୁମାର ରାଉତ, ନିବେଦିତା ବେହେରା ସ୍ୱରଚିତ କବିତା ପାଠ କରିଥିଲେ । ସହଯୋଗ କରିଥିଲେ ବିଜୟ ସ୍ୱରୂପ ପଣ୍ଡା, ପ୍ରଭାତ କୁମାର ସ୍ୱାଇଁ, କ୍ଷୀର ସାଗର ଦୁଆନ ଓ ପିନାକ୍ଷୀ ନାୟକ । ଶେଷରେ ବିଜୟଲକ୍ଷ୍ମୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରକାଶ ଥାଉକି ଓଡ଼ିଶା ସଚିବାଳୟ ଲେଖକ ୧୯୭୭ ମସିହାଠାରୁ ନିରନ୍ତର ଭାବେ ସାହିତ୍ୟର ପ୍ରଚାର ଓ ପ୍ରସାର କରି ଆସୁଅଛି । ଏ ଦିଗରେ ଆଉ ଏକ ପଦକ୍ଷେପ ସ୍ୱରୂପ ନିକଟରେ ୟୁଟ୍ୟୁବ୍ ସାହିତ୍ୟ ପତ୍ରିକା ଆରମ୍ଭ କରାଯିବ ବୋଲି ସାଧାରଣ ସମ୍ପାଦକ ସଞ୍ଜୟ ଆନନ୍ଦ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି ।

# ଓଡ଼ିଶା ୩୬୦.କମ ପକ୍ଷରୁ ନୂଆ ଇଣ୍ଟିଗ୍ରେଟେଡ ପୋର୍ଟାଲର ଶୁଭାରମ୍ଭ



ଭୁବନେଶ୍ୱର (ସବ୍ୟୁ) : ବାଟୋଇ ସିଷ୍ଟମ୍ସର ଏକ ପ୍ରମୁଖ ଡିଜିଟାଲ ସେବା, ଓଡ଼ିଶା୩୬୦.କମ ପକ୍ଷରୁ ଆନୁଷ୍ଠାନିକ ଭାବେ ଏହାର ନୂଆ ଇଂଟିଗ୍ରେଟେଡ ପୋର୍ଟାଲର ଶୁଭାରମ୍ଭ କରାଯାଇଛି । ଏହି ନୂଆ ପ୍ଲାଟଫର୍ମରେ ଓଡ଼ିଶାର ବ୍ୟବସାୟ ଡିରେକେଟାରି, ବଜାର, ନିଯୁକ୍ତି ତାଲିକା, ଭ୍ରମଣ ବିକଳ୍ପ, କାର୍ଯ୍ୟକ୍ରମ କ୍ୟାଲେଣ୍ଡର ଏବଂ ପବ୍ଲିକେସନକୁ ଏକ ଉପଭୋକ୍ତା-ଅନୁକୂଳ ଡିଜିଟାଲ ବ୍ୟବସ୍ଥାରେ ଏକତ୍ରିତ କରାଯାଇଛି, ଯାହାଦ୍ୱାରା ଉପଭୋକ୍ତାମାନେ ଏସମସ୍ତ ସୁବିଧାକୁ ଗୋଟିଏ ସ୍ଥାନରେ ସହଜରେ ପାଇପାରିବେ । ଏସମ୍ପର୍କରେ ଓଡ଼ିଶା୩୬୦ ଏବଂ ବାଟୋଇର ସିଇଓ ଡ. ଅଶ୍ୱିନୀ କୁମାର ରଥ କହିଛନ୍ତି ଯେ, ଓଡ଼ିଶା୩୬୦ ଓଡ଼ିଶାର ଲୋକ ଓ ସଂଗଠନମାନଙ୍କ ଜୀବନକୁ ସହଜ କରିବା ପାଇଁ ନିର୍ମିତ । ଚାକିରି ଖୋଜିବାଠାରୁ ଆରମ୍ଭ କରି ବ୍ୟବସାୟ ତାଲିକାଭୁକ୍ତ କରିବା କିମ୍ବା ସପ୍ତାହ ଶେଷରେ ଭ୍ରମଣ ଯୋଜନା କରିବା ପର୍ଯ୍ୟନ୍ତ ଯାଂଚ କରାଯାଇଥିବା ତାଲିକା, ସ୍ୱଚ୍ଛ ମୂଲ୍ୟ ନିର୍ଦ୍ଧାରଣ ଏବଂ ସୁରକ୍ଷିତ ପେମେଂଟ ସହିତ ଆପଣମାନେ ଏବେ ସବୁକିଛି ଗୋଟିଏ ସ୍ଥାନରେ କରିପାରିବ । ଏହି ପୋର୍ଟାଲରେ ଗୋଷ୍ଠୀ ପାଇଁ ପ୍ରସ୍ତୁତ କରାଯାଇଥିବା ଅନେକ ମୁଖ୍ୟ ବୈଶିଷ୍ଟ୍ୟ ରହିଛି । ଏକ ଯାଂଚ କରାଯାଇଥିବା ବ୍ୟବସାୟ ଡିରେକେଟାରି ଏବଂ ବଜାର ଅଧିକ ଦୃଶ୍ୟମାନତା ଓ ଲିଡ୍ ଟ୍ରାକିଂ ପାଇଁ ପ୍ରିମିୟମ୍ ବିକଳ୍ପ ପ୍ରଦାନ କରୁଛି । ନିଯୁକ୍ତି ଓ ଦକ୍ଷତା ବିଭାଗ, ଓଡ଼ିଶା ବଜାର ପାଇଁ ବିଶେଷ ଭାବେ ତିଆରି କରାଯାଇଥିବା ଚାକିରି ତାଲିକା ଏବଂ ରିଜ୍ୟୁମର ଏକ ସନ୍ଧାନଯୋଗ୍ୟ ଡାଟାବେସ ପ୍ରଦାନ କରେ, ଯାହା ନିଯୁକ୍ତିଦାତା ଓ ଚାକିରି ଖୋଜୁଥିବା ଲୋକଙ୍କ ପାଇଁ ନିଯୁକ୍ତି ପ୍ରକ୍ରିୟାକୁ ସରଳ କରିବ । ଏହାର ଓଡ଼ିଶା ଭ୍ରମଣ ବିଭାଗ, ସୁରକ୍ଷିତ ପେମେଂଟ ସହିତ ବିଶ୍ୱସନୀୟ ଟୁର ପ୍ୟାକେଜ, ହୋଟେଲ ବୁକିଂ ଏବଂ ରେଷ୍ଟୋରାଁ ଗାଇଡ ପ୍ରଦାନ କରୁଛି । ଏହା ବ୍ୟତୀତ ଏକ ରାଜ୍ୟବ୍ୟାପୀ କାର୍ଯ୍ୟକ୍ରମ କ୍ୟାଲେଣ୍ଡର ଆୟୋଜକମାନଙ୍କୁ ସେମାନଙ୍କ କାର୍ଯ୍ୟକ୍ରମ ତାଲିକାଭୁକ୍ତ କରିବାକୁ ଏବଂ ଟିକେଟ ପରିଚାଳନା କରିବା ସୁବିଧା ଯୋଗାଇଦେବ । ଏହି ପ୍ଲାଟଫର୍ମ ବ୍ୟକ୍ତି ଓ ସଂଗଠନମାନଙ୍କ ପାଇଁ ସମର୍ପିତ ପ୍ରିମିୟମ୍ ପ୍ଲାନ ମଧ୍ୟ ପ୍ରଦାନ କରୁଛି ଯାହା ସେମାନଙ୍କ ଉପସ୍ଥିତି ଓ ପ୍ରଭାବକୁ ସର୍ବାଧିକ କରିବା ପାଇଁ ଉନ୍ନତ ପ୍ରକାଶନ ଓ ଦୃଶ୍ୟମାନତା ଟୁଲ ଯୋଗାଇଦେଉଛି । ଏହି ନୂଆ ପ୍ଲାଟଫର୍ମ ଏମଏସଏମଇମାନଙ୍କ ଉପସ୍ଥିତି ବଢାଇବା ଏବଂ ଉନ୍ନତି କରିବା ପାଇଁ ଏକ ସ୍ପଷ୍ଟ ଅଭିବୃଦ୍ଧି ପଥ ପ୍ରଦାନ କରିବ ।

# ପୋଲିସ -ପରିବହନ ବିଭାଗର ମିଳିତ ଚେକିଂ

ବେତନଟୀ, (ସବ୍ୟୁ): ବେତନଟୀ ପୁଲିସ ଓ ମୟୂରଭଞ୍ଜ ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଥାନାଛକରେ ମିଳିତ ଚେକିଂ କରାଯାଇ ଟ୍ରାଫିକ ନିୟମ ଉଲଙ୍ଘନ କରିବାସହ ହେଲମେଟ ପିନ୍ଧିନଥିବା, ତିନିଜଣ ବାଇକରେ ଯାଉଥିବା, ମଦପିଇ ଗାଡି ଚଳାଉଥିବା, ମାଲପରିବହନ ପାଇଁ ଉଦ୍ଦିଷ୍ଟ ଗାଡିରେ ଲୋକମାନଙ୍କୁ ବସାଇ ପରିବହନ କରିବା ଭଳି ବିଭିନ୍ନ ପ୍ରକାର ଟ୍ରାଫିକ ନିୟମର ଉଲଙ୍ଘନ କରିଥିବା ୧୨ଟି ଯାନବାହନକୁ ୧ଲକ୍ଷ ୧୫ହଜାର ଟଙ୍କାର ଚାଲାଣ କଟାଯାଇଥିବା କନିଷ୍ଠ ଏମଭିଆଇ ରାଜେନ୍ଦ୍ର ମାଝୀ ସୂଚନା ଦେଇଛନ୍ତି । ପ୍ରାପ୍ତ ସୂଚନା ମୁତାବକ ଟ୍ରାଫିକ ନିୟମ ଉଲଙ୍ଘନକାରୀଙ୍କ ବିରୁଦ୍ଧରେ ଜରିମାନା ସହିତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଏଥିରେ ବେତନଟୀ ଥାନା ପକ୍ଷରୁ ଏସିଆଇ ସୌମେଲିନ ରାଉତଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିବାବେଳେ ପରିବହନ ବିଭାଗ ପକ୍ଷରୁ କନିଷ୍ଠ ଏମଭିଆଇମ ରାଜେନ୍ଦ୍ର ମାଝୀ ମଧ୍ୟ ନିଜର କର୍ମଚାରୀଙ୍କ ସହିତ ଉପସ୍ଥିତ ଥିଲେ ।

# ପୂର୍ଣ୍ଣାଙ୍ଗ ଦାୟିତ୍ୱ ହସ୍ତାନ୍ତର କଲେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ

ଭଣ୍ଡାରିପୋଖରୀ, (ସବ୍ୟୁ): ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ କମଳାକାନ୍ତ ସ୍ୱାଇଁ ଗତ ମଙ୍ଗଳବାର ସନ୍ଧ୍ୟାରେ ଡା. ସରୋଜ କୁମାର ରାଉଳଙ୍କୁ ପୂର୍ଣ୍ଣାଙ୍ଗ ଦାୟିତ୍ୱ ହସ୍ତାନ୍ତର କରିଥିବା ଜଣାଯାଇଛି । ଫଳରେ ଗତ ଏକ ମାସ ଧରି ଲାଗି ରହିଥିବା ଅଚଳାବସ୍ଥାର ଅନ୍ତ ଘଟିଛି । ଗତ ସେପେଟମ୍ବର ୧୫ ତାରିଖ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣୀ ଶିବିରରେ ନଗୁଆ ସମିତି ସଭାପତି ରମେଶ ଚନ୍ଦ୍ର ଭାରତୀ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ସାହୁ, ମନୋଜ କୁମାର ନାୟକଙ୍କ ସମେତ ବହୁ ବ୍ୟକ୍ତି ଡା. ସ୍ୱାଇଁଙ୍କ ବିରୋଧରେ ଅଭିଯୋଗ କରିଥିଲେ । ଜିଲ୍ଲାପାଳଙ୍କ ଆଦେଶ ଅନୁଯାୟୀ ସିଡିଏମଓ ଗତ ୨୫ ତାରିଖରେ ଡା. ସ୍ୱାଇଁଙ୍କୁ ଜିଲ୍ଲା ମେଡିକାଲକୁ ଡେପୁଟେସନ ଆଦେଶ ଦେବା ସହ ଅକ୍ଟୋବର ୬ ତାରିଖ ସୁଦ୍ଧା ପୂର୍ଣ୍ଣାଙ୍ଗ ଦାୟିତ୍ୱ ଡା. ସରୋଜ କୁମାର ରାଉଳଙ୍କୁ ହସ୍ତାନ୍ତର କରି ରିପୋର୍ଟ କରିବାକୁ ଆଦେଶ ଦେଇଥିଲେ । ମାତ୍ର ଡା. ସ୍ୱାଇଁ ନାମମାତ୍ର ଦାଇତ୍ୱ ଗତ ୬ ତାରିଖରେ ଦେଇ ପୂର୍ଣ୍ଣାଙ୍ଗ ଦାୟିତ୍ୱ ପରେ ହସ୍ତାନ୍ତର ହେବ ବୋଲି ଲେଖିଦେଇ ଜିଲ୍ଲାରେ ରିପୋର୍ଟ କରିଥିଲେ । ଏହାକୁ ନେଇ କଡା ଆପତ୍ତି କରିଥିଲେ ଅଭିଯୋଗକାରୀ । ଏଥିପୂର୍ବରୁ ଗତ ଫେବୃୟାରୀ ୧୭ ତାରିଖରେ ଅନୁଷ୍ଠିତ ମିଳିତ ଜନଶୁଣାଣୀ ସମୟରେ ସରପଞ୍ଚ ରଞ୍ଜନ କୁମାର ପରିଡ଼ା, ପୂର୍ବତନ ସମିତି ସଭ୍ୟ ସୁରେଶ ସାମଲ ପ୍ରମୁଖଙ୍କ ପକ୍ଷରୁ ଡା. ସ୍ୱାଇଁଙ୍କ ବିରୋଧରେ ଅନୁରୂପ ଅଭିଯୋଗ କରାଯାଇଥିଲା । ଖୋଦ ଜିଲ୍ଲାପାଳ ଅଧିକ୍ଷକ ଡା. ସ୍ୱାଇଁଙ୍କୁ ବଦଳି କରିବେ ବୋଲି ଆଦେଶ ଦେଇଥିଲେ । ହେଲେ ଜିଲ୍ଲାପାଳଙ୍କ ଦ୍ୱାରା ହୋଇଥିବା ଡେପୁଟେସନ ଆଦେଶକୁ ସେତେବେଳେ ବିଫଳ କରିଦିଆଯାଇଥିଲା । ଗତ ୧୩ ତାରିଖ ବନ୍ତରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବରରେ ଅଭିଯୋଗକାରୀ ଶ୍ରୀ ଭାରତୀ, ପୂର୍ବତନ ସରପଞ୍ଚ ଶ୍ରୀ ସାହୁ ଓ ଶ୍ରୀ ନାୟକ ପୁନଃ ଅଭିଯୋଗ କରିବା ପରେ ଜିଲ୍ଲାପାଳ ୧୬ ତାରିଖ ମଧ୍ୟରେ ପୂର୍ଣ୍ଣାଙ୍ଗ ଦାୟିତ୍ୱ ହସ୍ତାନ୍ତର ନକଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଦେଶ ଦେଇଥିଲେ । ଅନନ୍ୟୋପାୟ ହୋଇ ଡା. ସ୍ୱାଇଁ ୧୪ ତାରିଖ ସନ୍ଧ୍ୟାରେ ପୂର୍ଣ୍ଣାଙ୍ଗ ଦାୟିତ୍ୱ ହସ୍ତାନ୍ତର କରିଥିଲେ ।

# ମା' ଲକ୍ଷ୍ମୀ ନେଲେ ମେଲାଣି

ଢେଙ୍କିକୋଟ ,(ସବ୍ୟୁ) : ଢେଙ୍କିକୋଟ ମହାଲକ୍ଷ୍ମୀ ପୂଜା କମିଟି ଆନୁକୂଲ୍ୟରେ ହୋଇଥିବା ମା ଲକ୍ଷ୍ମୀଙ୍କୁ ବୁଧବାର ଦିନ ନିରାଡମ୍ବର ଭାବେ, ଏକ ଭାବାତ୍ମକ ପରିବେଶ ମଧ୍ୟରେ ମେଲାଣି ଦିଆଯାଇଛି । ଢେଙ୍କିକୋଟ ମାର୍କେଟ, ସାହି ଓ ବସ୍ତି ଗୁଡ଼ିକୁ ମା ଙ୍କୁ ନେଇ ଭସାଣି ଶୋଭାଯାତ୍ରା କରାଯାଇଥିଲା । ଏହି ଭସାଣି କାର୍ଯ୍ୟକ୍ରମ ରେ କମିଟିର ସଭାପତି ରାମଚନ୍ଦ୍ର ସାହୁଙ୍କ ସମେତ ରମେଶ ମହାନ୍ତ, ରବିନ୍ଦ୍ର କୁମାର ସାହୁ, ବିଜୟ କୁମାର ମଣ୍ଡଳ, ଆଶିଷ କୁମାର ମଣ୍ଡଳ, ସୁସାନ୍ତ ସେନାପତି, ତାପସ ଓଝା, ଅଜୟ ବେଜ, ମକରଧଜ ସାହୁ ପ୍ରମୁଖ ସାମିଲ ହୋଇଥିଲେ ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ

ଧାମନଗର, (ସବ୍ୟୁ): ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆୟୋଜିତ ବୈଠକରେ ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ସ୍ୱାସ୍ଥ୍ୟକେନ୍ଦ୍ରର ଅଭାବ ଅସୁବିଧା ସମ୍ପର୍କରେ ସମୀକ୍ଷା କରିଥିବାବେଳେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ଓ ସମ୍ପ୍ରସାରଣ ନେଇ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମ୍ପ୍ରସାରଣ ଓ ନୂତନ ଗୃହ ନିର୍ମାଣ ନେଇ ଦୀର୍ଘ ଦିନ ହେବ ଜମି ଚିହ୍ନଟ ପ୍ରକ୍ରିୟା ଚାଲୁରହିଥିବାବେଳେ ପ୍ରାଥମିକସ୍ତରରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଲାଗିଥିବା ପ୍ରାୟ ତିନି ଏକରରୁ ଉର୍ଦ୍ଧ୍ୱ ସରକାରୀ ଜମିକୁ ଚିହ୍ନଟ କରାଯାଇ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଥିଲା । ମାତ୍ର ନୂତନ କ୍ୟାମ୍ପସ ନିର୍ମାଣ ନିମନ୍ତେ ଉକ୍ତ ଜମି କମ ହେଉଥିବାରୁ ବୈଠକରେ ବିକଳ୍ପ ଚିନ୍ତା କରାଯାଇଥିଲା । ଧାମନଗର ତହସିଲଦାର ତୁରନ୍ତ ଆବଶ୍ୟକ ଜମି ଚିହ୍ନଟ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ପୁରୁଣା ଏକ୍ସରେ ମେସିନ ପରିବର୍ତ୍ତେ ନୂତନ ଡିଜିଟାଲ ମେସିନ ଲଗାଇବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡିଥିବା ଚତୁର୍ଥ ଶ୍ରେଣୀ ପଦବୀ ଗୁଡିକୁ ପୂରଣ କରିବା ପାଇଁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ବିଦ୍ୟୁତ ସମସ୍ୟାର ସମାଧାନ ନିମନ୍ତେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଟ୍ରାନ୍ସଫର୍ମରର କ୍ଷମତା ବୃଦ୍ଧି ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ମନ୍ତ୍ରୀ ଆଲୋଚନା କରିଥିଲେ । ଏହି ଅବସରରେ କାୟାକଳ୍ପ ଯୋଜନାରେ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ନିର୍ମଳ କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ଦ୍ଦେଶକ ଡାକ୍ତର ମନ୍ମୟ କୁମାର ସାମନ୍ତସିଂହାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଭଦ୍ରକ ଡିପିଏମ, ଏନଏଚଏମର ସହକାରୀ ଯନ୍ତ୍ରୀ, ଧାମନଗର ବିଡ଼ିଓ, ଧାମନଗର ଏନଏସିର ଅଧକ୍ଷା, ବିଦ୍ୟୁତ, ଗ୍ରାମ୍ୟଜଳ ଓ ପରିମଳ ବିଭାଗ ଅଧିକାରୀଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଜିଲ୍ଲା ପ୍ରଶାସନର ରାଷ୍ଟ୍ରୀୟ ପୋଷଣ ମାସ ପାଳନ

ଭଦ୍ରକ, (ସବ୍ୟୁ) :ରାଜ୍ୟ ମହିଳା ଶିଶୁ ବିକାଶ ବିଭାଗ ଓ ଭଦ୍ରକ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାସ ପାଳନ ସମାରୋହ ଜିଲ୍ଲା ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ, ବରିଷ୍ଠ ଡାକ୍ତର ମିନକେତନ ମହାନ୍ତି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ରୂପାଲି ପାତ୍ର, ଅତିରିକ୍ତ ମଙ୍ଗଳ ଅଧିକାରୀ ଉର୍ମିଳା ଗୋଛାୟତ, ପ୍ରୋଗ୍ରାମ ଅଧିକାରୀ ଚନ୍ଦ୍ରା ସାହୁ, ବିଭାଗୀୟ ସଂଯୋଜକ ଶିରାଜ୍ ଆଖତର ପ୍ରମୁଖ ଯୋଗଦେଇ ଉତ୍ତମ ଖାଦ୍ୟ ସୁସ୍ଥ ଜୀବନ, ସୁରକ୍ଷିତ ଭବିଷ୍ୟତ, ମା ଓ ଶିଶୁର ଯତ୍ନ, ଆତ୍ମନିର୍ଭର ତା ବୃଦ୍ଧି, ଭୋକାଲ ଫର ଲୋକାଲ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଜିଲ୍ଲାର ବିଭିନ୍ନ ବ୍ଲକର ମହିଳାମାନେ ହାତ ତିଆରି କରିଥିବା ଖାଦ୍ୟ ପ୍ରଦର୍ଶନୀ ସ୍ଥାନ ପାଇଥିଲା । ଏଥିରେ ଜିଲ୍ଲାର ସିଡିପିଓ, ଅଙ୍ଗନବାଡ଼ି, ଶତାଧିକ ମହିଳା ମାନେ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଦିଲୀପ ରାଉତରାୟ ଯୋଗ ଦେଇ ଅଙ୍ଗନବାଡି କେନ୍ଦ୍ର ହେଉଛି ଏକ ସୁସ୍ଥ ଶିଶୁ ସୃଷ୍ଟି କରିବାର ଏନ୍ତୁଡ଼ିଶାଳ ବୋଲି ବର୍ଣ୍ଣନା କରିଥିଲେ । ଅଙ୍ଗନବାଡି କର୍ମୀ ଓ ସମସ୍ତ ଆଇସିଡିଏସ କର୍ମୀମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ଆହୁରି କିପରି କ୍ରିୟାଶୀଳ କରି ପ୍ରତ୍ୟେକ ହିତାଧିକାରୀଙ୍କ ପାଖକୁ ସେବା ପହଂଚା ଯାଇପାରିବ ତାହା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଏହି ୮ମ ରାଷ୍ଟ୍ରୀୟ ପୋଷଣ ମାସ ୨୦୨୫ର ସମସ୍ତ ଥିମକୁ ଯେପରି ଜିଲ୍ଲାର ସମସ୍ତ ଅଙ୍ଗନବାଡି କେନ୍ଦ୍ରରେ କାର୍ଯ୍ୟକାରୀ କରାଯାଇ ଉଦ୍ଦିଷ୍ଟ ଲକ୍ଷ୍ୟ ହାସଲ କରାଯାଇପାରିବ ସେଥିପ୍ରତି ଗୁରୁତ୍ତ୍ୱ ଆରୋପ କରିଥିଲେ । ଅନ୍ୟତମ ଅତିଥି ଭାବେ ଡା. ମୀନକେତନ ମହାନ୍ତି, ସିନିୟର କନ୍ସଲଟାଣ୍ଟ, ମେଡିସିନ ଯୋଗଦେଇ ମେଧବହୁଳତାର କାରଣ, ମେଧବହୁଳତା ହ୍ରାସ ପାଇଁ ସ୍ୱସ୍ଥ ଜୀବନଶୈଳୀର ଗୁରୁତ୍ୱ, ସ୍ୱାସ୍ଥ୍ୟ ଓ ସମାଜ ଉପରେ ମେଧବହୁଳତାର ପ୍ରଭାବ ଓ ଖାଦ୍ୟରେ ଚିନି, ଲୁଣ, ତେଲର ବ୍ୟବହାର କମ କରି ଏହାକୁ ପ୍ରତିରୋଧ କରାଯାଇପାରିବ ବୋଲି ଆଲୋଚନା କରିଥିଲେ । ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲା କଲ୍ୟାଣ ଅଧିକାରିଣୀ ଉର୍ମିଳା ଗୋଛାୟାତ ପୁରୁଷଙ୍କ ସହଭାଗୀତା ସୁସ୍ଥ ମା ଓ ଶିଶୁ ପାଇଁ ପରିବାରରେ ପୁରୁଷଙ୍କ ସହଭାଗିତା, ସ୍ୱସ୍ଥ ପରିବାର ଗଠନରେ ପୁରୁଷଙ୍କ ଭୂମିକା ମହିଳାଙ୍କ ସହ ସମାନ ଗୁରୁତ୍ୱପୂର୍ଣ୍ଣ ଓ ପୁରୁଷଙ୍କ ସହଭାଗିତା ଦ୍ୱାରା ମାତୃଓ ଶିଶୁ କଲ୍ୟାଣରେ ଦ୍ରୁତ ପରିବର୍ତ୍ତନ ସମ୍ଭବ ବୋଲି ପ୍ରକାଶ କରିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ରୂପାଲୀ ମିତ୍ର ପ୍ରାରମ୍ଭିକ ଅଭିଭାଷଣ ଦେବା ସଙ୍ଗେ ସଙ୍ଗେ ଆଦ୍ୟ ଶୈଶବ ଅବସ୍ଥାରେ ଯତ୍ନ ଓ ଶିକ୍ଷା ଜରିଆରେ ୦-୩ ବର୍ଷର ଶିଶୁଙ୍କ ବୌଦ୍ଧିକ ବିକାଶକୁ ପ୍ରାଧାନ୍ୟ ଦେବା ଏବଂ ପୋଷଣବି ପଢ଼ାଇବି ମାଧ୍ୟମରେ ପ୍ରତିଟି ଶିଶୁକୁ ଉତ୍ତମ ପୋଷଣ ସହ ଶିକ୍ଷା ପ୍ରଦାନ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ପ୍ରୋଗ୍ରାମ ଅଫିସର ଚନ୍ଦ୍ରା ସାହୁ ନବଜାତ ଓ ଶିଶୁଙ୍କୁ ଉତ୍ତମ ପୋଷଣ ପ୍ରଦାନ ପାଇଁ ସ୍ତନ୍ୟପାନ ଓ ସଠିକ ଖାଦ୍ୟଭାସ ଏବଂ ସ୍ୱଦେଶୀ ପାଇଁ ସ୍ୱର-ସ୍ଥାନୀୟ ପୌଷ୍ଟିକ ଖାଦ୍ୟ ସୁସ୍ଥ ସମାଜ ଗଠନରେ ଭୋକଲ ଫର ଲୋକାଲ, ସ୍ୱଦେଶୀ ପଦାର୍ଥ ବ୍ୟବହାରର ଗୁରୁତ୍ୱ ଓ ତାର ଉପକାରିତା ଉପରେ ଆଲୋଚନା କରିଥିଲେ । ମୁଖ୍ୟଅତିଥି ଜିଲ୍ଲାପାଳ ଭଦ୍ରକଙ୍କ କରକମଳରୁ ବିତର୍କ, ରଚନା ଓ କୁଇଜ ପ୍ରତିଯୋଗିତାର ବିଜେତା ପ୍ରତିଯୋଗୀମାନେ ପୁରସ୍କୃତ ହୋଇଥିଲେ । ୮ମ ରାଷ୍ଟ୍ରୀୟ ପୋଷଣ ମାସ ୨୦୨୫ରେ ସର୍ବାଧିକ କାର୍ଯ୍ୟକ୍ରମ କରି ଭଦ୍ରକ ଆଇସିଡିଏସ, ଧାମନଗର ଆଇସିଡିଏସ ଏବଂ ଭଣ୍ଡାରୀପୋଖରୀ ଆଇସିଡିଏସ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସିଡିପିଓ, ଆଇସିଡିଏସ ସୁପରଭାଇଜର, ବ୍ଲକ କୋଡିନେଟର ପୋଷଣ, ଅଙ୍ଗନବାଡି କର୍ମୀ, ସୁଭଦ୍ରା ହେଲପଡେସ୍କ ଏବଂ କିଶୋରୀ ବାଳିକାମାନେ ଯୋଗଦାନ କରିଥିଲେ ।

# ରାଜସ୍ୱ ଓ କୃଷିବିଭାଗ ମିଳିତ ଶିବିର

ବେତନଟୀ, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧୀନ ବୁଢୀଖମାରି ପଞ୍ଚାୟତ କାର୍ଯ୍ୟାଳୟରେ ରାଜସ୍ୱ ଓ କୃଷିବିଭାଗ ପକ୍ଷରୁ ମିଳିତ ଭାବରେ ଏକ ସ୍ୱତନ୍ତ୍ର ଶିବିରର ଆୟୋଜନ କରାଯାଇଛି ଜମିପଟ୍ଟାରେ ଥିବା ମୃତବ୍ୟକ୍ତିଙ୍କ ନାମ ବଦଳରେ ସେମାନଙ୍କର ଉତ୍ତରାଧିକାରୀ ମାନଙ୍କ ନାମ ଅନ୍ତର୍ଭୁକ୍ତ କରାଯାଉଥିବା ବେଳେ କୃଷିବିଭାଗ ପକ୍ଷରୁ ମଧ୍ୟ ବିଭିନ୍ନ ଲ୍ୟାମ୍ପୁରେ ଧାନ ବିକ୍ରୟ ପାଇଁ ବାଧ୍ୟତାମୂଳକ ଥିବା ପଞ୍ଜୀକରଣ ପ୍ରକ୍ରିୟାରୁ କୌଣସି କାରଣରୁ ବାଦ ପଡିଥିବା ଚାଷୀମାନଙ୍କର ନାମ ଅନଲାଇନରେ ପଞ୍ଜୀକରଣ କରାଯାଉଛି ରାଜସ୍ୱ ବିଭାଗ ପକ୍ଷରୁ ବୁଢୀଖମାରୀ ରାଜସ୍ୱ ନିରୀକ୍ଷକ ମଙ୍ଗଳ ମାହାଲି ନିଜର କର୍ମଚାରୀମାନଙ୍କ ସହିତ ଉପସ୍ଥିତ ଥିବାବେଳେ କୃଷିବିଭାଗ ପକ୍ଷରୁ ଗ୍ରାମ୍ୟ କୃଷି କର୍ମଚାରୀ ମମତା ରାଉତ ମଧ୍ୟ ନିଜର କର୍ମଚାରୀମାନଙ୍କ ସହିତ ଉପସ୍ଥିତ ଥିଲେ । ବୁଢୀଖମାରି ପଞ୍ଚାୟତର ସରପଞ୍ଚ ଏବଂ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଛନ୍ତି ।

# କରତକଳ ଜବତ

ଭଣ୍ଡାରିପୋଖରୀ, (ସବ୍ୟୁ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ମୁଢ଼ାପଦା ବୈଦ୍ୟନାଥ ମନ୍ଦିର ନିକଟରେ ଚାଲୁଥିବା ବେଆଇନ କରତକଳ ଧାମନଗର ବନବିଭାଗ ବୁଧବାର ଜବତ କରିଥିବା ଜଣାଯାଇଛି । ଧାମନଗର ରେଞ୍ଜ ଅଧିକାରୀ ବାବୁଲ ମଲ୍ଲିକଙ୍କ ନେତୃତ୍ୱରେ ବନବିଭାଗ ଅଧିକାରୀ ପ୍ରୀତିରାଣୀ ଦାସ, ବସନ୍ତ ମାଝୀ, କୃଷ୍ଣଚନ୍ଦ୍ର ବାସ୍କେ, ଭଦ୍ରକ ବନବିଭାଗ ଅଧିକାରୀ ଓ ଭଣ୍ଡାରିପୋଖରୀ ପୁଲିସ ସହାୟତାରେ ବେଆଇନ କରତ କଳ ଉପରେ ଚଢାଉ କରିଥିଲେ । ଆମ୍ବ, ଆକାଶି, ପୁଣ୍ଡିଆ, ଫାସି ଆଦି କିସମ ୪୯ ଘନଫୁଟ କାଠଗଣ୍ଡି ଓ ପଟା ସହ ଭ୍ରାମ୍ୟମାଣ କରତକଳ ଯନ୍ତ୍ରାଂଶ ଜବତ ହୋଇଥିଲା । ଜବତ କାଠ ଓ ଯନ୍ତ୍ରାଂଶର ମୂଲ୍ୟ ଆନୁମାନିକ ୪ଲକ୍ଷ ହେବ ବୋଲି ବନବିଭାଗ ସୂତ୍ରରୁ ଜଣାଯାଇଛି । ଏଥିନେଇ ୪ଡି/୨୫-୨୬ନଂ ମାମଲା ରୁଜୁ ହୋଇଛି । କରତକଳ ମାଳିକ ଫେରାର ହୋଇଯାଇଥିଲା ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ନଂ.42-KUR-TRD-OT-2025-26

 କାର୍ଯ୍ୟର ନାମ : 03 (ତିନି) ବର୍ଷ ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ 16 ଗୋଟି ଟ୍ରାକ୍ସନ ସବ୍ ଷ୍ଟେସନଗୁଡ଼ିକରେ ଆନୁଷଙ୍ଗିକ କାର୍ଯ୍ୟ ସହିତ [illegible] TRD [illegible] ଏବଂ [illegible]

[illegible] (ଟଙ୍କାରେ): 5,47,95,376.80, EMD (ଟଙ୍କାରେ) : 4,24,000/-, [illegible] (ଟଙ୍କାରେ) : 11,800/-, [illegible] : 1095 ଦିନ ।

[illegible] : ତା.20.10.2025ରିଖ, [illegible] : ତା.03.11.2025ରିଖ 1300 ଘଣ୍ଟିକାରେ ।

[illegible]

[illegible] www.ireps.gov.in ରେ [illegible]

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍

PR-683/O/25-26

**NOTICE**

By virtue of an affidavit sworn before the Executive Magistrate, dated 15.10.2025. I Sarathi Bhesara, Resident of at-Malpada, Po- Sanchhapapali, Ps- Kantamal, Dist- Boudh, Pin-762017. Declare that i have changed my son's name from **Mahit Kumar Bhesera** to **Mohit Kumar Bhesara**. Henceforth, He shall be known as **Mohit Kumar Bhesara** for all purposes.

Sd/- Sarathi Bhesara

**AFFIDAVIT**

By virtue of an affidavit sworn before Notary Public, Kendrapara, dated. 14.10.2025 I, Manoj Kumar Behera, S/o Ganeswar Behera, Vill/Po-Chatrachakada, PS-Derabish, Dist-Kendrapara, Pin-754289 declare that I have changed my son's name from B.Rohit to Rohit Behera. Henceforth, he shall be known as Rohit Behera for all purposes.

Sd/- Manoj Kumar Behera

**AFFIDAVIT**

By virtue of an affidavit sworn before Executive Magistrate, Nayagarh Odisha on dated. 13.10.2025 I, Bijuli Biswal, W/o- Jaya Biswal, Resident of Village - Barabati, P.O.- Barapalli, P.S.- Sadar Nayagarh, Dist-Nayagarh, PIN-752070 declare that I have changed my minor Son's name from Jinan Jyoti Biswal to Jiban Jyoti Biswal. Henceforth, He shall be known as Jiban Jyoti Biswal for all purposes.

Sd/- Bijuli Biswal

**AFFIDAVIT**

By virtue of an affidavit sworn before the Executive Magistrate Kamakhyanagar S L No 3191 Date 09 .10.2025 I Parth Sarathi Singh S/o Sanjay Kumar Singh Vill- Nua Alatuma, Po /Ps - Kamakhyanagar ,Dist-Dhenkanal ,Pin- 759018 ,Odisha declare that my formar name is Parth Sarathi Singh S/o - Sanjay Kumar Singh ,but my assured name in mentioned as all documents Partha Sarathi Singh S/o-Sanjay Kumar Singh. Henceforth I shall be Known as Parth Sarathi Singh and Partha Sarathi Singh is one and same person for all purpose.

Sd/- Partha Sarathi Singh

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ପର୍ଯ୍ୟଟକଙ୍କ ଯାତାୟାତ ଓ ପାର୍କିଂ ବ୍ୟବସ୍ଥା ପାଇଁ ସମନ୍ୱୟ ବୈଠକ

ପୁରୀ, (ସବ୍ୟୁ) : ଆଗାମୀ ଦିନରେ ପୁରୀ ସହରକୁ ଅଧିକ ସଂଖ୍ୟକ ଭକ୍ତ ଓ ପର୍ଯ୍ୟଟକ ଆଗମନକୁ ଦୃଷ୍ଟିରେ ରଖି, ଭକ୍ତ ଓ ପର୍ଯ୍ୟଟକଙ୍କ ସୁଗମ ଯାତାୟାତ ବ୍ୟବସ୍ଥା ନିମନ୍ତେ ଏକ ସମନ୍ୱୟ ବୈଠକ ଜିଲ୍ଲା ଏସପି ଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି । ବୈଠକରେ ଏସ୍ପି ପ୍ରତୀକ ସିଂହ ଅଧ୍ୟକ୍ଷତା କରି ଥିଲେ।



ବୈଠକରେ ପୁରୀ ସହରକୁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ପାର୍କିଂ ସ୍ଥଳ, ବସ୍ ଷ୍ଟାଣ୍ଡ ଓ ଅନ୍ୟାନ୍ୟ ପ୍ରବେଶ ସ୍ଥଳରୁ ସହଜ ଯାତାୟାତ ବ୍ୟବସ୍ଥା କେମିତି କରାଯାଇପାରିବ, ସେ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା । ବୈଠକରେ ମୁଖ୍ୟ ଆଲୋଚନା ଗୁଡ଼ିକ ହେଲା ଅଟୋ ଓ ବସ୍ ସେବା ପାଇଁ ନିର୍ଦ୍ଧାରିତ ଭଡା ତାଲିକା ପ୍ରସ୍ତୁତ କରି ଅଧିକ ଦର ନେବାକୁ ନିଷେଧ । ପର୍ଯ୍ୟଟକ ଯାତାୟାତ ଯାନବାହନ ଗୁଡ଼ିକର ସଠିକ କାଗଜପତ୍ର ଓ ପରିଚୟ ସୁନିଶ୍ଚିତ କରାଯିବ । ବିଭିନ୍ନ ପ୍ରକାର ଯାନବାହନ ପାଇଁ ନିର୍ଦ୍ଧାରିତ ପାର୍କିଂ ସ୍ଥଳ ନିର୍ଦ୍ଧାରଣ ।ପର୍ଯ୍ୟଟକ ଓ ଭକ୍ତଙ୍କ ସୁବିଧା ପାଇଁ ପ୍ରମୁଖ ଯାତାୟାତ କେନ୍ଦ୍ରରେ ଲୋଗୋ ଓ ସୂଚନା ଫଳକ ସ୍ଥାପନ କରାଯିବ । ବୈଠକରେ ଉପସ୍ଥିତ ଅଧିକାରୀମାନେ ହେଲେ ନିର୍ବାହୀ ଅଧିକାରୀ ପୁରୀ ମ୍ୟୁନିସିପାଲିଟି, ଅତିରିକ୍ତ ପୁଲିସ ଅଧୀକ୍ଷକ ସଚିନ ପଟେଲ, ଆରଟିଓ ପୁରୀ, ଡିଏସ୍‌ପି (ଟ୍ରାଫିକ) ସଚିନ ପଟେଲ, ଟ୍ରାଫିକ ଆଇଆଇସି ଜୟଦୀପ ମହାନ୍ତି, ଟାଉନ ଆଇଆଇସି ଗୋକୁଳ ରଞ୍ଜନ ଦାସ, ଆରଆଇ ଚିତ୍ତରଞ୍ଜନ ମହାନ୍ତି। ସମସ୍ତ ଅଧିକାରୀମାନେ ନିୟମିତ ଯାନ ଚାଳନ, ସୁଚିତ ଯାତାୟାତ ଓ ଲୋକ ସେବା ମୁଖ୍ୟ ଧେୟ ରହିବା ଉପରେ ଜୋର ଦେଇଛନ୍ତି, ଯାହାର ଫଳରେ ଆସନ୍ତା ପର୍ବ ଦିନ ଗୁଡ଼ିକରେ ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ସୁଗମ ଓ ସୁଖଦ ଅନୁଭବ ହେବ ।

# ୨୫ଲକ୍ଷ ଠକେଇ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ୨୫ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୁକ୍ତ ବିଜୟ କୁମାର ପ୍ରଧାନ (୩୧)କୁ ମୈତ୍ରୀବିହାର ଥାନା ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି । ଶ୍ରୀଜୀଏସ୍. ନାୟାର ମୈତ୍ରୀବିହାର ଥାନାରେ ଏତଲା କରିବା ପରେ ପୋଲିସ ତଦନ୍ତ କରି ବିଜୟକୁ ଗିରଫ କରିବା ପରେ ଠକେଇ ରହସ୍ୟ ଉନ୍ମୋଚନ ହୋଇଛି । ବିଜୟ ଏନ୍‌ବିସିସି ଟାଓ୍ୱାରରେ ଥିବା ଶ୍ରୀରାଗମ୍ ଏକ୍ସପୋର୍ଟ୍ସ ପ୍ରାଇଭେଟ୍ ଲିମିଟେଡ୍‌ରେ ସହାୟକ ପରିଚାଳକ ଭାବରେ ନିଯୁକ୍ତି ପାଇଥିଲା । ଭୁବନେଶ୍ୱରର ପ୍ରେସ୍‌ଛକରେ ଥିବା ଶ୍ରୀରାଗମ୍ ଏକ୍ସପୋର୍ଟ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ମୁଖ୍ୟ କାର୍ଯ୍ୟାଳୟରେ କ୍ରୟ ଏବଂ ଡକ୍ୟୁମେଣ୍ଟେସନ ବିଭାଗର ଦାୟିତ୍ୱରେ ଥିଲା । ଏହା ବ୍ୟତୀତ ସେ ଯୋଗାଣକାରୀଙ୍କ ହିସାବ ରଖିବା ସହ ଏମ୍‌ଡିଙ୍କ ଦ୍ୱାରା ବିଲ୍ ପାସ୍ କରାଏ । ସେଗୁଡ଼ିକୁ ବକେୟା ଭାବରେ ରେକର୍ଡ କରେ । ଯାହା ଆଧାରରେ କମ୍ପାନୀ ଦେୟ ପ୍ରଦାନ କରିଥାଏ । ଏହି ପ୍ରକାରେ ଅଭିଯୋଗ ବିଜୟ ମହାନ୍ତି ଟ୍ରେଡିଂ ଆଣ୍ଡ କୋ କମ୍ପାନୀର ରବୀନ୍ଦ୍ର ମହାନ୍ତି ନାମକ ଜଣେ ଯୋଗାଣକାରୀକୁ ଧମକାଇ ଦେଇ ତାଙ୍କ ଠାରୁ ଆଣିଥିବା ୨ଲକ୍ଷ ୧୪ ହଜାର ଟଙ୍କା ନିଜ ବାପାଙ୍କ ଆକାଉଣ୍ଟକୁ ପଠାଇଥିଲା । ସେହିପରି ଅନ୍ୟ ଜଣଙ୍କ ଠାରୁ ଆଣିଥିବା ଦେଢଲକ୍ଷ ଟଙ୍କା ସ୍ତ୍ରୀ ବିଶ୍ୱଜିନୀ ବିଶ୍ୱାଳଙ୍କ ଆକାଉଣ୍ଟକୁ ପଠାଇଥିଲା । ଆଉ ଜଣଙ୍କ ଠାରୁ ଆଣିଥିବା ପ୍ରାୟ ୨ଲକ୍ଷ ୪୨ ହଜାର ୫୦୦ଟଙ୍କା ମା'ବିମଳା ପ୍ରଧାନଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ଏବଂ ଫୋନ୍ ପେ' ମାଧ୍ୟମରେ ପଠାଇ କମ୍ପାନୀକୁ ଠକିଥିଲା । କେବଳ ଏତିକି ନୁହେଁ ଅଭିଯୁକ୍ତର ସମ୍ପର୍କୀୟଙ୍କ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରିବାରୁ ଜଣାପଡିଥିଲା ଯେ, ବିଭିନ୍ନ ଯୋଗାଣକାରୀଙ୍କ ଠାରୁ ପ୍ରାୟ ୨୫ଲକ୍ଷ ଟଙ୍କା ବିଜୟ ଠକି ନେଇଛି । ଅଭିଯୁକ୍ତ ବିଜୟ ପ୍ରଧାନଙ୍କୁ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ନିଜ ଘର ନୟାଗଡ ଜିଲ୍ଲା ଫତେଗଡରେ ହୋଇଥିବା ବେଳେ ସେ ଚନ୍ଦକା ଇଣ୍ଡଷ୍ଟ୍ରିଆଲ ଷ୍ଟେଟ୍ ୫୮ ନମ୍ବର ପ୍ଲଟ୍‌ରେ ରୁହେ ।

## ହିଣ୍ଡାଲକୋ ଓ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ

# ହୀରାକୁଦରେ ପୋଷଣ ମାସ ପାଳନ

ହୀରାକୁଦ, (ସବ୍ୟୁ) : ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ହୀରାକୁଦର ପାରିପାର୍ଶିକ ଉନ୍ନୟନ ବିଭାଗ ଓ ସମନ୍ୱିତ ଶିଶୁ ବିକାଶ ବିଭାଗର ମିଳିତ ସହଯୋଗରେ ଏହି ସାମାଜିକ ସଚେତନତା କାର୍ଯ୍ୟକ୍ରମ "ପୋଷଣ ମାସ ପାଳନ ୨୦୨୫ ଅନୁଷ୍ଠିତ ହୋଇ ଯାଇଅଛି । ଏହି ଅବସରରେ ସ୍ଥାନୀୟ "ପାୱାର କଲୋନୀ କମ୍ୟୁନିଟି ସେଣ୍ଟର" ଠାରେ ହୀରାକୁଦ ସେକ୍ଟରର ସମସ୍ତ ଅଙ୍ଗନବାଡି କର୍ମୀ ମାନଙ୍କୁ ନେଇ "ଉତ୍ତମ ପୋଷଣ - ସୁସ୍ଥ ଜୀବନ" ଏକ ଏକ ସଭାର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ହିଣ୍ଡାଲକୋ ହୀରାକୁଦର ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେ, ଶୟନ୍ତୀ ଭୋଇ, ରୁଦ୍ରାଣୀ ମହାପାତ୍ର, ବିଳଶିନୀ ନାଥଶର୍ମା, ଏବଂ ପାରିପାର୍ଶିକ ଉନ୍ନୟନ ବିଭାଗର ପ୍ରବନ୍ଧକ ଆନନ୍ଦ ଚକ୍ରବର୍ତୀ, ଜିତେଶ ରଥ, ଉପଦେଷ୍ଟା ସୁକାନ୍ତ ମହାପାତ୍ର ମିଳିତ ଭାବରେ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶୟନ୍ତୀ ଭୋଇ ପୋଷଣ ମାସ ଉପରେ ଆଲୋକପାତ କରି ଉତ୍ତମ - ପୋଷଣ ସୁସ୍ଥ ଜୀବନ ଉପରେ ଆଲୋକପାତ କରିଥିଲେ । ହିଣ୍ଡାଲକୋର ମାନବ ସମ୍ବଳ ଅଧିକାରୀ ସୁସ୍ଥ ଜୀବନ ପାଇଁ ସୁଷମ ଖାଦ୍ୟ ଖାଇବା ସହିତ ପରିଷ୍କାର ପରିଛନତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ ।। ଆନନ୍ଦ ଚକ୍ରବର୍ତୀ ଓଡିଶା ସରକାରଙ୍କର ମହିଳା ଏବଂ ଶିଶୁ ବିକାଶ ବିଭାଗ ପକ୍ଷରୁ ରକ୍ତ ହୀନତା ବିଷୟରେ ସଚେତନତା, ଏହାର ପରୀକ୍ଷା ଏବଂ ଚିକିତ୍ସା ବିଷୟରେ ଆଲୋଚନା କରିଥିଲେ । ପୋଷଣର ବ୍ଲକ ସଂଯୋଜକ ଅକ୍ଷୟ ସୁନା



ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ରାଧେଶ୍ୟାମ ପଣ୍ଡା ଏବଂ ତାଙ୍କ ଦଳ ଲୋକକଳା-ପାଲା ମାଧ୍ୟମରେ "ସ୍ୱାସ୍ଥ୍ୟ ସଚେତନତା ଉପରେ କାର୍ଯକ୍ରମ ଆରମ୍ଭରେ ପରିବେଷଣ କରିଥିଲେ । ହୀରାକୁଦ ଅଞ୍ଚଳର ଅଙ୍ଗନବାଡି କର୍ମୀମାନେ ପୁଷ୍ଟିକର ଖାଦ୍ୟ ସମୂହର ପ୍ରଦର୍ଶନ କରିଥିଲେ । ପଢରିପାଶ୍ୱିକ ଉନ୍ନୟନ ବିଭାଗର ସରୋଜ କୁମାର ଆଚାର୍ଯ୍ୟ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ।

# ପିଏନ୍‌ବି ମେଟ୍‌ଲାଇଫ ନୂଆ ଶାଖା ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ) : ଭାରତର ଅଗ୍ରଣୀ ଜୀବନ ବୀମାକାରୀ ପିଏନବି ମେଟଲାଇଫ ଇଣ୍ଡିଆ ଇନସୁରାନ୍ସ କମ୍ପାନୀ ଲିମିଟେଡ (ପିଏନବି ମେଟଲାଇଫ) ଯାଜପୁରରେ ଏକ ନୂଆ ଶାଖା ଉଦଘାଟନ କରିଛି। ଏହି ସମ୍ପ୍ରସାରଣ ସହିତ କମ୍ପାନୀର ସମ୍ପ୍ରତି ଓଡ଼ିଶାରେ ମୋଟ ଶାଖା ସଂଖ୍ୟା ୧୦ରେ ପହଞ୍ଚିଛି । ଏହି ଶାଖା ଉଦଘାଟନ ପଲିସୀ ସେବାଗୁଡିକ




ଏବଂ ବିଶ୍ୱସନୀୟ ପରାମର୍ଶ ଗ୍ରାହକ ଯେଉଁଠାରେ ଥିଲେ ମଧ ସେମାନଙ୍କ ନିକଟରେ ପହଞ୍ଚାଇ ବୀମାକୁ ଅଧିକ ସୁଲଭ କରାଇବା ନିମନ୍ତେ କମ୍ପାନୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ସମୀର ବନସଲ, ଏମଡି ଓ ସିଇଓ, ପିଏନବି ମେଟଲାଇଫ କହିଥିଲେ, ବିଶ୍ୱାସ ସର୍ବଦା ପିଏନବି ମେଟଲାଇଫର ଗ୍ରାହକଙ୍କ ସହିତ ସମ୍ପର୍କର ମୂଳଦୁଆ ହୋଇ ରହିଆସିଛି । ସମ୍ପ୍ରତି ସମଗ୍ର ଭାରତରେ ୧୭୨ଟି ଶାଖା ସହିତ ଆମେ କେବଳ ଆମର ପହଞ୍ଚକୁ ପରିବ୍ୟାପ୍ତ କରୁନାହୁଁ, ବରଂ ତାହାସହିତ ଗ୍ରାହକମାନେ ପ୍ରତେକ ସୋପାନରେ ଆମ ଉପରେ ନିର୍ଭର କରିପାରିବେ, ସେହି ଭରସାକୁ ମଧ ସୁଦୃଢ କରୁଛୁ । ସେମାନେ ଯେଉଁଠାରେ ଆମକୁ ସର୍ବାଧିକ ଆବଶକ କରୁଛନ୍ତି ସେଠାରେ ପହଞ୍ଚିବା ଉପରେ ଆମର ଦୃଷ୍ଟିନିବଦ୍ଧ ରହିଛି ।

# ଡ୍ରିମ୍‌ସରେ ପୂର୍ବତନ ରାଷ୍ଟ୍ରପତି ଡ. କଲାମଙ୍କୁ ଶ୍ରଦ୍ଧାଞ୍ଜଳି

କଟକ, (ସ୍ୱପ୍ର): ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟପକ୍ଷରୁ ବିଶିଷ୍ଟ ବୈଜ୍ଞାନିକ ତଥା ଭାରତର ପୂର୍ବତନ ରାଷ୍ଟ୍ରପତି ଭାରତରନି ଡ. ଏପିଜେ ଅବଦୁଲ କଲାମ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଡ. କଲାମଙ୍କ ୯୪ତମ ଜୟନ୍ତୀ ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ତାଙ୍କର ପ୍ରତିମୂର୍ତ୍ତିରେ ବରିଷ୍ଠ ପଦାଧିକାରୀ, ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଅଭାସୀ ମାଧ୍ୟମରେ ଡ. କଲାମଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆଦର୍ଶରେ ଅନୁପ୍ରାଣିତ ହୋଇ ଛାତ୍ରଛାତ୍ରୀ ରାଷ୍ଟ୍ର ନିର୍ମାଣରେ ବ୍ରତୀ ହେବାକୁ ଦିଗଦର୍ଶନ ଦେଇଥିଲେ । ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ଡ. କଲାମ୍‌ଙ୍କ ଜୀବନବ୍ୟାପୀ ସାଧନା ଓ ସଫଳତା ଉପରେ ଆଲୋକପାତ କରି ସ୍ୱପ୍ନ ନିଦ୍ରିତରେ ନୁହେଁ, ଜାଗ୍ରତ ଅବସ୍ଥାରେ ଦେଖିବା ଉଚିତ୍ ଭଳି କଲାମଙ୍କ



କାଳଜୟୀ ଉକ୍ତିକୁ ଛାତ୍ରଛାତ୍ରୀ ଅନୁଶୀଳନ କଲେ ଲକ୍ଷ୍ୟରେ ପହଞ୍ଚି ପାରିବେ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା, ସ୍କୁଲ ଅଫ ଏଗ୍ରିକଲଚର ଡିନ୍ ଡ. କୁମ୍ଭକର୍ଣ୍ଣ ରାଉତ, ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର ପ୍ରମୁଖ ମହାକାଶ ଗବେଷଣା ଓ ଦେଶର ପ୍ରତିରକ୍ଷା ବିଶେଷ କରି କ୍ଷେତ୍ରକୁ ଡ. କଲାମ୍‌ଙ୍କ ଅବଦାନ ଅବିସ୍ମରଣୀୟ ବୋଲି ବର୍ଣ୍ଣନା କରିଥିଲେ । ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ନେକ୍ସସ୍ ଏସ୍‌ପ୍ଲାନେଡରେ ଆକର୍ଷଣୀୟ ଅଫର


ଭୁବନେଶ୍ୱର : ଚଳିତ ବର୍ଷ ଆଲୋକର ଏହି ଉତ୍ସବ ଋତୁରେ ନେକ୍ସସ ଏସପ୍ଲାନେଡ୍ ଗ୍ରାହକ ମାନଙ୍କ ପାଇଁ ଆଣିଛି କିଛି ଆକର୍ଷଣୀୟ ଅଫର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ସମାରୋହ । ଆସନ୍ତା ୧୫ ରୁ ୨୧ ଅକେଫାବର ୨୦୨୫ ପର୍ଯ୍ୟନ୍ତ, ଏକ ମହାନ ଉତ୍ସବର ଅନୁଭବ କରନ୍ତୁ ଯାହା ପରମ୍ପରା, ମନୋରଞ୍ଜନ ଏବଂ ସଫିଂ କୁ ସୁନ୍ଦର ଭାବରେ ମିଶ୍ରଣ କରେ । ଏକ ଚିତାକର୍ଷକ ଲାଇଭ୍ ପ୍ରଦର୍ଶନ ସହିତ ଦୀପାବଳିର କାଳଜୟୀ କାହାଣୀରେ ନିଜକୁ ବୁଡ଼ାଇ ଦିଅନ୍ତୁ ଯାହା ଭଗବାନ ରାମଙ୍କ ବୀରତ୍ୱପୂର୍ଣ୍ଣ ଯାତ୍ରା, ସୀତାଙ୍କ କୃପା ଏବଂ ଅଯୋଧ୍ୟାକୁ ସେମାନଙ୍କର ବିଜୟୀ ପ୍ରତ୍ୟାବର୍ତ୍ତକୁ ଦର୍ଶାଏ । ଅକ୍ଟୋବର ୧୭ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି କାହାଣୀ କହିବାର ଏହି ଅଭିଜ୍ଞତା ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେବ । ଆସନ୍ତା ୧୫ ରୁ ୨୧ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ସାଂସ୍କୃତିକ ଉତ୍ସବ ଏବଂ ଭାବପୂର୍ଣ୍ଣ ସନ୍ଧ୍ୟା ରାମାୟଣ



ପ୍ରଦର୍ଶନ ବ୍ୟତୀତ, ଅନ୍ୟାନ ବହୁ ଉତ୍ସବ ଜାରି ରହିଛି: ଯେପରିକି ଗଜଲ ନାଇଟ୍ସ, ଆକର୍ଷଣୀୟ ସାଜସଜ୍ଜା - ସମଗ୍ର ମଲ୍ ଏକ ଜୀବନ୍ତ ଉତ୍ସବର ଆଶ୍ରୟସ୍ଥଳରେ ପରିଣତ ହେବ, ଯାହା ପରିବାର ଏବଂ ବନ୍ଧୁମାନଙ୍କ ପାଇଁ ଏକତ୍ର ପାଳନ କରିବା ପାଇଁ ଉପଯୁକ୍ତ । କାର୍ଟୁନ୍ ଚରିତ୍ର ସାକ୍ଷାତ ଏବଂ ଅଭିବାଦନ - ଛୋଟ ପିଲାମାନଙ୍କ ପାଇଁ ଏକ ମଜାଦାର ଖାଦ୍ୟ ଗୁଡିକର ବ୍ୟବସ୍ଥା ମଧ ରହିଛି ।

# ରାଧାମୋହନ ମଲ୍ଲିକଙ୍କ ପରଲୋକ

ଭୁବନେଶ୍ୱର, (ସବ୍ୟୁ) : ଢେଙ୍କାନାଳର ଜଣେ ବିଶିଷ୍ଟ ବ୍ୟକ୍ତି ତଥା ଜଣାଶୁଣା ସମାଜସେବୀ ରାଧାମୋହନ ମଲ୍ଲିକଙ୍କ ୧୨ ତାରିଖ ସକାଳେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା ।ଗତ କିଛି ଦିନ ଧରି ସେ ଅସୁସ୍ଥ ଥିଲେ ଓ ଭୁବନେଶ୍ୱର କିମ୍ସ ହସ୍ପିଟାଲରେ ତାଙ୍କର ଦେହାନ୍ତ ଘଟିଛି ।



ତାଙ୍କର ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ସମ୍ପନ୍ନ ହୋଇଥିଲା ଏବଂ ବଡ଼ ପୁଅ ମୁଖାଗ୍ନି ଦେଇଥିଲେ । ତାଙ୍କ ପରିବାରରେ ତାଙ୍କ ସ୍ତ୍ରୀ, ଚାରି ପୁଅ ବୋହୂ ଏବଂ ନାତି ନାତୁଣୀମାନେ ଅଛନ୍ତି ।ସେ ରେଭେନସା କଲେଜରୁ ସ୍ନାତକ ହାସଲ କରିବା ପରେ ଆଠଗଡ଼ର ଗୋପବନ୍ଧୁ ବିଜ୍ଞାନ କଲେଜରେ ଅର୍ଥନୀତିରେ ଅଧ୍ୟାପକ ଭାବରେ ତାଙ୍କର ଶିକ୍ଷାଗତ ଯାତ୍ରା ଆରମ୍ଭ କରିଥିଲେ । ପରେ ସେ ପୁନେର ଗୋଖଲେ ଇନଷ୍ଟିଚ୍ୟୁଟ୍ ଅଫ୍ ପଲିଟିକ୍ସ ଆଣ୍ଡ ଇକୋନୋମିକ୍ସରୁ ଏମ୍.ଫିଲ୍ ଏବଂ ନୂଆଦିଲ୍ଲୀର ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନୟୁ)ରୁ ପିଏଚଡି ଡିଗ୍ରୀ ହାସଲ କରିଥିଲେ ।ତାଙ୍କର ବିଶିଷ୍ଟ କ୍ୟାରିୟର ମଧ୍ୟରେ, ସେ ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର୍ ଡେଭଲପମେଣ୍ଟ ଷ୍ଟଡିଜ୍ (ଏନସିଡିଏସ୍)ରେ ଅର୍ଥନୀତିର ପ୍ରଫେସର ଭାବରେ କାର୍ଯ୍ୟ କରିଥିଲେ, ଯେଉଁଠାରେ ସେ ପନ୍ଦର ବର୍ଷରୁ ଅଧିକ ସମୟ ପାଇଁ କାର୍ଯ୍ୟ କରିଥିଲେ । ସେ ଫିଲିପାଇନ୍ସ, କାନାଡା ଏବଂ ଜାପାନର ଅନେକ ବିଶ୍ୱବିଦ୍ୟାଳୟରେ ପରିଦର୍ଶକ ଫେଲୋ ମଧ ଥିଲେ ଏବଂ ବନ ଅର୍ଥନୀତି ଏବଂ ବିକାଶ ଅଧ୍ୟୟନ ଉପରେ ଅନେକ ଗବେଷଣା ପତ୍ର ପ୍ରକାଶ କରିଥିଲେ ।

# ପୁଲିସ୍ ଏସ୍‌ଆଇ ପରୀକ୍ଷା ଜାଲିଆତି

## ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟିର ଆଗୁଆ ଜାମିନ୍ ଆବେଦନ

କଟକ, (ସବ୍ୟୁ): ପୁଲିସ୍ ଏସ୍‌ଆଇ ପରୀକ୍ଷାରେ ହୋଇଥିବା ଜାଲିଆତି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଶଙ୍କର ପୃଷ୍ଟି ଆଗୁଆ ଜାମିନ୍ ଆବେଦନ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି । କ୍ରାଇମ୍‌ବ୍ରାଞ୍ଚ୍ ପକ୍ଷରୁ ଏହି ଘଟଣାରେ ତଦନ୍ତ ବେଳେ ଶଙ୍କର ପୃଷ୍ଟି ଏହି କେଳେଙ୍କାରୀରେ ସମ୍ପୃକ୍ତ ଥିବା ନେଇ ଜଣାପଡ଼ିଥିଲା । ଫଳରେ କ୍ରାଇମ୍‌ବ୍ରାଞ୍ଚ୍ ଶଙ୍କର ପୃଷ୍ଟି ନାଁରେ ମାମଲା ରୁଜୁ କରିବା ପରେ ସେ ଏ ପର୍ଯ୍ୟନ୍ତ ସେ ଫେରାର ରହିଛି । ଏହି ଘଟଣାରେ ସମ୍ଭାବ୍ୟ ଗିରଫଦାରୀକୁ ଏଡ଼ାଇବା ଲାଗି ଏବେ ସେ ଆଗୁଆ ଜାମିନ୍ ଆବେଦନ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି ।

ପୁଲିସ୍ ଏସ୍‌ଇ ପରୀକ୍ଷା କାର୍ଯ୍ୟ ଟେଣ୍ଡର ଜରିଆରେ ପିଏସ୍‌ୟୁ ଆଇଟିଆଇ ଲିମିଟେଡ ସଂସ୍ଥାକୁ ଦିଆଯାଇଥିଲା । ଏହି ସଂସ୍ଥା ଭୁବନେଶ୍ୱର ଏକ ସଂସ୍ଥା ସିଲିକନ୍ ଟେକ୍ନୋଲାବ୍‌କୁ ଦେଇଥିଲା । ସିଲିକନ୍ ପକ୍ଷରୁ ଏହି କାମ ପାଞ୍ଚସଫ୍ଟକୁ ଦିଆଯାଇଥିଲା । ପାଞ୍ଚସଫ୍ଟକୁ ଏହି ପରୀକ୍ଷା ପରିଚାଳନା ଲାଗି ୩୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ପାଞ୍ଚସଫ୍ଟ ଟେକ୍ନୋଲୋଜି ଲିମିଟେଡ୍‌ର ନିର୍ଦ୍ଦେଶକ ଭାବେ ଶଙ୍କର ପୃଷ୍ଟି କାର୍ଯ୍ୟ କରୁଥିଲା ଓ ଏହିଠାରେ ଯାବତୀୟ କେଳେଙ୍କାରୀ ହୋଇଥିବା ଜଣାପଡ଼ିଛି । କ୍ରାଇମ୍‌ବ୍ରାଞ୍ଚ୍ ପକ୍ଷରୁ ଇତିମଧ୍ୟରେ ୧୧୪ଜଣ ଆଶାୟୀ ପ୍ରାର୍ଥୀ, ତିନିଜଣ ଦଲାଲଙ୍କୁ ଗିରଫ କରାଯାଇଛି ଓ ଶଙ୍କର ପୃଷ୍ଟି ନାମରେ ମାମଲା ରୁଜୁ ହୋଇଥିଲେ ମଧ ସେ ଫେରାର ରହିଛି ।

# ବିଶ୍ୱନାଥପୁରରେ ଗଜଲକ୍ଷ୍ମୀ ପୂଜା

ବାଲିପାଟଣା ,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ବ୍ଲକ , ଗାରେଡିପାଞ୍ଚଣ ଗ୍ରାମ ପଞ୍ଚାୟତ ଅଧୀନ ବିଶ୍ୱନାଥପୁର ଗଡ଼ସାହିରେ ଗଜଲକ୍ଷ୍ମୀ ପୂଜା ଅତି ଆଡ଼ମ୍ବର ପୂର୍ଣ୍ଣ ର ଅନୁଷ୍ଠିତ ହୋଇଯାଇଛି । କୁମାରପୂର୍ଣ୍ଣୀମା ସନ୍ଧ୍ୟାରେ କଳସଯାତ୍ରା ଅନୁଷ୍ଠିତ ହୋଇ ମା ଙ୍କ ପୂଜା ଆରମ୍ଭ ହୋଇଥିଲା । ପ୍ରତ୍ୟେହ ପୂର୍ବାହ୍ନରେ ସୂର୍ଯ୍ୟପୂଜା କରାଯିବା ସହିତ ବାଳଭୋଗ କରାଯିବା ସହ ମଧ୍ୟାହ୍ନରେ ଶଙ୍ଖୁଡ଼ି ଭୋଗ କରାଯାଇ ଗ୍ରାମବାସୀ ପ୍ରସାଦ ସେବନ କରିଥାଆନ୍ତି ।ଗ୍ରାମର ରବିନ୍ଦ୍ର କୁମାର ଜେନା କର୍ତ୍ତା ହୋଇଥିବା ବେଳେ ପୂଜକ ବିନୟ ମିଶ୍ର ପୂଜା ଅର୍ଚ୍ଚନା କରିଥାଆନ୍ତି । ହରୀହର ଜେନା , ବାଲୁଙ୍କି ଜେନା , ବଟକୃଷ୍ଣ ଜେନା , ନିରଞ୍ଜନ ଜେନା , ବେଣୁଧର ପଣ୍ଡା ,ଧୂନା ମହାପାତ୍ର , ଶଙ୍କର ସାହୁ ପ୍ରମୁଖଙ୍କ ସହିତ ସମସ୍ତ ଗ୍ରାମବାସୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ

# ଜିନ୍ଦଲ ଷ୍ଟେନଲେସ୍ ସ୍ଲାଗ୍ ପ୍ରକ୍ରିୟାକରଣ କ୍ଷମତାକୁ ଦ୍ୱିଗୁଣିତ କରିଛି

ଭୁବନେଶ୍ୱର, (ସବ୍ୟୁ) : ସର୍କୁଲାର ଉତ୍ପାଦନ ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ଭାରତର ସର୍ବବୃହତ ଷ୍ଟେନଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ୍ ଷ୍ଟେନଲେସ୍ ଏହାର ଯାଜପୁର ୟୁନିଟରେ ଏକ ନୂତନ ୱେଟ ମିଲିଂ ପ୍ଲାଣ୍ଟ ସହିତ ଏହାର ସ୍ଲାଗ୍ ପ୍ରକ୍ରିୟାକରଣ କ୍ଷମତାକୁ ଦ୍ୱିଗୁଣିତ କରିଛି । ଏହି ପଦକ୍ଷେପ ଶିଳ୍ପ ଆବର୍ଜନାରୁ ଧାତୁ ପୁନରୁଦ୍ଧାର ଏବଂ ପ୍ରାକୃତିକ ସମ୍ପଦ ସଂରକ୍ଷଣ କରି କମ୍ପାନୀର କାର୍ଯ୍ୟ କ୍ଷମତାକୁ ବ୍ୟାପକ କରିବ ଏବଂ ଦୀର୍ଘକାଳୀନ ସର୍କୁଲାରିଟି ଲକ୍ଷ୍ୟକୁ ସମର୍ଥନ କରିବ । ଏହା ମାଧ୍ୟମରେ ସ୍ଥାନୀୟ ଅଂଚଳରେ ପ୍ରାୟ ୧୪୦ ନୂତନ ନିଯୁକ୍ତି ସୃଷ୍ଟି ହେବ । ଏହି ପଦକ୍ଷେପ ପାଇଁ କମ୍ପାନୀ ଧାତୁ ଶିଳ୍ପରେ ଅଭିନବ ପରିବେଶଗତ ସମାଧାନ ପ୍ରଦାନ କରିବାରେ ବିଶ୍ୱସ୍ତରୀୟ କମ୍ପାନୀ ହାର୍ସ୍କୋ ଏନଭର୍ନମେଂଟାଲ ସହିତ ଭାଗିଦାରୀ କରିଛି । ଜିନ୍ଦଲ ଷ୍ଟେନଲେସ୍ ହାର୍ସ୍କୋ ଏନଭର୍ନମେଂଟାଲ ସହିତ ୧୫ ବର୍ଷର ଭାଗିଦାରୀରେ ପ୍ଲାଂଟ ନିର୍ମାଣ ଏବଂ ପରିଚାଳନା ପାଇଁ ୧୫୦ ମିଲିୟନ ଆମେରିକୀୟ ଡଲାର ଖର୍ଚ୍ଚ କରିବାକୁ ପ୍ରତିଶ୍ରୁତିବଦ୍ଧ, ଯାହା ସର୍କୁଲାର୍



କାର୍ଯ୍ୟକୁ ଆଗକୁ ବଢ଼ାଇବାରେ ଦୁଇ କମ୍ପାନୀ ମଧ୍ୟରେ ଦୀର୍ଘକାଳୀନ ସହଯୋଗକୁ ଆହୁରି ମଜଭୂତ କରିବ । ଚୁକ୍ତିନାମା ଅବଧି ମଧ୍ୟରେ ଏହି ପ୍ଲାଂଟ ସ୍ଲାଗରୁ ଧାତୁ ପୁନରୁଦ୍ଧାର ମାଧ୍ୟମରେ ସମାନ ମୂଲ୍ୟ ପ୍ରଦାନ କରିବ । ଏହା ସମ୍ପର୍କରେ ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଭାରତ ଏବଂ ବିଶ୍ୱ ସ୍ତରରେ ବଢୁଥିବା ଷ୍ଟେନଲେସ ଷ୍ଟିଲର ଚାହିଦା ପୂରଣ କରିବା ପାଇଁ ଆମେ କ୍ଷମତା ବୃଦ୍ଧି କରୁଥିବାରୁ, ଦାୟିତ୍ୱପୂର୍ଣ୍ଣ ଏବଂ ପରିବେଶ ସଚେତନ ହୋଇ କାମ କରିବା ଉପରେ ଆମର ଗୁରୁତ୍ୱ ରହିଛି । ଆମେ ହାର୍ସ୍କୋ ଏନଭାଇରନମେଂଟାଲ୍ ସହିତ ଆମର ଭାଗିଦାରୀକୁ ସୁଦୃଢ଼ କରୁଛୁ । ଏହି କମ୍ପାନୀ ଷ୍ଟେନଲେସ ଷ୍ଟିଲ ଉତ୍ପାଦନରେ ସର୍କୁଲାରିଟି ଦିଗରେ ଆମର ପ୍ରତିବଦ୍ଧତାର ଏକ ଅଂଶୀଦାର ସାଜିଛି । ୱେଟ ମିଲିଂ ପ୍ଲାଂଟ ଏହାର ଧାତୁ ପୁନରୁଦ୍ଧାର ଏବଂ ବର୍ଜ୍ୟବସ୍ତୁ ପରିଚାଳନା ସହିତ ସ୍ଲାଗର ଲାଭଦାୟକ ବ୍ୟବହାରକୁ ସକ୍ଷମ କରିବ ଏବଂ ଆମର ସ୍ଥାନୀୟ ଗୋଷ୍ଠୀ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ । ହାର୍ସ୍କୋ ଏନଭାଇରନମେଂଟାଲର ଭାରତ ଏବଂ ବିଦେଶ ବ୍ୟାପାରର ପରିଚାଳନା ନିର୍ଦ୍ଦେଶକ ମଞ୍ଜୁନାଥ ରାଘଭେଲୁ କହିଛନ୍ତି: ହାର୍ସ୍କୋ ଏନଭାଇରନମେଂଟାଲ ଏବଂ ଜିନ୍ଦଲ ଷ୍ଟେନଲେସର ଭାଗିଦାରୀରେ ଯାଜପୁରରେ ଦ୍ୱିତୀୟ ୱେଟ ମିଲିଂ ପ୍ଲାଂଟ ପ୍ରତିଷ୍ଠା ପାଇଁ ଏହି ୧୫ ବର୍ଷର ଚୁକ୍ତିନାମା ସ୍ୱାକ୍ଷର ହୋଇଥିବାରୁ ମୁଁ ବହୁତ ଖୁସି । ଏହା ଆମର ଦଶନ୍ଧି ଧରି ଚାଲିଥିବା ସହଯୋଗକୁ ଆହୁରି ଘନିଷ୍ଠ କରିଛି ଏବଂ ଭାରତରେ ପ୍ରଥମ କରି ଯାଜପୁରରେ ଦୁଇଟି ୱେଟ ମିଲିଂ ପ୍ଲାଂଟ ସ୍ଥାପିତ ହୋଇଛି । ଏକାଠି ଆମେ ଚକ୍ରୀୟ ଅର୍ଥନୀତି ଏବଂ ସ୍ଲାଗ୍ ବ୍ୟବହାର ଉପରେ ଗୁରୁତ୍ୱ ଦେଉଅଛୁ ଏବଂ ସଷ୍ଟେନେବିଲିଟି ଦିଗରେ ଆମର ପ୍ରତିବଦ୍ଧତାକୁ ସୁଦୃଢ଼ କରିବୁ । ଏହି ପଦକ୍ଷେପ ଜିନ୍ଦଲ ଷ୍ଟେନଲେସର ଦୀର୍ଘକାଳୀନ ପରିବେଶଗତ, ସାମାଜିକ ଏବଂ ଶାସନ (ଇଏସଜି) ଲକ୍ଷ୍ୟ ଏବଂ ୨୦୫୦ ସୁଦ୍ଧା ମୋଟ ଶୂନ୍ୟ ନିର୍ଗମନ ହାସଲ କରିବାର ପ୍ରତିବଦ୍ଧତାକୁ ଦର୍ଶାଏ । ଆର୍ଥିକ ବର୍ଷ ୨୫ରେ କମ୍ପାନୀ ବିଭିନ୍ନ ଡିକାର୍ବୋନାଇଜେସନ ପଦକ୍ଷେପ ମାଧ୍ୟମରେ ଏହାର କାର୍ବନ ଫୁଟପ୍ରିଂଟକୁ ୧୪% ହ୍ରାସ କରିଥିଲା । ଏହାର କିଛି ଅଗ୍ରଣୀ ପ୍ରୟାସ ମଧ୍ୟରେ ଷ୍ଟେନଲେସ ଷ୍ଟିଲ ଉତ୍ପାଦନକୁ ଶକ୍ତି ପ୍ରଦାନ କରିବା ପାଇଁ ଭାରତର ପ୍ରଥମ ସବୁଜ ହାଇଡ୍ରୋଜେନ ପ୍ଲାଂଟ ସ୍ଥାପନ ଏବଂ ଓଡ଼ିଶାର ଏକ ଶିଳ୍ପ କ୍ୟାମ୍ପସ ମଧ୍ୟରେ ସର୍ବବୃହତ କ୍ୟାପଟିଭ୍ ସୌର ଶକ୍ତି ପ୍ଲାଂଟ ସ୍ଥାପନ କରିବା ସହିତ ଅନ୍ୟାନ୍ୟ ଉଲ୍ଲେଖନୀୟ ମାଇଲଖୁଣ୍ଟ ଅନ୍ତର୍ଭୁକ୍ତ ।

# ଇଣ୍ଡଲଜ୍ ସାଲୁନରେ ଜୈବିକ ସ୍କିନ୍ କେୟାର ବ୍ରାଣ୍ଡ ମିଣ୍ଟ୍ରି ଉନ୍ମୋଚିତ

## ଯୋଗଦେଲେ ବଲିଉଡ୍ ଅଭିନେତ୍ରୀ ତନ୍ନାଜ ଇରାନୀ

ଭୁବନେଶ୍ୱର, (ସବ୍ୟୁ) : ଇଣ୍ଡଲ୍ଜ ଦି ସାଲୁନରେ ସାର୍କ ଟ୍ୟାଙ୍କ ନିଧିକୃତ ପ୍ରମାଣିତ ଜୈବିକ ସ୍କିନ୍ କେୟାର ବ୍ରାଣ୍ଡ ମିଣ୍ଟ୍ରି ଉନ୍ମୋଚିତ ହୋଇଛି । ଯାହା ଏହାର ପାରାବେନ୍-ମୁକ୍ତ ଏବଂ ପରିବେଶ-ସଚେତନ ଫର୍ମୁଲେସନ୍ ପାଇଁ ଜଣାଶୁଣା । ଏହି କାର୍ଯ୍ୟକ୍ରମରେ ପ୍ରସିଦ୍ଧ ବଲିଉଡ୍ ଅଭିନେତ୍ରୀ, ଥ୍ରୀଏକ୍ସ ଟିଇଡି ସ୍ପିକର୍, ସାର୍ଟିଫାଏଡ୍ ଏନଏଲପି ଲାଇଫ୍ କୋଚ୍ ଏବଂ ତନ୍ନାଜ୍ ଇରାନି ଏକାଡେମୀର ପ୍ରତିଷ୍ଠାତା ତନ୍ନାଜ୍ ଇରାନି ଯୋଗ ଦେଇଥିଲେ । ତାଙ୍କ ସହିତ ୟୁଏମଏସଏଲ ଲିମିଟେଡ୍‌ର ଉପାଧ୍ୟକ୍ଷ ପରମିତା ପଣ୍ଡା, ମିଣ୍ଟ୍ରିର ସିଇଓ ଆଶିଷ ଦେୱାନୀ ଏବଂ ଇଣ୍ଡଲ୍ଜ ଦି ସାଲୁନ୍‌ର ପ୍ରତିଷ୍ଠାତା ସୁକୀର୍ତ୍ତୀ ପଟ୍ଟନାୟକ ଯୋଗଦେଇ ଏହାକୁ ଉନ୍ମୋଚନ କରିଥିଲେ । ଏହି ଅବସରରେ ପ୍ରତିଷ୍ଠାତା ଶ୍ରୀମତୀ ପଟ୍ଟନାୟକ ଓଡି ସୋସିଆଲ ନାମ ବଦଳାଇ ଇଣ୍ଡି ଭର୍ସ କରାଗଲା ବୋଲି ଘୋଷଣା କରିଥିଲେ । ଉନ୍ମୋଚନ ଅବସରରେ, ଶ୍ରୀମତୀ ତନ୍ନାଜ୍ ଇରାନି ଇଣ୍ଡଲ୍ଜରେ ମିଣ୍ଟ୍ରି ଉତ୍ପାଦ ବ୍ୟବହାର କରିବାର ତାଙ୍କର ବ୍ୟକ୍ତିଗତ ଅଭିଜ୍ଞତା ବାଣ୍ଟିଥିଲେ । ଇଣ୍ଡଲ୍ଜର ପ୍ରତିଷ୍ଠାତା ସୁକୀର୍ତ୍ତୀ ପଟ୍ଟନାୟକ, "ଉଚ୍ଚ-ଗୁଣବତ୍ତା, ସ୍ଥାୟୀ ସୌନ୍ଦର୍ଯ୍ୟ ସମାଧାନ ପ୍ରଚଳନ କରିବାରେ ଇଣ୍ଡଲଜ୍ ସର୍ବଦା ଆଗରେ ରହିଆସିଛି । ମିଣ୍ଟ୍ରି ସହିତ, ଆମେ ଆମର ଗ୍ରାହକମାନଙ୍କୁ ବିଳାସପୂର୍ଣ୍ଣ,




ପ୍ରଭାବଶାଳୀ ଏବଂ ପରିବେଶଗତ ଭାବରେ ଦାୟୀ ତ୍ୱଚା ପ୍ରଦାନ କରିବା ଦିଗରେ ଆଉ ଏକ ପଦକ୍ଷେପ ନେଉଛୁ ଯାହା ଆମକୁ ପ୍ରକୃତ ଜୈବିକ ସୌନ୍ଦର୍ଯ୍ୟ ସହିତ ପୁନଃ ସଂଯୋଗ କରେ ବୋଲି ସେ କହିଥିଲେ ।

# ଚୀନକୁ ଗୁପ୍ତ ତଥ୍ୟ ଦେଇ ସୁରକ୍ଷା ବିଶେଷଜ୍ଞ ଗିରଫ

**ୱାଶିଂଟନ:** ଆମେରିକାରେ ପ୍ରସିଦ୍ଧ ଭାରତୀୟ ବଂଶୋଦ୍ଭବ ଜାତୀୟ ସୁରକ୍ଷା ବିଶେଷଜ୍ଞ ଆଶଲି ଟେଲିସଙ୍କୁ ଗୋପନୀୟ କାଗଜପତ୍ର ରଖିବା ଏବଂ ଚୀନ୍ ସହିତ ସମ୍ପର୍କ ରଖିବା ଅଭିଯୋଗରେ ଗିରଫ କରାଯାଇଛି । ଏଫବିଆଇ ଭର୍ଜିନିଆର ଭିଏନାରେ ତାଙ୍କ ଘର ଉପରେ ଚଢାଉ କରି ୧୦୦୦ ପୃଷ୍ଠାରୁ ଅଧିକ ଗୁପ୍ତ କାଗଜପତ୍ର ଜବତ କରିଛି । ଏଫବିଆଇ ଅଭିଯୋଗ କରିଛି ଯେ ଟେଲିସ୍ ବେଆଇନ ଭାବରେ ଆମେରିକାର ଜାତୀୟ ସୁରକ୍ଷା ସହିତ ଜଡିତ ଡକ୍ୟୁମେଣ୍ଟ ଲୁଚାଇ ରଖିଥିଲେ ଏବଂ ଗତ କିଛି ବର୍ଷ ମଧ୍ୟରେ ଚୀନ୍ ଅଧିକାରୀଙ୍କ ସହ ଅନେକ ଥର ସାକ୍ଷାତ କରିଛନ୍ତି । ଏଫବିଆଇ ଦ୍ୱାରା ଦାଖଲ କରାଯାଇଥିବା ଏକ ସତ୍ୟପାଠ ଅନୁଯାୟୀ, ଟେଲିସ୍‌ଙ୍କ ବେସମେଣ୍ଟ



କାର୍ଯ୍ୟାଳୟରେ ବନ୍ଦ କ୍ୟାବିନେଟ୍, ଡେସ୍କ ଏବଂ ବ୍ୟାଗରେ ହଜାର ହଜାର କାଗଜପତ୍ର ଲୁଚାଇ ରଖାଯାଇଥିଲା । ଏଥିମଧ୍ୟରୁ ଅନେକ ଉପରେ ଟପ୍ ସିକ୍ରେଟ୍ ଏବଂ ସିକ୍ରେଟ୍ ଷ୍ଟାମ୍ପ ଲଗାଯାଇଥିଲା । ତଦନ୍ତରୁ ଏହା ମଧ୍ୟ ଜଣାପଡିଛି ଯେ ସେପ୍ଟେମ୍ବର ୨୫ ତାରିଖରେ ଟେଲିସ୍ ଯୁକ୍ତରାଷ୍ଟ୍ର ଷ୍ଟେଟ୍ ଡିପାର୍ଟମେଣ୍ଟର କମ୍ପ୍ୟୁଟର ସିଷ୍ଟମରୁ ଶହ ଶହ ଗୋପନୀୟ କାଗଜପତ୍ର ପ୍ରିଣ୍ଟ କରୁଥିବା କ୍ୟାମେରାରେ ଧରାପଡ଼ିଥିଲେ ।

ଅକ୍ଟୋବର ୧୦ ତାରିଖରେ, ଆଉ ଏକ ସୁରକ୍ଷା କ୍ୟାମେରା ଭର୍ଜିନିଆର ଆଲେକଜାଣ୍ଡ୍ରିଆରେ ଏକ ସରକାରୀ ପ୍ରତିଷ୍ଠାନରେ ଟେଲିସ୍ ତାଙ୍କ ବ୍ୟାଗରେ କାଗଜପତ୍ର ଲୁଚାଉଥିବା କଏଦ କରିଥିଲା ।ଏଫବିଆଇ ରିପୋର୍ଟରେ କୁହାଯାଇଛି ଯେ ସେପ୍ଟେମ୍ବର ୨୦୨୨ ରୁ ସେପ୍ଟେମ୍ବର ୨୦୨୫ ମଧ୍ୟରେ ଟେଲିସ୍ ଭର୍ଜିନିଆର ଫେୟାରଫ୍ୟାକ୍ସରେ ଥିବା ରେଷ୍ଟୁରାଣ୍ଟରେ ଚୀନ୍ ସରକାରୀ ଅଧିକାରୀଙ୍କ ସହ ଅନେକ ଗୁପ୍ତ ବୈଠକ କରିଥିଲେ। ଏହି ବୈଠକଗୁଡ଼ିକରେ ଇରାନ-ଚୀନ୍ ସମ୍ପର୍କ, କୃତ୍ରିମ ବୁଦ୍ଧିମତ୍ତା ଏବଂ ଆମେରିକା-ପାକିସ୍ତାନ ନୀତି ବିଷୟରେ ଆଲୋଚନା ହୋଇଥିଲା। ସେପ୍ଟେମ୍ବର ୨୦୨୫ ବୈଠକ ସମୟରେ ଟେଲିସ୍ ଚୀନ୍ ଅଧିକାରୀଙ୍କଠାରୁ ଏକ ଲାଲ ଉପହାର ବ୍ୟାଗ ମଧ୍ୟ ପାଇଥିଲେ । ମୁମ୍ବାଇରେ ଜନ୍ମଗ୍ରହଣ କରିଥିବା ୬୪ ବର୍ଷୀୟ ଆଶଲେ ଟେଲିସ୍ ସେଣ୍ଟ ଜାଭିୟର୍ସ କଲେଜ ଏବଂ ମୁମ୍ବାଇ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିଥିଲେ ଏବଂ ଚିକାଗୋ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ପିଏଚଡି ଡିଗ୍ରୀ ହାସଲ କରିଥିଲେ । ସେ ଆମେରିକା-ଭାରତ ବେସାମରିକ ପରମାଣୁ ଚୁକ୍ତିର ପ୍ରମୁଖ ଆଲୋଚନାକାରୀଙ୍କ ମଧ୍ୟରୁ ଜଣେ ଥିଲେ ।

## ବାୟୁସେନା କିଣିବ ୭୦୦ ଘାତକ କ୍ଷେପଣାସ୍ତ୍ର

**ନୂଆଦିଲ୍ଲୀ:** ଭାରତୀୟ ବାୟୁସେନା ଯୁଦ୍ଧ ବିମାନ ପାଇଁ ୭୦୦ଟି ସ୍ୱଦେଶୀ ଭାବରେ ବିକଶିତ ଅସ୍ତ୍ର ମାର୍କ ୨ କ୍ଷେପଣାସ୍ତ୍ର କିଣିବାକୁ ଯୋଜନା କରୁଛି ।ଏହି କ୍ଷେପଣାସ୍ତ୍ରଗୁଡ଼ିକ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ ଦ୍ୱାରା ବିକଶିତ ଏହା ଏୟାର ଟୁ ଏୟାର କ୍ଷେପଣାସ୍ତ୍ର ଶ୍ରେଣୀରେ ଆସୁଥିବାବେଳେ ଡିଆରଡିଓ ଏହି କ୍ଷେପଣାସ୍ତ୍ରର ପରିସରକୁ ୨୦୦ କିଲୋମିଟରରୁ ଅଧିକ ବୃଦ୍ଧି କରିଛି । ଏହି କ୍ଷେପଣାସ୍ତ୍ରଗୁଡ଼ିକୁ ପାକିସ୍ତାନର ପିଏଲ-୧୫ କ୍ଷେପଣାସ୍ତ୍ରର ପ୍ରତିରୋଧ ଭାବରେ ବିବେଚନା କରାଯାଏ, ଯାହାର ପରିସର ୧୪୫ କିଲୋମିଟର ।

ଏହି କ୍ଷେପଣାସ୍ତ୍ରଗୁଡ଼ିକୁ ଚୀନ୍ ଦ୍ୱାରା ପାକିସ୍ତାନକୁ ଯୋଗାଇ ଦିଆଯାଇଥିଲା । ପାକିସ୍ତାନ ଅପରେସନ୍ ସିନ୍ଦୁର ସମୟରେ ଏହି କ୍ଷେପଣାସ୍ତ୍ରଗୁଡ଼ିକୁ ବିଫଳ ଭାବରେ ବ୍ୟବହାର କରିଥିଲା । ବାସ୍ତବରେ ଭାରତୀୟ ବାୟୁସେନା ଏହାର ସୁଖୋଇ ଏବଂ ହାଲୁକା ଯୁଦ୍ଧ ବିମାନ ନୌବାହିନୀରେ ଏହି କ୍ଷେପଣାସ୍ତ୍ରଗୁଡ଼ିକୁ ବ୍ୟବହାର କରିବ । ଡିଆରଡିଓ ମୂଳତଃ କ୍ଷେପଣାସ୍ତ୍ରର ପରିସର ୧୬୦ କିଲୋମିଟର କରିବାକୁ ଯୋଜନା କରିଥିଲା, କିନ୍ତୁ ଏହାକୁ ବର୍ତ୍ତମାନ ୨୦୦ କିଲୋମିଟରକୁ ବୃଦ୍ଧି କରାଯାଉଛି ।ଉଲ୍ଲେଖନୀୟ ଯେ ଅସ୍ତ୍ର ମାର୍କ ୧ କ୍ଷେପଣାସ୍ତ୍ରର ପରିସର ୧୦୦ କିଲୋମିଟର ରହିଛି । ଏହା ଏକ ଉନ୍ନତ ମାର୍ଗଦର୍ଶନ ଏବଂ ନାଭିଗେସନ୍ ସିଷ୍ଟମ ସହିତ ସଜ୍ଜିତ । ଏବେ ଏହାର ପରିସରକୁ ଆହୁରି ୧୦୦ କିଲୋମିଟର ବଢାଇବାକୁ ନିଷ୍ପତ୍ତି ହୋଇଛି ।



## ନିର୍ବାଚନ ଲଢିବେନି ପ୍ରଶାନ୍ତ କିଶୋର

**ପାଟନା:** ନିର୍ବାଚନ ରଣନୀତିଜ୍ଞରୁ ରାଜନେତା ପାଲଟିଥିବା ପ୍ରଶାନ୍ତ କିଶୋରଙ୍କ ଦ୍ୱାରା ଗଠିତ ଦଳ ଜନ ସୁରାଜ ଚଳିତ ବର୍ଷ ନିର୍ବାଚନରେ ଡେବ୍ୟୁ କରିବାକୁ ଯାଉଛି । ଏନେଇ ପ୍ରଶାନ୍ତ କିଶୋର ପ୍ରଥମ ପ୍ରାର୍ଥୀ ତାଲିକା ଘୋଷଣା କରିସାରିଛନ୍ତି । ତେବେ ରାଜନୀତିରେ ପାଦ ଥାପିଥିବା



ପ୍ରଶାନ୍ତ କିଶୋର ଚଳିତ ବର୍ଷ ବିହାର ବିଧାନସଭା ନିର୍ବାଚନ ଲଢିବେ ନାହିଁ । ବିହାର ନିର୍ବାଚନରେ ଲଢ଼ିବି ନାହିଁ, ଦଳର ସାଂଗଠନିକ କାର୍ଯ୍ୟ ଜାରି ରଖିବି' ବୋଲି ସେ କହିଛନ୍ତି । ପୂର୍ବରୁ, ପ୍ରଶାନ୍ତ କିଶୋର ତାଙ୍କ ଜନ୍ମସ୍ଥାନ କରଗହର କିମ୍ବା ରଘୋପୁରରୁ ନିର୍ବାଚନ ଲଢ଼ିବେ ବୋଲି ସଙ୍କେତ ଦେଇଥିଲେ । ମଙ୍ଗଳବାର ଦିନ ଦଳ ରଘୋପୁର ବିଧାନସଭା ଆସନ ପାଇଁ ଚଞ୍ଚଲ ସିଂହଙ୍କୁ ପ୍ରାର୍ଥୀ ଘୋଷଣା କରିବା ପରେ କିଶୋର ନିର୍ବାଚନ ଲଢ଼ିବେ ନାହିଁ ବୋଲି ସ୍ପଷ୍ଟ ହୋଇଥିଲା ।

## ଆମେରିକାକୁ ଡାକସେବା ଆରମ୍ଭ କଲା ଭାରତ

**ନୂଆଦିଲ୍ଲୀ:** ଆମେରିକାକୁ ଡାକସେବା ଆରମ୍ଭ କଲା ଭାରତ । ୨ମାସ ତଳେ ସମସ୍ତ ପାର୍ସଲକୁ ସ୍ଥଗିତ ରଖାଯାଇଥିଲା । ହେଲେ ଏବେ ଭାରତୀୟ ଡାକ ବିଭାଗ ଆମେରିକାକୁ ସମସ୍ତ ବର୍ଗର ଆନ୍ତର୍ଜାତୀୟ ଡାକ ସେବା ପୁନଃଆରମ୍ଭ କରିଛି । ଭାରତ ଚଳିତ ବର୍ଷ ଅଗଷ୍ଟରେ ଆମେରିକାକୁ ଅସ୍ଥାୟୀ ଭାବରେ ଡାକ ସେବା ସ୍ଥଗିତ କରିଥିଲା । ଯେତେବେଳେ ଟ୍ରମ୍ପ ଭାରତ ଉପରେ ଶୁଳ୍କ ଦ୍ୱିଗୁଣିତ କରିଥିଲେ ଏବଂ କଷ୍ଟମ୍ ନିୟମ ପରିବର୍ତ୍ତନ କରିଥିଲେ, ସେତେବେଳେ ଭାରତୀୟ ଡାକ ବିଭାଗ ଏହି ପ୍ରତିବନ୍ଧକ ଲଗାଇଥିଲା ।

ଏବେ ୨ମାସ ପରେ ପ୍ରତିବନ୍ଧକ ହଟିବାରୁ ଭାରତ ଏବଂ ଆମେରିକା ମଧ୍ୟରେ ଅଟକି ରହିଥିବା ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା ଆଗକୁ




ବଢ଼ିବା ପରି ମନେ ହେଉଛି । କାରଣ ଏହି ନିଷ୍ପତ୍ତି ପୂର୍ବରୁ ଭାରତର ଏକ ଟିମ୍ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଉପରେ ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ପାଇଁ ଏହି ସପ୍ତାହରେ ଆମେରିକା ଯାଉଥିବା ଜଣାପଡ଼ିଛି ।

## ଗୋଆ କୃଷି ମନ୍ତ୍ରୀଙ୍କ ପରଲୋକ


**ନୂଆଦିଲ୍ଲୀ:** ଗୋଆର କୃଷି ମନ୍ତ୍ରୀ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ରବି ନାଏକ(୭୯)ଙ୍କ ଆଜି ଦେହାନ୍ତ ହୋଇଛି । ରବି ନାଏକଙ୍କ ଘର ଗୋଆର ରାଜଧାନୀ ପାଣାଜୀଠାରୁ ୩୦ କିଲୋମିଟର ଦୂରରେ ଅବସ୍ଥିତ । ହୃଦଘାତ ସମୟରେ ସେ ଘରେ ଥିଲେ । ତାଙ୍କୁ ତୁରନ୍ତ ପୋଣ୍ଡାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ରାତି ପ୍ରାୟ ୧ଟାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୋଆ



ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ତାଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିଛନ୍ତି । ଟ୍ୱିଟରରେ ଏକ ପୋଷ୍ଟ ସେୟାର କରି ପ୍ରଧାନମନ୍ତ୍ରୀ ମୋଦୀ ଲେଖିଛନ୍ତି, ଗୋଆ ସରକାରଙ୍କ ପୂର୍ବତନ ମନ୍ତ୍ରୀ ରବି ନାଏକଙ୍କ ଦେହାନ୍ତରେ ମୁଁ ଦୁଃଖିତ । ତାଙ୍କୁ ଜଣେ ଅଭିଜ୍ଞ ପ୍ରଶାସକ ଏବଂ ଗୋଆର ବିକାଶ ପଥକୁ ସମୃଦ୍ଧ କରିଥିବା ଉତ୍ସର୍ଗୀକୃତ ସେବକ ଭା ରେ ମନେ ରଖାଯିବ । ଉଲ୍ଲେଖନୀୟ ଯେ ରବି ନାଏକ ପୋଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ସାତ ଥର ବିଧାୟକ ଥିଲେ ।

## ବ୍ରିଟିଶ ସଂସଦରେ ଚୀନ୍ ଗୁପ୍ତଚର

**ଲଣ୍ଡନ:** ଚୀନ୍, ରୁଷିଆ ଏବଂ ଇରାନର ଗୁପ୍ତଚରମାନେ ବ୍ରିଟେନର ଗଣତନ୍ତ୍ରକୁ ଦୁର୍ବଳ କରିବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି । ବ୍ରିଟେନର ଗୁଇନ୍ଦା ସଂସ୍ଥା, ଏମ-୧୫ ଦାବି କରିଛି, ଏହି ଦେଶଗୁଡ଼ିକ ନିଜ ସ୍ୱାର୍ଥ ପାଇଁ ସାଂସଦମାନଙ୍କ ବିଷୟରେ ବ୍ୟକ୍ତିଗତ ସୂଚନା ସଂଗ୍ରହ କରୁଛନ୍ତି, ଯାହାକୁ ସେମାନେ ବ୍ଲାକମେଲ୍ ପାଇଁ ବ୍ୟବହାର କରିପାରିବେ । ଏମ-୧୫ ଅନୁଯାୟୀ, ଚୀନ୍, ରୁଷିଆ ଏବଂ ଇରାନର ଏଜେଣ୍ଟମାନେ ସମ୍ବେଦନଶୀଳ ସୂଚନା ହାସଲ କରିବା ପାଇଁ ସାଂସଦ ଏବଂ ସେମାନଙ୍କ ସହଯୋଗୀମାନଙ୍କୁ ଅଧିକରୁ ଅଧିକ ଟାର୍ଗେଟ କରୁଛନ୍ତି । ସେମାନେ ରାଜନୈତିକ ପ୍ରଭାବ ହାସଲ କରିବା ପାଇଁ ବ୍ଲାକମେଲ୍, ଫିସିଂ ଆକ୍ରମଣ କିମ୍ବା ଆର୍ଥିକ ଦାନ ପ୍ରଦାନ କରିବା ଭଳି କୌଶଳ ବ୍ୟବହାର କରିପାରନ୍ତି ବୋଲି ଆଶଙ୍କା କରାଯାଉଛି । ଏମ-୧୫ ଦ୍ୱାରା ଜାରି କରାଯାଇଥିବା ଚେତାବନୀରେ ଏହା ମଧ୍ୟ କୁହାଯାଇଛି ଯେ ସାଂସଦମାନେ ସେମାନଙ୍କର ଅନଲାଇନ୍ କାର୍ଯ୍ୟକଳାପ, ବିଦେଶ ଯାତ୍ରା ଏବଂ ବ୍ୟକ୍ତିଗତ ସାକ୍ଷାତ ସମୟରେ ବିଶେଷ ସତର୍କତା ଅବଲମ୍ବନ କରିବା ଉଚିତ । ଏମ-୧୫ ମୁଖ୍ୟ କେନ୍



ମ୍ୟାକକାଲମ୍ ସାଂସଦମାନଙ୍କୁ ଯେକୌଣସି ଅସ୍ୱାଭାବିକ ସାମାଜିକ ପାରସ୍ପରିକ କ୍ରିୟା ଉପରେ ନଜର ରଖିବାକୁ ଏବଂ ଏପରି ବିଷୟଗୁଡ଼ିକ ତୁରନ୍ତ ରିପୋର୍ଟ କରିବାକୁ ପରାମର୍ଶ ଦେଇଛନ୍ତି ।


ବ୍ରିଟିଶ ପ୍ରଧାନମନ୍ତ୍ରୀ କୀର ଷ୍ଟାରମର ଚୀନ୍ ସହିତ ସମ୍ପର୍କ ଉନ୍ନତ କରିବାକୁ ଚେଷ୍ଟା କରୁଥିବା ବେଳେ ଏହି ଚେତାବନୀ ଦିଆଯାଇଛି । ଏହା ସତ୍ତ୍ୱେ ସାମ୍ପ୍ରତିକ ବର୍ଷଗୁଡ଼ିକରେ ବ୍ରିଟେନ ଏବଂ ଚୀନ୍ ମଧ୍ୟରେ ସମ୍ପର୍କ ତିକ୍ତ ହୋଇଛି । ଉଭୟ ଦେଶ ପରସ୍ପର ବରୋଧରେ ଗୁପ୍ତଚର ଅଭିଯୋଗ ଆଣିଛନ୍ତି । ଏମ-୧୫ର ଏହି ସଦ୍ୟତମ ଚେତାବନୀ ବ୍ରିଟେନର ଜାତୀୟ ସୁରକ୍ଷା ବିଷୟରେ ବଢୁଥିବା ଚିନ୍ତା ଏବଂ ବିଦେଶୀ ହସ୍ତକ୍ଷେପକୁ ରୋକିବା ପାଇଁ ଦେଶକୁ ସତର୍କ ରହିବାର ଆବଶ୍ୟକତାକୁ ପ୍ରତିଫଳିତ କରିଛି ।

ଚୀନ୍ ଛାତ୍ର ଏବଂ ଗବେଷକମାନଙ୍କୁ ମଧ୍ୟ କେତେକ ସମୟରେ ଗୁପ୍ତଚର ବୋଲି ସନ୍ଦେହ କରାଯାଇଛି । ଯଦିଓ ଚୀନ୍ ଏହି ଅଭିଯୋଗଗୁଡ଼ିକୁ ଅସ୍ୱୀକାର କରୁଛି ଏବଂ ପ୍ରଯୁକ୍ତିବିଦ୍ୟା ପ୍ରଗତି ତଥା ଶାନ୍ତିପୂର୍ଣ୍ଣ ବିକାଶର ପ୍ରବକ୍ତା ବୋଲି ଦାବି କରୁଛି । ତଥାପି ଏହା ବିଶ୍ୱବ୍ୟାପୀ ଅବିଶ୍ୱାସର ଉତ୍ସ ହୋଇ ରହିଛି ।

## ମୈଥିଳୀଙ୍କୁ ମିଳିଲା ଟିକେଟ୍

**ପାଟନା:**ବିହାର ବିଧାନସଭା ନିର୍ବାଚନ ପାଇଁ ଭାରତୀୟ ଜନତା ପାର୍ଟି ତା'ର ଦ୍ୱିତୀୟ ପ୍ରାର୍ଥୀ ତାଲିକା ପ୍ରକାଶ କରିଛି । ଏହି ତାଲିକାରେ ୧୨ଜଣ ପ୍ରାର୍ଥୀଙ୍କ ନାମ ରହିଛି । ୧୨ଜଣଙ୍କ ମଧ୍ୟରେ ରହିଛନ୍ତି ମଙ୍ଗଳବାର ବିଜେପିରେ ଯୋଗ ଦେଇଥିବା ମୈଥିଳୀ ଠାକୁର । ତାଙ୍କୁ ଅଲୀନଗରରୁ ପ୍ରାର୍ଥୀ କରାଯାଇଛି ।

ବିଜେପି ତା'ର ପ୍ରଥମ ତାଲିକାରେ ମୋଟ ୭୧ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲା । ଆଜି ଦଳ ୧୨ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି, ଯାହା ଦ୍ୱାରା ଏପର୍ଯ୍ୟନ୍ତ ଘୋଷଣା ହୋଇଥିବା ପ୍ରାର୍ଥୀଙ୍କ ସଂଖ୍ୟା ୮୩କୁ ବୃଦ୍ଧି ପାଇଛି । ଜେଡିୟୁ ୫୭ ଜଣ ପ୍ରାର୍ଥୀଙ୍କ ପ୍ରଥମ ତାଲିକା ପ୍ରକାଶ



କରିଥିଲା । ଏହି ତାଲିକାରେ, ଜେଡିୟୁ ସମସ୍ତ ଜାତିକୁ ଖୁସି କରିବାକୁ ଚେଷ୍ଟା କରିଥିବା ଦେଖାଯାଇଥିଲା । ସବୁଠୁ ବଡ଼ କଥା ହେଲା ଏହି ତାଲିକାରେ କୌଣସି ମୁସଲିମ୍ ପ୍ରାର୍ଥୀ ନାହାଁନ୍ତି ଏବଂ ୪ଜଣ ମହିଳାଙ୍କୁ ଟିକେଟ୍ ଦିଆଯାଇଛି ।

## ପାକ୍-ଆଫଗାନ ଘମାଘୋଟ ଲଢେଇ

**କାବୁଲ:** ପାକିସ୍ତାନ-ଆଫଗାନିସ୍ତାନ ପରସ୍ପର ଉପରେ ଗୁଳି ଓ ମିସାଇଲ ମାଡ଼ କରି ଚାଲିଛନ୍ତି । ଏଥିଯୋଗୁ ୧୨ରୁ ଅଧିକ ଲୋକଙ୍କ ଜୀବନ ଯାଇଥିବା ବେଳେ ଶତାଧିକ ଆହତ ହୋଇଛନ୍ତି । ଏବେ ବି ଦୁଇ ପକ୍ଷ ମଧ୍ୟରେ ଲଢେଇ ଜାରି ରହିଛି । ଆଫଗାନର ତାଲିବାନ ଫୋର୍ସ ପାକିସ୍ତାନ ଆର୍ମିର ଗୋଟିଏ ବର୍ଡର ଆଉଟ ପୋଷ୍ଟକୁ ଧ୍ୱଂସ କରିଦେଇଛି । ତାଲିବାନ ପୋଷ୍ଟକୁ ଟାର୍ଗେଟ କରିବା ପାଇଁ ପାକିସ୍ତାନ ବ୍ୟବହାର କରୁଥିବା ଟ୍ୟାଙ୍କକୁ ମଧ୍ୟ ତାଲିବାନ ସିଜ କରିନେଇଛି । ଉଭୟ ପକ୍ଷ ପରସ୍ପରକୁ ସୀମାରେ ଉତ୍ତେଜନା ସୃଷ୍ଟି କରିବା ପାଇଁ ଦାୟୀ କରିଛନ୍ତି । ପାକିସ୍ତାନର ଚମାନ ଜିଲ୍ଲା ଓ ଆଫଗାନିସ୍ତାନର ସ୍ପିନ ବୋଲଡାକ ଜିଲ୍ଲା ସୀମାରେ ସୃଷ୍ଟି ହୋଇଥିବା ଉତ୍ତେଜନା ଯୋଗୁ ପ୍ରଭାବିତ ହୋଇଛି ।

ଆଫଗାନ ତାଲିବାନ ଦାବି କରିଛି ଯେ ପାକିସ୍ତାନ ସେନା ପକ୍ଷରୁ ସୀମାନ୍ତ ସ୍ପିନ ବୋଲଡାକରେ ଘନଘନ ଆକ୍ରମଣ କରାଯାଇଛି । ଏଥିରେ ୧୨ ସାଧାରଣ ଲୋକ ପ୍ରାଣ ହରାଇଥିବା ବେଳେ ଶତାଧିକ ଆହତ ହୋଇଛନ୍ତି । ତାଲିବାନ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ କହିଛନ୍ତି, ବୁଧବାର ଭୋର ସମୟରୁ ପାକିସ୍ତାନ ସେନା ପକ୍ଷରୁ ସୀମାନ୍ତ ଜିଲ୍ଲାରେ ଆକ୍ରମଣ ଜାରି ରହିଛି ।

ଆଫଗାନିସ୍ତାନ ପକ୍ଷରୁ ମଧ୍ୟ ଏହାର ଜବାବ ଦିଆଯାଇଛି । ଏଥିରେ ଅନେକ ପାକିସ୍ତାନ ସେନାଙ୍କ ମୃତ୍ୟୁ ହୋଇଛି । ପାକିସ୍ତାନ ସେନା ପୁଣି ଆକ୍ରମଣ କରି ଉତ୍ତେଜନା ସୃଷ୍ଟି କରିବା ଦୁର୍ଭାଗ୍ୟଜନକ । ପାକିସ୍ତାନ ଆକ୍ରମଣ କରିବାକୁ ଆଫଗାନ ଫୋର୍ସ ବାଧ ହୋଇ ଏହାର ଜବାବ ଦେଇଛି ।

ଏଥିରେ ଅନେକ ପାକ ସୈନ୍ୟଙ୍କ ମୃତ୍ୟୁ ହୋଇଛି । ପାକିସ୍ତାନର ଏକାଧିକ ସାମରିକ ପ୍ରତିଷ୍ଠାନ ଧ୍ୱଂସ ହୋଇଥିବା ବେଳେ ଟ୍ୟାଙ୍କକୁ ସିଜ କରାଯାଇଥିବା ସେ କହିଛନ୍ତି । ଆଫଗାନ ତାଲିବାନ ଫୋର୍ସ ପକ୍ଷରୁ ଜାରି ହୋଇଥିବା ଭିଡିଓରେ ଆଉ ୧୦ ଜଣ ପାକିସ୍ତାନୀ ପୁଲିସ୍ ଓ ସୈନ୍ୟଙ୍କ ମୃତଦେହ ପଡ଼ି ରହିଥିବା ଦେଖିବାକୁ ମିଳୁଛି । ସୀମା ଉତ୍ତେଜନା ପାଇଁ ପାକିସ୍ତାନ ସରକାରଙ୍କ ଦ୍ୱାରା ପରିଚାଳିତ ମିଡିଆ ଆଫଗାନ ଫୋର୍ସ ଓ ପାକିସ୍ତାନୀ ତାଲିବାନ ଆତଙ୍କବାଦୀଙ୍କୁ ଦାୟୀ କରିଛି। ଆଫଗାନ ଫୋର୍ସ ଓ ପାକିସ୍ତାନୀ ତାଲିବାନ ମିଳିତ ଭାବେ ସୀମାରେ ପାକିସ୍ତାନ ସେନାକୁ ଟାର୍ଗେଟ କରିଥିଲେ ।

ପାକିସ୍ତାନ ପକ୍ଷରୁ କୁହାଯାଇଛି ଯେ ସେନାର ଜବାବୀ କାର୍ଯ୍ୟାନୁଷ୍ଠାନରେ ଆଫଗାନର ଏକାଧିକ ଟ୍ୟାଙ୍କ ଓ ସାମରିକ ପୋଷ୍ଟ ଧ୍ୱଂସ ହୋଇଯାଇଛି । ସୀମାରେ ଥିବା ଆତଙ୍କୀ ସଂଗଠନ ପାକିସ୍ତାନୀ ତାଲିବାନର ଗୋଟିଏ ଟ୍ରେନିଂ କ୍ୟାମ୍ପକୁ ମଧ୍ୟ ନଷ୍ଟ କରାଯାଇଛି । ଚମନ ନିକଟ ପାକିସ୍ତାନୀ ପୋଷ୍ଟକୁ ତାଲିବାନ ଫୋର୍ସ ଟାର୍ଗେଟ କରିବାରୁ ଏହାର ଜବାବ ଦିଆଯାଇଛି । ୫ ଘଣ୍ଟା ହେଲା ଲଢେଇ ଜାରି ରହିଛି । ପାକିସ୍ତାନୀ ସେନା ସବୁ ପ୍ରକାରର ଆକ୍ରମଣକୁ ପଣ୍ଡ କରିଛି ବୋଲି ଇସଲାମାବାଦ କହିଛି । ଅନ୍ୟପକ୍ଷରେ ପାକିସ୍ତାନ ତାଲିବାନ ପକ୍ଷରୁ ଓରାକଜାଇ ଅଞ୍ଚଳରେ ଥିବା ମହମୁଦଜାଇ ପୋଷ୍ଟ ଉପରେ ଆକ୍ରମର କରାଯାଇଛି । ଏଥିଯୋଗୁ ୮ ଜଣ ଫ୍ରଣ୍ଟିଅର କ୍ରପ୍ସ କର୍ମଚାରୀ ପ୍ରାଣ ହରାଇଛନ୍ତି । ଅନେକ ନିଖୋଜ ହେବାର ଖବର ମଧ୍ୟ ମିଳିଛି ।

### ଜୁବୀନ ଗର୍ଗ ମୃତ୍ୟୁ ମାମଲା

## ଗିରଫ ଅଭିଯୁକ୍ତଙ୍କ ଉପରେ ଆକ୍ରମଣ

**ବକ୍ସା:** ଆସାମର ବକ୍ସା ଜିଲ୍ଲାରେ ବୁଧବାର ଦିନ ଉତ୍ତେଜନା ଦେଖାଦେଇଛି । ପ୍ରସିଦ୍ଧ ଗାୟକ ଜୁବୀନ ଗର୍ଗଙ୍କ ମୃତ୍ୟୁ ମାମଲାରେ ଗିରଫ ହୋଇଥିବା ପାଞ୍ଚ ଜଣ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଜେଲ ବାହାରେ ହିଂସାତ୍ମକ ପ୍ରତିବାଦ ଆରମ୍ଭ ହୋଇଥିବାର ସୂଚନା ରହିଛି । ଜେଲ ବାହାରେ ପ୍ରତିବାଦ କରୁଥିବା ପ୍ରଶଂସକମାନେ ଗାୟକଙ୍କ ମୃତ୍ୟୁ ପାଇଁ ଗିରଫ ହୋଇଥିବା ପାଞ୍ଚ ଜଣଙ୍କୁ ନେଇ ଜେଲରେ ପହଞ୍ଚିବା ଗାଡ଼ି ଉପରେ ଆକ୍ରମଣ କରିବା ପରେ ଏହି ଅଶାନ୍ତି ଆରମ୍ଭ ହୋଇଥିଲା ।

ଅଭିଯୁକ୍ତ ତଥା ଇଭେଣ୍ଟ ଆୟୋଜକ ଶ୍ୟାମକାନୁ ମହାନ୍ତ, ଗାୟକଙ୍କ ପରିଚାଳକ ସିଦ୍ଧାର୍ଥ ଶର୍ମା, ସମ୍ପର୍କୀୟ ଏବଂ ନିଲମ୍ବିତ ଏପିଏସ୍ ଅଧିକାରୀ ସନ୍ଦିପାନ ଗର୍ଗ ଏବଂ ନନ୍ଦେଶ୍ୱର ବୋରା ସମେତ ଦୁଇ ଜଣ ପିଏସଓଙ୍କୁ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନ୍ୟାୟିକ ହାଜତକୁ ପଠାଇ ଦିଆଯାଇଥିଲା ।

ଅଭିଯୁକ୍ତମାନଙ୍କୁ ନେଇ ଯାଉଥିବା ପୁଲିସ ଗାଡ଼ିଗୁଡ଼ିକ ଜେଲ ପରିସରରେ ପହଞ୍ଚିବା ମାତ୍ରକେ ଜୁବୀନ ଗର୍ଗଙ୍କ ପାଇଁ ନ୍ୟାୟ ଦାବି କରି ତାଙ୍କ ପ୍ରଶଂସକମାନେ ଘେରି ଯାଇଥିଲେ । ଏପରିକି ପ୍ରଶଂସକମାନେ ପଥର ମାଡ଼ ଆରମ୍ଭ କରି ଦେଇଥିଲେ । ଜୁବୀନଙ୍କ ସମର୍ଥକଙ୍କ ପ୍ରତିବାଦରେ ପୁଲିସ୍ ଭ୍ୟାନ ସମେତ ଅନେକ ଗାଡ଼ି କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି । ପରିସ୍ଥିତିକୁ ଶାନ୍ତ କରିବା ଏବଂ ଭିଡ଼କୁ ଏଡ଼େଇବା ପାଇଁ ପୁଲିସ ବାୟୁରେ ଗୁଳି ଚଳାଇବା ସହ ଲୁହ ବୁହା ଗ୍ୟାସ୍ ବ୍ୟବହାର କରିଥିଲା, ଯାହା ହିଂସାତ୍ମକ ରୂପ ନେଇଥିଲା । ବିଶୃଙ୍ଖଳା ସମୟରେ ଗୋଟିଏ ପୁଲିସ ଗାଡ଼ି ମଧ୍ୟ ପୋଡ଼ି ଦିଆଯାଇଥିବା ରିପୋର୍ଟ ରହିଛି । ଉତ୍ତେଜନା ପରେ, କର୍ତ୍ତୃପକ୍ଷମାନେ ଜେଲ୍ ଏବଂ ନିକଟବର୍ତ୍ତୀ ଅଞ୍ଚଳଗୁଡିକରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଛନ୍ତି । ଯାହାଫଳରେ ପରିସ୍ଥିତି ଆହୁରି ବିଗିଡ଼ି ନଯାଇ ପାରିବ । ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି କିନ୍ତୁ ନିୟନ୍ତ୍ରଣରେ ଅଛି ବୋଲି ଅଧିକାରୀମାନେ କହିଛନ୍ତି ।

# ୬.୬% ଜିଡିପି ଅଭିବୃଦ୍ଧି ବଜାୟ ରଖିବ ଭାରତ

**ନୂଆଦିଲ୍ଲୀ :** ଦୁର୍ବଳ ବିଶ୍ୱ ଅର୍ଥବ୍ୟବସ୍ଥା ମଧ୍ୟରେ ଭାରତ ଏକ ଦୃଢ଼ ସ୍ତମ୍ଭ ରୂପେ ଛିଡ଼ା ହୋଇଛି।୨୦୨୫ ଆର୍ଥିକ ବର୍ଷରେ ଭାରତର ଜିଡିପି ୬.୬% ହାରରେ ଅଭିବୃଦ୍ଧି ହାସଲ କରିବ ବୋଲି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ) ଏହାର ବିଶ୍ୱ ଅର୍ଥବ୍ୟବସ୍ଥା ଆଉଟଲୁକ୍ (ଅକ୍ଟୋବର ୨୦୨୫) ରିପୋର୍ଟରେ ଆକଳନ କରିଛି । ଦୃଢ଼ ଘରୋଇ ଚାହିଦା ଏବଂ ଏକ ସ୍ଥିର ସେବା କ୍ଷେତ୍ର ଜରିଆରେ ଭାରତର ଅଭିବୃଦ୍ଧି ହାର ସୁଦୃଢ଼ ରହିବାର ସମ୍ଭାବନା ରହିଛି । ଏଥିସହିତ ମୁଦ୍ରାସ୍ଫିତ ୨.୮%କୁ ହ୍ରାସ ପାଇବା ଖାଦ୍ୟ ଓ ଇନ୍ଧନ ମୂଲ୍ୟସ୍ଥିରତାକୁ ଦର୍ଶାଉଛି ବୋଲି ଆଇଏମଏଫ ରିପୋର୍ଟରେ କୁହାଯାଇଛି ।
। ବିଚକ୍ଷଣ ଆର୍ଥିକ ପରିଚାଳନା ଏବଂ ସ୍ଥିର ନୀତିଗତ ସଂସ୍କାର ବଳରେ ଭାରତ ଦ୍ରୁତ ଅଭିବୃଦ୍ଧିଶୀଳ ପ୍ରମୁଖ୍ୟ ଅର୍ଥବ୍ୟବସ୍ଥା ମଧ୍ୟରୁ ଅନ୍ୟତମ ହୋଇପାରିଛି । ସାମ୍ପ୍ରତିକ ବାଣିଜ୍ୟିକ ବାଧା ସତ୍ତ୍ୱେ ଭାରତ ବିଶ୍ୱ ଅର୍ଥବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରୁଛି । ଭାରତର



ଜିଡିପି ୬.୪% ହାରରେ ଅଭିବୃଦ୍ଧି ହାସଲ କରିବ ବୋଲି ପୂର୍ବରୁ ଆଇଏମଏଫ ଆକଳନ କରିଥିବା ବେଳେ ବର୍ତ୍ତମାନ ଏହାକୁ ସଂଶୋଧନ କରି ୬.୬% କରିଛି । ପ୍ରଥମ ତ୍ରୈମାସରେ ଭାରତୀୟ ଅର୍ଥବ୍ୟବସ୍ଥାର ଦୃଢ଼ ପ୍ରଦର୍ଶନ ପରେ ଏଥିରେ ସଂଶୋଧନ କରାଯାଇଛି । ବାସ୍ତବ ମୁଣ୍ଡପିଛା ଉତ୍ପାଦନ ୫.୭% ରହିବା ନେଇ ଆକଳନ କରାଯାଇଛି । ବାର୍ଷିକ ହାରାହାରୀ ମୁଦ୍ରାସ୍ଫିତ ୨.୮% ରହିବ । ବିଶ୍ୱସ୍ତରରେ ମୁଦ୍ରାସ୍ଫିତି ହାର ଅଧିକ ରହିଥିବା ବେଳେ ଭାରତ ଏହାକୁ ଆଶାଠାରୁ ଅଧିକ ନିୟନ୍ତ୍ରଣ କରିବାରେ ସଫଳ ହୋଇଛ । ଦେଶରେ ବେକାରୀ ହାର ମଧ୍ୟ ନିୟନ୍ତ୍ରିତ ସ୍ଥିତିରେ ରହିବା ନେଇ ଆକଳନ କରାଯାଇଛି ।

ଭାରତର ସେବା କ୍ଷେତ୍ର ଏବଂ ଘରୋଇ ଚାହିଦା ବିକାଶ ହାରକୁ ତ୍ୱରାନ୍ୱିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ୨୦୨୫ର ପ୍ରାରମ୍ଭିକ ସମୟ ତୁଳନାରେ ସେବା କ୍ଷେତ୍ରରେ ଅଭିବୃଦ୍ଧି ଦୃଢ଼ ରହିଛି । ଭାରତର ଆର୍ଥିକ ସ୍ଥିତି ସୁଦୃଢ଼ ରହିଛି । ସ୍ଥିର ବିକାଶ, ନିୟନ୍ତ୍ରିତ ମୁଦ୍ରାସ୍ଫିତି ଏବଂ ନିୟନ୍ତ୍ରିତ ଚଳନ୍ତ ଖାତା ନିଅଣ୍ଟ ସୁଦୃଢ଼ ସାମଗ୍ରିକ ଆର୍ଥିକ ଆଧାରକୁ ପ୍ରତିଫଳିତ କରୁଛି । ଆର୍ଥିକ ଶୃଙ୍ଖଳା, ଗ୍ରାମୀଣ ଚାହିଦା ଏବଂ ଢାଞ୍ଚାଗତ ସଂସ୍କାର ଉପରେ ନିରନ୍ତର ଧ୍ୟାନ ଦିଆଯିବା ଫଳରେ ବିକାଶ ହାରକୁ ବଜାୟ ରଖାଯାଇପାରିଛି । ବିଶ୍ୱ ବାଣିଜ୍ୟ ଅନିଶ୍ଚିତତା ଏବଂ ଅଭିବୃଦ୍ଧି ମନ୍ଥର ହେବା ମଧ୍ୟରେ, ଭାରତର ସ୍ଥିରତା ଏହାକୁ ୨୦୨୫ ଏବଂ ପରବର୍ତ୍ତୀ ସମୟରେ ବିଶ୍ୱ ଆର୍ଥିକ ପ୍ରସାରର ଏକ ପ୍ରମୁଖ ବାହକ ଭାବରେ ସ୍ଥାନିତ କରୁଛି ।

## ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ

# କୁଲଦୀପଙ୍କୁ କ୍ୟାରିୟରର ଶ୍ରେଷ୍ଠ ମାନ୍ୟତା




ନୂଆଦିଲ୍ଲୀ,୧୫।୧୦(ଏଜେନ୍ସି):ୱେଷ୍ଟଇଣ୍ଡିଜ୍ ବିପକ୍ଷ ଶୃଙ୍ଖଳାରେ ଦମଦାର ପ୍ରଦର୍ଶନ ଦେଖାଇଥିଲେ ଚାଇନାମ୍ୟାନ ସ୍ପିନର କୁଲଦୀପ ଯାଦବ। ଏହି ପ୍ରଦର୍ଶନ ବଳରେ ସେ ଆଇସିସି ମାନ୍ୟତାରେ ଢ଼େର ଉପରକୁ ଉଠିଛନ୍ତି। ସେ ୭ଟି ସ୍ଥାନ ଉପରକୁ ଉଠି ୧୪ ତମ ସ୍ଥାନରେ ପହଞ୍ଚିଛନ୍ତି। ଏହା ତାଙ୍କର ସର୍ବଶ୍ରେଷ୍ଠ ମାନ୍ୟତା। ବ୍ୟାଟିଂ ମାନ୍ୟତାରେ ଭାରତର ଓପନର ଯଶସ୍ୱୀ ଜୟସ୍ୱାଲ ଦୁଇଟି ସ୍ଥାନ ଉପରକୁ ଉଠି ପଞ୍ଚମରେ ପହଞ୍ଚିଛନ୍ତି। ରାହୁଲ ଦୁଇଟି ସ୍ଥାନ ଉପରକୁ ଉଠି ୩୩ତମ ସ୍ଥାନରେ ପହଞ୍ଚିଛନ୍ତି। ଇଣ୍ଡିଜର ସାଇ ହୋପ ୬୬ତମ ସ୍ଥାନକୁ ଉଠିଛନ୍ତି ଜନକ୍ୱାମ୍ବେଲ। ଆଫଗାନିସ୍ତାନର ତାରକା ଲେଗସ୍ପିନର ରସିଦ ଖାନ୍ ବୋଲିଂରେ ଶୀର୍ଷ ସ୍ଥାନକୁ ଫେରିଛନ୍ତି। ବାଂଲାଦେଶ ବିପକ୍ଷ ଦିନିକିଆରେ ଆଫଗାନିସ୍ତାନ ୩-୦ରେ ବିଜୟଲାଭ କରିଥିଲା। ରସିଦ ୧୧ ୱିକେଟ୍ ହାସଲ କରିଥିଲେ। ଏହି ପ୍ରଦର୍ଶନ ବଳରେ ସେ ପଞ୍ଚମ ସ୍ଥାନରୁ ସିଧାସଳଖ ଶୀର୍ଷ ସ୍ଥାନକୁ ଉଠିଛନ୍ତି। ଦ.ଆଫ୍ରିକା ସ୍ପିନର କେଶବ ମହାରାଜ ଦ୍ୱିତୀୟ ସ୍ଥାନକୁ ଖସିଛନ୍ତି। ରସିଦ ୨୦୧୮ ସେପ୍ଟେମ୍ବରରେ ପ୍ରଥମଥର ନଂ.୧ ଦିନିକିଆ ବୋଲର ହୋଇଥିବା ବେଳେ ୨୦୨୪ରେ ଶେଷଥର ଏହି ସ୍ଥାନରେ ରହିଥିଲେ।

# ରାଜକନିକାରେ ଫୁଟବଲ ପ୍ରଶିକ୍ଷଣ ଶିବିର ଆରମ୍ଭ

ରାଜକନିକା,୧୫।୧୦(ସବ୍ୟୁ): କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ କ୍ରୀଡ଼ାନୁଷ୍ଠାନ ଭାବେ ଜଣାଶୁଣା ରାଜକନିକା ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ସ୍ଥାନୀୟ ଏସ.ଏନ କଲେଜ ଖେଳ ପଡିଆରେ ଏକ ଫୁଟବଲ ପ୍ରଶିକ୍ଷଣ ଶିବିର ଆଜି ଅକଟୋବର ୧୫ ତାରିଖ ରୁ ଆରମ୍ଭ ହୋଇଛି। ଏହି ଶିବିରରେ କଲିକତାର ପ୍ରତିଷ୍ଠିତ ଫୁଟବଲ ପ୍ରଶିକ୍ଷକ ଶେଖର ସରକାର ଯୋଗ ଦେଇ ବିଭିନ୍ନ କ୍ଲବରୁ ଆସିଥିବା ୩୦ ରୁ ଉର୍ଦ୍ଧ ଖେଳାଳି ଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ଏହି ଅବସରରେ ରାଜକନିକା ଆଥ ଲେଟିକ ଆସୋସିଏସନର ବରିଷ୍ଠ ସଦସ୍ୟ ବିଜୟ କୁମାର ଭୂୟାଁ, ଗୋଲକିହାରୀ ମଲ୍ଲିକ, ବାସୁଦେବ ବେହେରା, ପର୍ଶୁରାମ ସାହୁ, କୋଷାଧକ୍ଷ ଦେବେନ୍ଦ୍ର କୁମାର ନାୟକ, ମିଡ଼ିଆ ସମ୍ପାଦକ ଅଜୟ କୁମାର ରାଉତ, ଶରତ କୁମାର ଜେନା,ପ୍ରହଲ୍ଲାଦ ଜେନାପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ ଶିବିର ଆସନ୍ତା ୧ ମାସ ପର୍ଯ୍ୟନ୍ତ ଚାଲିବ ବୋଲି ଆସୋସିଏସନ ପକ୍ଷରୁ ସୂଚନା ଦିଆଯାଇଛି।



## ରଣଜୀ ଟ୍ରଫି

# ଶୁଭ୍ରାଂଶୁ, ରାଜେଶଙ୍କ ଅର୍ଦ୍ଧଶତକ, ଓଡ଼ିଶା ୨୦୫/୫



ଭୁବନେଶ୍ୱର,୧୫।୧୦(ସବ୍ୟୁ): ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଘରୋଇ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫି ବିଗୁଲ ବାଜିଛି। ଏଲିଟ୍ ଗ୍ରୁପ୍ ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ଦଳ ଐତିହାସିକ ବାରବାଟୀ ଷ୍ଟାଡିୟମରେ ବରୋଦାକୁ ଭେଟିଛି। ହୋମ୍ ଭେନ୍ୟୁରେ ଅଧିନାୟକ ଶୁଭ୍ରାଂଶୁ ସେନାପତି ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଦିନ ତମାମ୍ ଓଡ଼ିଶା ବ୍ୟାଟରଙ୍କ ରକ୍ଷଣାତ୍ମକ ବ୍ୟାଟିଂ ବରୋଦା ବୋଲରଙ୍କୁ ଆଧିପତ୍ୟର ସୁଯୋଗ ଦେଇନଥିଲା। ଅବଶ୍ୟ ଓଡ଼ିଶା ଦଳ ୮୯.୫ ଓଭର ବ୍ୟାଟିଂ କରି ୫ ୱିକେଟ୍ ବିନିମୟରେ ବ୍ୟାଟିଂ କରି ୨୦୫ ରନ୍ କରିଛି। ଦଳକୁ ଫେରିଥିବା ଶୁଭ୍ରାଂଶୁ ସେନାପତି ୭୯ ଓ ରାଜେଶ ଧୂପର ୭୬ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିବାରୁ ଓଡ଼ିଶାର ସ୍ଥିତି ଭଲ ରହିଛି।

ଚଳିତ ରଣଜୀ ଋତୁ ଆରମ୍ଭରୁ ବରୋଦା ଭଳି ଶକ୍ତିଶାଳୀ ଦଳ ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ ଖେଳିବା ପାଇଁ ମୈଦାନକୁ ଓହ୍ଲାଇଛି। ବିଗତ ସିଜନରେ ପ୍ରଦର୍ଶନ ନିରାଶଜନକ ରହିଛି। ତେଣୁ ଚଳିତ ସିଜନରେ ଦଳ ଭଲ କରିବା ପାଇଁ ଯୋଜନା କରିଛି। ପ୍ରତ୍ୟେକ ବ୍ୟାଟରଙ୍କୁ ଯତ୍ନର ସହ ଦାୟିତ୍ୱବାନ ହୋଇ ବ୍ୟାଟିଂ କରିବାକୁ ହେବ। ତେବେ ଯାଇ ବିରୋଦା ବିପକ୍ଷରେ ଓଡ଼ିଶା ଅଣ୍ଟାସଳଖି ଠିଆ ହୋଇପାରିବ। ସ୍ୱସ୍ତିକ ସାମଲଙ୍କ ସହ ଗୌରଭ ଚୌଧୁରୀ ପାଳି ଆରମ୍ଭ କରିଥିଲେ। ଦୁହେଁ ପାଖା ପାଖି ଅଧିବେଶନ ଖେଳିବା ପାଇଁ ଚେଷ୍ଟା କରିଥିଲେ। ୧୮.୫ ଓଭରରେ ଦଳୀୟ ସ୍କୋର ୪୯ ରନ୍ ବେଳେ ଗୌରବ ଚୌଧୁରୀ ବ୍ୟକ୍ତିଗତ ୨୪ ରନ୍ କରି ରନଆଉଟ୍ ହୋଇଥିଲେ। ପରେ ପରେ ସନ୍ଦୀପ ପଟ୍ଟନାୟକ ଓ ଗୋବିନ୍ଦ ପୋଦାର ଖାତା ଖୋଲିନପାରି ପାଭିଲିୟନ୍ ଫେରିଯିବାରୁ ୪୯ ରନରେ ୪ ୱିକେଟ୍ ହରାଇ ଓଡ଼ିଶା ଦଳ ବ୍ୟାକଫୁଟ୍‌କୁ ଚାଲିଯାଇଥିଲା। ଏଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ ଅଧିନାୟକ ଶୁଭ୍ରାଂଶୁ ସେନାପତି ଓ ରାଜେଶ ଧୂପର ବଡ଼ ଇନିଂସ ଖେଳିବାକୁ ପଣ କରିଥିଲେ। ଦୁହେଁ ପାଖା ପାଖି ୨ଟି ଅଧିବେଶନ ୱିକେଟ୍ ଝଡିବାକୁ ଦେଇନଥିଲେ। ଶୁଭ୍ରାଂଶୁ ୨୦୩ ବଲର ସମ୍ମୁଖୀନ ହୋଇ ୭ଟି ଚୌକା ସହାୟତାରେ ୭୯ ରନ୍ କରିଥିଲେ। ରାଜେଶ ଧୂପର ୨୧୨ ବଲରୁ ୫ଟି ଚୌକା ଓ ୨ଟି ଛକା ସହାୟତାରେ ଅପରାଜିତ ୭୬ ରନ୍ କରିଥିଲେ। ୮୯.୫ ଓଭରରେ ଶୁଭ୍ରାଂଶୁ କ୍ଲିନବୋଲ୍ଡ ହେବା ସହ ପ୍ରଥମ ଦିନ ଷ୍ଟମ୍ପଅପସାରଣ ଘୋଷଣା ହୋଇଥିଲା। ବରୋଦାର ଅତୀତ ସେଠ୍ ଓ ଭାର୍ଗବ ଭଟ୍ଟ ଦୁଇଟି ଲେଖାଏଁ ୱିକେଟ୍ ସଫଳତା ହାସଲ କରିଥିଲେ।

ରଣଜୀ ଟ୍ରଫିର ପ୍ରଥମ ପର୍ଯ୍ୟାୟରେ ମୋଟ୍ ୧୯ଟି ମ୍ୟାଚ ଆରମ୍ଭ ହୋଇଛି। ମଣିପୁର ବିପକ୍ଷରେ ସିକିମ୍ ୯୦ ଓଭରରେ ୭ ୱିକେଟ୍ ହରାଇ ୨୭୫ ରନ୍ କରିଛି, ଇଡେନରେ ଉତ୍ତରାଖଣ୍ଡ ୨୧୩ ଓ ବେଙ୍ଗଲ ୮/୧ରନ୍, ପାଟଣାରେ ଅରୁଣାଚଳ ପ୍ରଦେଶ ୧୦୫ ଓ ବିହାର ୨୮୩/୨, କାନପୁରରେ ୟୁପି ବିପକ୍ଷରେ ଆନ୍ଧ୍ର ୨୮୯/୩, କୋଏମ୍ବାଟୁରରେ ତାମିଲନାଡୁ ବିପକ୍ଷରେ ଝାଡ଼ଖଣ୍ଡ ୩୦୭/୬, ବେଙ୍ଗାଲୁରୁରେ ନାଗାଲାଣ୍ଡ ବିପକ୍ଷରେ ବିଦର୍ଭ ୩୦୨/୩, ଥିରୁବନନ୍ତପୁରମରେ କେରଳ ବିପକ୍ଷରେ ମହାରାଷ୍ଟ୍ର ୧୭୯/୭, ପୋରଭରିମରେ ଚଣ୍ଡିଗଡ଼ ବିପକ୍ଷରେ ଗୋଆ ୨୯୧/୩, ଇନ୍ଦୋରରେ ପଞ୍ଜାବ ୨୩୨, ମଧ୍ୟପ୍ରଦେଶ ୬, ରାଜକୋଟରେ ସୌରାଷ୍ଟ୍ର ବିପକ୍ଷରେ କର୍ଣ୍ଣାଟକ ୨୯୫/୫, ଦିଲ୍ଲୀରେ ତ୍ରିପୁରା ବିପକ୍ଷରେ ସର୍ଭିସେସ୍ ୨୪୬/୬, ଅହମ୍ମଦାବାଦରେ ଗୁଜରାଟ ବିପକ୍ଷରେ ଆସାମ ୨୧୮/୬, ସୁରଟରେ ହରିୟାଣା ୧୭୧ ଓ ରେଳବାଇ ୯୩/୬, ପୁଡୁଚେରୀ ବିପକ୍ଷରେ ହିମାଚଳ ୧୭୬/୫, ଶ୍ରୀନଗରରେ ଜମ୍ମୁ-କାଶ୍ମୀର ବିପକ୍ଷରେ ମୁମ୍ବାଇ୩୩୬/୫, ରାଜ ସମନ୍ଦରେ ରାଜସ୍ଥାନ ବିପକ୍ଷରେ ଛତିଶଗଡ ୨୮୭/୭ ଏବଂ ହାଇଦ୍ରାବାଦରେ ହାଇଦ୍ରାବାଦ ବିପକ୍ଷରେ ଦିଲ୍ଲୀ ୨୫୬/୩ ରନ୍ କରିଛି।

# ବିଜୟ କେବଳ ପଦକ ଜିତିବାରେ ନୁହେଁ, ସର୍ବୋତ୍ତମ ପ୍ରଦର୍ଶନ, ପ୍ରତିପକ୍ଷଙ୍କୁ ସମ୍ମାନରେ ଅଛି : ରାଜ୍ୟପାଳ

ଭୁବନେଶ୍ୱର,୧୫।୧୦(ସବ୍ୟୁ): କ୍ରୀଡ଼ାରେ ପ୍ରକୃତ ବିଜୟ କେବଳ ପଦକ ଜିତିବାରେ ନୁହେଁ, ବରଂ ନିଜର ସର୍ବୋତ୍ତମ ପ୍ରଦର୍ଶନ, ପ୍ରତିପକ୍ଷଙ୍କୁ ସମ୍ମାନ ଏବଂ କ୍ରୀଡ଼ା ମନୋଭାବ ମାଧ୍ୟମରେ ଅନ୍ୟମାନଙ୍କୁ ପ୍ରେରଣା ଦେବାରେ ମଧ୍ୟ ରହିଛି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି । ଚଳିତ ଅକ୍ଟୋବର ୧୫ ତାରିଖ ସଂନ୍ଧ୍ୟାରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ୨୮ତମ ଏସୀୟ ଟେବୁଲ ଟେନିସ୍ ଟିମ୍ ଚମ୍ପିଆନସିପ୍ – ୨୦୨୫ର ଉଦ୍ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି । ନିଜ ଉଦ୍‌ବୋଧନରେ ଏହି ଚମ୍ପିଆନସିପ୍‌କୁ ଏକ ଅସାଧାରଣ କାର୍ଯ୍ୟକ୍ରମ ଭାବେ ରାଜ୍ୟପାଳ ବର୍ଣ୍ଣନା କରି କହିଥିଲେ ଯେ ପଦକ ଏବଂ ଟାଇଟଲ୍ ଅପେକ୍ଷା ଏହି ଟୁର୍ଣ୍ଣାମେଂଟ କ୍ରୀଡ଼ାର ଗଭୀର ମର୍ମ ଯଥା - ଦୃଢତା, ଦଳଗତ ପ୍ରଦର୍ଶନ ଏବଂ ସମ୍ମାନ ମନୋଭାବର ଉଦାହରଣ ସାଜିଛି । ଏହି କାର୍ଯ୍ୟକ୍ରମ ଓଡ଼ିଶା ପାଇଁ ଗର୍ବର ମୁହୁର୍ତ୍ତ । ଭୁବନେଶ୍ୱର ପୁଣି ଥରେ କ୍ରୀଡ଼ାର ଶକ୍ତି ମାଧ୍ୟମରେ ବିଭିନ୍ନ ଦେଶକୁ ଏକତ୍ରିତ କରିଛି । ଗତ ପାଂଚ ଦିନ ଧରି ଐତିହାସିକ କଳିଙ୍ଗ ଷ୍ଟାଡିୟମର ଆଥ୍ଲେଟିକ୍ସ ସେଂଟର ଶକ୍ତି, ଉତ୍ସାହ ଏବଂ ଅନ୍ତର୍ଜାତୀୟ କ୍ରୀଡ଼ା ଉତ୍କର୍ଷତାର ଆତ୍ମାରେ ପ୍ରତିଫଳିତ ହୋଇଛି । ପ୍ରଥମ ଥର ପାଇଁ ଓଡ଼ିଶା ଏହି ମର୍ଯ୍ୟାଦାବନ୍ତ ଚମ୍ପିଆନସିପ୍ ଆୟୋଜନ କରି କ୍ରୀଡ଼ା ଯାତ୍ରାରେ ଆଉ ଏକ ମାଇଲଷ୍ଟୋନ ସ୍ଥାପନ କରିଛି ବୋଲି କହିଥିଲେ । ବିଜେତା ଓ ଅଂଶ ଗ୍ରହଣକାରୀମାନଙ୍କୁ ରାଜ୍ୟପାଳ ଅଭିନନ୍ଦନ ଜଣାଇ ଲଣ୍ଡନରେ ଅନୁଷ୍ଠିତ ହେବାକୁ ଥିବା ଓଞ୍ଜଞ୍ଜର ବିଶ୍ୱ ଟେବୁଲ ଟେନିସ୍ ଚମ୍ପିଆନସିପ - ୨୦୨୬ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ପ୍ରଶଂସା କରିଥିଲେ ଏବଂ ସେମାନଙ୍କର ସଫଳତାକୁ ସମର୍ପଣ ଏବଂ କଠିନ ପରିଶ୍ରମର ଫଳ ବୋଲି କହିଥିଲେ । କ୍ରୀଡ଼ାରୁ ଜୀବନରେ କିପରି ଶିକ୍ଷା ଲାଭ କରି ହୁଏ ସେ ସଂପର୍କରେ ରାଜ୍ୟପାଳ ଅବତାରଣା କରିଥିଲେ ଏବଂ ଟେନିସ୍ ଖେଳ କିପରି ସାହସ, ସ୍ଥିରତା ଏବଂ ଦୃଢତା ଶିଖାଏ ତାହା ଉଲ୍ଲେଖ କରିଥିଲେ । ପଏଂଟ ହରାଇଲେ ମଧ୍ୟ ଶ୍ରେଷ୍ଠ ଖେଳାଳୀମାନେ ଶାନ୍ତ ରହି ନିଷ୍ଠାର ସହ ଖେଳି ଉତ୍କର୍ଷତା ହାସଲ କରନ୍ତି । ସେହିପରି ଜୀବନରେ ପୁଣି ଥରେ ଉଠିବାର ଆମର କ୍ଷମତା ହିଁ ଆମକୁ ପରିଭାଷିତ କରେ ବୋଲି ରାଜ୍ୟପାଳ କହିଥିଲେ । ଭାରତର କ୍ରୀଡ଼ା ଇକୋସିଷ୍ଟମକୁ ପରିବର୍ତ୍ତନ କରିବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ପାଇଁ ରାଜ୍ୟପାଳ ପ୍ରଶଂସା କରିଥିଲେ । ଏତଦ୍‌ବ୍ୟତୀତ ଓଡ଼ିଶାକୁ ଏକ ବିଶ୍ୱସ୍ତରୀୟ କ୍ରୀଡ଼ା ହବ୍ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରତିବଦ୍ଧତା ପାଇଁ ପ୍ରଶଂସା କରିଥିଲେ । ଆନ୍ତର୍ଜାତୀୟ ଟେବୁଲ ଟେନିସ୍ ଫେଡେରେସନ, ଏସୀୟ ଟେବୁଲ ଟେନିସ ୟୁନିଅନ, ଭାରତୀୟ ଟେବୁଲ ଟେନିସ୍ ଫେଡେରେସନ, ଓଡ଼ିଶା ଟେବୁଲ ଟେନିସ୍ ଆସୋସିଏସନ୍ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗକୁ ଇଭେଂଟର ସଫଳତା ପାଇଁ ସେମାନଙ୍କର ଅନୁକରଣୀୟ ଯୋଜନା, ନିଖୁଣ କାର୍ଯ୍ୟାନ୍ୱୟନ ପାଇଁ ଧନ୍ୟବାଦ ଜଣାଇଥିଲେ । ଏତଦ୍‌ବ୍ୟତୀତ ଆମର ଆନ୍ତର୍ଜାତୀୟସ୍ତରରୁ ଆସିଥିବା ଅତିଥିମାନଙ୍କର ସୁବିଧା ପାଇଁ କରାଯାଇଥିବା ବ୍ୟବସ୍ଥା, ଭବ୍ୟ ଆତିଥ୍ୟ ପାଇଁ ରାଜ୍ୟପାଳ ସାଧୁବାଦ ଜଣାଇଥିଲେ । ଉଦ୍ଯାପନୀ ସମାରୋହରେ ସମ୍ମାନନୀୟ ଅତିଥିଭାବେ କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ କ୍ରୀଡ଼ା ଓ ଯୁବ ସେବା ବିଭାଗର କମିଶନରତଥା-ଶାସନ ସଚିବ ସଚିନ ଆର.ଜାଧଭ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଶେଷରେ କ୍ରୀଡ଼ା ଓ ଯୁବ ସେବା ବିଭାଗର ନିର୍ଦ୍ଦେଶକ ଡ.ୟେଦୁଲା ବିଜୟ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଉଭୟ ମହିଳା ଟିମ୍ ଚମ୍ପିଆନସିପ୍ର ବିଜେତା ଏବଂ ପୁରୁଷ ଟିମ୍ ଚମ୍ପିଆନସିପ୍ର ବିଜେତାଙ୍କୁ ରାଜ୍ୟପାଳ ସ୍ୱର୍ଣ୍ଣ ପଦକ ପ୍ରଦାନ କରିଥିବା ବେଳେ ଅନ୍ୟ ପଦକ ବିଜେତାମାନଙ୍କୁ ମଧ୍ୟ ପଦକ ପ୍ରଦାନ କରାଯାଇଥିଲା ।



# ଚୀନ ଡବଲ ଚାମ୍ପିଅନ୍

ଭୁବନେଶ୍ୱର,୧୫।୧୦(ସବ୍ୟୁ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଏସିଆନ ଟେବୁଲ ଟେନିସ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଚୀନ୍ ଉଭୟ ପୁରୁଷ ଓ ମହିଳା ଦଳଗତରେ ଚାମ୍ପିଅନ୍ ହୋଇଛି। ଚୀନ ପୁରୁଷ ଦଳ ଫାଇନାଲରେ ହଂକଂକୁ ୩-୦ରେ ଧରାଶାୟୀ କରିଥିଲା। ବିଶ୍ୱର ନଂ.୧ ଲିନ୍ସ, ସିଡଙ୍ଗ ୧୧-୮,୧୧-୪, ୧୧-୪ ଗେମରେ ୱଙ୍ଗ ଚୁଙ୍ଗତିଙ୍ଗଙ୍କୁ ପରାଜିତ କରି ଚୀନକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟ ସିଙ୍ଗଲ୍ସ ମ୍ୟାଚରେ ଚୀନର ୱାଙ୍ଗଚୁଙ୍ଗିନ ୧୨-୧୦, ୧୧-୯, ୫-୧୧, ୧୪-୧୨ ଗେମରେ ହଂକଂର ଚାନ୍ଦ ବଲ୍ଡୱିନଙ୍କୁ ହରାଇବାରୁ ବ୍ୟବଧାନ ୨-୦ ହୋଇଥିଲା। ତୃତୀୟ ମ୍ୟାଚର ବିଶ୍ୱର ନଂ.୭ ଲିଆନ୍ ଝିକୁନ ୧୩-୧୧, ୧୧-୬, ୧୨-୧୦ ଗେମରେ ଇୱି କୁଆନ୍ ଗୋଙ୍କୁ ପରାଜିତ କରିବାରୁ ବ୍ୟବଧାନ ୩-୦କୁ ବଢ଼ିଥିଲା। ଏଥିସହ ଚୀନ୍ ପୁରୁଷ ବର୍ଗର ଟାଇଟଲ ହାତେଇଛି। ସେହିଭଳି ମହିଳା ବର୍ଗରେ ଚୀନ୍ ଉଚ୍ଚକୋଟୀର ପ୍ରଦର୍ଶନ ଦେଖାଇଥିଲା। ୩-୦ରେ ଜାପାନର ଧରାଶାୟୀ କରି ସମଗ୍ର ଏସୀଆ ମହାଦେଶର ଦଳ ନିଜର ଆଧିପତ୍ୟ ଜାହିର କରିଛି। ଚୀନର ୱାଙ୍ଗମନୱି, ସନ ୟଙ୍ଗସା, କ୍ୱିମାନ ବିଜୟ ଲାଭ କରି ଦଳକୁ ଟାଇଟଲ ସଫଳତା ଭେଟି ଦେଇଛନ୍ତି।

# ଭଲିବଲ ପ୍ରତିଯୋଗିତା : ବାଳକରେ କେନ୍ଦ୍ରପଡ଼ା, ବାଳିକା ଭୁବନେଶ୍ୱର ଚାମ୍ପିଅନ

ଭଦ୍ରକ,୧୫।୧୦(ସବ୍ୟୁ):ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ ୬୯ତମ ଭଲିବଲ ପ୍ରତିଯୋଗିତାରେ ୧୪ବର୍ଷରୁ କମ ବାଳକ ବିଭାଗରେ ରନର୍ସ ଢେଙ୍କାନାଳ ଚମ୍ପିୟାନ କେନ୍ଦ୍ରାପଡ଼ା ଓ ବାଳିକା ବିଭାଗରେ ରନର୍ସ ଢେଙ୍କାନାଳ ହୋଇଥିବାବେଳେ ଚମ୍ପିୟାନ ଭୁବନେଶ୍ୱର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ସେହିପରି ୧୭ବର୍ଷରୁ କମ ବାଳକ ରନର୍ସ ପୁରୀ ଚମ୍ପିୟାନ କେନ୍ଦ୍ରାପଡ଼ା ବାଳିକା ରନର୍ସ ଢେଙ୍କାନାଳ ଚମ୍ପିୟାନ କେନ୍ଦ୍ରାପଡ଼ାର ଖେଳାଳିମାନେ ମୁଖ୍ୟଅତିଥିଙ୍କ ଠାରୁ ଟ୍ରଫି ଗ୍ରହଣ କରିଥିଲେ । ରାଜ୍ୟସ୍ତରୀୟ ଭଲି ବଲ ଟୁର୍ଣ୍ଣାମେଣ୍ଟରେ କେନ୍ଦ୍ରାପଡ଼ା ଚମ୍ପିୟାନ ହୋଇଥିଲା ଏଥିରୁ ଚୟନ ହୋଇଥିବା ୪୮ଜଣ ପ୍ରତିଯୋଗୀ ଜାତୀୟସ୍ତରକୁ ଖେଳିବାପାଇଁ ମନୋନୀତ ହୋଇଥିବାରୁ ସେମାନଙ୍କୁ ମନ୍ତ୍ରୀ ସୂଯଯବଂଶୀ ସୁରଜ ଶୁଭେଚ୍ଛା ଜଣାଇଥଲେ । ଏହି ଅବସରରେ ଜିଲ୍ଲା ଶିକ୍ଷଧିକାରୀ ଡ଼ା.ଜଗବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଉଚ୍ଚ ଶିକ୍ଷା,କ୍ରୀଡା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ,ଯୋଗଦେଇଥିବାବେଳେ ବରେଣ୍ୟ ଅତିଥି ବିଧାୟକ ଭଦ୍ରକ ସୀତାଂଶୁ ଶେଖର ମହାପାତ୍ର,ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ,ଜେଯାତିପ୍ରକାଶ ପରିଡା,ସପନ କୁମାର ଯେନା,ଭାଗିରଥୀ ମଲ୍ଲିକ,ରାଜେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କର ପ୍ରତିଯୋଗିତା ମନୋଭାବକୁ ପ୍ରଶଂସା କରିଥିଲେ ।

# ଜୋର ଧରିଲା ବିରାଟ, ରୋହିତଙ୍କ ଅବସର ଆଲୋଚନା

ନୂଆଦିଲ୍ଲୀ,୧୫।୧୦(ଏଜେନ୍ସି): ଭାରତର ଦୁଇ ତାରକା କ୍ରିକେଟର ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଉଭୟ ଟେଷ୍ଟ ଓ ଟି-୨୦ର ଅବସର ନେଇସାରିଛନ୍ତି। ଟିମ୍ ଇଣ୍ଡିଆ ଏବେ ଦିନିକିଆ କ୍ରିକେଟ୍ ଶୃଙ୍ଖଳା ଖେଳିବା ପାଇଁ ଅଷ୍ଟ୍ରେଲିଆଗସ୍ତରେ ଯିବ। ରୋହିତ ଓ କୋହଲିଙ୍କ ଏହା ଶେଷ ଗସ୍ତ ବୋଲି କୁହାଯାଉଛି। ଅଷ୍ଟ୍ରେଲିଆର ପାଟକୁମିନ୍ସଙ୍କ ଏକ ବୟାନ ସେମାନଙ୍କ କ୍ୟାରିୟର ଉଭୟ ପୁନର୍ବାର ପ୍ରଶ୍ନବାଚୀ ଲଗାଇଛି। କୁମିନ୍ସ କହିଛନ୍ତି ୧୫ ବର୍ଷ ହେବ ଏହି ଦୁଇ କ୍ରିକେଟର ଭାରତ ପାଇଁ କ୍ରମାଗତ ଖେଳି ଆସୁଛନ୍ତି। ଅଷ୍ଟ୍ରେଲିଆ ଗସ୍ତ ନିକଟରେ ସେମାନେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ସେମାନଙ୍କ ଖେଳିବା ଆବସ୍ଥାରେ ଦେଖିବା ଅଷ୍ଟ୍ରେଲିଆ ଗସ୍ତଙ୍କ ପାଇଁ ଶେଷ ସୁଯୋଗ ବୋଲି କହିଛନ୍ତି। ରୋହିତ ଓ ବିରାଟ ଅଷ୍ଟ୍ରେଲିଆଗସ୍ତ ପରେ ହଠାତ ଟେଷ୍ଟରୁ ଅବସର ନେଇଥିଲେ। ଏବେ ଦିନିକିଆରୁ ଅବସର ନେଇ ଯିବେ ବୋଲି ଆଶା କରାଯାଉଛି। ୨୦୨୭ ବିଶ୍ୱକପ୍ ଖେଳିବା ଆମର ସ୍ୱପ୍ନ ବୋଲି ଏହି ଦୁଇ ଜଣ ପୂର୍ବରୁ ସ୍ପଷ୍ଟ କରିଛନ୍ତି।




# ଅହମ୍ମଦାବାଦରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡା !

ନୂଆଦିଲ୍ଲୀ,୧୫।୧୦(ଏଜେନ୍ସି): ରାଜ୍ୟଗୋଷ୍ଠୀ କ୍ରୀଡାର କାର୍ଯ୍ୟନିର୍ବାହୀ ବୋର୍ଡ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡା ପାଇଁ ପ୍ରସ୍ତାବିତ ଆୟୋଜକ ସହର ଭାବରେ ଅହମଦାବାଦକୁ ସୁପାରିଶ କରିବ। ଆୟୋଜକ ସହର ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନଭେମ୍ବର ୨୬ରେ ଗ୍ଲାସଗୋରେ ୨୦୨୫ ସାଧାରଣ ପରିଷଦରେ ନିଆଯିବ। ଅହମ୍ମଦାବାଦ ଏବଂ ଆବୁଜା (ନାଇଜେରିଆ) ଏହି ମାର୍କି ଇଭେଣ୍ଟର ୨୦୩୦ ସଂସ୍କରଣ ଆୟୋଜନ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ବୁଧବାର ରାଜ୍ୟଗୋଷ୍ଠୀ କ୍ରୀଡାର କାର୍ଯ୍ୟନିର୍ବାହୀ ବୋର୍ଡ ନିଶ୍ଚିତ କରିଛି ଯେ, ଏହା ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡା ପାଇଁ ପ୍ରସ୍ତାବିତ ଆୟୋଜକ ସହର ଭାବରେ ଅହମ୍ମଦାବାଦକୁ ସୁପାରିଶ କରିବ। "ଆମଦାବାଦ (ଭାରତୀୟ ରାଜ୍ୟର ଗୁଜୁରାଟରେ ଅହମ୍ମଦାବାଦ ଭାବରେ ମଧ୍ୟ ଜଣାଶୁଣା)କୁ ଏବେ ପୂର୍ଣ୍ଣ କମନୱେଲଥ କ୍ରୀଡା ସଦସ୍ୟତା ପାଇଁ ପଠାଯିବ, ଯାହାର ଚୂଡ଼ାନ୍ତ ନିଷ୍ପତ୍ତି ୨୬ ନଭେମ୍ବର ୨୦୨୫ରେ ଗ୍ଲାସଗୋରେ ଅନୁଷ୍ଠିତ କମନୱେଲଥ କ୍ରୀଡା ସାଧାରଣ ସଭାରେ ନିଆଯିବ, ଏକ ପ୍ରେସ୍ ବିବୃତିରେ କୁହାଯାଇଛି। ଅହମଦାବାଦ ସହିତ, ନାଇଜେରିଆର ଆବୁଜା, କମନୱେଲଥ କ୍ରୀଡା ଆନ୍ଦୋଳନର ମହତ୍ତ୍ୱାକାଂକ୍ଷା ଏବଂ ସମ୍ଭାବନାକୁ ପ୍ରତିଫଳିତ କରୁଥିବା ଆକର୍ଷଣୀୟ ପ୍ରସ୍ତାବ ଦାଖଲ କରିଛି।

ଭାରତ ଶେଷ ଥର ପାଇଁ ୨୦୧୦ ମସିହାରେ ନୂଆଦିଲ୍ଲୀରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିଥିଲା। କମନୱେଲଥରେ ସବୁଠାରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ଭାରତ, ଏକ ଗର୍ବିତ କ୍ରୀଡା ଇତିହାସ ଏବଂ ରାଜ୍ୟଗୋଷ୍ଠୀ କ୍ରୀଡା ସଫଳତାର ଏକ ଦୃଢ଼ ରେକର୍ଡ ରଖିଛି। ବର୍ମିଂହାମ ୨୦୨୨ରେ ପଦକ ତାଲିକାରେ ଭାରତ ଚତୁର୍ଥ ସ୍ଥାନ ହାସଲ କରିଛି। ଆମଦାବାଦର ପ୍ରସ୍ତାବ ରାଜ୍ୟଗୋଷ୍ଠୀର ମୂଲ୍ୟବୋଧ ପ୍ରତି ଭାରତର ପ୍ରତିବଦ୍ଧତା ଏବଂ ଆଧୁନିକ କ୍ରୀଡାର ପରିମାଣ ଏବଂ ବିବିଧତାକୁ ପ୍ରତିଫଳିତ କରୁଥିବା ଏକ କ୍ରୀଡା ଆୟୋଜନ କରିବାର କ୍ଷମତା ଉପରେ ଗୁରୁତ୍ୱାରୋପ କରେ, ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି।




# ଅର୍ଜୁନ ବିଶ୍ୱ ଟେନିସ୍ ମାଷ୍ଟର୍ସ ଚାମ୍ପିଅନ୍




ଅନୁଗୁଳ,୧୫।୧୦(ସବ୍ୟୁ): ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଅନ୍ତର୍ଜାତୀୟ ଟେନିସ୍ ଫେଡେରେସନ୍ ଆନୁକୂଲ୍ୟରେ ଅନୁଷ୍ଠିତ ବିଶ୍ୱ ଟେନିସ୍ ମାଷ୍ଟର୍ସ ଟୁର୍ଣ୍ଣାମେଣ୍ଟ ବରିଷ୍ଠ ୪୦ ବର୍ଷରୁ ଉର୍ଦ୍ଧ୍ୱ ବିଭାଗରେ ଅନୁଗୁଳର ଅର୍ଜୁନ ସାହୁ ଚାମ୍ପିଅନ୍ ହୋଇଛନ୍ତି। ପୁରୁଷ ଡବଲ୍ସରେ ଅର୍ଜୁନଙ୍କ ସହ ମନୋଜ ଦାସ ମିଳିତ ଭାବେ ଏହି ସଫଳତା ହାସଲ କରିଛନ୍ତି। ସିଙ୍ଗଲ୍ସରେ ଅର୍ଜୁନ ସାହୁ ରନର୍ସ ଅପ୍ ହୋଇଥିଲେ। ପ୍ରଥମ କରି ଓଡ଼ିଶାର ଏହି ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଡିଆଇଜି ସଞ୍ଜିବ ପଣ୍ଡା ଓ ସତ୍ୟଜିତ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜୟୀ ଅର୍ଜୁନ ସାହୁଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଶ୍ରୀ ସାହୁ ଭୁବନେଶ୍ୱର ରୋଟାରୀ କ୍ଲବ୍ ରୟାଲର ସଭାପତି ଅଛନ୍ତି।

ସୂଚନା
ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି